# ସାହିତ୍ୟସୁରଭି

**ଅଷ୍ଟମ ଶ୍ରେଣୀ**


**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**
**ଓଡ଼ିଶା ସରକାର**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର


https://withteachers.in/

# ସାହିତ୍ୟସୁରଭି

## ଅଷ୍ଟମ ଶ୍ରେଣୀ

ପରୀକ୍ଷାମୂଳକ ସଂସ୍କରଣ - ୨୦୨୬

**ସମ୍ପାଦକ ମଣ୍ଡଳୀ :**

ଶ୍ରୀ ସତ୍ୟନାରାୟଣ ମିଶ୍ର

ଡ. ନିରୋଦ କୁମାର ମନ୍ତ୍ରୀ

ଡ. ଶଙ୍କର୍ଷଣ ପ୍ରଧାନ

ଶ୍ରୀ ରଣଜିତ୍ କୁମାର ସ୍ୱାଇଁ

**ସମୀକ୍ଷକ ମଣ୍ଡଳୀ :**

ଡ. ନିରୋଦ କୁମାର ମନ୍ତ୍ରୀ

ଡ. ଅଶୋକ କୁମାର ମହାନ୍ତି

**ସଂଯୋଜକ :**

ଡ. ସୁଦର୍ଶନ ସାନ୍ତରା

**ମୁଖ୍ୟ ସଂଯୋଜିକା :**

ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ:**

ଡ. ନିରଂଜନ ମହାନ୍ତି

ଡ. ଲଳିତ କୁମାର ଲେଙ୍କା

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



https://withteachers.in/

# ପ୍ରସ୍ତାବନା

'ଜାତୀୟ ଶିକ୍ଷାନୀତି– ୨୦୨୦' ଏକ ପରିବର୍ତ୍ତନଶୀଳ ତଥା ଆହ୍ୱାନକାରୀ ପାଠ୍ୟକ୍ରମ ଯାହାକି ଭାରତୀୟ ସଂସ୍କୃତି, ସଭ୍ୟତା ଏବଂ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଧାରିତ। ଏହି ଶିକ୍ଷା ନୀତି ଛାତ୍ରଛାତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀର ସମ୍ଭାବନା ଓ ଆହ୍ୱାନ ସହିତ ଜଡ଼ିତ ହେବା ପାଇଁ ପ୍ରସ୍ତୁତ କରିପାରିବ। ନୂତନ ଶିକ୍ଷାନୀତିରେ ଥିବା ଦୂରଦୃଷ୍ଟିପୂର୍ଣ୍ଣ ଆହ୍ୱାନ ଓ ସମାଧାନକୁ ଆଧାର କରି ବିଦ୍ୟାଳୟ ଶିକ୍ଷାପାଇଁ ପ୍ରସ୍ତୁତ 'ଜାତୀୟ ପାଠ୍ୟକ୍ରମ ରୂପରେଖ– ୨୦୨୦' ଓ 'ରାଜ୍ୟ ପାଠ୍ୟକ୍ରମ ରୂପରେଖ– ୨୦୨୫'ରେ ସମସ୍ତ ସ୍ତରପାଇଁ ପାଠ୍ୟକ୍ରମ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଜାତୀୟ ଓ ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ରୂପରେଖର ଉଦ୍ଦେଶ୍ୟ ହେଉଛି– ପ୍ରାରମ୍ଭିକ ସ୍ତରର ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ସହ ମଧ୍ୟସ୍ତରରେ ସେମାନଙ୍କ ଶିକ୍ଷା ବିକାଶର ଫଳାଫଳକୁ ଆଗେଇ ନେବା। ଏହି ମଧ୍ୟସ୍ତରରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ଏହି ସ୍ତରଟି ପ୍ରାରମ୍ଭିକ ଓ ମାଧ୍ୟମିକ ସ୍ତର ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିଥାଏ।

ମଧ୍ୟସ୍ତରରେ ଏହି ଜାତୀୟ ଏବଂ ରାଜ୍ୟ ପାଠ୍ୟକ୍ରମ ରୂପରେଖର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ଦକ୍ଷତା ସହିତ ସଜ୍ଜିତ କରିବ– ଯାହାକି ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ସର୍ଜନାତ୍ମକ ଦକ୍ଷତାଗୁଡ଼ିକୁ ବୃଦ୍ଧି କରିବାକୁ ପ୍ରସ୍ତୁତ କରିବ। ଏହି ସ୍ତର ପାଠ୍ୟକ୍ରମରେ ଦଶଗୋଟି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହାକି ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବ। ଏଥିରେ ଭାଷା ସାହିତ୍ୟ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ବୈଷୟିକ ଶିକ୍ଷା ଅନ୍ତର୍ଭୁକ୍ତ କରାଯାଇଛି।

ପରିବର୍ତ୍ତନଶୀଳ ଶିକ୍ଷଣ ସଂସ୍କୃତି ପାଇଁ ଅନୁକୂଳ ପରିସ୍ଥିତିର ଆବଶ୍ୟକତା ରହିଛି। ଏହାକୁ ବ୍ୟାବହାରିକ ରୂପ ଦେବାପାଇଁ ରାଜ୍ୟ ସ୍ତରରେ ବିଭିନ୍ନ ପାଠ୍ୟପୁସ୍ତକ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ପାଠ୍ୟପୁସ୍ତକଗୁଡ଼ିକ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେହି ଗୁରୁତ୍ୱପୂର୍ଣ୍ଣ ଭୂମିକା, ଶିକ୍ଷାର୍ଥୀମାନଙ୍କର କୌତୂହଳ ଏବଂ ଅନୁସନ୍ଧାନକାରୀ ପ୍ରକୃତି ମଧ୍ୟରେ ଏକ ବିଚାରଶୀଳ ସନ୍ତୁଳନ ସୃଷ୍ଟି କରିବ। ଶ୍ରେଣୀ ଯୋଜନା ଏବଂ ବିଷୟଗୁଡ଼ିକର ଶିକ୍ଷାଦାନ ମଧ୍ୟରେ ଉପଯୁକ୍ତ ସନ୍ତୁଳନ ବଜାୟ ରଖିବା ପାଇଁ ଶିକ୍ଷକମାନଙ୍କ ତାଲିମ ଏବଂ ପ୍ରସ୍ତୁତିର ମଧ୍ୟ ଆବଶ୍ୟକ ରହିଛି।

ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ହେଉଛି ନିରନ୍ତର ଗୁଣାତ୍ମକ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ପାଠ୍ୟପୁସ୍ତକ ଚୟନ ନିମିତ୍ତ ବିଷୟ ବିଶେଷଜ୍ଞ, ଶିକ୍ଷାବିତ୍, ଲେଖକ, କବି, ଗାଳ୍ପିକ, ନାଟ୍ୟକାର ଓ ବିଦଗ୍ଧ ସାରସ୍ୱତ ସାଧକମାନଙ୍କୁ କମିଟିରେ ଅନ୍ତର୍ଭୁକ୍ତ କରାଯାଇଥାଏ। ଅଷ୍ଟମ ଶ୍ରେଣୀ ପାଇଁ 'ସାହିତ୍ୟସୁରଭି' ପୁସ୍ତକରେ ସାହିତ୍ୟର ବିଭିନ୍ନ ଧାରାଗୁଡ଼ିକୁ ଏକତ୍ରିତ କରାଯାଇଛି। ଏହି ଧାରାଗୁଡ଼ିକ ହେଉଛି– ଦେଶପ୍ରେମ, ପ୍ରକୃତି ଓ



https://withteachers.in/

ପରିବେଶ, ବିଜ୍ଞାନ, ନୃତ୍ୟ, ସଂସ୍କୃତି, ନୈତିକ ଶିକ୍ଷା, ପୌରାଣିକ କଥା, ଜୀବନୀ, ଆତ୍ମକଥା, ଭ୍ରମଣ କାହାଣୀ, ସମସାମୟିକ ଜ୍ଞାନ ଓ ସର୍ଜନଶୀଳତା, କଳା, ଇତିହାସ ଇତ୍ୟାଦି । ଏଗୁଡ଼ିକ ଭାରତୀୟ ସମାଜର ଅନୁଭବ ଓ ଅଭିଜ୍ଞତା ଉପରେ ପର୍ଯ୍ୟବେଶିତ ।

'ଜାତୀୟ ଶିକ୍ଷାନୀତି – ୨୦୨୦', 'ଜାତୀୟ ପାଠ୍ୟକ୍ରମ ରୂପରେଖ– ୨୦୨୩' ଏବଂ 'ଓଡ଼ିଶା ପାଠ୍ୟକ୍ରମ ରୂପରେଖ– ୨୦୨୫'ର ସୁପାରିଶକୁ ଆଧାର କରି ଏହି ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଛି । ଏହା ଛାତ୍ରଛାତ୍ରୀଙ୍କ ମନରେ ଧାରଣାର ବୋଧଗମ୍ୟତା, ତର୍କଯୁକ୍ତ ଚିନ୍ତନ, ସର୍ଜନଶୀଳତା, ମାନବିକ ମୂଲ୍ୟବୋଧ ଏବଂ ସେମାନଙ୍କ ମନୋଭାବର ବିକାଶ ଉପରେ ସମାନ ଭାବରେ ଗୁରୁତ୍ୱ ଦେଇଅଛି, ଯାହାକି ଅନ୍ତର୍ନିବେଶୀ ଶିକ୍ଷା, ଆଞ୍ଚଳିକ ସମାନତା, ଲିଙ୍ଗଗତ ସମାନତା, ସାଂସ୍କୃତିକ ଏକୀକରଣ, ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଏବଂ ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ପ୍ରକ୍ରିୟା ଆଦି ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ କରାଯାଇଛି । ପୁସ୍ତକରେ ଦିଆଯାଇଥିବା କାର୍ଯ୍ୟାବଳୀ ଓ ପ୍ରଶ୍ନ ଅଭ୍ୟାସଗୁଡ଼ିକୁ ନିଜେ ଓ ସହପାଠୀମାନଙ୍କ ସହ ମିଶି ଦଳଗତ ଭାବେ ଶିଖିବେ । ସହପାଠୀମାନଙ୍କ ସହିତ ଆଲୋଚନା ଆନନ୍ଦଦାୟକ ହେବା ସହିତ ଆକର୍ଷଣୀୟ ଓ ସହଜ ହୋଇପାରିବ । ପାଠ୍ୟପୁସ୍ତକରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟଗୁଡ଼ିକ ଛାତ୍ର ଓ ଶିକ୍ଷକ ଉଭୟଙ୍କୁ ସର୍ଜନଶୀଳ ଅଭିଜ୍ଞତାରେ ସମୃଦ୍ଧ କରିବାରେ ସାହାଯ୍ୟ କରିବ ।

ମଧ୍ୟସ୍ତରର ଶିକ୍ଷାର୍ଥୀମାନଙ୍କୁ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳ ବିଷୟରେ ଅନୁସନ୍ଧାନ କରିବାକୁ ଏଥିରେ ଉତ୍ସାହିତ କରାଯାଇଛି । ଏହି ଶିକ୍ଷଣ ସମ୍ବଳ ଯୋଗାଇବାରେ ବିଦ୍ୟାଳୟସ୍ଥିତ ପାଠାଗାର ଓ ଇଣ୍ଟରନେଟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିପାଇଁ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଉତ୍ସାହିତ କରିବାରେ ଶିକ୍ଷକ ଓ ଅଭିଭାବକ ମାନଙ୍କର ଯଥେଷ୍ଟ ଭୂମିକା ରହିଅଛି ।

ଏହି ପୁସ୍ତକ ପ୍ରସ୍ତୁତିରେ ସଂପୃକ୍ତ ସମସ୍ତ ସଦସ୍ୟମାନଙ୍କ ମହାନ ପ୍ରୟାସ ପାଇଁ ଧନ୍ୟବାଦ ଜଣାଉଛି । ଆଶା କରୁଅଛି କି, ଏହି ପୁସ୍ତକ ସମସ୍ତ ଶିକ୍ଷାର୍ଥୀମାନଙ୍କ ଆଶା ପୂରଣ କରିପାରିବ । ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ଏହାର ପ୍ରକାଶନଗୁଡ଼ିକର ପଦ୍ଧତିଗତ ଏବଂ ନିରନ୍ତର ସଂସ୍କାର ପାଇଁ ପ୍ରତିଶ୍ରୁତିବଦ୍ଧ । ଆମେ ଆପଣଙ୍କର ମତାମତ ଓ ପରାମର୍ଶକୁ ସ୍ୱାଗତ କରୁଛୁ ଯାହା ଭବିଷ୍ୟତରେ ପରବର୍ତ୍ତୀ ସଂସ୍କରଣର ସଂଶୋଧନରେ ସାହାଯ୍ୟ କରିବ ।

ଭୁବନେଶ୍ୱର
ତା–

**(ମନୋଜ କୁମାର ପାଢ଼ୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର



https://withteachers.in/

# ପୁସ୍ତକ ସମ୍ପର୍କରେ

ସମଗ୍ର ଶିକ୍ଷଣ ପ୍ରକ୍ରିୟାରେ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ସ୍ତରରେ ଭାଷାଶିକ୍ଷା ଛାତ୍ରଛାତ୍ରୀମାନଙ୍କର ଦୃଷ୍ଟିକୋଣ ଓ ମୂଲ୍ୟବୋଧକୁ ବିକଶିତ କରିଥାଏ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସମସ୍ତ ପର୍ଯ୍ୟାୟରେ ଭାଷା ଶିକ୍ଷାର ମୂଳ ଲକ୍ଷ୍ୟ ହେଲା ସର୍ଜନଶୀଳତା, ଜ୍ଞାନ ପରମ୍ପରା ଓ ପ୍ରୟୋଗ, ସ୍ୱାଧୀନ ଚିନ୍ତା, ଜାତୀୟ ସଂସ୍କୃତି ଚେତନାର ବିକାଶ, ସ୍ୱାସ୍ଥ୍ୟ ଏବଂ ଆନନ୍ଦ ପ୍ରଦାନ କରିବା । ଭାଷାର ସର୍ଜନଶୀଳତାର ଅର୍ଥ ହେଉଛି ଶିକ୍ଷାର୍ଥୀମାନେ ଭାଷାର ଯୋଗାଯୋଗ ପ୍ରକୃତିର ସର୍ଜନଶୀଳ ଦିଗକୁ ବୁଝିବା ଓ ନିଜର କଳ୍ପନାକୁ ସଫଳ ରୂପାୟନ କରିବା । ଜ୍ଞାନ ପରମ୍ପରା ଓ ତା'ର ସାଂପ୍ରତିକ ସ୍ଥିତିରେ ପ୍ରୟୋଗ ହିଁ ଭାଷାର ଏକ ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ଅଟେ । ଭାଷା ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜେ ପଢ଼ିବା ସହିତ ସାମାଜିକ ପରିବେଶ, ଭୌଗୋଳିକ ପରିବେଶ, ଖେଳ, କଳା, ବିଜ୍ଞାନ, ପର୍ଯ୍ୟଟନ, ସାମାଜିକ ରୀତିନୀତି ପ୍ରତି ଆଲୋଚନାତ୍ମକ ଚିନ୍ତନ କରିପାରିବେ ।

ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ 'ସାହିତ୍ୟସୁରଭି' ଆଜିର ଛାତ୍ରସମାଜ ଓ ଜାତିର ଆବଶ୍ୟକତାକୁ ଦୃଷ୍ଟିରେରଖି ବହୁ-ବିଷୟଗତ ବୁଝାମଣାକୁ ସୁଦୃଢ଼ କରିବା ଦିଗରେ ବିକଶିତ କରାଯାଇଛି । ଆମର ଛାତ୍ରଛାତ୍ରୀମାନେ ନିଜର ଚାରିପଟେ ଥିବା ସମାଜ, ନିଜର ମହାନ ରାଷ୍ଟ୍ରର ଗୌରବମୟ ଇତିହାସ ଏବଂ ସଂସ୍କୃତିକୁ ବୁଝିପାରିବେ । ଯାହାଦ୍ୱାରା ଭାରତର ଗଣତନ୍ତ୍ର, ଦେଶପ୍ରେମ, ଭାଇଚାରା, ପରିବେଶ ସୁରକ୍ଷା, ଲିଙ୍ଗଗତ ସମାନତା, ଶାନ୍ତି ଓ ସହିଷ୍ଣୁତା ଆଦି ବୈଶିଷ୍ଟ୍ୟ ଆଗକୁ ବଢ଼ାଇ ପାରିବେ ।

ଏହି ପୁସ୍ତକରେ ଓଡ଼ିଆ ସାହିତ୍ୟର ଅନେକ ପ୍ରସିଦ୍ଧ ତଥା ଲୋକପ୍ରିୟ ରଚନାକୁ ଏକତ୍ର କରାଯାଇଛି । ଲେଖାଗୁଡ଼ିକୁ ମନଛୁଆଁ କରିବା ପାଇଁ ପ୍ରସଙ୍ଗ ଭିତ୍ତିକ ଚିତ୍ରଗୁଡ଼ିକ ଦିଆଯାଇଛି । ଏଥିରେ ଶ୍ରେଣୀ ଉପଯୋଗୀ ବ୍ୟାକରଣଗୁଡ଼ିକୁ ମଧ୍ୟ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ସନ୍ନିବେଶିତ କରାଯାଇଛି । ଭାଷା ବିଚାର କ୍ରମରେ ଭାଷା ଶିକ୍ଷାର ସରଳ ଉପାୟମାନ ସ୍ଥାନିତ ହୋଇଛି । ଛାତ୍ରଛାତ୍ରୀମାନେ ସେମାନଙ୍କ ଭାଷାଭଣ୍ଡାରକୁ ବିକଶିତ କରିବା ନିମିତ୍ତ ପୁସ୍ତକ ଶେଷରେ 'ଅଭିଧାନ' ପ୍ରଦାନ କରାଯାଇଛି । ଭାଷାର ପ୍ରଭାବଶାଳୀ ଉପଯୋଗ ନିମନ୍ତେ ଆନନ୍ଦଦାୟକ ଶିକ୍ଷଣ କାର୍ଯ୍ୟ ଉକ୍ତ ପୁସ୍ତକରେ ଦିଆଯାଇଛି ।

ଶିକ୍ଷଣ ପ୍ରକ୍ରିୟାର ବିସ୍ତାର ନିମିତ୍ତ ପୁସ୍ତକରେ ଚିତ୍ରାତ୍ମକ ସୂଚନା ସହିତ ସେମାନେ କିପରି ପାଠାଗାର ଓ ଇଣ୍ଟରନେଟ୍ ଆଦିର ବ୍ୟବହାର କରିପାରିବେ, ସେଥିପ୍ରତି ଧ୍ୟାନ ଦିଆଯାଇଛି ।

ଏହି ପୁସ୍ତକରେ ଅନେକ ମନଛୁଆଁ ଶିକ୍ଷଣ କାର୍ଯ୍ୟ ରଖାଯାଇଛି । ଛାତ୍ରଛାତ୍ରୀମାନେ ପାଠଟିକୁ ଅଧ୍ୟୟନ କରିବା ସହିତ ତାହାର ଲେଖକଙ୍କ ବିଷୟରେ ଜାଣିବା ପାଇଁ ଲେଖକମାନଙ୍କ ପରିଚୟ ଦିଆଯାଇଛି । ପାଠଟିକୁ ଭଲ ଭାବରେ ପଢ଼ି, ବୁଝି ଆଲୋଚନା ନିମିତ୍ତ ଅଭ୍ୟାସ କାର୍ଯ୍ୟରେ କେତେକ



https://withteachers.in/

ଶିକ୍ଷଣ ପ୍ରକ୍ରିୟାକୁ ଉପଯୋଗ କରାଯାଇଛି। ସେଗୁଡ଼ିକ ହେଲା– ମୋ ବୁଝିବାରେ, ମିଳିମିଶି ଯୋଡ଼ିବା, ପାଠର ଆଲୋଚନା, ବୁଝିବିଚାରି ଲେଖ, ଅନୁମାନ ଓ କଳ୍ପନା, ଭାଷା ଓ କାଳ ବିଚାର। ଶିକ୍ଷାର୍ଥୀମାନଙ୍କର ଜ୍ଞାନର ପରିସୀମା ବୃଦ୍ଧି କରିବା ପାଇଁ 'ପାଠ୍ୟ ବହିର୍ଭୂତ' କ୍ରମରେ ତୁମ କଥା, ଝରକାରୁ ଓ ସୃଜନଶୀଳତା ଅଭ୍ୟାସ କାର୍ଯ୍ୟ ରହିଅଛି। ସେମାନେ ଏହି କାର୍ଯ୍ୟକୁ ସେମାନଙ୍କ ସାଙ୍ଗସାଥୀ, ଶିକ୍ଷକ ଶିକ୍ଷିକା, ପିତାମାତାଙ୍କ ସହିତ ବିଚାର ଆଲୋଚନା କରିପାରିବେ।

ପାଠ ସରଞ୍ଜନା କ୍ରମରେ ଶିକ୍ଷାର୍ଥୀମାନଙ୍କର ଚିନ୍ତନଶକ୍ତିକୁ ପ୍ରଖର ଓ ତୀକ୍ଷ୍ଣ କରିବା ପାଇଁ ଓଡ଼ିଆ ସାହିତ୍ୟର ପ୍ରତିଷ୍ଠିତ ସାରସ୍ୱତ ସାଧକମାନଙ୍କର ଗଳ୍ପ, କବିତା, ପ୍ରବନ୍ଧ, ଏକାଙ୍କିକା, ସୂକ୍ତିବାଣୀ, ଅଭିଭାଷଣ ଆଦିକୁ ସ୍ଥାନିତ କରାଯାଇଛି। ଏହାଦ୍ୱାରା ସେମାନେ ଆମ ସମାଜ ଓ ସଂସ୍କୃତିକୁ ଜାଣିବା ସହିତ ଏହାକୁ ତାଙ୍କ ଜୀବନ ଓ ଅଭିଜ୍ଞତା ସହିତ ଜଡ଼ିତ କରିବାରେ ଉତ୍ସାହିତ ହେବେ। 'ମୂଳ ପାଠକୁ ଆସ ବୁଝିବା' କ୍ରମରେ ଭଲଭାବରେ ପଢ଼ି ପଂକ୍ତିଗୁଡ଼ିକର ଆଲୋଚନା ମାଧ୍ୟମରେ ପିଲାମାନଙ୍କର ବିଚାରଧାରା ମାର୍ଜିତ ଓ ତୀକ୍ଷ୍ଣ ହୋଇପାରିବ। 'ଅଭ୍ୟାସ କାର୍ଯ୍ୟ'ରେ ଛାତ୍ରଛାତ୍ରୀମାନେ ମିଳିମିଶି ଆଲୋଚନା କରିବା ଦ୍ୱାରା ସେମାନଙ୍କ ଚିନ୍ତାଶକ୍ତି ଓ କଳ୍ପନାର ପ୍ରୟୋଗ କରିବାର ସୁଯୋଗ ପାଇବେ।

ଏହି ପୁସ୍ତକରେ ଏପରି କେତେକ ବିଷୟ ରହିଛି ଯାହା ପାଠ କରିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କ ହୃଦୟରେ ସ୍ୱଦେଶ ପ୍ରୀତି, ଏକତା, ଭାତୃଭାବ, ନୀତି ଆଦର୍ଶର ଭାବନା ସୃଷ୍ଟି ହେବ ଏବଂ ଜୀବନର ଲକ୍ଷ୍ୟ ହାସଲ ନିମିତ୍ତ ଉଦ୍ୟମ କରିବା ପାଇଁ ସେମାନେ ସ୍ୱପ୍ନ ଦେଖିବା ଆରମ୍ଭ କରିବେ।

ଛାତ୍ରଛାତ୍ରୀମାନଙ୍କ ଭାଷାଗତ ବିକାଶ ପାଇଁ ସାହିତ୍ୟର ବିଭିନ୍ନ ବିଭାଗର ରଚନା ମାଧ୍ୟମରେ ସେମାନେ ସାଙ୍ଗସାଥୀ ଶିକ୍ଷକଶିକ୍ଷିକା ଓ ପିତାମାତାଙ୍କ ସହିତ ଆଲୋଚନା କରି ସାହିତ୍ୟ ସୃଷ୍ଟିର ବିଶାଳ ତଥା ମନଛୁଆଁ ଜଗତକୁ ପ୍ରବେଶ କରିବା ପାଇଁ ଆଗ୍ରହୀ ହେବେ। ଅଭ୍ୟାସ କାର୍ଯ୍ୟକ୍ରମରେ ବ୍ୟାକରଣର କିଛି ଝଲକ ଦିଆଯାଇଛି। ବିପରୀତାର୍ଥ ବୋଧକ ଶବ୍ଦ, କ୍ରିୟାପଦ, କାଳ (ସମୟ), ରୂଢ଼ି, ପ୍ରବଚନ ଆଦି ବିଷୟରେ ଜ୍ଞାନ ଆହରଣ କରି ପାରିବେ। ଫଳରେ ସେମାନଙ୍କ ଭାଷାଗତ ଦକ୍ଷତା ବୃଦ୍ଧି ପାଇବ।

ପୁସ୍ତକ ଶେଷରେ ପ୍ରତ୍ୟେକ ପାଠରେ ଥିବା କଠିନ ଶବ୍ଦର ଅର୍ଥକୁ ଆଭିଧାନିକ ଶୈଳୀରେ ସଜାଇ ରଖାଯାଇଛି। ଯାହାଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଅଭିଧାନ ବ୍ୟବହାର ବିଷୟରେ ଜ୍ଞାନ ଅର୍ଜନ କରିବାରେ ସହାୟକ ହେବ।


**'ଜାତୀୟ ଓ ରାଜ୍ୟ ଶିକ୍ଷାନୀତି–୨୦୨୫'** ଆଧାରରେ ଏହି ପୁସ୍ତକ ପ୍ରସ୍ତୁତ ହୋଇଛି। ଏହାକୁ ପାଠକଲେ ଛାତ୍ରଛାତ୍ରୀମାନଙ୍କର ଜ୍ଞାନର ସୀମା ଏବଂ ମୌଳିକ ଚିନ୍ତାଧାରାର ବିକାଶ ହୋଇପାରିବ।

ଏହି ସ୍ତରରେ ଛାତ୍ରଛାତ୍ରୀମାନଙ୍କର ଭାଷା ଶିକ୍ଷଣ ସହଜ ତଥା ଫଳପ୍ରଦ ହୋଇପାରିବ ବୋଲି ଆଶା କରୁଛୁ।

**ସଂପାଦନା ମଣ୍ଡଳୀ**



https://withteachers.in/



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



https://withteachers.in/



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।



https://withteachers.in/

# ୫୧ (କ) ଧାରା: ମୌଳିକ କର୍ତ୍ତବ୍ୟ

## ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ

(କ) ସମ୍ବିଧାନ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟପତାକା ଓ ଜାତୀୟସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତିର ସୁରକ୍ଷା କରିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନି ସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନକରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।



https://withteachers.in/

# ବନ୍ଦେ ଉତ୍କଳ ଜନନୀ

**କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର**

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ର ତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିରମଣ୍ଡିତ-ଦେଶା,
ଚାରୁ କଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ଶୂରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତି ଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିର ଶରଣ୍ୟେ
ଜନନୀ, ଜନନୀ, ଜନନୀ ।।



https://withteachers.in/

# ପୃଥିବୀ ପ୍ରତି

**ମଧୁସୂଦନ ରାଓ**

ତୁହି ମା ଧରଣୀ ଜନନୀ ମୋହର
ଧରିଛୁ ମା' ମୋତେ କୋଳେ,
ଲୋଟୁଅଛି ସିନ୍ଧୁ ଚରଣେ ତୋହର
ଆହା କି ଉଲ୍ଲାସ-ଭୋଳେ ।
ରହିଛୁ ଅନାଇ ଅନନ୍ତ ଗଗନେ
ଆନନ୍ଦରେ ଅନୁକ୍ଷଣ,
ସେ ମହାଗଗନ ମହା ଆନନ୍ଦରେ
ନିରେଖଇ ତୋ ଆନନ ।
ବିମଳ ପ୍ରଭାତେ ପୁଣ୍ୟ ସାୟଂକାଳେ
ଦିବାନିଶି ଅବିରଳ,
ତୋ' ଶିରେ ଗଗନ ଢାଳେ ଶୁଭ୍ରାଲୋକ
ଅବା ଛାୟା ସୁଶୀତଳ ।
ତୋହରି ସନ୍ତାନ ଅଟେ ମୁଁ ଜନନୀ
ତୋର ଦରଶନେ ପ୍ରାଣ,
ଉଛୁଳି ପଡ଼ଇ ଆନନ୍ଦ-ଉଲ୍ଲାସେ
ମଣଇ ମୁଁ ଭାଗ୍ୟବାନ ।
ସୁଧାଧାରା ସମ ସରିତର ସ୍ରୋତ
ବହୁଅଛି ତୋ ବକ୍ଷରେ,
ସେ ଅମୃତ ପାନ ସ୍ଥାବର ଜଙ୍ଗମ
କରୁଛନ୍ତି କି ସୁଖରେ ।
ନର ପଶୁ ପକ୍ଷୀ କୀଟ ତରୁ ଲତା
କାମଧେନୁ ତୁ ସବୁରି,
ତୋହରି ପ୍ରସାଦେ ସକଳ କାମନା
ଯାଉଅଛି ମା' ଗୋ ପୂରି !



https://withteachers.in/

ସ୍ନେହେ ରୋମାଞ୍ଚିତ ଦୂର୍ବାଦଳମୟ
ତୋ ଶ୍ୟାମଳ ଅଙ୍କସ୍ଥଳ,
ସେ କୋମଳ କୋଳ ଦେଖିଲେ ନୟନେ
ହୃଦ ହୁଏ ସୁଶୀତଳ ।
ସୁରତରୁ କୁସୁମ ସୁଧାମୟ ଫଳ
ରଖିଛୁ ମା' ବସୁମତୀ,
ବନେ ଉପବନେ ତରୁଲତା ଡାଳେ
ସଜାଇ ଯତନେ ଅତି ।
କାହାର ଆଦେଶେ କରିଛୁ ମା' ଏତେ
ଜୀବ ପାଇଁ ଆୟୋଜନ,
ସେ ଆଦିଜନନୀ ଦରଶନ ଲାଗି
ବ୍ୟାକୁଳ ସଦା ମୋ ମନ ।





https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ. ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |



https://withteachers.in/



ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ

# ବନ୍ଦେ ମାତରମ୍

ବନ୍ଦେ ମାତରମ୍, ବନ୍ଦେ ମାତରମ୍,
ସୁଜଲାଂ ସୁଫଳାଂ ମଳୟଜଶୀତଳାମ୍
ଶସ୍ୟଶ୍ୟାମଳାଂ ମାତରମ୍ ।
ବନ୍ଦେ ମାତରମ୍ ॥

ଶୁଭ୍ରଜ୍ୟୋସ୍ନା-ପୁଲକିତଯାମିନୀମ୍
ଫୁଲ୍ଲ-କୁସୁମିତ-ଦ୍ରୁମ-ଦଳ-ଶୋଭିନୀମ୍
ସୁହାସିନୀଂ ସୁମଧୁରଭାଷିଣୀମ୍ ।
ସୁଖଦାଂ ବରଦାଂ ମାତରମ୍ ।
ବନ୍ଦେ ମାତରମ୍ ॥

କୋଟି-କୋଟି କଣ୍ଠ କଳ-କଳ ନିନାଦକରାଲେ
କୋଟି-କୋଟି ଭୁଜୈର୍ଧୃତ-ଖର-କରବାଲେ ।
ଅବଳା କେନୋ ମା ଏତୋବଲେ !
ବହୁବଳ ଧାରିଣୀଂ ନମାମି ତାରିଣୀମ୍
ରିପୁଦଳବାରିଣୀଂ ମାତରମ୍
ବନ୍ଦେ ମାତରମ୍ ॥



https://withteachers.in/

ତୁମି ବିଦ୍ୟା ତୁମି ଧର୍ମ
ତୁମି ହୃଦି-ତୁମି ମର୍ମ
ତ୍ୱଂହି ପ୍ରାଣାଃ ଶରୀରେ
ବାହୁତେ ତୁମି ମା ଶକ୍ତି
ହୃଦୟେ ତୁମି ମା ଭକ୍ତି
ତୋମାରି ପ୍ରତିମା ଗଢ଼ି, ମନ୍ଦିରେ ମନ୍ଦିରେ
ବନ୍ଦେ ମାତରମ୍ ॥

ତ୍ୱଂହି ଦୁର୍ଗା ଦଶ ପ୍ରହରଣଧାରିଣୀମ୍
କମଳା କମଳଦଳବିହାରିଣୀମ୍
ବାଣୀ ବିଦ୍ୟାଦାୟିନୀଂ ନମାମି ତ୍ୱାମ୍
ନମାମି କମଳାମ୍ ଅମଳାମ୍ ଅତୁଳାମ୍
ସୁଜଳାଂ ସୁଫଳାଂ ମାତରମ୍
ବନ୍ଦେ ମାତରମ୍ ॥

ଶ୍ୟାମଳାଂ ସରଳାଂ ସୁସ୍ମିତାଂ ଭୂଷିତାମ୍
ଧରଣୀଂ ଭରଣୀଂ ମାତରମ୍
ବନ୍ଦେ ମାତରମ୍ । ବନ୍ଦେ ମାତରମ୍ ॥



https://withteachers.in/

# ସୂଚୀପତ୍ର


| କ୍ରମିକ ସଂଖ୍ୟା | ସୃଷ୍ଟି | | ସ୍ରଷ୍ଟା | ପୃଷ୍ଠା |
|---|---|---|---|---|
| ୧. | ଆସ ଉତ୍କଳୀୟ | (ପଦ୍ୟ) | ଜାତୀୟ କବି ବୀରକିଶୋର ଦାସ | |
| | ଯେଉଁ ଦେଶରେ ଗଙ୍ଗା ବହେ | (ପଠନ ନିମନ୍ତେ) | ବିପିନ୍ ବିହାରୀ ରାଉତ | ୦୧ |
| ୨. | ବିହଙ୍ଗ ବିପ୍ଳବ | (ଗଳ୍ପ) | ମହାପାତ୍ର ନୀଳମଣି ସାହୁ | |
| | ପାଞ୍ଚବନ୍ଧୁ | (ପଠନ ନିମନ୍ତେ) | ସଂଗୃହୀତ (ପଞ୍ଚତନ୍ତ୍ର କାହାଣୀ) | ୧୫ |
| ୩. | ଶପଥ | (କବିତା) | ଅନନ୍ତ ପଟ୍ଟନାୟକ | |
| | ଏ ମାଟି ମୁଠାକ | (ପଠନ ନିମନ୍ତେ) | ହରିହର ନନ୍ଦ | ୪୧ |
| | ଚାଲିବାକୁ ହେବ ସମତା ପଥେ | (ପଠନ ନିମନ୍ତେ) | ଅଟଳବିହାରୀ ବାଜପେୟୀ<br>ଅନୁସୃଜନ : ବିଶ୍ୱନାଥ ଶତପଥୀ | |
| ୪. | ଡମ୍‌କଚ୍ | (ଭ୍ରମଣ କାହାଣୀ) | ଶାନ୍ତନୁ କୁମାର ଆଚାର୍ଯ୍ୟ | ୫୩ |
| ୫. | ଭାଗବତ ସୂକ୍ତି ସଂଗ୍ରହ | (କବିତା) | ଜଗନ୍ନାଥ ଦାସ | |
| | ମୋ ଜୀବନ ପଛେ ନର୍କେ ପଡ଼ିଥାଉ | (ପଠନ ନିମନ୍ତେ) | ଭୀମଭୋଇ | ୭୧ |
| ୬. | ଏବେ ମଧ୍ୟ ବଞ୍ଚିଛି | (ଗଳ୍ପ) | ଗୋଦାବରୀଶ ମହାପାତ୍ର | ୮୯ |
| | ଉତ୍କଳମଣି ଗୋପବନ୍ଧୁ ଦାସ | (ପଠନ ନିମନ୍ତେ) | ସଂଗୃହୀତ | |
| ୭. | ସ୍ୱପ୍ନିଳ ବିହଙ୍ଗ | (କବିତା) | ମୂଳ ରଚନା : ମହାଦେବୀ ବର୍ମା<br>ଅନୁସୃଜନ : ସଂପାଦନା ମଣ୍ଡଳୀ | ୧୦୫ |
| | ସ୍ୱପ୍ନର ଉଡ଼ାଣ | (ପଠନ ନିମନ୍ତେ) | ଏ.ପି.ଜେ. ଅବଦୁଲ କଲାମ | |
| ୮. | ଆହୁତି | (ଏକାଙ୍କିକା) | କାର୍ତ୍ତିକ ଚନ୍ଦ୍ର ରଥ | |
| | ମୋ ବୋଉ | (ପଠନ ନିମନ୍ତେ) | ସଂଗୃହୀତ | ୧୧୭ |
| ୯. | ମାତୃଭୂମି | (କବିତା) | ଗଙ୍ଗାଧର ମେହେର | |
| | ଗୋ ମାହାତ୍ମ୍ୟ | (ପଠନ ନିମନ୍ତେ) | ଗୋପବନ୍ଧୁ ଦାସ | ୧୩୯ |
| ୧୦. | ଭରତଙ୍କ ଚିତ୍ରକୂଟ ଯାତ୍ରା | (ପ୍ରବନ୍ଧ) | ଶ୍ରୀଧର ଦାସ | |
| | ଶାଶ୍ୱତ ଭାରତ | (ପଠନ ନିମନ୍ତେ) | ସ୍ୱାମୀ ବିବେକାନନ୍ଦ | ୧୪୫ |
| – | କାଳଜୟୀ ପଦ ପଂକ୍ତି | ସଂଗୃହୀତ | | ୧୭୦ |
| – | ଅଭିଧାନ | | | ୧୭୧ |




https://withteachers.in/

# ୧ ଆସ ଉତ୍କଳୀୟ

ଜାତୀୟ କବି ବୀରକିଶୋର ଦାସ




ଆସ ଉତ୍କଳୀୟ ଶୁଣ ସର୍ବେ ମିଳି
ଏ ଦେଶ ଜାତିର ପୂରୁବ କଥା,
ସ୍ମରଣେ ଯାହାର ଗରବେ ତୋହର
ଆପେଆପେ ନଇଁ ପଡ଼ିବ ମଥା।

ବକ୍ସି ଜଗବନ୍ଧୁ, ଚନ୍ଦନ ହଜୁରୀ
ଗଲେଣି ଉଭେଇ ଅମର ପଥେ,
ଯଶ କି ତାଙ୍କର ହେବକି ମଳିନ
ଅମଳିନ ପରା ତାହା ଜଗତେ।

ପାଇକ ପୁଅର ଗାରିମା ଯା' ଥିଲା
ସ୍ୱାଧୀନତା ଯାଗେ ଦେଲା ଆହୁତି,
ସେ ଜାତି ଦାୟାଦ ଆମେତ ସରବେ
ବୋଲି ହେବା ଅଙ୍ଗେ ସେହି ବିଭୂତି।

ତୋଷାଳି ପ୍ରାନ୍ତରେ ଦିନେ ବହିଥିଲା
ସମରେ ବୀରର ରକତ ନଈ,
ସ୍ୱାଧୀନତା ପାଇଁ ପ୍ରାଣ ଦେଲେ ଯେତେ
ପଶୁରିଲେ ମାଟି ଯିବ ତ କହି।



https://withteachers.in/


ଶାନ୍ତି, ମୈତ୍ରୀ, ପ୍ରୀତି ପୂତବାଣୀ ଯହିଁ
ସ୍ଫୁରୁଥିଲା ପ୍ରତି ଅନ୍ତର ଭରି,
ଅହିଂସା ମନ୍ତ୍ରରେ ଦେଲା ଯେଉଁ ଦୀକ୍ଷା
କାହିଁ କେଉଁ ଦେଶ ହେବ ତା’ ସରି ?

ଜାତି ପାଇଁ ଦିନେ ବାଳୁତ ଧରମା
ଝାସିଥିଲା ପ୍ରାଣ ସାଗର ଜଳେ,
ଲିଭିବ କି ତାର ଅଲିଭା କାହାଣୀ
ଥିବା ଯାଏ ନର ଧରଣୀ ତଳେ ।



ତ୍ୟାଗ, ଆଦରଶ ଜାତିର ମହତ୍ତ୍ୱ
ଦେଶ ପାଇଁ ଦେଲା ନିଜକୁ ବଳି,
ଦରିଦ୍ର ଜନର ବନ୍ଧୁ ଗୋପବନ୍ଧୁ
ସେ ପୁଅ ମହିମା ହେବ କି କଳି ?

ବାଜି ରାଉତର ନାଆଁ ଲୁଚି ନାହିଁ
ମୁକତ ପଥର ସୈନିକ ସେହି,
ତରପଣ କର ସେ ନାମ ଉଚ୍ଚାରି
ସ୍ୱାଧୀନ ସଂଗ୍ରାମ ପୁରାଣ ଫେଇ ।





https://withteachers.in/

# କବି ପରିଚୟ



ଓଡ଼ିଆ ସାହିତ୍ୟରେ କବି ବୀରକିଶୋର ଦାସ 'ଜାତୀୟ କବି' ଭାବରେ ପରିଚିତ । ସେ ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖରେ ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ପୁନଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଏକାଧାରରେ ଜଣେ ଦେଶବତ୍ସଳ, ମାନବବାଦୀ, ଗାନ୍ଧୀ ଦର୍ଶନବାଦୀ ତଥା ଉଗ୍ରଜାତୀୟବାଦୀ କବି ଥିଲେ । ସ୍ୱାଧୀନତା ସଂଗ୍ରାମର ବହ୍ନିଶିଖାକୁ ପ୍ରଜ୍ଜ୍ୱଳିତ କରିବା ଉଦ୍ଦେଶ୍ୟରେ ସେ ସରଳ, ତରଳ ଓ ସାବଲୀଳ ଭାଷାରେ କବିତାମାନ ରଚନା କରିଥିଲେ । ତାହାଦ୍ୱାରା ଓଡ଼ିଶାର ପୁରପଲ୍ଲୀର ଆବାଳ-ବୃଦ୍ଧ-ବନିତା ଉଦ୍‌ବୁଦ୍ଧ ହୋଇ, ପତଙ୍ଗ ପରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । କବିଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡ଼ିକ ହେଉଛି, 'ମୋହନ ବଂଶୀ', 'ବିଦ୍ରୋହୀ ବୀଣା', 'ଫୁଲ ଚନ୍ଦନ', 'ବୀର ଗୀତିକା' (ସ୍ୱାଧୀନତା ସଂଗ୍ରାମ ସମୟର ରଚନା), ପ୍ରଭୃତି । 'ଆସ ଉତ୍କଳୀୟ' କବିତାଟି କବିଙ୍କ ଦ୍ୱାରା ଲିଖିତ 'ବୀର ଗୀତିକା' କବିତା ସଂକଳନରୁ ଆନୀତ ।

## ପାଠ୍ୟ ଅନ୍ତର୍ଗତ

ଆସ କବିତାକୁ ଭଲ ଭାବରେ ଆବୃତ୍ତି କରିବା, ବୁଝିବା ଓ ଉତ୍ତର ଲେଖିବା ।

## ମୋ ବୁଝିବାରେ

(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦେବା ।

୧. "ଏ ଦେଶ ଜାତିର ପୂରୁବ କଥା", ଏହି ପାଦରେ ଥିବା 'ପୂରୁବ କଥା'ଟିରେ କେଉଁ କଥା ପ୍ରକାଶ କରୁଛି ?

- ଅତୀତର ଗୌରବ କଥା
- ଐତିହାସିକ କଥା
- ସୃଜନଶୀଳ ଭାବ
- ବୈଜ୍ଞାନିକ ଚିନ୍ତାଧାରା



୨. କବିତାର ବିଷୟବସ୍ତୁ ନିମ୍ନଲିଖିତ କେଉଁ ପ୍ରସଙ୍ଗ ଉପରେ ଆଧାରିତ ହୋଇଛି ?

- ଦେଶର ପ୍ରଗତି
- ଦେଶର ଅର୍ଥନୀତି
- ଦେଶର ଅଲିଭା କାହାଣୀ
- ଦେଶ ପାଇଁ ଉତ୍ସର୍ଗୀକୃତ ଭାବନା




https://withteachers.in/

୩.  "ସେ ପୁଅ ମହିମା ହେବ କି କଳି ?" ଏହି ପାଦରେ 'ସେ' ଶବ୍ଦ କାହା ପାଇଁ ବ୍ୟବହୃତ ହୋଇଛି ?



- ବକ୍ସି ଜଗବନ୍ଧୁ
- ଧର୍ମପଦ
- ଗୋପବନ୍ଧୁ
- ବାଜିରାଉତ



୪.  'ମୁକତି ପଥର ସୈନିକ' ବୋଲି କବିତାରେ କାହାକୁ କୁହାଯାଇଛି ?

- ଚନ୍ଦନ ହଜୁରୀ
- ଗୋପବନ୍ଧୁ
- ଧରମା
- ବାଜିରାଉତ

(ଖ) ତୁମର ସାଙ୍ଗମାନେ ଭିନ୍ନ ଭିନ୍ନ ଉତ୍ତର ବାଛି ଥାଇପାରନ୍ତି । ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ, ତାହା ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କର ।



## ମିଳିମିଶି ଯୋଡ଼ିବା

କବିତାରେ ମନୋନୀତ କିଛି ଧାଡ଼ି/ପାଦ 'କ' ସ୍ତମ୍ଭରେ ଦିଆଯାଇଛି । ସେହି ପଦଗୁଡ଼ିକର ଅର୍ଥ ବା ପ୍ରସଙ୍ଗ 'ଖ' ସ୍ତମ୍ଭରେ ଦିଆଯାଇଛି । 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଅର୍ଥ ରେଖାଚିହ୍ନ ଦ୍ୱାରା ଯୋଡ଼ିବା ।

| କ୍ର.ସଂଖ୍ୟା | 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ |
|---|---|---|---|
| ୧. | "ବକ୍ସି ଜଗବନ୍ଧୁ, ଚନ୍ଦନ ହଜୁରୀ ଗଲେଣି ଉଭେଇ ଅମର ପଥେ" | ୧. | ଦରିଦ୍ର ଜନର ବନ୍ଧୁ ଗୋପବନ୍ଧୁଙ୍କ ମହିମା କାହାରି ସାଥିରେ କଳି ହେବ ନାହିଁ । |
| ୨. | "ତୋଷାଳି ପ୍ରାନ୍ତରେ ଦିନେ ବହିଥିଲା ସମରେ ବୀରର ରକତ ନଈ ।" | ୨. | ତୋଷାଳି ପ୍ରାନ୍ତରେ ରକ୍ତର ନଦୀ ପ୍ରବାହିତ ହୋଇଥିଲା । |
| ୩. | "ଦରିଦ୍ର ଜନର ବନ୍ଧୁ ଗୋପବନ୍ଧୁ ସେ ପୁଅ ମହିମା ହେବ କି କଳି ?" | ୩. | ମୁକ୍ତିପଥର ସୈନିକ ବାଜିରାଉତର ନାଆଁ ଏବେବି ଲୁଚିଯାଇନାହିଁ । |
| ୪. | "ବାଜିରାଉତର ନାଆଁ ଲୁଚି ନାହିଁ ମୁକତ ପଥର ସୈନିକ ସେହି ।" | ୪. | ବକ୍ସି ଜଗବନ୍ଧୁ, ଚନ୍ଦନ ହଜୁରୀ ସ୍ୱାଧୀନତା ସଂଗ୍ରାମ କରି ଅମର ହୋଇଛନ୍ତି । |



https://withteachers.in/

## କବିତାର ପଦଗୁଡ଼ିକୁ ଆଲୋଚନା କରିବା ।

ନିମ୍ନରେ କବିତାର କିଛି ପଦ ଦିଆଯାଇଛି । ସେଗୁଡ଼ିକୁ ଭଲ ଭାବରେ ପଢ଼ିବା, ଚିନ୍ତା କରିବା, ବୁଝିବା ଏବଂ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖିବା ।



(କ) "ପାଇକ ପୁଅର ଗାରିମା ଯା' ଥିଲା
ସ୍ୱାଧୀନତା ଯାଗେ ଦେଲା ଆହୁତି,
ସେ ଜାତି ଦାୟାଦ ଆମେତ ସରବେ
ବୋଲି ହେବା ଅଙ୍ଗେ ସେହି ବିଭୂତି ।"

(ଖ) "ଶାନ୍ତି, ମୈତ୍ରୀ, ପ୍ରୀତି ପୂତବାଣୀ ଯହିଁ
ସ୍ଫୁରୁଥିଲା ପ୍ରତି ଅନ୍ତର ଭରି,
ଅହିଂସା ମନ୍ତ୍ରରେ ଦେଲା ଯେଉଁ ଦୀକ୍ଷା
କାହିଁ କେଉଁ ଦେଶ ହେବ ତା' ସରି ?"



(ଗ) "ତ୍ୟାଗ, ଆଦରଶ ଜାତିର ମହତ୍ତ୍ୱ
ଦେଶ ପାଇଁ ଦେଲା ନିଜକୁ ବଳି,
ଦରିଦ୍ର ଜନର ବନ୍ଧୁ ଗୋପବନ୍ଧୁ
ସେ ପୁଅ ମହିମା ହେବ କି କଳି ?"

## ବୁଝି ବିଚାରି ଲେଖ

କବିତାକୁ ଭଲ ଭାବରେ ପଢ଼ି ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) "ଏ ଦେଶ ଜାତିର ପୂରୁବ କଥା" ଉକ୍ତ ଧାଡ଼ିରେ କେଉଁ ଦେଶ ଓ ଜାତିର ପୂର୍ବକଥା ସମ୍ପର୍କରେ କୁହାଯାଇଛି ଏବଂ କାହିଁକି ?

(ଖ) ବକ୍ସି ଜଗବନ୍ଧୁ ଓ ଚନ୍ଦନ ହଜୁରୀ କେଉଁ ପଥର ପଥିକ ଥିଲେ ? ସେମାନେ କେଉଁ କାର୍ଯ୍ୟ ପାଇଁ ଅମର ?

(ଗ) "ସେ ଜାତି ଦାୟାଦ ଆମେତ ସରବେ" – ଉକ୍ତ ପଦରୁ ତୁମେ କ'ଣ ବୁଝିଲ ଲେଖ ।

(ଘ) କବିତାରେ ଦେଶପ୍ରେମ ସମ୍ପର୍କରେ ଅନେକ କଥା ଉଲ୍ଲେଖ କରାଯାଇଛି । ତୁମେ ଦେଶପ୍ରେମ ସମ୍ପର୍କରେ ଯାହା ଜାଣ ଲେଖ ।

(ଙ) ଏହି କବିତାଟି ଏକ ଦେଶାତ୍ମବୋଧକ କବିତା । ଯାହା ଆମକୁ ଆମ ରାଜ୍ୟ ଓ ଦେଶକୁ ଭଲ ପାଇବାର ପ୍ରେରଣା ଜାଗ୍ରତ କରାଏ । ଏହି କବିତାଟି ତୁମକୁ କେଉଁ ପ୍ରେରଣା ପ୍ରଦାନ କରୁଛି ଲେଖ ।



https://withteachers.in/

## ଅନୁମାନ ଓ କଳ୍ପନା

ତୁମେମାନେ ମିଳିମିଶି ଆଲୋଚନା କର ଏବଂ ଲେଖ ।



(କ) ବକ୍‌ସି ଜଗବନ୍ଧୁ ପରି ହେବାପାଇଁ ତୁମେ କ'ଣ କରିବା ଉଚିତ ?

(ଖ) ନିଜକୁ ପାଇକ ପୁଅ ଭାବି, ଦେଶସେବା ପାଇଁ କ'ଣ କରିପାରିବ ?

(ଗ) କେଉଁ କାର୍ଯ୍ୟ ଜଣେ ବ୍ୟକ୍ତିକୁ ଅମର କରିଥାଏ ?

(ଘ) ଯଦି ତୁମେ ତୋଷାଳି ପ୍ରାନ୍ତରେ ଥାଆନ୍ତ, ତେବେ ସେହି ରକ୍ତ ନଈକୁ ଦେଖିବା ପରେ ତୁମ ମନରେ କେଉଁ ଭାବ ଜାଗ୍ରତ ହୋଇଥାନ୍ତା ?

(ଙ) ଯଦି ତୁମେ ସ୍ୱାଧୀନତା ସଂଗ୍ରାମୀ ହୋଇଥାନ୍ତ, ତେବେ ତୁମେ କେଉଁ କାର୍ଯ୍ୟ ପ୍ରତି ଅଧିକ ଗୁରୁତ୍ୱ ଦେଇଥାନ୍ତ ?

## କବିତା ରଚନା



"ଜାତି ପାଇଁ ଦିନେ ବାଲୁତ ଧରମା
ଝାସିଥିଲା ପ୍ରାଣ ସାଗର ଜଳେ,
ଲିଭିବ କି ତା'ର ଅଲିଭା କାହାଣୀ
ଥିବାଯାଏ ନର ଧରଣୀ ତଳେ ।"

ଏହି ପଦ୍ୟାଂଶର ଶେଷ ଶବ୍ଦକୁ ଧ୍ୟାନର ସହ ଦେଖ । 'ସାଗର ଜଳେ' ଏବଂ 'ଧରଣୀ ତଳେ' ରେ 'ଜଳେ' ଓ 'ତଳେ' ପଦର ବ୍ୟବହାର କରାଯାଇଛି । ଏହି ଦୁଇ ପଦର ଶେଷ ଧ୍ୱନି ଏକାଭଳି । ଏହି ବିଶେଷତାକୁ ଓଡ଼ିଆ ଭାଷାରେ ପୂର୍ଣ୍ଣ ମିତ୍ରାକ୍ଷର କୁହାଯାଏ । ଏବେ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ସାଙ୍ଗମାନଙ୍କ ସହ ଆଲୋଚନା କର ଏବଂ ଲେଖ ।

(କ) ପୂର୍ଣ୍ଣ ମିତ୍ରାକ୍ଷରକୁ ନେଇ କବିତା ଲେଖିଲେ କେଉଁ ବିଶେଷ ପ୍ରଭାବ ପଡ଼ିଥାଏ ?

(ଖ) କବିତାକୁ ପ୍ରଭାବଶାଳୀ କରିବା ପାଇଁ ଆଉ କେଉଁ କେଉଁ ଭାବ ପ୍ରୟୋଗ କରାଯାଇଛି ଲେଖ ?

## ତୁମର କବିତା

'ଆସ ଉତ୍କଳୀୟ' କବିତାକୁ ତୁମେମାନେ ପଢ଼ିଲ । ନିମ୍ନରେ ଏହାର କିଛି ଅଂଶ ଦିଆଯାଇଛି । ତୁମେ ଚିନ୍ତାକରି ସେହି ଆଧାରରେ ଏକ କବିତା ଲେଖ ।





https://withteachers.in/

'ଆସ ଉତ୍କଳୀୟ ଶୁଣ ସର୍ବେ ମିଳି
ଏ ଦେଶ ଜାତିର ପୂରୁବ କଥା,
ସ୍ମରଣେ ଯାହାର ଗରବେ ତୋହର
ଆପେ ଆପେ ନଇଁ ପଡ଼ିବ ମଥା ।'






## ଭାଷା ବିଚାର

**(କ) ଶବ୍ଦ ସହ ଶବ୍ଦ ଯୋଡ଼**

ତୁମ ସାଙ୍ଗମାନଙ୍କ ସହ ମିଶି ଆଲୋଚନା କରି ତଳେ ଦିଆଯାଇଥିବା ଖାଲି ସ୍ଥାନରେ 'ଧରଣୀ'ର ସମାର୍ଥବୋଧକ ଶବ୍ଦଗୁଡ଼ିକ ଲେଖ ।




**(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖ ।**

**ଯେପରି – ପୂରୁବ – ପୂର୍ବ**



ଗରବେ ________________

ସରବେ ________________

ରକତ ________________

ଆଦରଶ ________________

ତରପଣ ________________



**(ଗ) କାଳ (ସମୟ) ବିଚାର :**

୧. "ପାଇକ ପୁଅର ଗାରିମା ଯା' ଥିଲା"

୨. "ତୋଷାଳି ପ୍ରାନ୍ତରେ ଦିନେ ବହିଥିଲା ।"

ଉପରିଲିଖିତ ପଦ ଦୁଇଟି ଅତୀତ କାଳର ସୂଚନା ପ୍ରଦାନ କରିଥାଏ । ତୁମେମାନେ ଏହି ପଦ୍ୟାଂଶକୁ ନେଇ ବର୍ତ୍ତମାନ ଓ ଭବିଷ୍ୟତ କାଳରେ ପରିଣତ କର ।





https://withteachers.in/



### (ଘ) ସମାନ ଅର୍ଥ ବୁଝାଉଥିବା ଶବ୍ଦ (ପ୍ରତିଶବ୍ଦ)

କବିତାର କିଛି ଶବ୍ଦ ନିମ୍ନରେ ଦିଆଯାଇଛି । ତା’ ତଳକୁ ଦିଆଯାଇଥିବା ସମାନ ଅର୍ଥ ବୁଝାଉଥିବା ଶବ୍ଦକୁ ଖୋଜି ଖାଲି ଘର ପୂରଣ କର ।

| ପୁଅ | ନଈ | ସାଗର | ସୈନିକ |
|---|---|---|---|
| | | | |
| | | | |

ପୁତ୍ର   ସୁତ   ସ୍ରୋତସ୍ୱିନୀ   ତଟିନୀ   ସିନ୍ଧୁ   ଯବାନ   ପାରାବାର   ସିପାହି



## କବିତାର ଶୀର୍ଷକ



“ଆସ ଉତ୍କଳୀୟ ଶୁଣ ସର୍ବେ ମିଳି
ଏ ଦେଶ ଜାତିର ପୂରୁବ କଥା ।”

ଏହି କବିତାର ଶୀର୍ଷକ ‘ଆସ ଉତ୍କଳୀୟ’ । ଅନେକ ସମୟରେ କବିମାନେ କବିତାର ଏକ ଧାଡ଼ିକୁ କବିତାର ଶୀର୍ଷକ ଭାବରେ ବ୍ୟବହାର କରିଥାନ୍ତି । ଏହିଭଳି ଯଦି ତୁମେ କବିତାରୁ ଅନ୍ୟ ଗୋଟିଏ ଧାଡ଼ି କବିତାର ଶୀର୍ଷକ ଭାବରେ ବାଛିବ, ତେବେ କାହିଁକି ବାଛିଲ ଲେଖ ?





https://withteachers.in/

# ପାଠ୍ୟ ବହିର୍ଭୂତ

## ତୁମ କଥା

(କ) କିଛି ଚିତ୍ର ତଳେ ଦିଆଯାଇଛି । ଯେଉଁ ଚିତ୍ରଗୁଡ଼ିକ ତୁମେମାନେ ଦେଶପ୍ରେମ ଆଧାରିତ ବୋଲି ଭାବୁଛ, ତା' ପାଖରେ ଠିକ୍ (✓) ଚିହ୍ନ ଦିଅ ।

















https://withteachers.in/























https://withteachers.in/

## ଆମର ଅସ୍ତ୍ରଶସ୍ତ୍ର



"ପାଇକ ପୁଅର ଗାରିମା ଯା' ଥିଲା
ସ୍ୱାଧୀନତା ଯାଗେ ଦେଲା ଆହୁତି ।"

ସୈନିକମାନେ ଦେଶର ସୀମାକୁ ସୁରକ୍ଷା ଦେବାପାଇଁ ବନ୍ଧୁକ, ତୋପ, ଖଣ୍ଡା ଇତ୍ୟାଦି ବ୍ୟବହାର କରନ୍ତି । ସେହିପରି ନିମ୍ନଲିଖିତ ବ୍ୟକ୍ତିମାନେ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରିବା ପାଇଁ କ'ଣ ବ୍ୟବହାର କରନ୍ତି ?

- କବି ..........................................................
- କୃଷକ ..........................................................
- ଛାତ୍ର ..........................................................
- ବୈଜ୍ଞାନିକ ..........................................................
- ଡାକ୍ତର ..........................................................

## ତୁମ ଭାଷା ଓ ଗୀତ

(କ) ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ନିଜ ଭାଷାରେ ଦେଶପ୍ରେମ ସମ୍ପର୍କିତ କବିତା ଏବଂ ଗୀତ ସଂଗ୍ରହ କରି ପଢ଼ ଏବଂ ଲେଖ ।

(ଖ) ତୁମମାନଙ୍କ ପାଠରେ ଦିଆଯାଇଥିବା ଯେକୌଣସି ଗୋଟିଏ ଦେଶାତ୍ମବୋଧ ଗୀତକୁ ନେଇ ଶ୍ରେଣୀଗୃହରେ ଅଭିନୟ କର ।

## ତ୍ରିରଙ୍ଗା ପତାକା ବା ଜାତୀୟ ପତାକା



ଜାତୀୟ ପତାକା ଦେଶର ଗର୍ବ ଓ ଗୌରବ । ଯେକୌଣସି ଦିନ ଶୋଇବା ପୂର୍ବରୁ ତୁମେମାନେ ସମଗ୍ର ଦିନର ଦିନଚର୍ଯ୍ୟା ମନେ ପକାଅ । ଭାବ ଯେ ତୁମର କେଉଁ କାର୍ଯ୍ୟ ଜାତୀୟ ପତାକାକୁ ଖୁସି କରୁଛି ଓ କେଉଁ କାର୍ଯ୍ୟ ଜାତୀୟ ପତାକାକୁ ଦୁଃଖ ଦେଉଛି ।

## ଝରକାରୁ



ତୁମେ ଦେଶପ୍ରେମ ମୂଳକ କବିତା 'ଆସ ଉତ୍କଳୀୟ' ପଢ଼ିଛ । ଏବେ ବିପିନ ବିହାରୀ ରାଉତଙ୍କ ଦେଶମାତୃକାର ସେବା ସମ୍ବଳିତ 'ଯେଉଁ ଦେଶରେ ଗଙ୍ଗା ବହେ' କବିତାକୁ ଭଲ ଭାବେ ପଢ଼ ଓ ମନେରଖ ।



https://withteachers.in/

ପଠନ ନିମନ୍ତେ

# ଯେଉଁ ଦେଶରେ ଗଙ୍ଗା ବହେ

**ବିପିନ ବିହାରୀ ରାଉତ**



ଯେଉଁ ଦେଶରେ ଗଙ୍ଗା ବହେ, ଯୁଗ ଯୁଗର କାହାଣୀ କହେ
ସେଇ ଦେଶ ମୋ ଜନମ ଭୂଇଁ, ସେଇ ମାଟି ମୋ ମାଆ ।
ମୁଁ ତାହାରି ଲାଗି ପରାଣ ଦେବି ରଖିବି ତାର ନାଆଁ ॥୦॥

ହିମଗିରି ଯା' ମୁକୁଟ ଶୋହେ ଯମୁନା ଗଳାମାଳ
ସାଗର ଧୁଏ ଚରଣ ଯା'ର ଊର୍ମି କଳକଳ
ଯେଉଁ ମାଟିକୁ ପରଶି ଯାଏ ମଳୟ ଶୀତ ବାଆ
ମୁଁ ତାହାରି ଲାଗି ପରାଣ ଦେବି ରଖିବି ତା'ର ନାଆଁ ॥୧॥



କୋଳରେ ଯା'ର ଜନମ ନେଲେ କୁନ୍ତୀ ସତୀ ତାରା
ସୀତା ଅହଲ୍ୟା ଦୁର୍ଗାବତୀ ଲକ୍ଷ୍ମୀବାଈ ମୀରା
ଧରଣୀ ବୁକେ ଦେଖାଇ ଗଲେ ସରଣୀ ନୂଆ ନୂଆ
ମୁଁ ତାହାରି ଲାଗି ପରାଣ ଦେବି ରଖିବି ତା'ର ନାଆଁ ॥୨॥

ଝରିଲା ଯହିଁ ବାଲ୍ମିକୀର କଣ୍ଠୁ ରାମଗାଥା
କାଳିଦାସର ମେଘଦୂତ କବୀର ନୀତି କଥା
ରବୀନ୍ଦ୍ରର ସଙ୍ଗୀତରେ ଦୁନିଆଁ କରେ ଆହା
ମୁଁ ତାହାରି ଲାଗି ପରାଣ ଦେବି ରଖିବି ତା'ର ନାଆଁ ॥୩॥

ଯାହାର ଧୂଳି ବାଜିଲେ ଦେହେ ଉଲୁସି ଉଠେ ପ୍ରାଣ
ଜାତି ଜାତିକା କୁସୁମ ଫୁଟେ ଛୁଟେ କୋକିଳ ସ୍ୱନ
(ଯହିଁ) ଶ୍ୟାମଳ ତରୁ ଗହଳ ଲତା କୁଞ୍ଜବନ ଛାୟା
ମୁଁ ତାହାରି ଲାଗି ପରାଣ ଦେବି ରଖିବି ତାର ନାଆଁ ॥୪॥



ପାବନ ଯା'ର ଶଇଳ ଉମାପତିର ମନ ମୋହେ
ପାବନ ଯା'ର ଯମୁନା ତୀର କୃଷ୍ଣବଂଶୀ ବାଏ
ପାବନ ଯା'ର କୁରୁକ୍ଷେତ୍ରେ ନାରାୟଣ ସାହା
ମୁଁ ତାହାରି ଲାଗି ପରାଣ ଦେବି ରଖିବି ତା'ର ନାଆଁ ॥୫॥



https://withteachers.in/



## ବୁଝି ବୁଝାଅ

ତୁମେ 'ଆସ ଉତ୍କଳୀୟ' ଏବଂ 'ଯେଉଁ ଦେଶରେ ଗଙ୍ଗା ବହେ' ଦୁଇଟି କବିତାକୁ ଆବୃତ୍ତି କର । ଏହିଭଳି ଦେଶାତ୍ମବୋଧକ କବିତା ପାଠଗାର ଓ ଇଣ୍ଟରନେଟ୍‌ରୁ ଖୋଜି ଆବୃତ୍ତି କର ଏବଂ ସାଙ୍ଗମାନଙ୍କ ସହ ଆଲୋଚନା କର ।



## ଅନୁସନ୍ଧାନ କରିବା

ତଳେ ଦିଆଯାଇଥିବା ଇଣ୍ଟରନେଟ୍ ଲିଙ୍କ୍ ବ୍ୟବହାର କରି ତୁମେମାନେ ଦେଶପ୍ରେମ ଏବଂ ସ୍ୱାଧୀନତା ଆନ୍ଦୋଳନ ସହ ଜଡ଼ିତ ବିଷୟ ପଢ଼ିପାରିବ ।

- ସାରେ ଜାହାଁ ସେ ଆଛା
  https: www.youtube.com.
- ଦୀବାନୋମ୍ କୀ ହସ୍ତୀ
  https: //www.youtube.com.
- ଝାଁସୀ କୀ ରାଣୀ
  https: //www.youtube.com.



★★★





https://withteachers.in/

# ଆମ ଲେଖା ଆମ ଚିତ୍ର



https://withteachers.in/



# ୨ ବିହଙ୍ଗ ବିପ୍ଳବ

**ମହାପାତ୍ର ନୀଳମଣି ସାହୁ**

ଥର ଥର କରି ତିନିଥର ଆମ୍ବଗଛର ଡାଳରେ ବସା ବାନ୍ଧିଲାଣି ହଳଦିବସନ୍ତ। ମାତ୍ର ତିନିଥରଯାକ ବୁଢ଼ା ମାଙ୍କଡ଼ ସେହି ଡାଳରେ ଡେଇଁ ତା' ବସାକୁ ଭାଙ୍ଗି ଦେଇଛି। ଯେତେ କାକୁତିମିନତି କରି କହିଲେ ବି ବୁଢ଼ା ମାଙ୍କଡ଼ ତା' କଥା ଶୁଣିବାକୁ ନାହିଁ।

ମା' ହଳଦିବସନ୍ତ ମୁଣ୍ଡରେ ଚିନ୍ତା ମାଡ଼ି ପଡୁଛି। ବସନ୍ତ ଋତୁ ବା ଆଉ କେତେଦିନ ରହିବ! ସାହାଡ଼ା ଗଛମାନଙ୍କରେ ଫୁଲକଷି ଧରିଲାଣି। ଆଉ ଅଳ୍ପ ଦିନରେ ପାଚି ହଳଦି ଗୁରୁଗୁରୁ ଦିଶିବ। ବୁଦାମାନଙ୍କରେ ଶଗଡ଼ ବାଟୁଆ କୋଳି ପାଚି ଲାଲ୍ ଟହ ଟହ ଦିଶିବ। ସେତେବେଳକୁ ଯଦି ଛୁଆ ହୋଇଯାଇଥିବେ, ତେବେ ସିନା ସେମାନଙ୍କ କୁନିକୁନି ଥଣ୍ଟରେ ଏଇସବୁ ମିଠା ପାଚିଲା କୋଳି ଆଧାର ଦେବ; ଛୁଆସବୁ ଚଞ୍ଚଳ ଚଞ୍ଚଳ ବଢ଼ିଯିବେ! କିନ୍ତୁ ଏ ପରଘରଭଙ୍ଗା ବୁଢ଼ା ମାଙ୍କଡ଼ ତ ମୂଳରୁ ବସା ରଖାଇ ଦେଉ ନାହିଁ! ସେ ଅଣ୍ଡା ଦେବ କେବେ, ଆଉ ଛୁଆ ଫୁଟିବେ କେବେ?

କୁଲୁରୁ କୁଲୁ—କୁଲୁରୁ କୁଲୁ!

ପୁରୁଷ ହଳଦିବସନ୍ତଟି କୁଆଡୁ ବୁଲିବୁଲି ଆସି ମା' ହଳଦିବସନ୍ତ ପାଖେ ବସିଲା। ତା'ର ହଳଦିଆ ସୁନା ଦେହଟି ଖରାରେ ମଳିନ ଦିଶୁଥାଏ।

https://withteachers.in/

କହିଲା, "ବୁଝିଲ ! ପାଖଆଖରେ ଆଉ କୋଉ ଗଛ ଖାଲି ନାହିଁ। ଅନ୍ୟ ଚଢ଼େଇମାନେ ସବୁ ଗଛରେ ବସାବାନ୍ଧି ଅଣ୍ଡା ଦେଇସାରିଲେଣି। କେତେକ ଅଣ୍ଡା ଉଷୁମାଉଛନ୍ତି। ଆଉ କେତେକଙ୍କର ଛୁଆ ଫୁଟିଲେଣି। ଆମେ ଏବେ କ'ଣ କରିବା ?"



ମା' ହଳଦିବସନ୍ତ ଦୁଃଖରେ କାନ୍ଦି ପକାଇଲା। କାନ୍ଦିକାନ୍ଦି କହିଲା, "ସେହି ନିଆଁଗିଲା ବୁଢ଼ା ମାଙ୍କଡ଼କୁ ଜବତ କରିବା ପାଇଁ କ'ଣ ଏଠି କେହି ନାହିଁ ?"

କା–କା–କା !

ସେମାନଙ୍କର ବନ୍ଧୁ ଡାମରାକୁଆ ହଠାତ୍ ଆସି ପହଞ୍ଚିଗଲା। ସବୁ ଶୁଣିସାରି ସେ କହିଲା, "ତୁମେମାନେ ବଡ଼ ଭୀରୁ। ବୁଢ଼ା ମାଙ୍କଡ଼ଟାକୁ ଜବତ କରିପାରୁ ନାହଁ ! ଆମେ କାଉମାନେ କାହାରି ଅତ୍ୟାଚାର ସହିପାରୁ ନାହୁଁ। ଆମ ପ୍ରତି କିଏ ଖରାପ ବ୍ୟବହାର କଲେ ଆମେ ତାକୁ ଥଣ୍ଟରେ ଖୁମ୍ପି ଆଉ ନଖରେ ବିଦାରି ଅସ୍ତବ୍ୟସ୍ତ କରିଦେଉଁ। ସର୍ବସାଧାରଣ ରାସ୍ତା ଉପରେ ସମସ୍ତେ ମିଶି ବଡ଼ ପାଟିରେ ତାକୁ ଗାଳି ଦେଉଁ। ତା'ର ଇଜ୍ଜତ ମହତ ସାରି ଦେଉଁ। ସେଥିପାଇଁ ତ ବୁଢ଼ା ମାଙ୍କଡ଼ ଆମ ବସାର ଛାଇ ମାଡ଼େ ନାହିଁ।"

ପୁରୁଷ ହଳଦିବସନ୍ତ କହିଲା, "କ'ଣ ଆଉ କରିବୁଁ, କହ ! ତାକୁ ଯେତେ ନେହୁରା ହୋଇ କହିଲୁଁ, ସେ କ'ଣ ଶୁଣୁଛି ! ଆମେ ହେଲୁ ଗାୟକ ଜାତି। ବସନ୍ତ ଋତୁରେ ଗୀତ ବୋଲିବା ଆମ କାମ। ଆମେ ତ ଆଉ ତୁମଭଳି ଲଢୁଆ ଜାତି ନୋହୁଁ !"

ଏହି ସମୟରେ ଆକାଶରେ ଶୁଭିଲା–

ଚିରିଂ–ଚିରିଂ–ଚିରିଂ !

କାଉ ତା'ର ଡୋଳାଦୁଇଟାକୁ ବୁଲାଇ ଉପରକୁ ଥଣ୍ଟ ଟେକି କହିଲା, "ଓ ! ଗଙ୍ଗେଇ ମହାରାଜ ପରା ! ଆସିବା ହେଉ, ଆସିବା ହେଉ !"


ଗଙ୍ଗେଇ ଆସି କାଉ ପାଖେ ବସିଲା। କାଉ ପଚାରିଲା, "ଆଉ ସବୁ ଖବର କ'ଣ, ଗଙ୍ଗେଇ ମହାରାଜ ! ଆଜିକାଲି ତ ତୁମମାନଙ୍କର କଟେବାର। ଗାଡ଼ିଆ ପୋଖରୀ ତ ଶୁଖି ଆସିଲାଣି। ମାଛ ଦି'ଟା ଭଲ ମିଳୁଥିବ।"

ଚିରିଂ–ଚିରିଂ–ଚିରିଂ !

ଗଙ୍ଗେଇ କହିଲା, "ନାହିଁ ହୋ ! ମଣିଷଙ୍କ ପେଟକୁ ତ ସବୁ ନିଅଣ୍ଟ ପଡ଼ିଲାଣି। ଗାଡ଼ିଆ ପୋଖରୀରେ ଆଜିକାଲି କୁଜିଗେଣ୍ଡାଟିଏ ବି ମିଳିବା କଷ୍ଟକର...।"



ତା' ପରେ ହଳଦିବସନ୍ତ ଉଦ୍ଦେଶ୍ୟରେ କହିଲା, "ହଳଦିବସନ୍ତ ଭାଇ, ଚାରିଆଡ଼େ ଏତେ ରଙ୍ଗର ଫୁଲ–ଏତେ ପ୍ରକାର କୋଳି–ଆଉ ଏତେ ସୁନ୍ଦର ପବନ ! ଗାଅ ଦେଖି ଗୋଟାଏ ଗୀତ, ତୁମର ସେହି ମନମତାଣିଆ କୁଳୁରୁ କୁଳୁ ସ୍ୱରରେ। ଅନେକ ଦିନୁଁ ଭଲ ଗୀତଟିଏ ଶୁଣାଯାଇ ନାହିଁ।"





https://withteachers.in/

ହଳଦିବସନ୍ତ ତା'ର ଦୁର୍ଦ୍ଦଶା ବିଷୟରେ କିଛି କହିବା ପୂର୍ବରୁ ସେମାନଙ୍କ ପ୍ରତି ବୁଢ଼ା ମାଙ୍କଡ଼ କିପରି ଅତ୍ୟାଚାର କରୁଛି, ସେ କଥା ବର୍ଣ୍ଣନା କରି କାଉ କହିଲା, "ଗଙ୍ଗେଇ ମହାରାଜ, ଏଥକୁ ଉପାୟ କ'ଣ କୁହ ! ହଳଦିବସନ୍ତ, ଶାରୀ, କୋଇଲିହେରିକା ହେଲେ ଆମ ଭିତରେ ଶିଳ୍ପୀ । ପକ୍ଷୀଜାତିର ସଭ୍ୟତା, ସଂସ୍କୃତି, ଏହିମାନଙ୍କ ଯୋଗୁଁ ବଞ୍ଚିଛି । ଏମାନଙ୍କୁ ସାହାଯ୍ୟ ନ କଲେ ଆମ ଜୀବନ ବୃଥା ।"

କେହି ଜାଣନ୍ତି ନାହିଁ, ବଗ କେତେବେଳୁଁ ଆସି ସେମାନଙ୍କଠାରୁ ଅଳ୍ପ ଦୂରରେ ଗୋଟାଏ ଥୁଣ୍ଟା ଗଛର ଡାଳରେ ଦୁଇ ପଟକୁ ଡେଣା ମେଲାଇ ଗୁମ୍‌ମାରି ବସିଛି । ବଗ ସବୁଦିନେ ଗମ୍ଭୀର । କାହା ସଙ୍ଗେ ବେଶୀ କଥାବାର୍ତ୍ତା କରେନା–ମିଳାମିଶା ମଧ କରେନା; ନିଜକୁ ବଡ଼ ଧାର୍ମିକ ବ୍ୟକ୍ତି ବୋଲି ସବୁବେଳେ ପରିଚୟ ଦେଇ ବୁଲେ । କିନ୍ତୁ ଶୁଆ କହେ– "ବଗ ମସ୍ତବଡ଼ ଠକ, ସ୍ୱାର୍ଥପର । ପାଣିକୁଆ ସିନା ବୁଡ଼ିବୁଡ଼ି ମାଛ ଖାଏ ! ବଗ ଧ୍ୟାନ କଲାଭଳି ବସିଥିବ, ହେଲେ ଅସଲରେ ଛକିଥିବ, ମୀନଟିଏ କେତେବେଳେ ମୁଣ୍ଡ ଟେକୁଛି । ଶାରୀ କହେ– "ବଗ ଟିକିଏ ଗୋରା ବୋଲି ତା' ମନରେ ବଡ଼ ଗର୍ବ । କଳା ଓ ଅନ୍ୟ ରଙ୍ଗର ଚଢ଼େଇମାନଙ୍କୁ ସେ ଘୃଣା କରେ । କାଉ କଳା ତେଣୁ ବଗ ତାକୁ ପାଖ ପୂରାଏ ନାହିଁ । ପକ୍ଷୀଜଗତରେ ଶ୍ରେଷ୍ଠ ସ୍ୱରଶିଳ୍ପୀ କୋଇଲିର ରଙ୍ଗ କଳା ବୋଲି ତାକୁ ମଧ ବଗ ଖାତିର କରେ ନାହିଁ । ତା' ମନରେ କଳାଗୋରା ଭେଦଭାବ ଖୁବ୍ ବେଶି ।"





https://withteachers.in/



କାଉ ଏଡ଼େ ପାଟିରେ କଥା କହୁଥିବା ଶୁଣି ବଗ ଆଉ ସହି ପାରିଲା ନାହିଁ । ସେ ଉଦ୍ଧତ କଣ୍ଠରେ ବିଦ୍ରୂପ କରି କହିଲା–

"କକ୍‌କ୍ୱକ୍ୱ–କକ୍‌କ୍ୱକ୍ୱ ।"

"ହେ ମୂର୍ଖ କଳା କାଉ, ବେଶିଗୁଡ଼ାଏ ରାଉରାଉ ହୁଅନାହିଁ । ଶିଳ୍ପୀମାନଙ୍କ ପାଇଁ ତୋର ହୃଦୟ କେବେଠାରୁ ଏତେ ବ୍ୟାକୁଳ ହେଲା ? ଏହି ହଳଦିବସନ୍ତ, କୋଇଲି ଆଦି ଶିଳ୍ପୀମାନଙ୍କ ପାଇଁ ମୋର ତିଳାର୍ଦ୍ଧେ ହେଲେ ଦୟା ନାହିଁ । ଏମାନେ ହେଲେ ବିଦେଶୀ । ବର୍ଷଯାକ ଏମାନେ କୋଉଠି ଥା'ନ୍ତି ? ଏମାନେ ଜନ୍ମଭୂମିର ଖରା ସହିବେ ନାହିଁ, ବର୍ଷା ସହିବେ ନାହିଁ, ଶୀତ ସହିବେ ନାହିଁ ! ଏଇ ବସନ୍ତ ଋତୁ ଆସିଲେ ଦଳ ଦଳ ହୋଇ ଆସି ନାନା ଢଙ୍ଗ ଦେଖାଇ ଆମ ଆହାର ଉପରେ ଭାଗ ବସାଇବେ । ଏମାନଙ୍କର ଭଲା ଜନ୍ମଭୂମି ପ୍ରତି ମମତା ଅଛି !"

ହଳଦିବସନ୍ତ ବଗର ଏହି ଅପବାଦରେ ଭାରି ଦୁଃଖିତ ହେଲା; ଟିକିଏ ରାଗିଗଲା ମଧ୍ୟ । ତଥାପି ତା'ର ସ୍ୱଭାବସୁଲଭ ମଧୁର ଗଳାରେ କହିଲା– "କୁଳୁରୁ କୁଳୁ–କୁଳୁରୁ କୁଳୁ । ଦେଖ ଭାଇ ବଗ, ଆମେ ହେଲୁଁ ଶିଳ୍ପୀ । ସମଗ୍ର ବସୁଧା ଆମର ଜନ୍ମଭୂମି । ଆମେ କାହାକୁ ପର ଭାବୁ ନାହୁଁ । ସମସ୍ତେ ଆମ ନିଜର ।"





https://withteachers.in/

କିନ୍ତୁ କାଉକୁ ଏତେ କଅଁଳେଇ କରି କହି ଆସେନା । ସେ କର୍କଶଭାବେ ବଗକୁ ଭର୍ତ୍ସନା କରି କହିଲା, "ତୁମେ ଅତି ସ୍ୱାର୍ଥପର, ଅସାମାଜିକ ଓ ଅହଙ୍କାରୀ । ବିପଦବେଳେ ପଡ଼ୋଶୀମାନଙ୍କୁ ସାହାଯ୍ୟ କରିବା ଦୂରେ ଥାଉ, ଯିଏ ଏଭଳି ଅସହିଷ୍ଣୁ ଭାବ ଦେଖାଏ ସେ ଅତି କ୍ଷୁଦ୍ରମନା ।"

କାଉ କଥା ଶୁଣି ସବୁ ଚଢ଼େଇ ଏକାଥରକେ ବୋବେଇ ଉଠିଲେ—କା-କା-କା—ଚିରିଂ—ଚିରିଂ—ଚିରିଂ—କୁଳୁରୁ କୁଳୁରୁ କୁଳୁ । ସମ୍ମିଳିତଭାବେ ସେମାନେ ବଗର ସ୍ୱଭାବକୁ ନିନ୍ଦା କଲେ ।

ବଗ ଅପମାନରେ ସେଠୁ ଉଡ଼ି ଚାଲିଗଲା । ଏହି ସମୟରେ କୁଆଡ଼ୁ ଆସି ସେଠି ପହଞ୍ଚିଗଲା କଜଳପାତି । ତାକୁ ଦେଖି ସବୁ ଚଢ଼େଇ ପୁଣି ଥରେ ବୋବେଇ ଉଠି ସ୍ୱାଗତ ଜଣାଇଲେ । କଜଳପାତି ପକ୍ଷୀସମାଜରେ ମଧ୍ୟସ୍ଥତାର କାମ କରେ, ଭଲଲୋକି କରି କଳିକଜିଆ ମେଣ୍ଟାଇ ଦିଏ । ଭଲରେ ନ ମେଣ୍ଟିଲେ କଜଳପାତି ନିଜର ଶକ୍ତି ଖଟାଇବାକୁ ବି ଭୁଲେ ନାହିଁ । ତା'ର ଟାଣୁଆ ମୁନିଆ ଥଣ୍ଟରେ ସେ ଛେଳି, ମେଣ୍ଢା, ଗୋରୁଗାଈଙ୍କ ପିଠିକି ମଧ୍ୟ ହାଣି ଖଣ୍ଡିଆ କରି ଦିଏ । ତେଣୁ ପକ୍ଷୀମାନେ ତାକୁ ଶ୍ରଦ୍ଧା କରନ୍ତି, ଟିକିଏ ଭୟ ମଧ୍ୟ କରନ୍ତି ।

"ଟ୍ୟାଙ୍ଗ୍ ଟ୍ୟାଙ୍ଗ୍ ! ଟ୍ୟାଙ୍ଗ୍ ଟ୍ୟାଙ୍ଗ୍- କଥା କ'ଣ ? କଥା କ'ଣ ? ହଳଦିବସନ୍ତ ଦୁହିଁଙ୍କ ମୁହଁ ଏମିତି ଶୁଖିଯାଇଛି କାହିଁକି ?" କାଉ ହଳଦିବସନ୍ତଙ୍କର ସମସ୍ତ ଦୁରବସ୍ଥା ଜଣାଇଲା । ତା'ପରେ କହିଲା, "ଦେଖ ବନ୍ଧୁ, ମା' ହଳଦିବସନ୍ତ ନିକଟରେ ଅଣ୍ଡା ଦେବ । ମାତ୍ର ବୁଢ଼ା ମାଙ୍କଡ଼ ତିନିତିନି ଥର ସେମାନଙ୍କ ବସା ଭାଙ୍ଗିଦେଲାଣି । ତା'ର ଦାଉ ବଡ଼ ଅସହ୍ୟ ହେଲାଣି ।"





https://withteachers.in/

ସମଦୁଃଖୀ କଜଳପାତି ମାଙ୍କଡ଼ ପାଖକୁ ଗଲା । ବରଗଛରେ ଗୋଟାଏ ଡାଳରେ ବସି ଆଉ ଗୋଟାଏ ଡାଳକୁ ଆଉଜି ବୁଢ଼ା ମାଙ୍କଡ଼ ଘୁମାଉଛି । କଜଳପାତି ତା' ମୁଣ୍ଡ ଉପରେ ଚକ୍କର କାଟି ଉଡ଼ି ବୋବେଇ ଲାଗିଲା–

ଚ୍ୟାଙ୍ଗ୍ ଚ୍ୟାଙ୍ଗ ! – ଚ୍ୟାଙ୍ଗ ଚ୍ୟାଙ୍ଗ୍ !

ବୁଢ଼ା ମାଙ୍କଡ଼ର ନିଦ ଭାଙ୍ଗିଗଲା । ସେ କେତେ ଥର ତା'ର ଦୁଇ ଗାଲକୁ କୁଣ୍ଡାଇ ସାରି ବିରକ୍ତିରେ ନାଲି ଆଖି ଦେଖାଇ ପଚାରିଲା, "ଖଁ କା ଖେଁ ! ଖଁ କା ଖେଁ ! – କିଏରେ ତୁ ? କ'ଣ କହୁଛୁ ?"

"ଚ୍ୟାଙ୍ଗ୍ ଚ୍ୟାଙ୍ଗ୍–ମୁଁ କଜଳପାତି । ବିଚରା ହଳଦିବସନ୍ତର ବସା ଭାଙ୍ଗିବା କ'ଣ ତୁମର ଉଚିତ ହେଉଛି ?"

"ହୁଁଃ ! ଖଁ କା ଖେଁ– ଉଚିତ ଅନୁଚିତ ମୁଁ ବୁଝେ ନାହିଁ । ଗଛ ଡାଳରେ ଡେଇଁ ବୁଲିବା ମୋର ଅଭ୍ୟାସ । ଆମେ ବଳଶାଳୀ । ଆମର ଯା'ଇଚ୍ଛା ଆମେ ତା' କରିବୁଁ । ଯୋର ଯା'ର ମୂଲକ ତା'ର ।"

କଜଳପାତି ତା'ପରେ ବହୁପ୍ରକାର ବୁଝାଇଲା; ମାତ୍ର ଗଉଁଆ ମାଙ୍କଡ଼ ତା' କଥା ବୁଝିଲା ନାହିଁ । କଜଳପାତିର ସବୁ କଥା ତା'ର ଏ କାନରେ ପଶି ସେ କାନରେ ବାହାରିଗଲା । ଶେଷରେ ସେଥିରୁ ନିରସ୍ତ ହୋଇ କଜଳପାତି କହିଲା, "ତା'ହେଲେ ମୁଁ ରାଜାଙ୍କ ପାଖେ ତୁମ ନାମରେ ଫେରାଦ ହେବି ।"

ବୁଢ଼ା ମାଙ୍କଡ଼ ତାଚ୍ଛଲ୍ୟ କରି କହିଲା, "ଖଁ କା ଖେଁ" ! କରନା ଫେରାଦ ! ମୁଁ ତୁମ ରାଜାଙ୍କୁ ଡରିଛି ନା ମକଦ୍ଦମାକୁ ପରୁଆ କରିଛି ?"

ରାଜାଙ୍କ ଦରବାର । ବୀରାଧିବୀରବର ପ୍ରବଳ ପ୍ରତାପୀ ଶ୍ରୀ ଶ୍ରୀ କଣ୍ଟକଜିହ୍ୱ ଭଲ୍ଲୁକ ମହାରାଜ ସିଂହାସନ ଉପରେ ଉପବେଶନ କରିଛନ୍ତି । ପାଖରେ ଆଉ ଗୋଟିଏ ଆସନରେ ବସିଛନ୍ତି ପ୍ରଧାନମନ୍ତ୍ରୀ ମହାଶୟ ଶ୍ରୀଯୁକ୍ତ ହୀନବୁଦ୍ଧି ଜମ୍ବୁକ ପ୍ରବର । ସେନାପତି ଶ୍ରୀଯୁକ୍ତ ତୀକ୍ଷ୍ଣଦନ୍ତ ବୃକ ଚତୁର୍ଦ୍ଦିଗକୁ ଆରକ୍ତ ନୟନରେ ଦୃଷ୍ଟିନିକ୍ଷେପକରି ଦରବାରରେ ଖଡ଼୍‌ଗହସ୍ତେ ଦୃପ୍ତଭଙ୍ଗୀରେ ଦଣ୍ଡାୟମାନ । ପାରିଷଦମାନଙ୍କ ମଧ୍ୟରେ ଅରଣ୍ୟର ପଶୁଜଗତର କୋକୀ, କଟାସ, ଗୁଣ୍ଡୁଚିମୂଷା, କୁଟ୍ରା, ହରିଣ ଓ ଝିଙ୍କ ଆଦି– ସରୀସୃପ ଜଗତର ଅହିରାଜ ଓ ଗୋଧି ଆଦି – ଏବଂ ପକ୍ଷୀଜଗତର ଶୁଆ, କାକତୁଆ, ପାରା, ପେଚା ଓ ବୁଲ୍‌ବୁଲ୍ ଆଦି–ସ୍ୱ ସ୍ୱ ଆସନ ଅଳଙ୍କୃତ କରି ରାଜାଙ୍କ ମୁହଁକୁ ଚାହିଁ ବସିଅଛନ୍ତି । ସେ ବଣରେ ସିଂହ, ବାଘ ଓ ହାତୀ ନ ଥିବାରୁ ସମସ୍ତେ ମିଳିମିଶି ଭାଲୁକୁ ରାଜା କରିଛନ୍ତି । ସମସ୍ତଙ୍କର ସମର୍ଥନ ପାଇ ଭାଲୁ ମଧ୍ୟ ନିରଙ୍କୁଶଭାବେ ଶାସନକାର୍ଯ୍ୟ ଚଳାଉଛି । ଆଜି ଦରବାରରେ ଚାଲିଛି ମାଙ୍କଡ଼ ବିରୋଧରେ ମକଦ୍ଦମା । ତେଣୁ ସମସ୍ତେ ଉଦ୍‌ଗ୍ରୀବ ହୋଇ ରାଜାଙ୍କ ରାୟ ଶୁଣିବା ପାଇଁ ଅପେକ୍ଷା କରିଛନ୍ତି ।

ହଳଦିବସନ୍ତ ପକ୍ଷରେ ସାକ୍ଷ୍ୟ ଦେଉଛନ୍ତି ଗଙ୍ଗୋଇ, କୋଇଲି, କଜଳପାତି ଓ କପୋତ । ବୁଢ଼ା ମାଙ୍କଡ଼ ପକ୍ଷରେ ସାକ୍ଷୀ ଦେବାକୁ ଆସିଛନ୍ତି ପାତିମାଙ୍କଡ଼ ଓ ଶାଳିଆପତନି । ହଳଦିବସନ୍ତ ପାଇଁ କାଉ ଓକିଲାତି କରି ପ୍ରମାଣ କରିଦେଲା ଯେ ମାଙ୍କଡ଼ ଦୋଷୀ । ରାଜା କାଉର ଯୁକ୍ତିକୁ ହୃଦୟଙ୍ଗମ କରି ରାୟ ଦେଲେ, "ହେ ଦୁଷ୍ଟ ମାଙ୍କଡ଼, ବିନାଦୋଷରେ ବାରମ୍ବାର ହଳଦିବସନ୍ତଙ୍କର ବସା ଭାଙ୍ଗିଥିବାରୁ ତୁମେ ଦୋଷୀ । ତୁମକୁ କଠିନ ଦଣ୍ଡ ଦିଆଯିବ ।"





https://withteachers.in/

ରାଜାଙ୍କ ରାୟ ଶୁଣି ଚଢ଼େଇମାନେ ଆନନ୍ଦରେ ବୋବେଇ ଉଠିଲେ । ମାତ୍ର ମାଙ୍କଡ଼ ଦୁଇ ଗୋଡ଼ରେ ଠିଆ ହୋଇ ଦୁଇ ହାତ ଯୋଡ଼ି କହିଲା, "ଧର୍ମାବତାର, ଆପଣଙ୍କର ଆଦେଶ ଶିରୋଧାର୍ଯ୍ୟ । ମାତ୍ର ଆପଣ କେବଳ ଆଗକୁ ଚାହିଁ ବିଚାର କରିଛନ୍ତି । ଏବେ ଟିକିଏ ପଛକୁ ଚାହିଁ ବିଚାର କରନ୍ତୁ । କାରଣ ଆଗପଛକୁ ଚାହିଁ ବିଚାର ନ କଲେ ବିଚାର ଏକତରଫା ହୋଇଯିବାର ଆଶଙ୍କା ଅଛି ।"

ରାଜା ପଛକୁ ଚାହିଁ ଦେଖିଲେ, ସିଂହାସନ ପଛପଟେ ଗୋଟିଏ ବିଶାଳ ପାଚିଲା ପଣସ ଥୁଆହୋଇଛି । ତାକୁ ଦେଖି ରାଜାଙ୍କ ମନ ଭଲିଗଲା । ସେ ସଙ୍ଗେ ସଙ୍ଗେ ବିଚାର ବଦଳାଇ ଦେଇ ରାୟ ଦେଲେ, "ହେ ଅହଙ୍କାରୀ ହଳଦିବସନ୍ତ, ପ୍ରକୃତରେ ତୁମେ ହିଁ ଦୋଷୀ । ତୁମେ ହିଁ ଦଣ୍ଡ ପାଇବ ।"

କାଉ ବିଚଳିତ ହୋଇ କହିଲା, "କା' କା'କା–ନା' ନା', ନା– ମହାରାଜ ! ହଳଦିବସନ୍ତର ଦୋଷ କ'ଣ ?"

ରାଜା କହିଲେ, "ଆରେ ନିର୍ବୋଧ କାକ, ବାନର ବଳବାନ୍ ଜୀବ । ପୁନଶ୍ଚ ସେ ଶାଖାମୃଗ ଅଟେ । ତା'ର ପ୍ରକୃତି, ସେ ଗଛଡାଳରେ ଡେଇଁବଇଁ ଡେଇଁବ ।"

କାଉ କହିଲା, "ସେ ଗଛଡାଳରେ ଡେଇଁପାରେ । ମାତ୍ର ଡେଇଁ କରି ସେ ହଳଦିବସନ୍ତର ବସା ଭାଙ୍ଗିବ କାହିଁକି ?"

ରାଜ କହିଲେ, "ମାଙ୍କଡ଼ ଯେଉଁ ଡାଳରେ ଡେଇଁବ, ହଳଦିବସନ୍ତ ଆଗ ସେ ଡାଳରେ ବସା କରିବ କାହିଁକି ? ହଳଦିବସନ୍ତ ହିଁ ଦୋଷୀ । ତାକୁ ଜେଲ୍ ଓ ଜୋରିମାନା ଦଣ୍ଡ ଉଭୟ ଦିଆଯିବ ।"

ମାଙ୍କଡ଼ ମହାନନ୍ଦରେ ରାଜାଙ୍କୁ ସଲାମ୍ ଠୁକି ଡେଇଁଡେଇଁ ଦରବାର ତ୍ୟାଗ କଲା । ଚଢ଼େଇମାନେ ନିରାଶ ହୋଇ ନିରୁପାୟଭାବେ ଦଳବାନ୍ଧି ନୀରବରେ ଫେରିଲେ । ରାଜାଙ୍କର ହଠାତ୍ ଏପରି ବିଚାର ବଦଳିଯିବାର କାରଣ ବୁଦ୍ଧିମାନ୍ କାଉ ମଧ୍ୟ ବୁଝି ପାରିଲା ନାହିଁ ।

ସେମାନେ ଅଳ୍ପ ଦୂର ଯାଇଛନ୍ତି କି ନାହିଁ, କଜଳପାତି ଦେଖିଲା, ଘରଚଟିଆ ତା'ର ଟିକିଟିକି ଡେଣାଦୁଇଟି ହଲାଇ ତୀରବେଗରେ ତାଙ୍କ ପଛେପଛେ ଛୁଟିଛି । କାରଣ କ'ଣ ଜାଣିବାକୁ ସେ ଅନ୍ୟ ଚଢ଼େଇମାନଙ୍କୁ ଅପେକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଲା । ଘରଚଟିଆ ଅଣନିଃଶ୍ୱାସୀ ହୋଇଯାଉଥାଏ । ସେ କହିଲା–

"ଚିଂ-ଚିକିଂ-ଚିଂ–ଚିଂ-ଚିକିଂ-ଚିଂ–ଭାଇମାନେ, ମୁଁ ରାଜାଙ୍କ ସିଂହାସନ ପଛ କାନ୍ଥକୁରାରେ ବସା କରିଥାଏଁ । ମୁଁ ଦେଖିଛି, ବୁଢ଼ା ମାଙ୍କଡ଼ ବହୁ ଆଗରୁ ମନ୍ତ୍ରୀକୁ ହାତକରି ରାଜସିଂହାସନ ପଛପଟେ ଗୋଟାଏ ପଣସ ଲାଞ୍ଚସ୍ୱରୂପ ରଖିଦେଇ ଥିଲା । ଲାଞ୍ଚ ପାଇ ରାଜା ଏପରି ବିଚାର ବଦଳାଇ ଦେଲେ ।"

କାଉ ଏ କଥା ଶୁଣି ବଡ଼ ଉତ୍ତ୍ୟକ୍ତ ହୋଇଗଲା । କା' କା' ରଡ଼ିରେ ସେ ଚଉଦିଗ କମ୍ପାଇ ଦେଲା । ତା' ରଡ଼ି ଶୁଣି ଶହଶହ କାଉ, କଜଳପାତି, ଚିଲ ଓ ଶାଗୁଣା ଆଦି ପକ୍ଷୀ କୁଆଡୁ ଉଡ଼ିଆସି ଜମା ହୋଇଗଲେ । ସେମାନେ ଏକାଠି ବସି ସ୍ଥିର କଲେ– ସମସ୍ତେ ମିଶି ଏଭଳି ଲାଞ୍ଚୁଆ ରାଜା ଓ ମନ୍ତ୍ରୀଙ୍କୁ ଆକ୍ରମଣ କରିବେ ଓ ସିଂହାସନରୁ ତଡ଼ିଦେବେ ।

ପକ୍ଷୀବାହିନୀ ଛୁଟି ଆସିଲେ ରାଜାଙ୍କ ଅଭିମୁଖରେ । ସବା ଆଗରେ ଥାଏ ଶଙ୍ଖଚିଲ । ସେ ଶଙ୍ଖ ଫୁଙ୍କୁଥାଏ–



https://withteachers.in/

କେଁ ଏଇଁ ଏଁ–କେଁ ଏଇଁ-ଏଁ। ତା’ ପଛକୁ ଡାମରାକୁଆ ଓ ତା’ର ଶତଶତ କୁଆବାହିନୀ। ତା’ ପଛକୁ ଶହଶହ କଜଳପାତି ଓ ତା’ ପଛକୁ ଦଳକୁଦଳ ଅନ୍ୟାନ୍ୟ ପକ୍ଷୀ। ସମସ୍ତେ ଏକାବେଳେ ରାଜାଙ୍କ ନଅର ଭିତରେ ପଶିଗଲେ। ଦେଖିଲେ, ଭଲ୍ଲୁକ ମହାରାଜ ଶୃଗାଳ ମନ୍ତ୍ରୀଙ୍କ ସହିତ ଏକତ୍ର ବସି ସେହି ପାଚିଲା ପଣସଟିକୁ ମହାଆନନ୍ଦରେ ଖାଇଲାଗିଛନ୍ତି। ଗୁଣ୍ଡିଚିମୂଷା ମଞ୍ଜି ବାହାର କରି ଖୋସାଟିମାନ ବଢ଼ାଇ ଦେଉଛି ଶୃଗାଳ ମନ୍ତ୍ରୀଙ୍କୁ। ଆଉ ସ୍ୱୟଂ ବୁଢ଼ା ମାଙ୍କଡ଼ ଗୋଟି ଗୋଟି କରି ପଣସ–ଖୋସା ବଢ଼ାଇ ଦେଉଛି ଭଲ୍ଲୁକ ମହାରାଜଙ୍କ ପାଟିକି।

ପକ୍ଷୀମାନେ ଏ ଦୃଶ୍ୟ ଦେଖି ଆହୁରି ରାଗିଗଲେ ଏବଂ ମହାକୋଳାହଳ କରି ଲାଞ୍ଜଖିଆ ରାଜା, ମନ୍ତ୍ରୀ ଓ କର୍ମଚାରୀମାନଙ୍କୁ ଖୁମ୍ପି ଲାଗିଲେ। କୁଆମାନଙ୍କର ଥଣ୍ଟର ଆଘାତରେ ବୁଢ଼ା ମାଙ୍କଡ଼ ଖଣ୍ଡିଆଖାବରା ହୋଇଗଲା। ଶୃଗାଳ ଯେତେ ଲୁଚିଲେ ମଧ୍ୟ ଚିଲମାନଙ୍କ ଆକ୍ରମଣରୁ ରକ୍ଷା ପାଇପାରିଲା ନାହିଁ। ଶେଷକୁ କଜଳପାତି ଭାଗରେ ଭଲ୍ଲୁକ ମହାରାଜ। ତାଙ୍କର ଲୋମଶ ଦେହ ଅଳ୍ପ କାଳ ମଧ୍ୟରେ ଲୋମଶୂନ୍ୟ ହୋଇଗଲା।

●●●





https://withteachers.in/

## ଲେଖକ ପରିଚୟ



ଓଡ଼ିଆ କଥାସାହିତ୍ୟରେ ମହାପାତ୍ର ନୀଳମଣି ସାହୁଙ୍କ ସୃଜନ ପରିଧି ବହୁବିଚିତ୍ର ଓ ବର୍ଣ୍ଣିଳ । କଥା ଶିଳ୍ପୀଙ୍କ ଜନ୍ମହୁଏ ୧୯୨୬ ମସିହା ଡିସେମ୍ବର ମାସ ୨୨ ତାରିଖରେ କଟକ ଜିଲ୍ଲାର ନିଆଳି ଗ୍ରାମରେ । ତାଙ୍କ ପିତାଙ୍କ ନାମ ମହାପାତ୍ର ବୀରବର ସାହୁ ଓ ମାତାଙ୍କ ନାମ ରାଧିକା ଦେବୀ । ଜୀବନର ବାସ୍ତବତାକୁ ଅବିକଳ ଭାବେ ତାଙ୍କ ଗଳ୍ପରେ ସ୍ଥାନିତ କରିଛନ୍ତି । ଏଥି ସହିତ ଉତ୍କଳୀୟ ସଂସ୍କୃତିକୁ ଅନନ୍ୟ ରୂପରାଗରେ ଉପସ୍ଥାପନ କରିବାରେ ସେ ଯେତିକି ଧୂରନ୍ଧର ସେତିକି ବିଚକ୍ଷଣ । ତାଙ୍କ ରଚନା ମଧ୍ୟରେ 'ମିଛବାଘ', 'ସୁମିତ୍ରାରହସ', 'ବିଷ୍ଣୁମାୟା', 'ଅନ୍ଧ ରାତିର ସୂର୍ଯ୍ୟ', 'ଆକାଶ ପାତାଳ' ଓ 'ଅଭିଶପ୍ତ ଗନ୍ଧର୍ବ' ପ୍ରଭୃତି ଅନେକ ଗଳ୍ପ ପୁସ୍ତକ ରହିଛି । ଶ୍ରୀଯୁକ୍ତ ସାହୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ସାରଳା ପୁରସ୍କାର ଓ ସାହିତ୍ୟ ଭାରତୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ତାଙ୍କର ଏହି 'ବିହଙ୍ଗ ବିପ୍ଳବ' ଗଳ୍ପଟି ସରକାରୀ ପୁସ୍ତକରେ ଆଗରୁ ପଠିତ 'ବିହଙ୍ଗ ବିପ୍ଳବ' ଗଳ୍ପକୁ ଏଠାରେ ପ୍ରଦତ୍ତ କରାଯାଇଛି । ଏହି ଗଳ୍ପଟିରେ ଗାଳ୍ପିକ ପଶୁପକ୍ଷୀଙ୍କ ବକ୍ତବ୍ୟ ମାଧ୍ୟମରେ ବର୍ତ୍ତମାନ ସାମାଜିକ ଜୀବନର ବାସ୍ତବ ଚିତ୍ରକୁ ଉପସ୍ଥାପନ କରିଛନ୍ତି ।

## ପାଠ୍ୟ ଅନ୍ତର୍ଗତ

### ମୋ ବୁଝିବାରେ

**(କ) ନିମ୍ନଲିଖିତ ପ୍ରଶ୍ନର ଉପଯୁକ୍ତ ଉତ୍ତର ପାଖରେ ତାରାଚିହ୍ନ (★) ଦେବା ।**

(୧) ମା' ହଳଦିବସନ୍ତ ମୁଣ୍ଡରେ କାହିଁକି ଚିନ୍ତା ମାଡ଼ି ପଡୁଛି ?

(କ) ବସନ୍ତଋତୁ ଅଳ୍ପକିଛି ଦିନ ମଧ୍ୟରେ ଚାଲିଯିବ

(ଖ) ବୁଢ଼ାମାଙ୍କଡ଼ ଡାଳକୁଡାଳ ଡେଇଁ ହଇରାଣ କରୁଥିବାରୁ

(ଗ) ମା' ହଳଦିବସନ୍ତ ବସାତିଆରି କରି ପାରୁ ନଥିବାରୁ

(ଘ) ମିଠା ପାଚିଲା କୋଳି ଗଛମାନଙ୍କରୁ ସରିସରି ଆସୁନଥିବାରୁ


(୨) ବୁଢ଼ାମାଙ୍କଡ଼ କାହା ବସାର ଛାଇ ମାଡ଼େ ନାହିଁ ?

(କ) ଡାମରାକାଉର

(ଖ) ଶାଗୁଣାର

(ଗ) ଗଙ୍ଗେଇର

(ଘ) କଜଳପାତିର





https://withteachers.in/

୩. ନିମ୍ନଲିଖିତ ଚଢ଼େଇମାନଙ୍କ ମଧ୍ୟରେ କେଉଁ ଚଢ଼େଇ ଗାୟକ ଜାତିର ?



(କ) କୁଆ

(ଖ) ମୟୂର

(ଗ) ହଳଦିବସନ୍ତ

(ଘ) ବଗ

୪. 'ପକ୍ଷୀ ଜାତିର ସଭ୍ୟତା, ସଂସ୍କୃତି ଶିଳ୍ପୀମାନଙ୍କ ଦ୍ୱାରା ବଞ୍ଚିଛି' ଏ କଥା କିଏ କହିଛି ?



(କ) ମୟୂର

(ଖ) ବଗ

(ଗ) ବୁଲବୁଲ

(ଘ) କାଉ

୫. "ସମଗ୍ର ବସୁଧା ଆମର ଜନ୍ମଭୂମି । ଆମେ କାହାକୁ ପରବୋଲି ଭାବୁ ନାହୁଁ ।" ପଠିତ ଗଳ୍ପରେ ଏକଥା କିଏ କହିଛି ?



(କ) ହଳଦିବସନ୍ତ

(ଖ) କୋଇଲି

(ଗ) ଗେଣ୍ଡାଳିଆ

(ଘ) କଜଳପାତି

୬. ଚଢ଼େଇମାନଙ୍କ ମଧ୍ୟରେ କେଉଁ ଚଢ଼େଇ ଭଲଲୋକି କରି କଳିକଜିଆ ମେଣ୍ଟାଇ ଦିଏ ?

(କ) ହଳଦିବସନ୍ତ

(ଖ) ମୟୂର

(ଗ) କଜଳପାତି

(ଘ) ଶଙ୍ଖଚିଲ

୭. ହଳଦିବସନ୍ତ ପାଇଁ ରାଜାଙ୍କ ଦରବାରରେ କିଏ ଓକିଲାତି କରିଥିଲା ?



(କ) କାଉ

(ଖ) କଜଳପାତି

(ଗ) କାକତୁଆ

(ଘ) ଘରଚଟିଆ



https://withteachers.in/

୮.   ପ୍ରଥମେ ରାଜାଙ୍କର କେଉଁ ରାୟ ଶୁଣି ଚଢ଼େଇମାନେ ଆନନ୍ଦରେ ବୋବେଇ ଉଠିଲେ ?

(କ)   ହଳଦିବସନ୍ତକୁ ଆଉ ଥରେ ବସା ତିଆରି କରିବାକୁ ନିର୍ଦ୍ଦେଶ ଦେବ ।

(ଖ)   ବୁଢ଼ାମାଙ୍କଡ଼କୁ ହଳଦିବସନ୍ତର ବସା ତିଆରି କରିବାକୁ ନିର୍ଦ୍ଦେଶ ଦେବା ।

(ଗ)   ଦୋଷୀ ବୁଢ଼ାମାଙ୍କଡ଼କୁ କଠିନ ଦଣ୍ଡ ଦିଆଯିବ

(ଘ)   ବୁଢ଼ାମାଙ୍କଡ଼କୁ ବଣରେ କେହି କଥା କହିବେ ନାହିଁ



୯.   ରାଜା ନିଜର ରାୟ ବଦଳାଇ ଦେବାର କାରଣ କ'ଣ ?

(କ)   ମନ୍ତ୍ରୀ ଶୃଗାଳର ପରାମର୍ଶ ଯୋଗୁଁ

(ଖ)   ବୁଢ଼ା ମାଙ୍କଡ଼ କଇଁକଇଁ ହୋଇ କାନ୍ଦି ପକେଇବା ଯୋଗୁଁ

(ଗ)   ଚଢ଼େଇ କୁଳକୁ ଦୁର୍ବଳ ବୋଲି ଭାବି ଦେବା ଯୋଗୁଁ

(ଘ)   ଲାଞ୍ଚସ୍ୱରୂପ ଗୋଟିଏ ପାଚିଲା ପଣସର ଲୋଭ ଯୋଗୁଁ

୧୦. କେଉଁଥିପାଇଁ ଚଢ଼େଇମାନେ ଆହୁରି ରାଗିଯାଇ ରାଜା, ମନ୍ତ୍ରୀ ଓ ରାଜକର୍ମଚାରୀମାନଙ୍କୁ ଖୁମ୍ପିବାକୁ ଲାଗିଲେ ?



(କ)   ଲାଞ୍ଚଖାଇ ରାଜା ନ୍ୟାୟ ପ୍ରଦାନ କରିବା ହେତୁ

(ଖ)   ପକ୍ଷୀବାହିନୀ ରାଜାଙ୍କୁ ବଣର ଶାସକ ରୂପେ ମାନୁନଥିବାରୁ

(ଗ)   ରାଜାଙ୍କ ସହିତ ଶୃଗାଳ ମହାମନ୍ତ୍ରୀ ପାଚିଲା ପଣସକୁ ଖାଉଥିବାର ଦେଖି

(ଘ)   ବୁଢ଼ା ମାଙ୍କଡ଼ ଭଲ୍ଲୁକ ମହାରାଜାଙ୍କୁ ପଣସ ଖୋସା ଖୁଆଇବାର ଦେଖି

(ଖ)   ତୁମର ସାଙ୍ଗମାନେ ଭିନ୍ନଭିନ୍ନ ଉତ୍ତର ବାଛିଥାଇ ପାରନ୍ତି । ତୁମ ଉତ୍ତରଗୁଡ଼ିକ ଦଳରେ ଆଲୋଚନା କରି ଠିକ୍ ଉତ୍ତର ନିର୍ଣ୍ଣୟ କର ।





## ମିଳିମିଶି ଯୋଡ଼ିବା

(କ)   ପଠିତ ପାଠରୁ ନିମ୍ନରେ କେତେଗୁଡ଼ିଏ ବାକ୍ୟ ଦିଆଯାଇଛି । ପ୍ରତ୍ୟେକ ବାକ୍ୟ ପାଇଁ ଦୁଇଟି ଲେଖାଏଁ ଅର୍ଥସୂଚକ ବାକ୍ୟ ଦିଆଯାଇଛି । ତୁମେ ତୁମ ଦଳର ସାଙ୍ଗମାନଙ୍କ ସହିତ ଆଲୋଚନା କରି ସବୁଠାରୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟ ସହିତ ରେଖାଚିହ୍ନ ଦ୍ୱାରା ସଂଯୋଗ କର ।



https://withteachers.in/

| ସଂଖ୍ୟା | ବାକ୍ୟ | ଅର୍ଥ |
|---|---|---|
| ୧. | ଯେତେ କାକୁତି ମିନତି କହିଲେ ବି ବୁଢ଼ା ମାଙ୍କଡ଼ ତା' କଥା ଶୁଣିବାକୁ ନାହିଁ । | (କ) ହଳଦିବସନ୍ତର ଧୀର ସ୍ୱର ଯୋଗୁଁ ବୁଢ଼ାମାଙ୍କଡ଼ କର୍ଣ୍ଣକୁ ସ୍ପଷ୍ଟ ରୂପେ ଶୁଭୁନଥିଲା ।<br>(ଖ) ହଳଦିବସନ୍ତ ତା' ବସା ନଭାଙ୍ଗିବାକୁ ଅନୁରୋଧ କଲେ ମଧ୍ୟ, ବୁଢ଼ାମାଙ୍କଡ଼ ତା'କଥା କେବେହେଲେ ମାନୁନଥିଲା । |
| ୨. | ସେଥିପାଇଁ ତ ବୁଢ଼ାମାଙ୍କଡ଼ ଆମ ବସାର ଛାଇ ମାଡ଼େ ନାହିଁ । | କ. ଡାମରା କାଉର ଆକ୍ରମଣକୁ ଭୟ କରି ବୁଢ଼ା ମାଙ୍କଡ଼ କାଉର ବସା ପାଖକୁ ଯାଏ ନାହିଁ ।<br>ଖ. କାଉ ବସାର ଛାଇଦେଖି ବୁଢ଼ାମାଙ୍କଡ଼ ସେହି ଛାଇକୁ ନଡେଇଁ ଦୂରେଇ କରି ଯାଇଥାଏ । |
| ୩. | ଆଜିକାଲି ତ ତୁମମାନଙ୍କର କଚେବାର । | କ. ଗାଡ଼ିଆ ପୋଖରୀର ପାଣି ଶୁଖିଯାଉଥିବାରୁ ଗଙ୍ଗେଇ ସହଜରେ ମାଛ ଗୁଡ଼ିକୁ ପାଇ ଆନନ୍ଦିତ ହେବା ।<br>ଖ. ଗାଡ଼ିଆ ପୋଖରୀର ପାଣି ଶୁଖି ଆସୁଥିବାରୁ ଗଙ୍ଗେଇ ସହଜରେ ମାଛ ପାଇ ଯାଉଥିବାରୁ ଏହି କଥା କୁହାଯାଇଛି । |
| ୪. | ଜୋର ଯା'ର ମୂଲକ ତା'ର | କ. ଶକ୍ତିଶାଳୀ ହିଁ ଆଧିପତ୍ୟ ବିସ୍ତାର କରିଥାଏ ଏବଂ ବଳପ୍ରୟୋଗ କରି କାର୍ଯ୍ୟ ହାସଲ କରିଥାଏ ।<br>ଖ. ବଳୁଆ ମଣିଷ ବଳପ୍ରୟୋଗ କରି ରାଜ ସିଂହାସନର ଅଧିକାରୀ ହୋଇଥାଏ । |
| ୫. | କଜଳପାତିର ସବୁକଥା ତା'ର ଏକାନରେ ପଶି ସେ କାନରେ ବାହାରି ଗଲା । | କ. ମାଙ୍କଡ଼, ଚଢ଼େଇ ତୁଳନାରେ ବହୁତ ବଡ଼ ହୋଇଥିବାରୁ କଜଳପାତିର ସବୁକଥା ତା' କାନରେ ପଶି ଆର କାନରେ ବାହାରିଗଲା ।<br>ଖ. ଗର୍ବୀ ଓ ଅହଙ୍କାରୀ ବୁଢ଼ାମାଙ୍କଡ଼ କଜଳପାତିର କୌଣସି କଥା ପ୍ରତି ଧ୍ୟାନ ଦେଲା ନାହିଁ । |
| ୬. | ଆଗ ପଛକୁ ଚାହିଁ ବିଚାର ନକଲେ ବିଚାର ଏକତରଫା ହୋଇଯିବାର ଆଶଙ୍କା ଅଛି । | କ. ବୁଝି ବିଚାରି ସ୍ଥିର ମନରେ ବିଚାର ନକଲେ ରାୟ ଭୁଲ ହୋଇଯିବାର ସମ୍ଭାବନାକୁ ଏଡ଼େଇ ହେବ ନାହିଁ ।<br>ଖ. ବିଚାର କଲାବେଳେ ବିଚାରକ ଟିକିଏ ଆଗକୁ ଓ ପଛକୁ ଚାହିଁଲେ ମାନସିକ ଅବସ୍ଥା ଠିକ୍ ରହିବ । |





https://withteachers.in/

ଖ. ନିଜ ଉତ୍ତର ସହିତ ସାଙ୍ଗମାନଙ୍କର ଉତ୍ତରଗୁଡ଼ିକୁ ମିଳାଇ ତୁମେ ଯେଉଁ ଉତ୍ତରସବୁ ବାଛିଲ ସେ ବିଷୟରେ ଆଲୋଚନା କର ।





## ବାକ୍ୟଗୁଡ଼ିକ ଉପରେ ଆଲୋଚନା

ପଠିତ ଗପରୁ କେତେଗୁଡ଼ିଏ ବାକ୍ୟ ନିମ୍ନରେ ଦିଆଯାଇଛି । ସେଗୁଡ଼ିକୁ ମନଦେଇ ପଢ଼ିବା ଏବଂ ତା’ ବିଷୟରେ ଚିନ୍ତାକରି ଏହାର ଅର୍ଥ ସରଳ ଭାବେ ନିଜନିଜ ମଧ୍ୟରେ ଆଲୋଚନା କରି ଲେଖିବା ।

(କ) କିନ୍ତୁ ଏ ପରଘର ଭଙ୍ଗା ବୁଢ଼ାମାଙ୍କଡ଼ ତ ମୂଳରୁ ବସା ରଖାଇ ଦେଉନାହିଁ ।

(ଖ) ନାହିଁହୋ ! ମଣିଷ ପେଟକୁତ ସବୁ ନିଅଣ୍ଟ ପଡ଼ିଲାଣି । ଗାଡ଼ିଆ ପୋଖରୀରେ ଆଜିକାଲି କୁଜି ଗେଣ୍ଡାଟିଏ ବି ମିଳିବା କଷ୍ଟକର ।

(ଗ) ଆମେ ହେଲୁ ଶିଳ୍ପୀ ! ସମଗ୍ର ବସୁଧା ଆମର ଜନ୍ମଭୂମି । ଆମେ କାହାକୁ ପର ଭାବୁନାହୁଁ । ସମସ୍ତେ ଆମର ନିଜର ।



## ଭାବିଚିନ୍ତି ଉତ୍ତର ଦେବା



ପଠିତ ବିଷୟଟିକୁ ଭଲ ଭାବରେ ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ।

(କ) ହଳଦିବସନ୍ତ ଦୁଃଖରେ କାହିଁକି କାନ୍ଦି ପକେଇଲା ?

(ଖ) କୁଆମାନେ କିପରି ଅନ୍ୟାୟର ପ୍ରତିରୋଧ କରନ୍ତି ?

(ଗ) ଗଙ୍ଗେଇ କେଉଁ ପରିବେଶ ଦେଖି ହଳଦିବସନ୍ତକୁ ଗୀତଗାଇବାକୁ କହିଲା ?

(ଘ) ବିଦେଶୀ ଚଢ଼େଇମାନଙ୍କ ପ୍ରତି ବଗର କେଉଁ ଧାରଣା ଥିଲା ?

(ଙ) କଜଳପାତିକୁ ଚଢ଼େଇମାନେ ଭୟ ଓ ଶ୍ରଦ୍ଧା କରିବାର କାରଣ କ’ଣ ?

(ଚ) ସେହି ବଣରେ ଭାଲୁକୁ କାହିଁକି ରାଜା କରାଯାଇଥିଲା ?

(ଛ) ପ୍ରଥମେ ରାଜାଙ୍କର କେଉଁ ରାୟ ଶୁଣି ପକ୍ଷୀମାନେ ଆନନ୍ଦରେ ବୋବେଇ ଉଠିଲେ ?

(ଜ) କେଉଁଥିପାଇଁ ରାଜା ଦେଇଥିବା ରାୟକୁ ପୁଣି ବଦଳାଇ ଦେଲେ ?

(ଝ) ଘରଚଟିଆ ରାଜଦରବାରର ସମସ୍ତ ଖବର କିପରି ଜାଣି ପାରୁଥିଲା ?

(ଞ) ଏହି ଗପରେ କାହାର ଚରିତ୍ର ତୁମକୁ ବେଶୀ ଭଲ ଲାଗୁଛି ?

(ଟ) ଚଢ଼େଇମାନେ ରାଜାଙ୍କ ଅନ୍ୟାୟ କାର୍ଯ୍ୟ ଜାଣିପାରି କ’ଣ କରିବାକୁ ସ୍ଥିର କଲେ ?

(ଠ) ବିହଙ୍ଗ ବିପ୍ଳବ ଗପରୁ କେଉଁ ଶିକ୍ଷା ମିଳିଲା ?





https://withteachers.in/

## ଅନୁମାନ ଓ କଳ୍ପନା



ସାଙ୍ଗମାନଙ୍କ ସହିତ ଆଲୋଚନା କରିବା

(୧) ହଳଦିବସନ୍ତ ତୁମ ଘର ତାଜା ଉପରେ ବସା ବାନ୍ଧିଥିଲେ, ତୁମେ କ'ଣ କରିଥାଆନ୍ତ ?

(୨) ବୁଢ଼ାମାଙ୍କଡ଼ ଦୁଷ୍ଟ ଓ ଗର୍ବୀ ହୋଇନଥିଲେ କ'ଣ ଭଲ ହୋଇଥାଆନ୍ତା ?

(୩) ଗାଡ଼ିଆ ପୋଖରୀର କେଉଁ ପରିସ୍ଥିତିରେ ଗଙ୍ଗେଇର "କଚେବାର" ହୋଇପାରି ଥାଆନ୍ତା ?

(୪) ବିଦେଶୀମାନେ ତୁମର ଅତିଥି ହେଲେ, ତୁମେ ତାଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରିବ ?



(୫) ବଗର କି ସ୍ୱଭାବ ହୋଇଥିଲେ ତାକୁ ସବୁ ଚଢ଼େଇ ଆଦର କରିଥାଆନ୍ତେ ?

(୬) ଭାଲୁ ରାଜା ଲାଞ୍ଚୁଆ ହୋଇନଥିଲେ, ସେ କିପ୍ରକାର ବିଚାର କରିଥାଆନ୍ତେ ?

(୭) ଶାସକ ଯଦି ନ୍ୟାୟୋଚିତ ବିଚାର ନକରେ, ତେବେ ରାଜ୍ୟରେ କେଉଁ ପରିସ୍ଥିତି ସୃଷ୍ଟି ହେବ ?

(୮) ଘରଚଟିଆ ଯଦି ରାଜାଙ୍କ ସିଂହାସନ ପଛରେ ପାଚିଲା ପଣସ ଦେଖି ନଥାନ୍ତା, ତେବେ କ'ଣ ହୋଇଥାଆନ୍ତା ?

(୯) ବିହଙ୍ଗ ବିପ୍ଳବ ସଫଳ ହେବାପରେ, ବଣ ମୂଳକର ଶାସନ କ୍ଷେତ୍ରରେ କେଉଁ ପରିବର୍ତ୍ତନ ଆସିଥିବ ?

## ଅଭିନୟ



ତଳେ ଦିଆଯାଇଥିବା ପରିସ୍ଥିତି ପାଇଁ ସାଙ୍ଗମାନଙ୍କ ସହିତ ଆଲୋଚନା କର। ଚରିତ୍ରମାନଙ୍କର କଥୋପକଥନକୁ କଳ୍ପନା କରିବା ସହିତ ଲେଖିବା ଓ ତାକୁ ନେଇ ଅଭିନୟ କରିବା।

(୧) ହଳଦିବସନ୍ତ ପାଖରେ କାଉ ପହଞ୍ଚିବା ପରଠାରୁ ସେମାନେ ଯାହାସବୁ କଥାବାର୍ତ୍ତା ହୋଇଥିଲେ ତା'ର ନାଟ୍ୟରୂପ ପ୍ରସ୍ତୁତ କରି ସାଙ୍ଗମାନଙ୍କୁ ନେଇ ଅଭିନୟ କରିବା।

(୨) ବଗ ହଳଦିବସନ୍ତ ପାଖରେ ପକ୍ଷୀମାନଙ୍କ ସହିତ ଯେଉଁ ସବୁ ପ୍ରକାରର କଥୋପକଥନ ହୋଇଛି, ତାକୁ ଖାତାରେ ଲେଖିବା ଏବଂ ତା'ର ନାଟ୍ୟରୂପ ଦେବା ସହିତ ସାଙ୍ଗମାନଙ୍କୁ ନେଇ ଅଭିନୟ କରିବା।

(୩) ଭାଲୁ ରାଜାଙ୍କର ବିଚାରରେ ମାଙ୍କଡ଼ ଦୋଷୀ ହେବା ଏବଂ ପରେ ହଳଦିବସନ୍ତକୁ ଦୋଷୀ ବୋଲି ରାୟ ଦେବା ଘଟଣାକୁ ନାଟ୍ୟରୂପ ଦେବା ସହିତ ସାଙ୍ଗମାନଙ୍କ ସହିତ ମିଶି ଅଭିନୟ କର।



https://withteachers.in/

## ବଦଳିଯାଉଥିବା ଗପ



(୧) ବୁଢ଼ାମାଙ୍କଡ଼ କଜଳପାତିର ପ୍ରସ୍ତାବକୁ ମାନି ନେଇଥିଲେ, ଗପଟି କେଉଁ ମୋଡ଼ ନେଇ ଲେଖାଯାଇପାରିଥା'ନ୍ତା ? ତାକୁ ଚିନ୍ତା କରି ନିଜେ ଲେଖିବା ।

## ଶବ୍ଦର ଠିକ୍ ବନାନ୍

**(୧) ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ ଠିକ୍ ଶବ୍ଦରେ ଗୋଲ ବୁଲାଇ ନିର୍ଦ୍ଦିଷ୍ଟ କରିବା ।**



(କ) ଦୁରାବସ୍ଥା, ଦୂରବସ୍ଥା, ଦୁରବସ୍ଥା

(ଖ) ଶିରୋଧାର୍ଯ୍ୟ, ଶିରଧାର୍ଯ୍ୟ, ଶିରୋଦ୍ଧାର୍ଯ୍ୟ

(ଗ) ଭର୍ଚ୍ଛନା, ଭର୍ତ୍ସନା, ଭସ୍ର୍ନା

(ଘ) ଅସ୍ତବ୍ୟସ୍ତ, ଅସ୍ତବସ୍ତ, ଅସ୍ତବ୍ୟସ୍ତ୍ୟ

(ଙ) ଦୁର୍ଦ୍ଧଶା, ଦୁର୍ଦଶା, ଦୂର୍ଦ୍ଧଶା

**(୨) ବିଶେଷ୍ୟ ଓ ବିଶେଷଣର ମେଳ**

<u>ବୁଢ଼ା</u> <u>ମାଙ୍କଡ଼</u>; <u>କୁନିକୁନି</u> <u>ଥଣ୍ଟ</u>

ଉପର ଲିଖିତ ଯୋଡ଼ାପଦମାନଙ୍କରେ ଦୁଇଟି ଲେଖାଏଁ ପଦ ଯୋଡ଼ି ହୋଇଛନ୍ତି । ସେଥିମଧ୍ୟରୁ ପ୍ରଥମ ରେଖା ଚିହ୍ନିତ ପଦ ଦ୍ୱିତୀୟ ପଦକୁ ବିଶେଷିତ କରୁଥିବାରୁ ସେହି ପଦକୁ ବିଶେଷଣପଦ ଓ ପରପଦକୁ ବିଶେଷ୍ୟ ପଦ କୁହାଯାଏ । ଏହିପରି କେତେକ ଶବ୍ଦ ପଠିତ ଗପରୁ ଖୋଜି ସଂଗ୍ରହ କରିବା ଏବଂ ସାଙ୍ଗମାନଙ୍କ ସହିତ ଆଲୋଚନା କରିବା ଏବଂ ଲେଖିବା ।

## କହିବାର ଢଙ୍ଗ / ଶୈଳୀ



ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ଥିବା ରେଖା ଚିହ୍ନିତ ପଦଗୁଡ଼ିକୁ ଧ୍ୟାନର ସହିତ ପଢ଼ିବା । ଏହାର ଆକ୍ଷରିକ ଅର୍ଥ ଏଠାରେ ପ୍ରକାଶିତ ନହୋଇ ଅଲଗା ଅର୍ଥ ପ୍ରକାଶିତ ହେଉଛି । ତେଣୁ ଏହାକୁ ରୂଢ଼ି କୁହାଯାଏ ।

(୧) ବୁଢ଼ାମାଙ୍କଡ଼ ମନ୍ତ୍ରୀଙ୍କୁ <u>ହାତକରି</u> ସିଂହାସନ ପଛପଟେ ଗୋଟିଏ ପାଚିଲା ପଣସ ଲାଞ୍ଚ ସ୍ୱରୂପ ରଖି ଦେଇଥିଲା ।

ହାତ କରିବା ଅର୍ଥ – ନିଜ ପକ୍ଷକୁ ଆଣିବା ।



https://withteachers.in/

(୨) ସେଥିପାଇଁ ତ ବୁଢ଼ାମାଙ୍କଡ଼ ଆମ ବସାର ଛାଇ ମାଡ଼େ ନାହିଁ।

ଛାଇମାଡ଼େ ନାହିଁ ଅର୍ଥ – ପାଖକୁ ଯାଏ ନାହିଁ।

ପୁନଶ୍ଚ 'ହାତକରିବା' ରୂଢ଼ିପରି ଆଉ କେତୋଟି ରୂଢ଼ି ହେଲା–

ନାଆଁ କରିବା, ଚଳୁ କରିବା, ହାତ କରିବା, ତିଳକୁ ତାଳ କରିବା ଏହି ରୂଢ଼ିଗୁଡ଼ିକୁ ବାକ୍ୟରେ ବ୍ୟବହାର କରି ସାଙ୍ଗମାନଙ୍କୁ ଶୁଣାଇବା ଓ ଲେଖିବା।



## ବଣର ପଶୁପକ୍ଷୀ

ଏହି ଗପରେ ବଣର କେତେକ ପଶୁପକ୍ଷୀ ମଣିଷ ଭଳି କଥାବାର୍ତ୍ତା କରିଛନ୍ତି। ତୁମେ ସେହି ପ୍ରାଣୀମାନଙ୍କର ଏକ ସୂଚୀ ତିଆରି କର। ସେମାନେ ମଣିଷମାନଙ୍କ ଭଳି କ'ଣ କ'ଣ କହିଛନ୍ତି, ତାହା ଲେଖ। ଉଦାହରଣ– (କ) ମାଆ ହଳଦିବସନ୍ତ – "ସେହି ନିଆଁଜଳା ବୁଢ଼ା ମାଙ୍କଡ଼କୁ ଜବତ କରିବା ପାଇଁ କ'ଣ ଏଠି କେହି ନାହିଁ ?



## ବାଦ ବିବାଦ

"ଭାଲୁ ମହାରାଜାଙ୍କର ଦ୍ୱିତୀୟ ରାୟ ଠିକ୍।"

ଶ୍ରେଣୀରେ ଥିବା ଅଧେ ପିଲା ଏହି ବାକ୍ୟଟିର ସପକ୍ଷରେ ତର୍କ କରିବେ, ଅବଶିଷ୍ଟ ପିଲା ବିପକ୍ଷରେ କହିବେ। ଶେଷରେ ଠିକ୍ କଥା ହିଁ ସ୍ଥିର କରାଯିବ। (କେବଳ ଶ୍ରେଣୀଗୃହରେ ଶିକ୍ଷକ /ଶିକ୍ଷୟିତ୍ରୀଙ୍କର ଉପସ୍ଥିତିରେ ଆଲୋଚନା କର।)



## ଗପ ରଚନା

"ସେହି ନିଆଁଗିଳା ବୁଢ଼ାମାଙ୍କଡ଼କୁ ଜବତ କରିବା ପାଇଁ କ'ଣ ଏଠି କେହି ନାହିଁ ?"

ଅର୍ଥ : ଏଠାରେ ମାଆ ହଳଦିବସନ୍ତ କ୍ରୋଧରେ ଜର୍ଜରିତ ହୋଇ ତା' ଅସୁବିଧାର ପ୍ରତିକାର ପାଇଁ ଚିନ୍ତା ବ୍ୟକ୍ତ କରିଛି। ଏହାପରେ ମାଙ୍କଡ଼ର ଅତ୍ୟାଚରରୁ ରକ୍ଷା ପାଇବା ପାଇଁ ଉପାୟ ଖୋଜା ଯାଇଛି।

ପଠିତ ଗପରେ ଏହିଭଳି ବିଶେଷତ୍ୱ ଥିବା ବାକ୍ୟଦୁଇଟି ଲେଖିବା।







https://withteachers.in/

## ପାଠ୍ୟ ବହିର୍ଭୂତ

(କ) ଆମ ବାସସ୍ଥାନର ଚତୁର୍ଦ୍ଦିଗରେ ବାସ କରୁଥିବା ପକ୍ଷୀମାନେ କିପରି ନିଜନିଜ ମଧ୍ୟରେ ସମ୍ପର୍କ ସ୍ଥାପନ କରି ଚଳନ୍ତି, ସେ ସମ୍ବନ୍ଧରେ ଆଲୋଚନା କରିବା ।

(ଖ) ଯଦି ଶାସକ ଲୋଭର ବଶବର୍ତ୍ତୀ ହୋଇ ଏହିପରି ଏକତରଫା ବିଚାର କରନ୍ତି, ତେବେ ତା'ର କିପରି ପ୍ରତିକାର କରିବ, ସାଙ୍ଗମାନଙ୍କ ସହିତ ଆଲୋଚନା କର ।

(ଗ) ଆମ ସମାଜରେ ଘଟୁଥିବା ଅନ୍ୟାୟକୁ ବିରୋଧ କରିବା ପାଇଁ ତୁମ ଶକ୍ତି ଅନୁଯାୟୀ କ'ଣ କରିପାରିବ ସାଙ୍ଗମାନଙ୍କ ସହ ଆଲୋଚନା କର ।



## ପକ୍ଷୀମାନଙ୍କର ବସା



(କ) ଚଢ଼େଇମାନେ ନିଜ ବସାକୁ ବହୁତ ଭଲ ପାଆନ୍ତି । ମାଆ ଚଢ଼େଇ ସେଠାରେ ଅଣ୍ଡା ଦେଇ ଛୁଆକୁ ଅତି ଯତ୍ନରେ ପାଳିଥାଏ । ସେ ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ନିଜ ବସାର ମଧ୍ୟ ସଫାସୁତୁରା ରଖିବାରେ କେବେ ଅବହେଳା କରନ୍ତି ନାହିଁ । ଏମିତିକି ନିଜ ଶାବକର ମଳ ମଧ୍ୟ ସେମାନେ ସଫା କରନ୍ତି । ଭିନ୍ନଭିନ୍ନ ପକ୍ଷୀ ଭିନ୍ନ ଭିନ୍ନ ଢଙ୍ଗରେ ବସା ମଧ୍ୟ ତିଆରି କରନ୍ତି । ତୁମ ଆଖପାଖରେ ଥିବା ପକ୍ଷୀ ବସା ସବୁକୁ ଖୋଜି ଧ୍ୟାନର ସହ ଦେଖ କିନ୍ତୁ ସେମାନଙ୍କ ବସାକୁ ହାତ ବଢ଼ାଇବ ନାହିଁ । ସେମାନଙ୍କ ମନରେ ଦୁଃଖ ଦେବା ନାହିଁ କି ସେମାନଙ୍କୁ ଆଘାତ କରିବା ନାହିଁ । (ଅଭିଭାବକ କିମ୍ବା ଶିକ୍ଷକଙ୍କର ସହଯୋଗ ନେଇପାରିବ)

ଏଥିପାଇଁ ଗୋଟେ ସୂଚୀ ତିଆରି କରିବା

| କ୍ରମିକ ସଂଖ୍ୟା | ଚଢ଼େଇର ନାମ | ବସା କେଉଁଥିରେ ତିଆରି ହୋଇଛି | ବସାରେ କ'ଣ ସବୁ ଆମେ ଦେଖୁଛେ | ବସାଟି କେଉଁ ସ୍ଥାନରେ ଅଛି (ସ୍ଥାନର ନାମ) |
|---|---|---|---|---|
| | | | | |
| | | | | |
| | | | | |
| | | | | |
| | | | | |





https://withteachers.in/

(ଖ) ବିଭିନ୍ନ ପକ୍ଷୀମାନଙ୍କର ଚିତ୍ର ଏବଂ ସେମାନଙ୍କର ବସାର ଚିତ୍ର ନିଜ ଡ୍ରଇଁ ଖାତାରେ କରିବା ସହିତ ସେହି ଚିତ୍ର ଗୁଡ଼ିକ କେଉଁ ଚଢ଼େଇବସା ତା' ତଳେ ଲେଖିବା ।



## ଚଢ଼େଇମାନଙ୍କର ସ୍ୱର

ଆମେ ସକାଳୁ ସଞ୍ଜ ଯାଏ ବିଭିନ୍ନ ପଶୁପକ୍ଷୀମାନଙ୍କର ରାବ ଶୁଣୁଛେ । ସେମାନଙ୍କ ରାବକୁ ରେକର୍ଡ଼ କରି ରଖିବା । ଅବସର ସମୟରେ ସେଇ ରାବଗୁଡ଼ିକୁ ଶୁଣିବା ଏବଂ ଅନ୍ୟମାନଙ୍କୁ ଶୁଣାଇବା । ନିଜେ ଏହି କାର୍ଯ୍ୟଟି କଲେ, ମନରେ ଆନନ୍ଦ ଆସିବା ସହିତ ଚଢ଼େଇମାନଙ୍କ ପ୍ରତି ଶ୍ରଦ୍ଧା ବଢ଼ିବ । ନିଜର ଆତ୍ମବିଶ୍ୱାସ ବଢ଼ିବ । ସାହସ ମଧ୍ୟ ବଢ଼ିବ । (ଏଥିପାଇଁ ଦରକାର ହେଲେ ଅଭିଭାବକମାନଙ୍କର ସହଯୋଗ ଯୋଡ଼ି ପାରିବ) ।



## ଆଜିର ପହଲି / ପ୍ରହେଳିକା


ନିମ୍ନରେ ଦିଆଯାଇଥିବା ଚିତ୍ର – ପହଲିରେ ବିଲେଇଟି କିପରି ମୂଷା ପାଖରେ ପହଞ୍ଚି ପାରିବ ପେନ୍‌ସିଲ ଗାର ପକାଇ ଦର୍ଶାଅ । ମନେ ରଖିବାକୁ ହେବ ଯେ, ପହଲିର ଗୋଟିଏ ବଡ଼ ଦିଗ ହେଉଛି, ପିଲା ମନରେ କୌତୁହଳ ସୃଷ୍ଟି କରିବା । ଏଇ ଲୁକ୍‌କାୟିତ ଭାବ ହିଁ ପହଳିର କୌତୁହଳ ଉଦ୍ରେକକାରୀ ଉପାଦାନ । ଏଠାରେ ଚିତ୍ର ପହଲିଟି ଦିଆଯାଇଛି । ଯାହାକି ତୁମ ମନରେ ଅତ୍ୟନ୍ତ ଆଗ୍ରହ ଆଣିଦେବ ।





https://withteachers.in/

## ପଠନ ନିମନ୍ତେ – ୨



# ପାଞ୍ଚ ବନ୍ଧୁ

## (ପଞ୍ଚତନ୍ତ୍ର କାହାଣୀ)

ଅନୁବାଦକ : ପ୍ରଭାକର ମିଶ୍ର

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଭାରତ ସରକାର



ଅନେକ ଦିନ ପୂର୍ବେ ମାଡ୍ରାସ ସହରରେ ମଇଲାପୁର ବର୍ତ୍ତମାନ ଯେଉଁଠି ଅଛି, ସେଠାରେ ଗୋଟିଏ ବିଶାଳ ଅରଣ୍ୟ ଥିଲା ଓ ସେଥିରେ ଗୋଟିଏ ବିରାଟ ବରଗଛ ଥିଲା। ଏହି ଗଛରେ ହଜାର ହଜାର ପକ୍ଷୀ ଓ ମାଙ୍କଡ଼ ଆଶ୍ରୟ ନେଉଥିଲେ। ପକ୍ଷୀ ଓ ମାଙ୍କଡ଼ମାନେ ଉତ୍ତମ ବନ୍ଧୁଭାବରେ ଗୋଟିଏ ବଡ଼ ପରିବାର ଭଳି ବାସ କରୁଥିଲେ।

ଦିନେ ଲଘୁପତନକ ନାମକ କାଉ ବରଗଛର ସବୁଠାରୁ ଉଚ୍ଚ ଡାଳରେ ବସିଥିବା ସମୟରେ ଗୋଟିଏ ଶିକାରୀ ଗଛ ଆଡ଼କୁ ଆସୁଥିବାର ଦେଖିଲା। ସେ ଲୋକଟା କଳାହୋଇ





https://withteachers.in/

ବଡ଼ ମଣିଷଟାଏ ଏବଂ ତା'ର ମୁହଁଟା ଭୟଙ୍କର ଦିଶୁଥାଏ। ସେ କାନ୍ଧରେ ଗୋଟିଏ ଜାଲ ପକେଇଥାଏ। କାଉ ଜାଣିଥିଲା ଯେ ଶିକାରୀ ଗଛରୁ ଚଢ଼େଇ ଧରିବାକୁ ଆସୁଛି। ତେଣୁ ସେ ତା'ର ବନ୍ଧୁମାନଙ୍କୁ ରକ୍ଷା କରିବାକୁ ଚାହିଁଲା। ଦେଖିଲା ଯେ ଶିକାରୀ ଗଛତଳେ ଜାଲ ବିଛେଇ ଦେଇ ବିଷାକ୍ତ ଚାଉଳ ବିଞ୍ଚିଦେଲା। କାଉ ଚଢ଼େଇମାନଙ୍କୁ ସତର୍କ କରିଦେଲା ଯେମିତି ସେମାନେ ଚାଉଳ ଲୋଭରେ ନିରାପଦ ବରଗଛ ଛାଡ଼ି ନ ଯାଆନ୍ତି। ଶିକାରୀ ଗଛତଳେ ଅପେକ୍ଷା କରି ବସି ରହିଲା। ଚଢ଼େଇମାନେ ତଳକୁ ଓହ୍ଲାଇ ଚାଉଳ ଖୁଣ୍ଟିବାକୁ ଗଲେନାହିଁ ଏବଂ ଶିକାରୀ ଗୋଟାଏ ସୁଦ୍ଧା ଚଢ଼େଇ ଧରିବାକୁ ସକ୍ଷମ ହେଲା ନାହିଁ।

ଠିକ୍ ସେତିକିବେଳେ ଦଳେ କପୋତ ଉଡ଼ି ଆସିଲେ। କପୋତ ରାଜା ଚିତ୍ରଗ୍ରୀବ କପୋତମାନଙ୍କ ଆଗରେ ଥିଲା। ସେ ଭୂମିରେ ପଡ଼ିଥିବା ଚାଉଳ ଦେଖିଲା ଓ ତତ୍‌କ୍ଷଣାତ୍ ସବୁତକ କପୋତ ଚାଉଳ ଉପରକୁ ଝାମ୍ପ ଦେଇ ଜାଲରେ ଧରା ପଡ଼ିଲେ। କପୋତରାଜା ଅତି ଦୁଃଖିତ ହେଲା। କାରଣ ତା'ର ନିର୍ବୋଧତା ଯୋଗୁଁ ତା'ର ଅନୁଗାମୀମାନେ ମରିବାକୁ ଯାଉଛନ୍ତି। ତଥାପି ସେ ଆଶା ହରାଇଲା ନାହିଁ। ଶିକାରୀ କବଳରୁ ଖସିଯିବାର ଗୋଟିଏ ଉପାୟ ସେ ଭାବିଲା। ସେ କହିଲା, "ବନ୍ଧୁଗଣ, ଯାହା ଘଟିଗଲାଣି ସେଥିପାଇଁ ଲୁହ ଗଡ଼ାଇ କିଛି ଲାଭ ନାହିଁ। ଏହି ଜାଲରୁ ଖସିବା ପାଇଁ ମୁଁ ଗୋଟାଏ ଉପାୟ ଭାବିଛି। ଶିକାରୀ ଆସିବା



ପୂର୍ବରୁ ଚାଲ ସମସ୍ତେ ଏକ ସମୟରେ ଉଡ଼ିଯିବା। ଜାଲ ସହିତ ଲୋକଟାର ନଜରରୁ ଦୂରେଇ ଯିବା ବର୍ତ୍ତମାନ ଏକମାତ୍ର ପନ୍ଥା।" ଆଦେଶ ପାଇବାମାତ୍ରେ କପୋତମାନେ ଜାଲକୁ ନେଇ ଉଡ଼ିଗଲେ। କିଛି ଦୂର ଯାଏ ଶିକାରୀ ସେମାନଙ୍କ ପଛରେ ଗୋଡ଼ାଇଲା କିନ୍ତୁ ସେମାନେ ଗୋଟିଏ ପାହାଡ଼ ଉପରେ ଅଦୃଶ୍ୟ ହୋଇଗଲେ ଓ ଶିକାରୀ ଆଉ ସେମାନଙ୍କୁ ଦେଖି ପାରିଲା ନାହିଁ।

ପାହାଡ଼ର ଆର ପଟରେ ଚିତ୍ରଗ୍ରୀବର ବନ୍ଧୁ ହିରଣ୍ୟକ ନାମକ ମୂଷା ବାସ



https://withteachers.in/



କରୁଥିଲା । ଚିତ୍ରଗ୍ରୀବ ତାକୁ କହିଲା, "ଶୀଘ୍ର ଆସ ଓ ଆମମାନଙ୍କୁ ରକ୍ଷା କର । "ହିରଣ୍ୟକ ଚିତ୍ରଗ୍ରୀବକୁ ଦେଖି ଭାରି ଆନନ୍ଦିତ ହେଲା, କାରଣ ଅନେକ ଦିନ ହେଲା ସେ ତା'ର ବନ୍ଧୁକୁ ଦେଖି ନଥିଲା । ଯାହା ସବୁ ଘଟିଥିଲା ଚିତ୍ରଗ୍ରୀବ ସେ କଥା ହିରଣ୍ୟକ ଆଗରେ ବଖାଣି ସାରି କହିଲା, "ବନ୍ଧୁ, ଶୀଘ୍ର ଏ ଜାଲ କାଟି ଦେଇ ମୋର ଅନୁଗାମୀମାନଙ୍କୁ ମୁକ୍ତକର ଯାହା ଫଳରେ ସେମାନେ ତାଙ୍କର ବସାକୁ ଉଡ଼ିଯାଇ ପିଲାମାନଙ୍କୁ ଦେଖିବେ ।" ଚିତ୍ରଗ୍ରୀବର ବ୍ୟବହାରରେ ହିରଣ୍ୟକ ମୁଗ୍ଧ ହେଲା । ସେ କହିଲା "ବନ୍ଧୁ ତୁମେହିଁ ପ୍ରକୃତ ନେତା । ପ୍ରକୃତ ରାଜା ସେ' ଯେ ନିଜ କଥା ନଭାବି ସେମାନଙ୍କ ବିଷୟ ଚିନ୍ତା କରେ ଯେଉଁମାନେ ତା'ର ସେବା କରନ୍ତି । ମୁଁ ତୁମ ସମସ୍ତଙ୍କୁ ମୁକ୍ତ କରି ଦେବି ।" ହିରଣ୍ୟକ ମୂଷା ତା'ର ମୁନିଆ ଦାନ୍ତରେ ଜାଲକୁ କାଟି ପକାଇ ସବୁ କପୋତମାନଙ୍କୁ ମୁକ୍ତ କରିଦେଲା । ଚିତ୍ରଗ୍ରୀବ ଓ ତା'ର ଅନୁଗାମୀମାନେ ସେମାନଙ୍କର ବସାକୁ ଉଡ଼ିଗଲେ ।

ହରିଣ୍ୟକର ବିଜ୍ଞତା ଦେଖି ଲଘୁପତନକ ତା' ସହିତ ବନ୍ଧୁତା ସ୍ଥାପନ କରିବାକୁ ଇଚ୍ଛା କଲା । ତେଣୁ ସେ ହରିଣ୍ୟକର ଗାତପାଖକୁ ଯାଇ ମଧୁର ଗଳାରେ କହିଲା, "ହିରଣ୍ୟକ, ତୁମ ଗାତରୁ ବାହାରି ଆସ । ମୁଁ ଲଘୁପତନ ନାମକ କାଉ ତୁମ ସହିତ ଦେଖା କରିବାକୁ ଆସିଛି ।"

ହରିଣ୍ୟକ ସଙ୍ଗେ ସଙ୍ଗେ ଉତ୍ତର ଦେଲା, "ମୁଁ ତୁମକୁ ଜାଣେ ନାହିଁ । ମୁଁ ଗାତରୁ ବହାରିଲା ପରେ ତୁମେ ମୋତେ ମାରି ପକାଇବ ।"

ଲଘୁପତନକ କହିଲା, "ବନ୍ଧୁ, ତୁମେ ଚିତ୍ରଗ୍ରୀବ ପାଇଁ ଯାହା କରିଛ, ମୁଁ ଦେଖିଲି । ତୁମ ସହିତ ମୁଁ ବନ୍ଧୁତା ସ୍ଥାପନ କରିବାକୁ ଚାହେଁ, କାରଣ ମୁଁ ଜାଣେ, ମୁଁ ଯଦି କେବେ ଜାଲରେ ପଡ଼େ, ତୁମେ



https://withteachers.in/



ମୋତେ ସାହାଯ୍ୟ କରିବ ।" ମୂଷା ତଥାପି ତା'ର ଗାତରୁ ବାହାରିଲା ନାହିଁ । ତେଣୁ କାଉ କହିଲା, "ମୁଁ ମୋର କଥା ରକ୍ଷା କରିବି । ମୁଁ ପ୍ରତିଜ୍ଞା କରୁଛି ତୁମର କୌଣସି ହାନି କରିବି ନାହିଁ ।"

ଶେଷରେ ହିରଣ୍ୟକ ରାଜି ହେଲା ଓ କହିଲା, "ଠିକ୍ ଅଛି । ଆମେ ବନ୍ଧୁ ହୋଇ ରହିବା । କିନ୍ତୁ ତୁମେ ପ୍ରତିଜ୍ଞା କର କେବେହେଲେ ମୋର ଗାତ ଭିତରକୁ ଆସିବ ନାହିଁ ।"

କାଉ ପ୍ରତିଜ୍ଞା କଲା ଓ ସେହି ଦିନଠାରୁ ଦୁଇଜଣଯାକ ନିବିଡ଼ ବନ୍ଧୁ ହୋଇ ଚଳିଲେ ।

ଦିନେ କାଉ ମୂଷା ପାଖକୁ ଯାଇ କାନ୍ଦକାନ୍ଦ ହୋଇ କହିଲା, "ବନ୍ଧୁ, ଆମକୁ ଅଲଗା ହେବାକୁ ହେବ । ଏହି ସ୍ଥାନରେ ଦୁର୍ଭିକ୍ଷ ପଡ଼ିଛି ଓ ଲୋକେ ମୋତେ ଦେଖିଲେ ମାରି ଖାଇଯିବେ । ମୁଁ ଭାବିଛି ଏମିତି ଗୋଟାଏ ଜାଗାକୁ ଉଡ଼ିଯିବି ଯେଉଁଠି ପ୍ରଚୁର ପାଣି ଓ ଖାଦ୍ୟପଦାର୍ଥ ଥିବ । ମୋର ମନ୍ଥରକ ନାମକ ଗୋଟିଏ କଇଁଛ ବନ୍ଧୁ ଅଛି । ମୁଁ ତା' ପାଖକୁ ଯିବି । ସେ ମୋତେ ଖାଇବାକୁ ଦେବ ଓ ମୋର ଯତ୍ନ ନେବ ।"

ହିରଣ୍ୟକ କହିଲା, "ମୁଁ ମଧ୍ୟ ତୁମ ସହିତ ଯିବି ।" କାଉ ପଚାରିଲା, "କିନ୍ତୁ ତୁମେ ଯିବ କେମିତ ?" ହିରଣ୍ୟକ କହିଲା, "ମୁଁ ତୁମ ପିଠିରେ ବସିବି । ତୁମେ ଉଡ଼ିଯିବ ଓ ଆମେ ଦୁଇଜଣ ଯାକ ମନ୍ଥରକ ଘରକୁ ଚାଲିଯାଇ ପାରିବା ।"

ମୂଷା କାଉ ପିଠିରେ ବସିଲା ଓ କାଉ ଧୀରେଧୀରେ ମନ୍ଥରକ ରହୁଥିବା ହ୍ରଦକୁ ଉଡ଼ିଗଲା । ମନ୍ଥରକ ତା'ର ବନ୍ଧୁକୁ ଦେଖି ଅତି ଆନନ୍ଦିତ ହେଲା । ଅନେକ ବର୍ଷ ଧରି ସେମାନେ ପରସ୍ପରକୁ ଦେଖି ନଥିଲେ । ତା'ପରେ ମନ୍ଥରକ ମୂଷାକୁ ଦେଖି ପଚାରିଲା, "ତୁମେ କାହାକୁ ସାଙ୍ଗରେ ନେଇ ଆସିଛ ?"

କାଉ ଉତ୍ତର ଦେଲା, "ଏ ମୋର ଘନିଷ୍ଠ ବନ୍ଧୁ ହିରଣ୍ୟକ । ଏହାଙ୍କୁ ମୁଁ ଅତି



https://withteachers.in/



ଭଲପାଏ ।” ତା’ପରେ ମୂଷାର ତା’ର ବନ୍ଧୁମାନଙ୍କ ଉପରେ କିଭଳି ନିଷ୍ଠା ରହିଛି ସେ ବିଷୟ କାଉ କହିଲା । ମନ୍ଥରକ ମୂଷାକୁ ସ୍ୱାଗତ କଲା ଓ ତିନିଜଣଯାକ ହ୍ରଦ କୂଳରେ ଆନନ୍ଦରେ ବାସ କରିବାକୁ ଆରମ୍ଭ କଲେ ।

ଦିନେ ଚିତ୍ରାଙ୍ଗ ନାମକ ହରିଣ ଖୁବ୍ ବେଗରେ ହ୍ରଦ ନିକଟକୁ ଦୌଡ଼ିକରି ଆସି ପହଞ୍ଚିଲା । ତିନି ବନ୍ଧୁଯାକ ଡରିଯାଇ ଲୁଚିଗଲେ । କିଛି ସମୟ ପରେ ସେମାନେ ଦେଖିଲେ ଯେ ଚିତ୍ରାଙ୍ଗ ତାଙ୍କର କିଛି ଅନିଷ୍ଟ କରିବାକୁ ଆସିନାହିଁ । ଜଣେ ଶିକାରୀ ତା’ ପଛରେ ଗୋଡ଼ାଇ ଥିବାରୁ ସେ କେବଳ ଦୌଡ଼ି ପଳାଇ ଯିବାକୁ ଚେଷ୍ଟା କରୁଥିଲା । ସେମାନେ ତାଙ୍କର ଲୁଚିବା ସ୍ଥାନରୁ ବାହାରି ଆସିଲେ ଓ ଚିତ୍ରାଙ୍ଗ ସେମାନଙ୍କୁ କହିଲା ଯେ ଜଣେ ଶିକାରୀ ତାକୁ ଗୋଡ଼ାଉଥିଲା । କିନ୍ତୁ ସେ କୌଣସି ପ୍ରକାରେ ଖସିଯାଇ ପାରିଛି । ତା’ପରେ ହରିଣ ଅନୁରୋଧ ଜଣାଇଲା, “ଆପଣମାନଙ୍କ ସହିତ ଏକତ୍ର ମିଳିମିଶି ସମାନ ରୀତିରେ ଜୀବନ ଯାପନ ନିମନ୍ତେ ଅନୁମତି ଦିଅନ୍ତୁ ।” ତିନିବନ୍ଧୁ ତାକୁ ସ୍ୱାଗତ କଲେ ଓ ଚାରିଜଣଯାକ ହ୍ରଦ କୂଳରେ ବାସ କରିବାକୁ ଲାଗିଲେ ।

ଦିନେ ଚିତ୍ରାଙ୍ଗ କୁଆଡ଼େ ଗଲା ଯେ ଆଉ ଆସିଲା ନାହିଁ । ତିନି ବନ୍ଧୁଯାକ ଭାବିଲେ ଯେ ତାଙ୍କର ବନ୍ଧୁକୁ ବିପତ୍ତି ପଡ଼ିଛି । ସିଂହ ହୁଏତ ତାକୁ ଖାଇ ଯାଇଛି କିମ୍ବା କୌଣସି ଶିକାରୀ ଧରି ପକାଇଛି । କଇଁଛ କାଉକୁ କହିଲା, “ହିରଣ୍ୟକ ଓ ମୁଁ ଚିତ୍ରାଙ୍ଗକୁ ଖୋଜିବାକୁ ଯାଇ ପାରିବୁ ନାହିଁ କାରଣ ଆମେ ଆସ୍ତେଆସ୍ତେ ଚାଲିବୁ । ତୁମେ ଯାଇ ତାକୁ ଖୋଜିବାକୁ ଚେଷ୍ଟାକର ଓ ଆମକୁ କୁହ ସେ ଜୀବିତ ଅବସ୍ଥାରେ ଅଛି କି ନାହିଁ ।”

ଲଘୁପତନକ ପାହାଡ଼ ଉପରୁ ଦେଖିଲା, ଚିତ୍ରାଙ୍ଗ ଗୋଟିଏ ଫାଶରେ ପଡ଼ିଛି । ହରିଣ ତା’ର ବନ୍ଧୁଙ୍କୁ ଦେଖି କାନ୍ଦିପକାଇଲା । କହିଲା, “ମୋ କାଳ ପୂରିଲା, ହିରଣ୍ୟକ ଓ ମନ୍ଥରକଙ୍କୁ କହିବ ମୁଁ ମରିବା ପୂର୍ବରୁ ସେମାନଙ୍କୁ ମନେ ପକାଉଥିଲି ।”



https://withteachers.in/

କାଉ ଉତ୍ତର ଦେଲା, "ଚିତ୍ରାଙ୍ଗ, ତୁମର ଚିନ୍ତା କରିବା ଦରକାର ନାହିଁ । ତୁମେ ମରିବ ନାହିଁ । ମୁଁ ସଙ୍ଗେ ସଙ୍ଗେ ହିରଣ୍ୟକକୁ ନେଇ ଆସିବି ଓ ସେ ତୁମର ଜାଲ କାଟିପକାଇବ । ତୁମେ ପୁଣି ମୁକ୍ତ ହୋଇଯିବ ।"

କାଉ ହ୍ରଦକୁ ଉଡ଼ିଯାଇ ହିରଣ୍ୟକକୁ ପିଠିରେ ବସାଇ ହରିଣ ଯେଉଁଠାରେ ଫାଶରେ ପଡ଼ିଥିଲା, ସେଠାକୁ ନେଇ ଆସିଲା । ହିରଣ୍ୟକ ଜାଲ କାଟି ଚିତ୍ରାଙ୍ଗକୁ ମୁକ୍ତ କରିଦେଲା । ଠିକ୍ ସେତିକିବେଳେ ସେମାନେ ଦେଖିଲେ, ମନ୍ଥରକ ଧୀରେ ଧୀରେ ଚାଲି ଆସୁଛି । କାଉ କହିଲା, "ମନ୍ଥରକ ଏତେ ବାଟ ଚାଲିଆସିଲା, ଆମେ ବର୍ତ୍ତମାନ କଅଣ କରିବା ? ଶିକାରୀ ଯେ କୌଣସି ମୁହୂର୍ତ୍ତରେ ଆସିଯିବ । ମୁଁ ଆକାଶକୁ ଉଡ଼ିଯିବି, ଚିତ୍ରାଙ୍ଗ ଦୌଡ଼ି ପଳାଇବ ଓ ହିରଣ୍ୟକ ପାଖରେ ଗାତ ଭିତରେ ଲୁଚିଯିବ, କିନ୍ତୁ ମନ୍ଥରକର କ'ଣ ହେବ ?"

କଅଣ କରିବାକୁ ହେବ, ଏହି ବିଷୟରେ ସେମାନେ କଥାବାର୍ତ୍ତା ହେଉଛନ୍ତି, ସେତିକିବେଳେ କାଉ ଦେଖିଲା ଶିକାରୀ ଆସୁଛି । ହରିଣ ଡିଆଁ ମାରି ଜଙ୍ଗଲକୁ ପଳାଇଲା । ମୂଷା ଗାତ ଭିତରକୁ ଦୌଡ଼ିଗଲା ଓ କାଉ ଗୋଟାଏ ଉଚ୍ଚ ଡାଳ ଉପରକୁ ଉଡ଼ିଗଲା । ଶିକାରୀ କଇଁଛକୁ ଦେଖି କହିଲା, "ଯା ହେଉ, ମୁଁ ଏହାକୁ ତ ପାଇଲି । ସେ ହରିଣଟା ଖସିଗଲେ ମୋର କ'ଣ ହୋଇଗଲା ?" ସେ ମନ୍ଥରକକୁ ଗୋଟିଏ ଘାସ ଦଉଡ଼ିରେ ବାନ୍ଧି ନେଇଗଲା । ବାଟରେ ସେ ଗାଧୋଇବା ପାଇଁ ଗୋଟିଏ ପୋଖରୀ ନିକଟରେ ଅଟକିଲା ଓ କଇଁଛକୁ କୂଳରେ ବାନ୍ଧି ରଖିଗଲା ।

ତିନି ବନ୍ଧୁ ଯାକ ଶିକାରୀ ପଛେପଛେ ଯାଉଥିଲେ, ସେମାନେ ଏକାଠି ମିଶି ମନ୍ଥରକକୁ ଉଦ୍ଧାର କରିବାପାଇଁ ଉପାୟ ଚିନ୍ତା କଲେ । କାଉ କହିଲା, "ମୋତେ ଗୋଟିଏ ଉପାୟ ଦିଶୁଛି, ଚିତ୍ରାଙ୍ଗ ଯାଇ ପାଖରେ ଗୋଟିଏ ଜାଗାରେ ଶୋଇରହୁ । ମୁଁ ତା'ର ମୁଣ୍ଡ ଉପରେ ବସି ତାକୁ ଖୁମ୍ପିବାର ଛଳନା କରିବି । ଶିକାରୀ ଭାବିବ ହରିଣଟା ମରି ପଡ଼ିଛି । ସେ ତା'ର ଧନୁଶର କଇଁଛ ନିକଟରେ ଛାଡ଼ିଦେଇ ହରିଣକୁ ନେବାକୁ ଆସିବ । ଇତି ମଧ୍ୟରେ ହିରଣ୍ୟକ ତା'ର ଦାନ୍ତରେ ଘାସ ଦଉଡ଼ି କାଟିଦେଇ ମନ୍ଥରକୁ ମୁକୁଳାଇ ଦେବ । ତା'ପରେ ମନ୍ଥରକ ପୋଖରୀ ପାଣି ଭିତରେ





https://withteachers.in/

ଲୁଚିଯିବ । ଚିତ୍ରାଙ୍ଗ ଯେତେ ଜୋରରେ ପାରେ ଦୌଡ଼ି ପଳାଇବ । ତା’ପରେ ଆମେ ସମସ୍ତେ ରକ୍ଷା ପାଇଯିବା ।”

କାଉ ଯେମିତି ଭାବିଥିଲା, ଠିକ୍ ସେମିତି ହେଲା ।

ଶିକାରୀ ଦେଖିଲା, ହରିଣ ଭୂଇଁରେ ପଡ଼ିରହିଛି ଓ କାଉ ତା’ର ଆଖିକୁ ଖୁମ୍ପୁଛି । ତା’ରି ଜାଲରୁ ଖସି ଯାଇଥିବା ହରିଣକୁ ସେ ଚିହ୍ନି ପାରିଲା, ସେ ତା’ର ଧନୁକୁ କଇଁଛ ପାଖରେ ପକାଇ ଦେଇ ହରିଣକୁ ଉଠାଇ ଆଣିବାକୁ ଗଲା । ମନ୍ଥରକ ମୁକ୍ତ ହୋଇ ପୋଖରୀ ଭିତରେ ଲୁଚିଗଲା । ଶିକାରୀ ହରିଣ ନିକଟକୁ ଆସିବା ମାତ୍ରକେ ଚିତ୍ରାଙ୍ଗ ଉଠି ଦୌଡ଼ି ପଳାଇଲା । କାଉ ଉଡ଼ିଯାଇ ଗଛ ଉପରେ ବସିଲା । ଶିକାରୀ ଫେରିଆସି ଦେଖିଲା କଇଁଛ ମଧ୍ୟ ଖସି ଯାଇଛି । କଇଁଛ କିମ୍ବା ହରିଣକୁ ନପାଇ ସେ ଘରକୁ ଫେରିଲା । ସେ ଆଖି ଆଢୁଆଳରୁ ଚାଲିଯିବା ପରେ ଚାରିବନ୍ଧୁଯାକ ମହା ଆନନ୍ଦରେ ଏକାଠି ମିଶି ପରସ୍ପରକୁ ଆଲିଙ୍ଗନ କଲେ । ସେମାନେ ହ୍ରଦକୁ ଫେରିଯାଇ ଆନନ୍ଦରେ କାଳ ଯାପନ କଲେ ।

ବିପଦ ସମୟରେ ପ୍ରକୃତ ବନ୍ଧୁମାନେ ପରସ୍ପରକୁ ସାହାଯ୍ୟ କରନ୍ତି ।





https://withteachers.in/




## ଝରକାରୁ

ଆସନ୍ତୁ "ବିଶ୍ୱ ଚଢ଼େଇ ଦିବସ" ଉପରେ ପ୍ରେସ ସୂଚନା ବ୍ୟୁରୋ ଦ୍ୱାରା ପ୍ରକାଶିତ ଲେଖାରୁ ଆମ ଉପଯୋଗୀ ଏକ ଅଂଶ ପଢ଼ିବା । ପଠିତ ଗଳ୍ପରେ ଯେଉଁ ଘରଚଟିଆ, ରାଜା ଲାଞ୍ଚ ନେଇଥିବା କଥାହିଁ ସବୁ ପକ୍ଷୀଙ୍କୁ ଜଣାଇ ଦେଇଥିଲା । ସେ ରାଜଦରବାରରେ ଥିବା କାନ୍ଥକୁରାରେ ବାସ କରିବା କଥା ଆମେ ମଧ୍ୟ ଗପରୁ ପଢ଼ିଲେ ।

"ଘରଚଟିଆ, ଯାହା ପୂର୍ବରୁ ବହୁଳ ପରିମାଣରେ ଦେଖାଯାଉଥିଲେ, ଏବେ ଅନେକ ସ୍ଥାନରେ ଏମାନଙ୍କୁ ଦେଖିବା ବିରଳ ହୋଇପଡ଼ିଛି । ଏହି କ୍ଷୁଦ୍ର ପ୍ରାଣୀମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସୁରକ୍ଷା ଦେବାପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ଭାରତ ସରକାର "ବିଶ୍ୱ ଚଢ଼େଇ ଦିବସ" ରୂପେ ଘୋଷଣା କରିଛନ୍ତି । ସେମାନେ ଆମ ଇତିହାସ ଓ ସଂସ୍କୃତିର ବାର୍ତ୍ତାବହ ଅଟନ୍ତି ।

ହିନ୍ଦୀରେ ଗୌରେୟା, ତାମିଲରେ "କୁରୁଭି" ଉର୍ଦ୍ଦୁରେ 'ଚିରିଆ' ନାମରେ ଜଣାଶୁଣା । ଚଢ଼େଇମାନେ ପିଢ଼ି ପରେ ପିଢ଼ି ଦୈନନ୍ଦିନ ଜୀବନର ଏକ ଅଂଶ ହୋଇ ଆସିଛନ୍ତି ।

ବର୍ତ୍ତମାନ ଦେଖାଯାଉଛି ବହୁ ଚଢ଼େଇ ବଂଶ ହ୍ରାସ ପାଇବାରେ ଲାଗିଛି । ଏହି ହ୍ରାସର କାରଣଗୁଡ଼ିକ ହେଲା; ସିସା ନଥିବା ପେଟ୍ରୋଲ ବ୍ୟବହାର ଯୋଗୁଁ ବିଷାକ୍ତ ଯୌଗିକ ଉତ୍ପାଦନ ହେତୁ, ଯାହା ଚଢ଼େଇମାନେ ଖାଦ୍ୟ ପାଇଁ ନିର୍ଭର କରୁଥିବା କୀଟପତଙ୍ଗମାନଙ୍କୁ କ୍ଷତି ପହଞ୍ଚାଉଛି । ସହରୀକରଣ ସେମାନଙ୍କର ପ୍ରାକୃତିକ ବାସସ୍ଥାନ ପ୍ରତି ବିପଦ ସୃଷ୍ଟି କରିଛି । ଆଧୁନିକ କୋଠାଗୁଡ଼ିକ ଚଢ଼େଇମାନଙ୍କର ବସାବାନ୍ଧି ରହିବା ପାଇଁ ସ୍ଥାନ ଦେଉ ନାହିଁ । ଯାହାଫଳରେ ସେମାନେ ସେମାନଙ୍କ ଛୁଆମାନଙ୍କୁ ପାଳନ କରିବା ପାଇଁ ସ୍ଥାନ ପାଉନାହାନ୍ତି । ତେଣୁ ପଶୁପକ୍ଷୀମାନଙ୍କ ପ୍ରତି ଦୟା ମନୋଭାବ ସମସ୍ତେ ପୋଷଣ କରିବା ଉଚିତ । ସେମାନେ ଜୀବଜଗତର ସମ୍ପଦ ।





https://withteachers.in/

# ୩ ଶପଥ

ଅନନ୍ତ ପଟ୍ଟନାୟକ

ସୂର୍ଯ୍ୟ ସମ ଜଳିବି ମୁହିଁ
ଜହ୍ନ ସମ ଉଠିବି ଝଳି,
ପବନ ସମ ପୃଥ୍ୱୀ ଛୁଇଁ
ପ୍ରାଣରୁ ପ୍ରାଣେ ଖେଳିବି ଢଳି ।
ଝରଣା ସମ ଝରିବି ହସି
ତୃଷ୍ଣା କା'ର ରଖିବି ନାହିଁ,
ଶସ୍ୟ ଦଳେ ଧରିବି ଲସି
ଭୋକୀର ଭୋକ ଯିବରେ କାହିଁ ।
ଅଗ୍ନି ସମ ଦହିବି ସୁଖେ
ସ୍ୱାର୍ଥୀ ଜନ ମିଥ୍ୟା କଥା,
ଜଳର ସମ ସ୍ୱଚ୍ଛ ମୁଖେ
ନ ଥିବ କେବେ ହିଂସା ବ୍ୟଥା ।
ପକ୍ଷୀ ସମ ଗାଇବି ଗୀତି
ହୃଦରୁ ହୃଦେ ଉଠିବି ବାଜି,
ପଦ୍ମ ସମ ଡୋଳିବି ନିତି
ଅରୂପ-ରୂପ-ରଙ୍ଗେ-ସାଜି ।
ଅଦ୍ରି ସମ ଧୈର୍ଯ୍ୟ ଧରି
ବଜ୍ରପାତେ ରହିବି ଧୀର,
ଗର୍ବ ଭରେ ଧର୍ମେ ବରି
କର୍ମେ ମୋର ଟେକିବି ଶିର ।

ସିନ୍ଧୁ ସମ ଫେରାଇ ଦେବି
ଯିଏ ସେ ଦେବ ସରଳ ହାସ,
ଧରଣୀ ସମ ନେବିରେ ନେବି
ବକ୍ଷେ ବହି ଦୁଃଖ-ପ୍ରାସ ।
ରୁଗ୍‌ଣ ଜନ ପାଖୁଶେ ରହି
ଶୁଶ୍ରୂଷାରେ ଲାଗିବି ତା'ର
ନୃତ୍ୟ ରବେ ମୃତ୍ୟୁ ଯହିଁ
ଆଣିବି ତହିଁ ସୃଷ୍ଟିଧାର ।
ଦୃଷ୍ଟି ହେବି ଅନ୍ଧ ଲାଗି
ଯଷ୍ଟି ହେବି ଖଞ୍ଜଟିର,
ମର୍ମୁ କୋଟି ବାରତା ମାଗି
ନିର୍ବିକାର ହେବିରେ ଗିର ।
ମୁହିଁ ତ ନୁହେଁ ମୋହରି ପାଇଁ
ସବୁରି ଲାଗି ମୋହରି ପ୍ରାଣ
ସମତା ପଥେ ପତାକା ବାହି
ଶାନ୍ତିର ମୁଁ ରଚିବି ଗାନ ।



https://withteachers.in/

## କବି ପରିଚୟ



କବି ଅନନ୍ତ ପଟ୍ଟନାୟକ ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚିନ୍ତାଧାରାର ଜଣେ ବିଶିଷ୍ଟ ପ୍ରବକ୍ତା। ସେ ଖୋର୍ଦ୍ଧା ଜିଲ୍ଲାର ଚଣାହାଟ ଗ୍ରାମରେ ୧୯୧୨ ମସିହାରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶାରେ ସାମ୍ୟବାଦୀ ଚିନ୍ତାଧାରାର କବିତା ରଚନା କରି ସେ 'ନବଯୁଗ ସାହିତ୍ୟ ସଂସଦ' ମାଧ୍ୟମରେ ତାଙ୍କର କାବ୍ୟିକ ସାଧନା ଜାରି ରଖିଥିଲେ। ତାଙ୍କର 'ରକ୍ତଶିଖା', 'ଶାନ୍ତିଶିଖା', 'ତର୍ପଣ କରେ ଆଜି', 'ଅଲୋଡ଼ା ଲୋଡ଼ା', 'ଛାଇର ଛିଟା' ପ୍ରଭୃତି କବିତା ଗ୍ରନ୍ଥ କବିଙ୍କ ପ୍ରଗତିବାଦୀ ମହାନ୍ ସ୍ରଷ୍ଟାପଣର ଗୋଟିଏ ଗୋଟିଏ ଅମୂଲ୍ୟ ସୃଷ୍ଟି। ତାଙ୍କର କବି ଦୃଷ୍ଟି ଥିଲା, ଅତ୍ୟନ୍ତ ସୂକ୍ଷ୍ମ ଓ ତତୋଽଧିକ ପରିମାଣରେ ସମାଜ ସଚେତନଧର୍ମୀ। ସମାଜରୁ ଅଶିକ୍ଷା, ଧର୍ମାନ୍ଧତା ଓ ଅନ୍ଧବିଶ୍ୱାସ ଆଦିର ଦୂରୀକରଣ କରି ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଶ୍ରେଣୀହୀନ ସମାଜ ଗଠନ କରିବା ଥିଲା କବିଙ୍କ କବିତାର ଅନ୍ତଃସ୍ୱର। ସେ 'ଅବାନ୍ତର' କବିତା ପୁସ୍ତକ ପାଇଁ କେନ୍ଦ୍ରସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

ପଠିତ କବିତାଟି କବିଙ୍କର ସୃଜନ ଆଭିମୁଖ୍ୟର ବଳିଷ୍ଠ ପରିପ୍ରକାଶ। ସାମାଜିକ ଜୀବନରେ ସମତା ଆଣିବା ପାଇଁ ସେ ସ୍ୱାର୍ଥ, ମିଥ୍ୟା, ହିଂସା, ବ୍ୟଥା ଆଦିକୁ ଭ୍ରୂକ୍ଷେପ ନକରି ସୂର୍ଯ୍ୟସମ ଜଳି ସମାଜରେ ସଦ୍‌ଭାବ, ପ୍ରେମ ଓ କ୍ଷମାର ଝରଣା ପ୍ରବାହିତ କରିବା ପାଇଁ ପ୍ରୟାସ କରିଛନ୍ତି।

## ପାଠ୍ୟ ଅନ୍ତର୍ଗତ

ଆସ କବିତାଟି ଭଲ ଭାବେ ଆବୃତ୍ତି କରିବା, ବୁଝିବା ଓ ଉତ୍ତର ଲେଖିବା।

### ମୋ ବୁଝିବାରେ

**(କ) ନିମ୍ନଲିଖିତ ପ୍ରଶ୍ନର ଉପଯୁକ୍ତ ଉତ୍ତର ପାଖରେ ତାରା ଚିହ୍ନ * ଦେବା।**

(୧) ପଠିତ କବିତାରେ କେଉଁମାନଙ୍କୁ ଦହନ କରିବା ପାଇଁ କବି କହିଛନ୍ତି ?

(କ) ସ୍ୱାର୍ଥୀଜନ ମିଥ୍ୟାକଥା

(ଖ) ଭୋକୀର ଭୋକ

(ଗ) ହିଂସା ବ୍ୟଥା

(ଘ) ଦୁଃଖ ତ୍ରାସ

(୨) 'ଝରଣାସମ ଝରିବି ହସି' ପଦଟିର ତାତ୍ପର୍ଯ୍ୟ କ'ଣ ?

(କ) ପ୍ରାଣରୁ ପ୍ରାଣ ଖେଳିବି

(ଖ) ତୃଷ୍ଣାକାର ରଖିବି ନାହିଁ

(ଗ) ଭୋକୀର ଭୋକ ଯିବରେ କାହିଁ

(ଘ) ଅରୂପରୂପ ରଙ୍ଗେ ସାଜି



https://withteachers.in/

(୩) 'ନଭରସମ ସ୍ୱଚ୍ଛ ମୁଖେ' କେଉଁ ଭାବ ନଥିବ ବୋଲି କବିତାରେ କୁହାଯାଇଛି ?

(କ) ମିଥ୍ୟା କଥା

(ଖ) ସରଳହାସ

(ଗ) ହିଂସା ବ୍ୟଥା

(ଘ) ଦୁଃଖ ପ୍ରାସ

(୪) କାହା ପରି କବି ଦୁଃଖପ୍ରାସକୁ ଆବୋରି ନେବା ପାଇଁ କବିତାରେ କହିଛନ୍ତି ?

(କ) ସିନ୍ଧୁସମ

(ଖ) ଅଗ୍ନିସମ

(ଗ) ପବନସମ

(ଘ) ଧରଣୀସମ

(୫) ସମତାପଥେ ଚାଲିବା ପାଇଁ କବି କେଉଁ ଗାନ ଗାଇବା ପାଇଁ ଚାହିଁଛନ୍ତି ?

(କ) ଶାନ୍ତିର ଗାନ

(ଖ) ପକ୍ଷୀର ଗାନ

(ଗ) ମେଘର ଗାନ

(ଘ) ସିନ୍ଧୁର ଗାନ

(ଖ) ତୁମର ସାଙ୍ଗମାନେ ଭିନ୍ନ ଉତ୍ତର ବାଛି ଥାଇ ପାରନ୍ତି, ତୁମେ ବାଛିଥିବା ଉତ୍ତର କାହିଁକି ବାଛିଛ ତାହା ସେମାନଙ୍କ ସହିତ ଆଲୋଚନା କର ।



## ମିଳିମିଶି ଯୋଡ଼ିବା

କବିତାରୁ କିଛିପଦ 'କ' ସ୍ତମ୍ଭରେ ଦିଆଯାଇଛି । ସେହି ପଦଗୁଡ଼ିକର ଅର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । ଠିକ୍ ଉତ୍ତରକୁ ରେଖାଦ୍ୱାରା ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ପକ୍ଷୀସମ ଗାଇବି ଗୀତି<br>ହୃଦରୁହୃଦେ ଉଠିବି ବାଜି | ୧. ସ୍ୱାଭିମାନର ସହ ଧର୍ମକୁ ବରଣ କରି କର୍ମକରି ଚାଲିବା । |
| ୨. ଗର୍ବଭରେ ଧର୍ମେ କରି<br>କର୍ମେମୋର ଟେକିବି ଶିର | ୨. ରୁଗ୍ଣ ଜନର ସେବାହିଁ ମାଧବ ସେବା । |
| ୩. ରୁଗ୍ଣଜନ ପାରୁଶେ ରହି<br>ଶୁଶ୍ରୂଷାରେ ଲାଗିବି ତା'ର | ୩. ପରହିତ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା । |
| ୪. ମୁହିଁତ ନୁହେଁ ମୋହରି ପାଇଁ<br>ସବୁରିଲାଗି ମୋହରି ପ୍ରାଣ | ୪. ସରଳ ବିହଙ୍ଗର କାକଳି ପରି ସମସ୍ତଙ୍କ ହୃଦୟରେ ପ୍ରତିଧ୍ୱନି ସୃଷ୍ଟି କରିବା । |





https://withteachers.in/

## କବିତାର ପଦଗୁଡ଼ିକ ଆଲୋଚନା କରିବା

କବିତାରୁ ଚୟନ କରାଯାଇଥିବା କେତେକ ପଦ ତଳେ ଦିଆଯାଇଛି । ସେଗୁଡ଼ିକ ଭଲ ଭାବରେ ପଢ଼ ଓ ଚିନ୍ତାକର । ସେଥିରୁ ତୁମେ କ'ଣ ବୁଝିଲ ନିଜ ନିଜ ଭିତରେ ଆଲୋଚନା କର ଓ ଲେଖ ।

(୧) ସିନ୍ଧୁସମ ଫେରାଇ ଦେବି
ଯିଏ ସେ ଦେବ ସରଳ ହାସ,
ଧରଣୀ ସମ ନେବିରେ ନେବି
ବକ୍ଷେ ବହି ଦୁଃଖ-ପ୍ରାସ ।



(୨) ମୁହିଁତ ନୁହେଁ ମୋହରି ପାଇଁ
ସବୁରି ଲାଗି ମୋହରି ପ୍ରାଣ,
ସମତା ପଥେ ପତାକା ବାହି
ଶାନ୍ତିର ମୁଁ ରଚିବି ଗାନ ।



(୩) ଝରଣା ସମ ଝରିବି ହସି
ତୃଷ୍ଣା କା'ର ରଖିବି ନାହିଁ,
ଶସ୍ୟ ଦଳେ ଧରିବି ଲସି
ଭୋକୀର ଭୋକ ଯିବରେ କାହିଁ ।







https://withteachers.in/

## ଅନୁମାନ ଓ କଳ୍ପନା

ଆସ ମିଳିମିଶି ଆଲୋଚନା କରିବା ।

(କ) ପଠିତ କବିତାରେ 'ଶପଥ'ର ଆହ୍ୱାନ ଦିଆଯାଇଛି । ତୁମ ବିଚାର ଧାରାରେ କେଉଁ କେଉଁ ଶପଥ ଅଧିକ ମହତ୍ତ୍ୱପୂର୍ଣ୍ଣ ଏବଂ କାହିଁକି ଆଲୋଚନା କର ଏବଂ ଏହି ବିଷୟରେ ଏକ ପରିଚ୍ଛେଦ ଲେଖ ।



(ଖ) "ଧରଣୀ ସମ ନେବିରେ ନେବି ବକ୍ଷେ ବହି ଦୁଃଖପ୍ରାସ" – ଉକ୍ତ ପଦରେ କବିଙ୍କର ଆହ୍ୱାନକୁ ସାର୍ଥକ କରିବା ନିମିତ୍ତ ତୁମେ କେଉଁଭଳି କାର୍ଯ୍ୟ କରିବା କଥା ଭାବୁଛ ଆଲୋଚନା କର ।

(ଗ) 'ଶପଥ' କବିତାରେ ତମେ କେତୋଟି ଶପଥକୁ ନିଜେ ସାକାର କରିପାରିବ, ସାଙ୍ଗମାନଙ୍କ ସହିତ ଆଲୋଚନା କର ।

(ଘ) ସମାଜର କେଉଁ କେଉଁ ବର୍ଗର ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରିପାରିବ, ପଠିତ କବିତା ମାଧ୍ୟମରେ ଆଲୋଚନା କର ।

## କବିତା ରଚନା

ପଠିତ କବିତାଟିରେ ମିଥ୍ୟାକଥା, ହିଂସା ବ୍ୟଥା, ଅଦ୍ରି ସମ ଧୈର୍ଯ୍ୟ, ଦୁଃଖ-ପ୍ରାସ, ଶାନ୍ତିର ଗାନ ପ୍ରଭୃତି ପଦ ଗୁଡ଼ିକର ବୈଶିଷ୍ଟ୍ୟକୁ ଆଲୋଚନା କରି, ଏ ସବୁର ଭାବଧାରାକୁ ନେଇ କିଛି କବିତା ଲେଖିବାକୁ ଚେଷ୍ଟା କର । (ଏହି ବିଷୟରେ ତୁମେ ଶିକ୍ଷକ, ସାଙ୍ଗସାଥୀ, ପିତାମାତା ଆଦିଙ୍କ ସାହାଯ୍ୟ ନେଇ ପାରିବ ।)

## ସର୍ଜନଶୀଳତା

'ଶପଥ' କବିତାରେ ସୂର୍ଯ୍ୟସମ ଜଳିବି, ପବନ ସମ ଛୁଇଁ, ଝରଣା ସମ ଝରିବି, ଅଗ୍ନି ସମ ଦହିବି ଆଦିରେ ବିଶେଷ୍ୟ ପଦ ସୂର୍ଯ୍ୟ, ପବନ, ଝରଣା, ଅଗ୍ନି ସହିତ କ୍ରିୟା ଜଳିବି, ଛୁଇଁ, ଝରିବି, ଦହିବି ଆଦି ବ୍ୟବହୃତ ହୋଇଛି । ସେହିପରି ତୁମେ କବିତାରୁ ଯେକୌଣସି ବିଶେଷ୍ୟ ପଦଟିଏ ବ୍ୟବହାର କରି ପଦ ରଚନା କର ଏବଂ ଶ୍ରେଣୀରେ ଆବୃତ୍ତି କର ।





https://withteachers.in/

ଉଦାହରଣ : ଧରଣୀ

ଧରଣୀ ସମ ବକ୍ଷେ ଧରି

ଧରଣୀ ସମ ସହିବି ମୁହିଁ

ଧରଣୀ ସମ ଘୂରିବି ମୁହିଁ






## କବିତାର ଶୀର୍ଷକ




କବିତାର ଶୀର୍ଷକ 'ଶପଥ' ରହିଛି । ତୁମେ ଯଦି ଏହି କବିତାର ଶୀର୍ଷକ ପରିବର୍ତ୍ତନ କରିବାକୁ ଚାହୁଁଛ, ତେବେ ଏହାର ନାମକରଣ କ'ଣ ଦେବ ଓ କାହିଁକି ଦେବାକୁ ଭାବିଛ, ସାଙ୍ଗସାଥୀମାନଙ୍କ ସହିତ ବିଚାର ଆଲୋଚନା କର ।



## ଭାଷା ବିଚାର

(କ) ପଠିତ କବିତାରେ କବି କେଉଁପରି ହେବାପାଇଁ ଶପଥ ନେଇଛନ୍ତି ନିମ୍ନ ରେଖାଚିତ୍ରରେ ଥିବା ଶୂନ୍ୟ କୋଠରୀରେ ଲେଖ ।






https://withteachers.in/

(ଖ) କବିତାରୁ ଅଣାଯାଇଥିବା କିଛି ଶବ୍ଦ ତଳେ ଦିଆଯାଇଛି ଏବଂ ସେହି ଶବ୍ଦମାନଙ୍କର ପାର୍ଶ୍ୱରେ କେତେକ ସମାର୍ଥବୋଧକ ଶବ୍ଦ ଦିଆଯାଇଛି । ଯେଉଁ ଶବ୍ଦଟି ସେମାନଙ୍କ ମଧ୍ୟରୁ ଅଲଗା ଅର୍ଥ ବୁଝାଉଛି ତା' ଦେହରେ ଗୋଲ ବୁଲାଇବ ।

| ଶବ୍ଦ | ସମାର୍ଥବୋଧକ ଶବ୍ଦ | | |
|---|---|---|---|
| ସୂର୍ଯ୍ୟ | ରବି | ଦିବାକର | ସୁଧାକର |
| ପବନ | ଅନଳ | ସମୀର | ପ୍ରଭଞ୍ଜନ |
| ଅଦ୍ରି | ପଡ଼ିଆ | ଶିଖରୀ | ପର୍ବତ |
| ଧରଣୀ | ଧରା | ସୁତା | ବସୁଧା |
| ପଦ୍ମ | ପରାଗ | ପଙ୍କଜ | ଅରବିନ୍ଦ |
| ଜହ୍ନ | ଶଶୀ | ନିଶାକର | ଶସ୍ୟ |

(ଗ) କବିତାରେ ଥିବା ନିମ୍ନଲିଖିତ କ୍ରିୟାପଦକୁ ନେଇ ବାକ୍ୟ ଗଠନ କରି ଚାର୍ଟ କାଗଜରେ ଲେଖିବା ଓ ଶ୍ରେଣୀ କକ୍ଷରେ ଟାଙ୍ଗିବା ।

ଜଳିବି : ____________________

ଢଳି : ____________________

ଖେଳି : ____________________

ଝରିବି : ____________________

ଦହିବି : ____________________

ଗାଇବି : ____________________



## ଦୈନନ୍ଦିନୀ

ତୁମେ ଯେକୌଣସି ଗୋଟିଏ ଦିନର କାର୍ଯ୍ୟକଳାପ ଉପରେ ଧ୍ୟାନ ଦିଅ ଏବଂ ତୁମର ଦୈନନ୍ଦିନୀ ପୁସ୍ତିକାରେ ଲେଖ ଯେ ତୁମେ କେଉଁ ସମୟରେ ହସିଥିଲ, ଗୀତ ଗାଇଥିଲ ଏବଂ କାନ୍ଦି ଥିଲ ।





https://withteachers.in/

## ପାଠ୍ୟ ବହିର୍ଭୂତ



(କ) ଦେଶ ଓ ଜାତିର ଉନ୍ନତି ପାଇଁ କବିତା ମାଧ୍ୟମରେ ଲକ୍ଷ୍ୟ ରଖାଯାଇଛି, ସେଗୁଡ଼ିକୁ ହାସଲ କରିବା ପାଇଁ ପ୍ରେରଣା ଦିଆଯାଇଛି । ତୁମେ ତୁମ ଜୀବନରେ ତୁମର ପିତା-ମାତା, ଶିକ୍ଷକ-ଶିକ୍ଷିକା ଓ ପରିବାରଠାରୁ କି କି ପ୍ରେରଣା ପାଇଛ ଦୈନନ୍ଦିନୀ ପୁସ୍ତିକାରେ ଲେଖ ।

(ଖ) ତୁମେ ତୁମର ସାନ ଭାଇଭଉଣୀମାନଙ୍କୁ କି କି ଉପଦେଶ ଦେଇଛ, ତାହା ମନେ ପକାଇ ଲେଖ ।



## ଜୀବନର ଲକ୍ଷ୍ୟ

ଶ୍ରେଣୀ କକ୍ଷରେ ପ୍ରତ୍ୟେକ ପିଲା ନିଜ ନିଜର ଜୀବନର ଲକ୍ଷ୍ୟ ସମ୍ପର୍କରେ ଲେଖି ଗୋଟିଏ ବାକ୍ସରେ ପକାଇବେ । ଶିକ୍ଷକ ଗୋଟି ଗୋଟି କରି ସେହି ଲେଖାକୁ ବାକ୍ସରୁ କାଢ଼ି ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ବିଷୟରେ ଅବଗତ କରାଇବେ । ପ୍ରତ୍ୟେକ ପିଲା ଶିକ୍ଷକ ଓ ସାଙ୍ଗମାନଙ୍କ ସହିତ ଆଲୋଚନା କରି ନିଜ ଜୀବନର ଲକ୍ଷ୍ୟ ହାସଲ ପାଇଁ କିପରି ପଦକ୍ଷେପ ନେଇପାରିବ ଲେଖ ।

ପ୍ରଶ୍ନ – ୧ – ଜୀବନର ଲକ୍ଷ୍ୟ ପୂରଣ ପାଇଁ ପ୍ରଥମେ କିପରି ପ୍ରଯତ୍ନ କରିବ ?

ପ୍ରଶ୍ନ – ୨ – କି କି ଯୋଜନା ପ୍ରସ୍ତୁତ କରିବ ?

ପ୍ରଶ୍ନ – ୩ – କାହାର ସହଯୋଗ ନେବାକୁ ଚାହିଁବ ?

ପ୍ରଶ୍ନ – ୪ – ଲକ୍ଷ୍ୟ ପୂରଣ ନିମିତ୍ତ ତୁମେ କି କି ଆହ୍ୱାନର ସମ୍ମୁଖୀନ ହେବ ?






## ପରିବାରର ପ୍ରେରଣା

ତୁମର ପିତାମାତା ତଥା ଅଭିଭାବକମାନେ ତୁମର ଆବଶ୍ୟକତା ଓ ଇଚ୍ଛାକୁ ଜାଣନ୍ତି ଓ ବୁଝନ୍ତି । ସେଗୁଡ଼ିକୁ ପୂରଣ କରିବାକୁ ସେମାନେ ଯଥାସମ୍ଭବ ଚେଷ୍ଟା କରନ୍ତି । ତୁମର ପିତାମାତା ଓ ଅଭିଭାବକ ତୁମପାଇଁ ଦେଖିଥିବା ସ୍ୱପ୍ନ ବିଷୟରେ ସେମାନଙ୍କୁ ପଚାରି ତଳେ ଦିଆଯାଇଥିବା ସାରଣୀରେ ଲେଖିବା ।

| | |
|---|---|
| ମାଆ | : |
| ବାପା | : |
| ଦାଦା | : |
| ଭାଇ | : |
| ଭଉଣୀ | : |
| ଜେଜେମାଆ : | |





https://withteachers.in/



## ଝରକାରୁ

ପଠିତ 'ଶପଥ' କବିତାରେ ଦେଶ ଓ ଜାତିର ଉନ୍ନତି ପାଇଁ ବହୁ ତ୍ୟାଗ ଓ ସାଧନାର ତଥ୍ୟ ଦିଆଯାଇଛି । ଦେଶ ଓ ଜାତିକୁ ଭଲ ପାଇବା ପାଇଁ ପ୍ରଥମେ ମନ ମଧ୍ୟରେ ଆଦର୍ଶର ଭାବନା ଆଣିବାକୁ ହେବ । ସେଥିପାଇଁ ଝର୍କା ସ୍ତମ୍ଭରେ ଲେଖକ ହରିହର ନନ୍ଦଙ୍କ ଉଦ୍‌ବୋଧନ ମୂଳକ "ଏ ମାଟି ମୁଠାକ" କବିତା ପଠନ (ଆବୃତ୍ତି) ନିମନ୍ତେ ଦିଆଯାଇଛି । ତେଣୁ ଏ ବିଷୟରେ ତୁମେ ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କର ।

**ପଠନ ନିମନ୍ତେ**

# ଏ ମାଟି ମୁଠାକ

ଶ୍ରୀ ହରିହର ନନ୍ଦ

ଏ ମାଟି ମୁଠାକ ପାଗଳ କରିଲା
ଏ ମାଟିର ମାୟା ବାନ୍ଧିଲା ଡୋର
ଏଇ ଡୋରେ ବନ୍ଧା ହୋଇ ଶତଶତ
ସନ୍ତାନ ଦେଲେ ଆପଣା ଶିର ।୦ ।
ଜନକ ଜନନୀ ଭ୍ରାତା ଓ ଭଗିନୀ
ପ୍ରିୟ ପ୍ରିୟତମା ସେନେହ ଭୁଲି,
ନିଜ ଜୀବନକୁ ଜାଳି ଦେଲେ ସୁତେ
ମାଟି ଗଉରବ ରଖିବେ ବୋଲି,
ଏ ମାଟି ମମତା... ତୁଳନା ନାହିଁ ତା'
ଉପମା ଅଟେ ସେ ନିଜ ନିଜର ।୧ ।
ଏ ମାଟିର ଅରି ରକ୍ତେ ସିକ୍ତ କରି
ଏ ମାଟିର ଧୂଳି ଗଲେ ଯେ ବୀରେ,
ଅନନ୍ତ ଜୀବନ କଲେ ସେ ବରଣ
ମରଣ ଛୁଇଁଲା ନାହିଁ ନାହିଁରେ,
ଏ ମାଟିର ଗୁଣ ଗୁଣି କେ ପାରିବ
ପରାଣ ଦେଇ ସେ ହେଲେ ଅମର ।୨ ।





https://withteachers.in/

ସୁଖ ଦୁଃଖ ମୋର ଏ ମାଟି ମାଆର
କୋଳରେ ଲିଭେଇ ଆସିଛି ମୁହିଁ,
ତନ ମନ ଧନ ସବୁ ଦିଆ ତା'ର
ଝରି ଯାଉ ସବୁ ତାହାରି ପାଇଁ,
ଏ ମାଟି ମୋ ମାଆ... ସେ ତ ମହାମାୟା
କାଟିବ କେ କରି ତା' ମାୟା ଡୋର।







## ଆସ ଅନୁସନ୍ଧାନ କରିବା

ଆମ ଦେଶ ଓ ରାଜ୍ୟର କଳା, ବିଜ୍ଞାନ, ରାଜନୀତି, କ୍ରୀଡ଼ା, ମନୋରଞ୍ଜନ ଇତ୍ୟାଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିମାନଙ୍କ କାହାଣୀ ବିଷୟରେ ପାଠାଗାର ଓ ଇଣ୍ଟରନେଟ୍‌ର ସହାୟତା ନେଇ ପାରିବ। ସେମାନଙ୍କ ଜୀବନ କାହାଣୀରୁ ତୁମେମାନେ ଅନେକ ପ୍ରେରଣା ପାଇପାରିବ। ଏ ବିଷୟରେ ତୁମେ ତୁମର ଶିକ୍ଷକ, ଶିକ୍ଷିକା ଓ ପିତାମାତାଙ୍କ ସହିତ ଆଲୋଚନା କରି ଅଧିକ ଜାଣିବା ପାଇଁ ଉଦ୍ୟମ କରିବ।



https://withteachers.in/

ପଠନ ନିମନ୍ତେ



# ଚାଲିବାକୁ ହେବ ସମତା ପଥେ

ଅଟଳ ବିହାରୀ ବାଜପେୟୀ
ଅନୁସୃଜନ - ଭେଙ୍କଟ ବାଲାଜୀ ବିଶ୍ୱନାଥ ଶତପଥୀ

ବାଧା ତ ଆସୁଛି ଆସିବ
ପ୍ରଳୟ ରୂପ ବି ଦିଶିବ
ମସ୍ତକେ ଜ୍ୱଳନ ବରଷିବ
ଆପଣା ହାତରେ ଅଗ୍ନି ଲଗାଇ
ଚାଲିବାକୁ ହେବ ସମତା ପଥେ ॥
ହସ କାନ୍ଦରେ ଘୋର ତୋଫାନେ
ଅସଂଖ୍ୟ ଅମର ବଳିଦାନରେ,
ପ୍ରଗତି ସ୍ଥଳରେ ସବୁ ଉଦ୍ୟାନରେ
ବିରାଜିବା ନବ ଏକତା ରଥେ,
ଚାଲିବାକୁ ହେବ ସମତା ପଥେ ॥
ମାନ ଅପମାନ ମିଳିବ
ବିଚଳିତ ମନ ଖେଳିବ,
ଅନ୍ଧାରେ ଆଲୋକ ଜଳିବ,
ଗଢ଼ିବା ଯୁଗକୁ ଆପଣା ହାତେ
ଚାଲିବାକୁ ହେବ ସମତା ପଥେ ॥
ଘୃଣାରେ ଅଥବା ପ୍ରେମରେ,
ଆଳସ୍ୟ ଅଥବା ଶ୍ରମରେ,
ସହର କି ଅବା ଗ୍ରାମରେ,
କ୍ଷଣିକ ବିଜୟ ଅବା ପରାଜୟ ସାଥେ
ଚାଲିବାକୁ ହେବ ସମତା ପଥେ ॥

ଧରଣୀକୁ ଶ୍ରମ ଯୋଗାଇ,
ସୁନ୍ଦର ରୂପରେ ସଜାଇ,
ବିଜୟ ଶଙ୍ଖ ବଜାଇ,
ନବ ଜୀବନର ଶତ ଆକର୍ଷଣ
ଖୋଜିବା ସକାଳେ ଧ୍ୟେୟ ପଥେ,
ଚାଲିବାକୁ ହେବ ସମତା ପଥେ ॥
କୁଶ କଣ୍ଟାରେ ଜୀବନ ସଜା,
ନବ ଯୌବନ ଘୃଣାରେ ଭିଜା,
ଜୀବନ ଆହୁରି ସଙ୍କଟେ ତେଜି
ନିର୍ବାଣ ବିଜେ ମଧୁବନ ରଥେ
ଚାଲିବାକୁ ହେବ ସମତା ପଥେ ।





https://withteachers.in/

# ଆମ ଲେଖା ଆମ ଚିତ୍ର



https://withteachers.in/



# ଡମ୍‌କଚ୍‌
## (ଭ୍ରମଣ କାହାଣୀ)

ଶାନ୍ତନୁ କୁମାର ଆଚାର୍ଯ୍ୟ

ପ୍ରଥମେ ପିଲାଟା ଲାଜକଲା । ଚଉଦ ପନ୍ଦରବର୍ଷର ସୁନ୍ଦର ଗୋଲଗାଲ କଳାମଚମଚ ପିଲାଟିଏ । ଆମେ ତାକୁ କହୁଥାଉ– ହଁ, ଦେଖାମ ଖଣ୍ଡେ ! ତମଆଡ଼େ କେମିତି ନାଚନ୍ତି ସେ ନାଚ-ଡମ୍‌କଚ୍‌ ! ହଁ, ଡମ୍‌କଚ୍‌ ଖଣ୍ଡେ ଦେଖାନା !

ପିଲାଟା ନାଚିଲାନାଇଁ ଖାଲି– ଗୀତଟିଏ ମଧ୍ୟ ବୋଲିଲା । ସେ ଗୀତର ପହିଲି ପଦ କେତୋଟି ହେଲା– 'ଗୋମୁଲାକ୍‌ ଟୋଙ୍ଗରିମେ କା ମେଲା ଲାଗେଲା । ରାମ୍‌ଜୀକର ମେଲା ଲାଗେଲା । ସୀତାଜୀ ଆଇଗ୍‌ ଜୋରେନା ଅଗିନ୍‌କୁଁଡ଼େ ଆଇଗ୍‌ ଲାଗେ । ରାମୁ ତ ଲଛୁମନଜୀ ଭେଲୟଁ ଧୀଆନ...' (ଅର୍ଥ– ଗୋମ୍‌ଲା ସବଡ଼ିଭିଜନ ହେଡ୍‌କ୍ୱାର୍ଟରର ଛୋଟ ପାହାଡ଼ (ଟୋଙ୍ଗରି) ଉପରେ କି ମେଳା ଲାଗିଲା ରେ ? ରାମଙ୍କର ମେଳା ଲାଗିଲା । ସୀତାଜୀ ଚୁଲିରେ ନିଆଁ ଧରାଉଚନ୍ତି । ଚୁଲିରେ ନିଆଁ ଧରିଚି । ରାମ ଓ ଲକ୍ଷ୍ମଣ ଧ୍ୟାନରେ ବସିଚନ୍ତି...)

ଦେଖିଲି ଅପୂର୍ବ ଭଙ୍ଗୀ ସେ ନୃତ୍ୟର । ଶୁଣିଲି ଅଶ୍ରୁତ ସ୍ୱର ସେ କଣ୍ଠରୁ । ସେ ତାଳ ଆଉ ଧ୍ୱନି ଲୟରୁ ରାମନାମ ଶୁଣି ମନ ପବିତ୍ର ହୋଇଗଲା । ହୃଦୟ ବିଗଳିତ ହୋଇଗଲା । ପଚାରିଲି– ଏ କେଉଁଠିକାର ନାଚ, କେଉଁଠିକାର ଗୀତ ? ଅଧ୍ୟାପକ ରଥ ଉତ୍ତର ଦେଲେ, "ଆମ ଆଡ଼ିକାର–ରାଞ୍ଚି ସାଇଡ଼ର ।"

"ରାଞ୍ଚିର ଲୋକସଙ୍ଗୀତ କ'ଣ ଏହିପରି ? ଶୁଭୁଚି ତ ବୌଦ୍ଧଗାନ ଦୋହା ପରି !"

ଅଧ୍ୟାପକ ରଥ ହସିଲେ । କହିଲେ, "ଏ ଭାଷାର ନାଁ ସାଦ୍‌ରି, ଏ ଓଡ଼ିଆ ଓ ହିନ୍ଦୀ ମିଶାମିଶି; କିନ୍ତୁ ସହଜେ ବୁଝି ହେବନାଇଁ ।"

"ଆପଣଙ୍କ ସେଆଡ଼େ ସାଧାରଣତଃ କୋଉ ମାସରେ ନାଚଗୀତ ଚାଲେ ?"

ରଥ ଗମ୍ଭୀର ହୋଇଗଲେ, କହିଲେ, "କୋଉମାସ ? ବାରମାସ । ବର୍ଷକ ବାରମାସ ନାଚଗୀତ । ତେବେ ଗୋଟାଏ

https://withteachers.in/

ବିଭାଜକ ରେଖା ଅଛି। କାର୍ତ୍ତିକ ପୂର୍ଣ୍ଣମୀଠୁଁ ବାହୁଡ଼ା (ରଥ) ଯାକେ 'ଡମ୍‌କଚ୍'। ସେଠୁ ପୁଣି କାର୍ତ୍ତିକ ପୂର୍ଣ୍ଣମୀଯାକେ 'ଅଙ୍ଗ୍‌ନାଇ' ଆଉ 'ଝୁମର'।"




ଆଶ୍ଚର୍ଯ୍ୟ ହେଲି– "ଋତୁର ଗୁଣକୁ ନେଇ, ସମୟର ମୁଡ୍‌କୁ ନେଇ ସ୍ୱତନ୍ତ୍ର ଧରଣର ନୃତ୍ୟ, ସ୍ୱତନ୍ତ୍ର ଧରଣର ସଙ୍ଗୀତର ଆବଶ୍ୟକତା ଏ ଅଞ୍ଚଳର ଆଦିବାସୀ ଜାଣିନେଇ ପାରିଛି ନା କଅଣ!" ପଚାରିଲି। ଅଧ୍ୟାପକ ଉତ୍ତର ଦେଲେ– "ଏଇ ଆସୁଚି ଆଗକୁ–ଭାଦ୍ରବ ଶୁକ୍ଳ ଏକାଦଶୀ। ମୟୂରଭଞ୍ଜ, ଷଢ଼େଇକଳା, ଖରସୁଆଁ, ସିଂହଭୂମିର ଦକ୍ଷିଣାଂଶ ଅର୍ଥାତ୍ ରାଞ୍ଚି ଅଞ୍ଚଳ– ଏକ ବିରାଟ ଭୂଭାଗ, କମ୍ପିବ ସେଇ ଦିନଠୁଁ କାର୍ତ୍ତିକଯାକେ ବରାବର। ରାତିରେ ମାଦଳ ଶୁଣିବେ। ଶୁଣିବେ ଝୁମର୍ ନହେଲେ ଅଙ୍ଗନାଇ ଗୀତର ତାନ୍।"

"ଏ ଏକାଦଶୀ ତିଥିଟା ଆଜ୍ଞା କ'ଣ ? କି ତାତ୍ପର୍ଯ୍ୟ ?"





https://withteachers.in/

"କରମା ପର୍ବ। ଏ ପର୍ବ ଭଉଣୀଙ୍କର ଭାଇର ମଙ୍ଗଳ ପାଇଁ। ନିଃସନ୍ତାନା ନାରୀମାନେ ପୁତ୍ରକାମନା ପାଇଁ। କୁମାରୀମାନେ ମଧ୍ୟ ମନାସନ୍ତି ନିଜର ଭବିଷ୍ୟତ୍। ତେବେ ଏଠି ଗୋଟିଏ କଥା ମାର୍କ କରିବେ। କରମା ଗଛର ଡାଳଟିଏ ବଣୁ ଅଣାହେଇ ପୋତାହବ। ତା ପାଖରେ 'ଜାଓ୍ୱା' ସ୍ଥାପନା କରାଯାଇଥିବ।"

"ଜାଓ୍ୱା ?"

"ବଡ଼ ଇଣ୍ଟରେଷ୍ଟିଂ ସେ ଜାଓ୍ୱା ଆଜ୍ଞା ! ପର୍ବର ସାତ ଆଠଦିନ ପୂର୍ବରୁ ଓଦା ବାଲିରେ ଜଅ, ଧାନ, ଗହମ, ହରଡ଼ ପ୍ରଭୃତିର ବିହନ ବତୁରି ଗଜା ହେଇସାରିଥିବ। ଏହାକୁ ଟାଙ୍ଗୁଡ଼ିରେ ରଖି ଅତି ସୁନ୍ଦରଭାବେ ସଜାଇ ଦିଅନ୍ତି ବଣଫୁଲରେ– କାକୁଡ଼ି, ଜହ୍ନି ଫୁଲର ଗଜରାମାଳରେ। ସେଇଠୁ ଗୋଟିଏ ଗୋଟିଏ କାକୁଡ଼ିକୁ ହଳଦୀକନାରେ ଗୁଡ଼େଇ କନ୍ୟାମାନେ, ନିଃସନ୍ତାନା ନାରୀମାନେ ଆସନ୍ତି। ପୂଜା ଚାଲେ।"




"କି ପୂଜା ?"

"କରମା ପୂଜା। ସେ ଗୋଟିଏ ଗଳ୍ପ ବା ଉପାଖ୍ୟାନ। ବ୍ରାହ୍ମଣ ଏ ଉପାଖ୍ୟାନ ପଢ଼ି ଶୁଣାନ୍ତି। ପୂଜା କାକୁଡ଼ିକୁ ଧରି ଝିଅମାନେ ଉଠନ୍ତି। କରମା ପୂଜାସ୍ଥଳୀ ସାତଥର ପରିକ୍ରମା କରନ୍ତି। ସେଠୁ ଘରକୁ ଯା'ନ୍ତି। ଖିଆପିଆ ସାରି ଫେରନ୍ତି। ସେଇଠୁ ନାଚ– ଝିଅ ପୁଅ ସମସ୍ତେ ଏକାଠି। ମାଦଳ ବାଜେ। ମାଦଳ ଶବ୍ଦ ଶୁଣିନାହାନ୍ତି ଆଜ୍ଞା ? ସେ ମୃଦଙ୍ଗ ନୁହେଁ, ଢୋଲ ନୁହେଁ। ଆପଣଙ୍କ ଗୋଡ଼ ତୁଛେଇଁକି ଡେଇଁବ। ଆଉ, ହଁ– ଏ ନୃତ୍ୟର ତାଳ ମାତ୍ରା ସବୁ ସୁନିର୍ଦ୍ଦିଷ୍ଟ ! ଡମ୍‌କଚ୍– ତା' ସିଜନ୍‌ରେ ଅଙ୍ଗ୍‌ନାଇ ବା ଝୁମର ତା ସିଜନରେ। ମିଶାମିଶି ନୁହେଁ। ବର୍ତ୍ତମାନ ଝୁମର ବେଳ। ଆଶ୍ୱିନ ମାସରେ ପଡ଼ିବ ଜିତିଆ ପର୍ବ। ସେତେବେଳେ ଅଙ୍ଗ୍‌ନାଇ।"

"ଏ ଜିତିଆ କଅଣ ? ଦୁତିଆ ଓଷା ?"

"ହଁ ହଁ– ଏ ପର୍ବ ମା' କରେ ପୁଅପାଇଁ। ଏଥିରେ କରମ ଗଛର ଡାଳ ବଦଳରେ ଅଶ୍ୱତ୍ଥ ଗଛର ଡାଳ ପୂଜା ହୁଏ, ତାରି ଚାରିପଟେ ନୃତ୍ୟ ହୁଏ।'

"ଆଉ ଜାଓ୍ୱା ?"

"ହଁ-ହଁ, ଜାଓ୍ୱା ତ ନିଶ୍ଚିତ ! ସ୍ତ୍ରୀଲୋକମାନେ ଏ ଜାଓ୍ୱାକୁ ମନେକରନ୍ତି ଅତି ପବିତ୍ର। ଗଭାରେ ଖୋଷନ୍ତି। ବାହୁରେ ବାନ୍ଧନ୍ତି। ନାଚକରୁଥାନ୍ତି।"



https://withteachers.in/

"ଆଚ୍ଛା, ଅଙ୍ଗନାଇରୁ ପଦେ କହିପାରିବେ କି ?"

ଅଧ୍ୟାପକ ରଥ ଆଖିବୁଜି ଭାବିବସିଲେ। କହିଲେ, "ଯଦୁପତି ନଟବର ନନ୍ଦ ଛେକଲେଇଁ ଡଗରେ। ଜଲଯାବ କୈସେ ଭରେ। ତୋଲଡ଼ ଦେଲଉଁ ମୁଙ୍ଗାମୋତି। ଛେକଲଇଁ ଡଗରେ।" ସେଇଠୁ ଓଡ଼ିଆରେ ଅର୍ଥ କଲେ, "ଯଦୁପତି ନଟବର କୃଷ୍ଣ ବାଟ ଓଗାଳିଚନ୍ତି, ମୁଁ ପାଣି ଆଣିଯିବି କେମିତି ? ମୋ କାଇଁଚମାଳି ଧରି ନଟବର ଯେ ଟାଣି ଅଟକଉଚନ୍ତି ମତେ, ମୋ ମାଳ ଛିଣ୍ଡିଯିବ, ମୁଁ ଜଳ ଆଣିଯିବି କେମିତି ?"



ରାମ ଓ କୃଷ୍ଣ ନାମ। ଏଇ ଦୁଇ ନାମକୁ ଜପାମାଳି କରି ଭାରତ ବଞ୍ଚିରହିଛି। ଯେତେ ଗୀତ, ଯେତେ ନାଚ, ଯେତେ ହାଣ୍ଡିଆ, ଯେତେ ମହୁର ସବୁ ଏଇ ନାମ ଦୁଇଟିର ପାଦତଳେ ସମର୍ପିତ। ଏଇ ସମର୍ପଣ ହିଁ ଭାରତର ସଭ୍ୟତା, ଭାରତର ସଂସ୍କୃତି–ଆଉ କିଛି ନୁହେଁ।

ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ନିଜ ଆଖିରେ ଏଠାକାର ଗୋଟିଏ ଗାଁରେ ପାଳିତ ହେଉଥିବା କରମା ପର୍ବ ଦେଖିଲି। ଅଧ୍ୟାପକ ରଥ ରାଞ୍ଚିର ଲୋକ– ସଂସ୍କୃତି ସମ୍ପର୍କରେ ଯାହା କହିଥିଲେ ତାହା ଏଠି ମୟୂରଭଞ୍ଜର ଗାଏଁ ଗାଏଁ ଅବିକଳ ଏକାଭଳି ଚାଲିବା ଦେଖିଲି। ଏହାକୁ ଖାଲି ଆଦିବାସୀ ଅର୍ଥାତ୍ ହୋ, ମୁଣ୍ଡା, ଓରାଂମାନେ ପାଳନ୍ତି ନାହିଁ– ପାଳନ୍ତି ମଧ୍ୟ ମହାନ୍ତମାନେ। ପାଳନ୍ତି ମଧ୍ୟ ଅନ୍ୟ ସମସ୍ତେ, ଯେଉଁମାନେ ଜୀବନକୁ ଦୁଃଖର ଗନ୍ତାଘର ନକହି ଆନନ୍ଦର ଉତ୍ସ ମନେକରନ୍ତି। ସାରାରାତି ମାଦଳର ଗୁମ୍ ଗୁମ୍ ଆଉ ଝୁମର୍‌ର ସ୍ୱର ଶୁଭୁଚି ଏଇଲେ କରମା ଉତ୍ସବ ଉପଲକ୍ଷ୍ୟେ।



https://withteachers.in/

## ଲେଖକ ପରିଚୟ



ଶାନ୍ତନୁ କୁମାର ଆଚାର୍ଯ୍ୟ ଜଣେ ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା। କଟକ ଜିଲ୍ଲାର ସିଦ୍ଧେଶ୍ୱର ପୁର ଗ୍ରାମରେ ୧୯୩୩ ମସିହା ମଇ ମାସ ୧୫ ତାରିଖ ଦିନ ତାଙ୍କର ଜନ୍ମ। ପିତାଙ୍କ ନାମ ଅନନ୍ତ ଚରଣ ଆଚାର୍ଯ୍ୟ ଓ ମାତା କୃଷ୍ଣପ୍ରିୟା ଦେବୀ। ସେ ଏକାଧାରାରେ ଜଣେ ଔପନ୍ୟାସିକ, ଗାଳ୍ପିକ, ଅନୁବାଦକ, ଭ୍ରମଣକାହାଣୀ ଲେଖକ ଏବଂ ଶିଶୁ ସାହିତ୍ୟିକ। ଜୀବନର ଅନେକ ଉପଲବ୍ଧିକୁ ସେ ନିଛକ ଭାବରେ ବର୍ଣ୍ଣନା କରି ଯଥେଷ୍ଟ ପାଠକୀୟ ଆଦୃତି ଲାଭ କରିଛନ୍ତି। ତାଙ୍କ ଦ୍ୱାରା ରଚିତ ପୁସ୍ତକଗୁଡ଼ିକ ହେଉଛି, 'ନରକିନ୍ନର', 'ଶତାବ୍ଦୀର ନଚିକେତା', 'ତିନୋଟି ରାତିର ସକାଳ', 'ଦକ୍ଷିଣାବର୍ତ୍ତ', 'ଶକୁନ୍ତଳା', 'ଧରିତ୍ରୀର କାନ୍ଦ', 'ଚଳନ୍ତି ଠାକୁର', 'ଅଦିନ ବଉଳ', 'କରଞ୍ଜିଆ ଡାଏରି' ଇତ୍ୟାଦି। 'ଡମ୍‌କଚ୍' ପ୍ରସଙ୍ଗଟି ଲେଖକଙ୍କ 'କରଞ୍ଜିଆ ଡାଏରି' ଭ୍ରମଣକାହାଣୀରୁ ଆନୀତ। ଏଥିରେ ମୟୂରଭଞ୍ଜ ଅଧିବାସୀମାନଙ୍କର ପର୍ବପର୍ବାଣି, ନୃତ୍ୟଗୀତ ସମ୍ପର୍କରେ ଆଲୋଚନା କରାଯାଇଛି।

## ପାଠ୍ୟ ଅନ୍ତର୍ଗତ

## ମୋ ବୁଝିବାରେ

**ଆସ ବିଷୟଟିକୁ ଭଲଭାବେ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା।**

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦେବା।**

(୧) 'ସାଦ୍‌ରି' ଭାଷା କେଉଁ ଦୁଇଟି ଭାଷାର ସମ୍ମିଶ୍ରଣରେ ସୃଷ୍ଟି ?

- ଓଡ଼ିଆ ଓ ହିନ୍ଦୀ
- ଓଡ଼ିଆ ଓ ବଙ୍ଗଳା
- ହିନ୍ଦୀ ଓ ଆସାମୀ
- ଓଡ଼ିଆ ଓ ତେଲୁଗୁ



(୨) କେଉଁ ମାସରେ ଜିତିଆ ପର୍ବ ପଡ଼ିଥାଏ ?

- ଭାଦ୍ରବ
- ବୈଶାଖ
- ଆଶ୍ୱିନ
- କାର୍ତ୍ତିକ





https://withteachers.in/

(୩) 'ଡମ୍‌କଚ୍' ନୃତ୍ୟଟି କେଉଁ ମାସରୁ କେଉଁ ମାସ ପର୍ଯ୍ୟନ୍ତ ପାଳନ କରାଯାଏ ?

- ବୈଶାଖ ପୂର୍ଣ୍ଣିମାଠାରୁ ଜ୍ୟେଷ୍ଠ ପୂର୍ଣ୍ଣିମା
- କାର୍ତ୍ତିକ ପୂର୍ଣ୍ଣିମାଠାରୁ ବାହୁଡ଼ା (ରଥ)
- ଭାଦ୍ରବ ପୂର୍ଣ୍ଣିମାଠାରୁ ଆଶ୍ୱିନ ଦ୍ୱାଦଶୀ
- ଶ୍ରୀପଞ୍ଚମୀଠାରୁ ବାହୁଡ଼ା

(୪) ରାଞ୍ଚିର ଲୋକସଙ୍ଗୀତ ଲେଖକଙ୍କୁ କେଉଁ ଗୀତ ପରି ଲାଗୁଥିଲା ?

- ବୌଦ୍ଧଗାନ ଓ ଦୋହା
- ବୈଷ୍ଣବ ପଦାବଳୀ
- ନାଉରିଆ ଗୀତ
- ଶଗଡ଼ିଆ ଗୀତ

(୫) ଦୁତିଆ ଓଷାଟି କାହାର ମଙ୍ଗଳ କାମନାପାଇଁ କିଏ ପାଳନ କରିଥାନ୍ତି ?

- ଭଉଣୀ, ଭାଇର ମଙ୍ଗଳ ପାଇଁ
- ସ୍ତ୍ରୀ, ସ୍ୱାମୀର ମଙ୍ଗଳ ପାଇଁ
- ମା' ପୁଅର ମଙ୍ଗଳ ପାଇଁ
- ମା' ଝିଅର ମଙ୍ଗଳ ପାଇଁ

## ମିଳିମିଶି ଯୋଡ଼ିବା

'କ' ସ୍ତମ୍ଭରେ ଦିଆଯାଇଥିବା ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା ଉତ୍ତରକୁ ରେଖା ଚିହ୍ନଦ୍ୱାରା ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ଜାଓ୍ୱା | ୧. କରମା ଗଛର ଡାଳକୁ ପୂଜା କରାଯାଏ । |
| ୨. ଅଙ୍ଗନାଇ | ୨. ଅଶ୍ୱତ୍‌ଥ ଗଛର ଡାଳ ପୂଜା ହୁଏ । |
| ୩. କରମା ପର୍ବ | ୩. ଓଡ଼ିଆ ଓ ହିନ୍ଦୀ ଭାଷା ମିଶାମିଶି |
| ୪. ଜିତିଆ | ୪. ଓଦା ବାଲିରେ ଯଅ, ଧାନ, ଗହମ, ହରଡ଼ ପ୍ରଭୃତିର ବିହନ ବତୁରି ଗଜା । |
| ୫. ସାଦ୍‌ରି | ୫. ଏକ ଗୀତ |



https://withteachers.in/

## ମିଳିମିଶି ଠିକ୍ ଉତ୍ତର ବାଛନ୍ତୁ



(କ) ପାଠରୁ ଏକ ନିର୍ଦ୍ଦିଷ୍ଟ ବାକ୍ୟ ପାଇଁ ଦୁଇଟି ସମାନ ଉତ୍ତର ବୋଧକ ବାକ୍ୟ ଦିଆଯାଇଛି । ସାଙ୍ଗମାନଙ୍କ ସହ ମିଶି ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ (✓) ଦିଅ ।

| କ୍ରମିକ | ବାକ୍ୟ | ଉତ୍ତରବୋଧକ ବାକ୍ୟ |
|---|---|---|
| | ପର୍ବର ସାତ ଆଠ ଦିନ ପୂର୍ବରୁ ଓଦା ବାଲିରେ ଯଅ, ଧାନ, ଗହମ, ହରଡ଼ ପ୍ରଭୃତିର ବିହନ ବତୁରି ଗଜା ହୋଇ ସାରିଥିବ । | • କରମା ପର୍ବ ସମୟରେ କରମା ଡାଳ ପୋତା ହେବା ପରେ ଜୱା ସ୍ଥାପନ କରାଯାଏ ।<br>• ଅଶ୍ୱତ୍ଥ ଗଛର ଡାଳ ପୂଜା ହୋଇ ଘରିପଟେ ନୃତ୍ୟ ହୁଏ । |
| | ରାଞ୍ଚିର ଲୋକସଙ୍ଗୀତ କ'ଣ ଏହିପରି ? | • ଓଡ଼ିଆ ଓ ହିନ୍ଦୀ ଭାଷାର ମିଶ୍ରଣର ସଙ୍ଗୀତ ।<br>• ବୌଦ୍ଧଗାନ ଓ ଦୋହାର ସଙ୍ଗୀତ ପରି । |
| | ଏ ପର୍ବ ଭଉଣୀ କରେ ଭାଇର ମଙ୍ଗଳ ପାଇଁ । | • କରମା ପର୍ବ ପାଳନ କରାଯାଏ ।<br>• ଦୁତିଆ ଓଷା ପାଳନ କରାଯାଏ । |
| | କାର୍ତ୍ତିକ ପୂର୍ଣ୍ଣିମୀଠୁଁ ବାହୁଡ଼ା (ରଥ) ଯାକେ । | • ଡମକଚ୍ ନୃତ୍ୟ ହୁଏ ।<br>• ଅଙ୍ଗନାଇ ଗୀତ ଗାନ କରାଯାଏ । |





https://withteachers.in/



## ଗଦ୍ୟାଂଶର ଚର୍ଚ୍ଚା

ନିମ୍ନରେ ପାଠରୁ ଚୟନ କରାଯାଇଥିବା ଗଦ୍ୟାଂଶକୁ ଭଲଭାବରେ ପଢ଼ି ନିଜର ଚିନ୍ତାଧାରାକୁ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

(କ) "ଦେଖିଲି ଅପୂର୍ବ ଭଙ୍ଗୀ ସେ ନୃତ୍ୟର । ଶୁଣିଲି ଅଶ୍ରୁତ ସ୍ୱର ସେ କଣ୍ଠରୁ । ସେ ତାଳ ଆଉ ଧ୍ୱନି ଲୟରୁ ରାମ ନାମ ଶୁଣି ମନ ପବିତ୍ର ହୋଇଗଲା ।"

(ଖ) "ଋତୁର ଗୁଣକୁ ନେଇ, ସମୟର ମୁଡ୍‌କୁ ନେଇ ସ୍ୱତନ୍ତ୍ର ଧରଣର ନୃତ୍ୟ, ସ୍ୱତନ୍ତ୍ର ଧରଣର ସଙ୍ଗୀତର ଆବଶ୍ୟକତା ଏ ଅଞ୍ଚଳର ଆଦିବାସୀ ଜାଣି ନେଇ ପାରିଛି ନା କଅଣ !"



## ବିଷୟର ଚିନ୍ତନ

ପାଠଟିକୁ ଭଲଭାବରେ ପଢ଼ିବା, ଉତ୍ତର ଖୋଜିବା ଏବଂ ଲେଖିବା ।

(କ) "କରମା ପର୍ବ । ଏ ପର୍ବ ଭଉଣୀଙ୍କର ଭାଇର ମଙ୍ଗଳ ପାଇଁ । ନିଃସନ୍ତାନା ନାରୀମାନେ ପୁତ୍ର କାମନା ପାଇଁ । କୁମାରୀମାନେ ମଧ ମନାସନ୍ତି ଭବିଷ୍ୟତ ।"



ଲେଖକଙ୍କ ଏହି ବାକ୍ୟଗୁଡ଼ିକରେ କ'ଣ ଦେଖିବାକୁ ପାଉଛ ? ତୁମ ଅଞ୍ଚଳରେ ଏଭଳି କିଛି ପର୍ବ ପାଳିତ ହୁଏ କି ? ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କରି ଲେଖ ।

(ଖ) "ଋତୁର ଗୁଣକୁ ନେଇ, ସମୟର ମୁଡ୍‌କୁ ନେଇ ସ୍ୱତନ୍ତ୍ର ଧରଣ ନୃତ୍ୟ, ସ୍ୱତନ୍ତ୍ର ଧରଣର ସଙ୍ଗୀତର ଆବଶ୍ୟକତା ଏ ଅଞ୍ଚଳର ଆଦିବାସୀ ଜାଣିନେଇ ପାରିଛି ନା କଅଣ !"

ଋତୁ ଅନୁସାରେ କାହିଁକି ପର୍ବ ପାଳନ ହୁଏ ? ଏହା କ'ଣ ଆମ ସଂସ୍କୃତିର ପରିଚୟ ? ଏମିତି ଋତୁଭିତ୍ତିକ କିଛି ପର୍ବ ତୁମ ଅଞ୍ଚଳରେ ପାଳିତ ହୁଏ କି ? ତାହା ଲେଖ ।

(ଗ) "ପାଳନ୍ତି ମଧ ଅନ୍ୟ ସମସ୍ତେ, ଯେଉଁମାନେ ଜୀବନକୁ ଦୁଃଖର ଗନ୍ତାଘର ନକହି ଆନନ୍ଦର ଉତ୍ସ ମନେ କରନ୍ତି ।"

ଲେଖକ ଏପରି କହିବାର ତାତ୍ପର୍ଯ୍ୟ କ'ଣ ? ପର୍ବପର୍ବାଣି ସୁଖ ଓ ଦୁଃଖକୁ ପ୍ରକାଶ କରେ କି ? ତୁମେ ଯାହା ଚିନ୍ତା କରୁଛ ଲେଖ ।



https://withteachers.in/

(ଘ) "ରାମ ଓ କୃଷ୍ଣ ନାମ । ଏ ଦୁଇ ନାମକୁ ଜପାମାଳି କରି ଭାରତ ବଞ୍ଚି ରହିଛି ।"

ଭାରତର ଅଧିକାଂଶ ପର୍ବପର୍ବାଣି ରାମ ଓ କୃଷ୍ଣଙ୍କ ଜୀବନଧାରା ସହିତ ଜଡ଼ିତ । ଯଦି ତୁମ ଅଞ୍ଚଳରେ ରାମ ଓ କୃଷ୍ଣଙ୍କୁ ଦେବତା ରୂପେ ନେଇ ଯେଉଁ ପର୍ବ ପାଳନ କରାଯାଉଅଛି, ତାହାର ତାଲିକା ପ୍ରସ୍ତୁତ କର ।

(ଙ) "ପର୍ବର ସାତ ଆଠ ଦିନ ପୂର୍ବରୁ ଓଦା ବାଲିରେ ଯଅ, ଧାନ, ଗହମ, ହରଡ଼ ପ୍ରଭୃତିର ବିହନ ବତୁରି ଗଜା ହୋଇ ସାରିଥିବ ।"

ପର୍ବ ସହିତ ଶସ୍ୟ ଓ ପ୍ରକୃତିର ସମ୍ପର୍କକୁ ତୁମେ କିପରି ଦେଖ ? ଏହିପରି ଶସ୍ୟ ଓ ପ୍ରକୃତିର ସମ୍ପର୍କକୁ ନେଇ ଥିବା ପର୍ବପର୍ବାଣିର ନାମ ଲେଖ ।

## ଅନୁମାନ ଏବଂ କଳ୍ପନା

(କ) "ମୟୂରଭଞ୍ଜ, ଷଢ଼େଇକଳା, ଖରସୁଆଁ, ସିଂହଭୂମିର ଦକ୍ଷିଣାଂଶ ଅର୍ଥାତ୍ ରାଞ୍ଚି ଅଞ୍ଚଳ ।"

କଳ୍ପନା କର ତୁମେ ରାଞ୍ଚି ଅଞ୍ଚଳରେ ଅଛ, ତୁମେ ସେଠାରେ କି କାର୍ଯ୍ୟ କରିପାରିବ ।

(ଖ) "ସେଇଠୁ ନାଚ—ଝିଅ ପୁଅ ସମସ୍ତେ ଏକାଠି ।"

କଳ୍ପନା କର ତମେ ସେହି ନାଚ ସ୍ଥାନରେ ଅଛ । ବାଦ୍ୟ ବାଜୁଛି । ତୁମେ ବାଦ୍ୟକୁ ଶୁଣି କ'ଣ ଅନୁଭବ କରୁଛ, ଲେଖ ।



(ଗ) କଳ୍ପନା କର ତମେ ଡମ୍‌କଚ୍ ନୃତ୍ୟ ହେଉଥିବା ସ୍ଥାନରେ ଠିଆହୋଇ ନୃତ୍ୟ ଉପଭୋଗ କରୁଛ । ତାହା କିପରି ଲାଗିଲା ଉଲ୍ଲେଖ କର ।

(ଖ) କଳ୍ପନା କର, ତୁମକୁ ପାହାଡ଼ ଘେରା ବଣ ଅଞ୍ଚଳର ପ୍ରକୃତି କୋଳରେ ବୁଲିବାକୁ କିପରି ଲାଗିଥାଏ, ତାହା ଲେଖ ।

## ସଂଳାପ (କଥାବାର୍ତ୍ତା) ଲେଖ

(କ) "ଆପଣଙ୍କ ଅଞ୍ଚଳରେ ସାଧାରଣତଃ କୋଉ ମାସରେ ନାଚଗୀତ ଚଳେ ?" କରଞ୍ଜିଆ ଉପରେ ଲେଖକ ଏବଂ ଅଧ୍ୟାପକ ରଥଙ୍କ ମଧ୍ୟରେ ହୋଇଥିବା କଥା ଆଧାରରେ ଏକ କାଳ୍ପନିକ ସଂଳାପ ଲେଖ ।

(ଖ) "ଏହାକୁ ଖାଲି ଆଦିବାସୀ ଅର୍ଥାତ୍ ହୋ, ମୁଣ୍ଡା, ଓରାଂମାନେ ପାଳନ୍ତି ନାହିଁ– ପାଳନ୍ତି ମଧ୍ୟ ମହାନ୍ତମାନେ ।" ଏହି ସଂଳାପ ପରି–

ଲେଖକ ଏବଂ ତୁମ ମଧ୍ୟର ଆଦିବାସୀମାନେ ପାଳନ କରୁଥିବା ଏକ ପର୍ବକୁ ନେଇ କାଳ୍ପନିକ ସଂଳାପ ଲେଖ ।



https://withteachers.in/

## 'ଟିଏ' ଏବଂ 'ମାନେ' ର ପ୍ରୟୋଗ

ନିମ୍ନଲିଖିତ ବାକ୍ୟ ଦୁଇଟିକୁ ଲକ୍ଷ୍ୟ କର ।

- କୁମାରୀମାନେ ମଧ୍ୟ ନିଜର ଭବିଷ୍ୟତ ମନାସନ୍ତି ।
- କରମା ଗଛର ଡାଳଟିଏ ବଣରୁ ଅଣା ହୋଇ ପୋତା ହେବ ।

ଏଠାରେ 'ମାନେ' ପ୍ରୟୋଗଦ୍ୱାରା ବହୁବଚନକୁ ସୂଚାଉଥିବା ବେଳେ 'ଟିଏ' ପ୍ରୟୋଗଦ୍ୱାରା ଏକବଚନକୁ ସୂଚାଉଅଛି ।

**(ଗ) 'ମାନେ' ଓ 'ଟିଏ' ଲଗାଇ ଶୂନ୍ୟସ୍ଥାନ ପୂରଣ କର ।**

(୧) ଲୋକ ..........................ସାଧୁସନ୍ଥ ବାଣୀକୁ ଶୁଣିବାକୁ ଭଲ ପାଆନ୍ତି ।

(୨) ଗଛ ..........................ଲଗାଇବା ।

(୩) ଖେଳାଳି ..........................ପଡ଼ିଆରେ ଖେଳୁଛନ୍ତି ।

(୪) ଗଛ ଡାଳରେ ପକ୍ଷୀ ..........................ବସିଛି ।

(୫) କଥା ..........................କହୁଁ କଥାଟିଏ ।



## ଭାବନାକୁ ଚିହ୍ନିବା

| | | | | |
|---|---|---|---|---|
| କରୁଣା | ଶାନ୍ତି | ଦୟା | ଆଶ୍ଚର୍ଯ୍ୟ | ସନ୍ତୋଷ |
| ଭକ୍ତି | ଶ୍ରଦ୍ଧା | ହାସ୍ୟ | ଦୁଃଖ | ପ୍ରେମ |


**ନିମ୍ନରେ ଦିଆଯାଇଥିବା ବାକ୍ୟର ଭାବକୁ ବୁଝି ଉପରେ ଦିଆଯାଇଥିବା ସେହି ଭାବାତ୍ମକ ଶବ୍ଦକୁ ଶୂନ୍ୟସ୍ଥାନରେ ଲେଖ ।**

(୧) ସ୍ତ୍ରୀଲୋକମାନେ ଏ ଜାଓ୍ୱାକୁ ମନେ କରନ୍ତି ଅତି ପବିତ୍ର । ଗଭାରେ ଖୋଷନ୍ତି, ବାହୁରେ ବାନ୍ଧନ୍ତି, ନାଚ କରୁଥାନ୍ତି ।

____________________

(୨) ସେ ତାଳ ଆଉ ଧ୍ୱନି ଲୟରୁ ରାମନାମ ଶୁଣି ମନ ପବିତ୍ର ହୋଇଗଲା ।

____________________





https://withteachers.in/

(୩) "ଋତୁର ଗୁଣକୁ ନେଇ, ସମୟର ମୁଡ଼୍‌କୁ ନେଇ ସ୍ୱତନ୍ତ୍ର ଧରଣର ସଙ୍ଗୀତର ଆବଶ୍ୟକତା ଏ ଅଞ୍ଚଳର ଆଦିବାସୀ ଜାଣି ନେଇ ପାରିଛି ନା କ'ଣ !"



______________________________

(୪) ଏହାକୁ ଝଙ୍ଗୁଡ଼ିରେ ରଖି ଅତି ସୁନ୍ଦରଭାବେ ସଜାଇ ଦିଅନ୍ତି ବଣ ଫୁଲରେ– କାକୁଡ଼ି, ଜହ୍ନିଫୁଲର ଗଜରା ମାଳରେ ।

______________________________

(୫) ହଁ-ହଁ– ଏ ପର୍ବ ମା' କରେ ପୁଅ ପାଇଁ ।

______________________________



## କାଳ (ସମୟ)ର ପରିଚୟ :



"ପିଲାଟି ନାଚିଲା ନାଇଁ ଖାଲି– ଗୀତଟିଏ ମଧ୍ୟ <u>ବୋଲିଲା</u> ।"

ତୁମେ ନିଶ୍ଚୟ ତିନୋଟି କାଳ ସମ୍ପର୍କରେ ଜାଣିଥିବ । ଏହି ତିନୋଟି କାଳ ହେଉଛି, ବର୍ତ୍ତମାନ, ଅତୀତ ଏବଂ ଭବିଷ୍ୟତ କାଳ । ଉପରୋକ୍ତ ବାକ୍ୟଟି ଅତୀତକାଳ ସୂଚୀତ କରୁଛି ।

(କ) ପାଠ୍ୟର ନିମ୍ନଲିଖିତ ଧାଡ଼ିଗୁଡ଼ିକୁ ପଢ଼ ଏବଂ କେଉଁ କାଳର ସୂଚନା ଦେଉଛି ତାହା ଲେଖ ।

(ବର୍ତ୍ତମାନ / ଅତୀତ / ଭବିଷ୍ୟତ)

(୧) ହୃଦୟ ବିଗଳିତ ହୋଇଗଲା । ______________

(୨) ରାତିରେ ମାଦଳ ଶୁଣିବେ । ______________

(୩) ପୂଜା କାକୁଡ଼ିକୁ ଧରି ଝିଅମାନେ ଉଠନ୍ତି । ______________

(୪) ଆଶ୍ୱିନ ମାସରେ ପଡ଼ିବ ଜିତିଆ ପର୍ବ । ______________

(୫) ଅଧ୍ୟାପକ ରଥ ଆଖିବୁଜି ଭାବି ବସିଛନ୍ତି । ______________

(୬) ଯଦୁପତି ନଟବର ବାଟ ଓଗାଳିଛନ୍ତି । ______________



https://withteachers.in/



# ପତ୍ର ରଚନା



'ସମ୍ପାଦକ ମହୋଦୟ ! .... ମୋର ଭ୍ରମଣକାଳୀନ ଅନୁଭବ ଏବେବି ମୋ ମନ ମଧ୍ୟରେ ରହିଅଛି ।'

ଉପରିଲିଖିତ ବାକ୍ୟରେ ଲେଖକ ସମ୍ପାଦକ ମହୋଦୟଙ୍କୁ ସମ୍ବୋଧନ କରି ନିଜର ଭ୍ରମଣକାଳୀନ ଅନୁଭବକୁ ଲେଖିଛନ୍ତି । ତୁମେ ଜାଣିଛ ଯେ ଯେଉଁ ବ୍ୟକ୍ତିଙ୍କ ନିକଟକୁ ପତ୍ର ଲେଖାଯାଏ, ତାଙ୍କୁ ପ୍ରଥମେ ସମ୍ବୋଧନ କରାଯାଏ । ପତ୍ରର ଶେଷରେ ତୁମର ନାମ ଲେଖାଯାଏ । ଏହାଦ୍ୱାରା ପତ୍ର ପାଇଥିବା ବ୍ୟକ୍ତି ତାଙ୍କ ପାଖକୁ କିଏ ପତ୍ର ଦେଇଛନ୍ତି ଜାଣି ପାରନ୍ତି ।

ନିମ୍ନରେ ପତ୍ରଲିଖନର କିଛି ବିଶେଷତ୍ୱ ସହ ଉଦାହରଣ ଦିଆଯାଇଛି । ତୁମେ ତୁମ ସାଙ୍ଗମାନଙ୍କ ସହ ମିଶି ପତ୍ରର ବିଶେଷତ୍ୱ ସହ ଉଦାହରଣକୁ ରେଖା ମାଧ୍ୟମରେ ଯୋଡ଼ ।

| କ୍ରମିକ ନଂ | ପତ୍ରର ବିଶେଷତ୍ୱ | ପତ୍ରର ଉଦାହରଣ |
|---|---|---|
| ୧. | ବ୍ୟକ୍ତିଭିତ୍ତିକ : ଏହି ପତ୍ରରେ ଲେଖକ ନିଜର ବିଚାର, ଅନୁଭବ ଏବଂ ମନୋଭାବନାକୁ ପ୍ରମୁଖ ରୂପେ ଗ୍ରହଣ କରିଥାନ୍ତି । | ଶ୍ରୀଯୁକ୍ତ<br>ସମ୍ବାଦପତ୍ରର ସମ୍ପାଦକ ମହୋଦୟ |
| ୨. | ଯୋଗାଯୋଗ ଭିତ୍ତିକ : ପତ୍ର ଯୋଗାଯୋଗର ଏକ ରୂପ; ପାଠକ ସହିତ ସିଧାସଳଖ ଯୋଗାଯୋଗ ହୋଇଥାଏ । | 'ଆପଣଙ୍କ ସେଆଡ଼େ ସାଧାରଣତଃ କୋଉ ମାସରେ ନାଚଗୀତ ଚାଲେ ?' |
| ୩. | ସ୍ୱାଭାବିକ ଶୈଳୀ : ଭାଷା କୃତ୍ରିମ ନୁହେଁ; ଭାବନାର ଅନୁରୂପ ହୋଇଥାଏ । | କାର୍ତ୍ତିକ ପୂର୍ଣ୍ଣମୀଠୁଁ ବାହୁଡ଼ା (ରଥ) ଯାକେ 'ଡମ୍‌କଚ୍‌' । ସେଠୁ ପୁଣି କାର୍ତ୍ତିକପୂର୍ଣ୍ଣମୀଯାକେ 'ଅଙ୍ଗନାଇ' ଆଉ 'ଝୁମର' । |
| ୪. | ବ୍ୟକ୍ତିଗତ ଅନୁଭବର ବର୍ଣ୍ଣନା : ଯେଉଁଥିରେ ଲେଖକ ନିଜର ବାସ୍ତବ ଅଭିଜ୍ଞତାକୁ ବର୍ଣ୍ଣନା କରିଥାଏ । | ତୁମର ବନ୍ଧୁ   ନାମ– |
| ୫. | ସମ୍ବୋଧନ ବା ଅଭିବାଦନ : ପତ୍ରର ଆରମ୍ଭରେ ଯେଉଁ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପତ୍ର ଲେଖାଯାଏ, ତାହାଙ୍କୁ ଆଦର ପୂର୍ବକ ସମ୍ବୋଧନ କରାଯାଏ । | ସମ୍ପାଦକ ମହୋଦୟ, ସତରେ ମୁଁ କରଞ୍ଜିଆରେ ରହିଯିବାକୁ ଇଚ୍ଛା କରୁଛି । |
| ୬. | ସ୍ୱାକ୍ଷର : ଲେଖକ ପତ୍ରର ଶେଷରେ ନିଜର ନାମ କିମ୍ବା ସମ୍ବନ୍ଧକୁ ସୂଚୀତ କରି ପତ୍ରଟି ଶେଷ କରିଥାଏ । | ମୋତେ କରଞ୍ଜିଆର ସମାଚାର ଲେଖିବାକୁ ବଡ଼ ଆନନ୍ଦ ଲାଗେ । |
| ୭. | ଉପସଂହାର : ଲେଖକ ପତ୍ର ଶେଷ କରିଥାଏ କିମ୍ବା ନିଜର ଇଚ୍ଛାକୁ ନିବେଦନ କରିଥାଏ । | ମହାଶୟ ! ଏହିସବୁ ପର୍ବ କେବଳ ଆଦିବାସୀମାନେ ପାଳନ କରନ୍ତି ନାହିଁ, ପାଳନ୍ତି ମଧ୍ୟ ମହାନ୍ତମାନେ । |
| ୮. | ମୁଖ୍ୟ ବିଷୟବସ୍ତୁ : ପତ୍ରଟି ଯେଉଁ ଉଦ୍ଦେଶ୍ୟ ସାଧନ ପାଇଁ ଲେଖାଯାଇଥାଏ । | ଦେଖିଲି ଅପୂର୍ବ ଭଙ୍ଗୀ ସେ ନୃତ୍ୟର । |



https://withteachers.in/

## ପତ୍ର


ତୁମେ ପତ୍ରର ବିଶେଷତ୍ୱ ସହ ଅଧିକବାକ୍ୟ ନିଜ ମନରୁ ଯୋଡ଼ ।

ତୁମେ ଯେଉଁ ଭ୍ରମଣ କାହାଣୀ ପଢ଼ିଛ, ତା'ର ଅନୁଭୂତି ବିଷୟରେ ନିକଟସ୍ଥ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

## ଶବ୍ଦ ସହ ଶବ୍ଦ ଯୋଡ଼



ନିମ୍ନରେ ଦିଆଯାଇଥିବା ଖାଲି ସ୍ଥାନରେ 'ଡମ୍‌କଚ୍' ଶବ୍ଦ ସହିତ ଯୋଡ଼ି ହେଉଥିବା ଶବ୍ଦକୁ ନିଜ ମନରୁ କିମ୍ବା ବହିରୁ ଆଣି ଲେଖ ।




## ଲେଖିବାର ଅନନ୍ୟ ଉପାୟ

'ଡମ୍‌କଚ୍' ଅଧ୍ୟାୟରେ ଲେଖକ କରଞ୍ଜିଆରେ ଭ୍ରମଣ କରୁଥିବା ସମୟରେ ନିଜର ଅନୁଭୂତିକୁ ସୁନ୍ଦରଭାବେ ନିଜସ୍ୱ ଶୈଳୀରେ ଉପସ୍ଥାପନ କରିଛନ୍ତି ।



ଯେପରି–

(୧) ଚଉଦ ପନ୍ଦରବର୍ଷର ସୁନ୍ଦର ଗୋଲଗାଲ କଳାମଚମଚ ପିଲାଟିଏ ।

(୨) ପିଲାଟା ନାଚିଲା ନାଇଁ ଖାଲି– ଗୀତଟିଏ ମଧ ବୋଲିଲା ।

(୩) ଆପଣଙ୍କ ଗୋଡ଼ ତୁଛେଇଁକି ଡେଇଁବ ।

ଉପରୋକ୍ତ ଧାଡ଼ିଗୁଡ଼ିକୁ ଭଲ ଭାବରେ ପଢ଼ନ୍ତୁ, ବହୁ ଦେଶଜ ଶବ୍ଦର ପ୍ରୟୋଗ ହୋଇଛି । ପାଠରୁ ତୁମେ ଦେଶଜ ଶବ୍ଦ ବାଛି ତାଲିକା ପ୍ରସ୍ତୁତ କର ।



https://withteachers.in/

ଲେଖକ କେବଳ ନିଜସ୍ୱ ଶୈଳୀ ଦେଇନାହାନ୍ତି ବରଂ ଆମ ଭାଷାରୁ ଦୂରେଇ ଯାଉଥିବା ଦେଶଜ ଶବ୍ଦଗୁଡ଼ିକୁ ପାଠକମାନଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି ।



ଅନ୍ୟ ଏକ ବିଶେଷ ଦିଗ ହେଉଛି, ଲେଖକ ସ୍ଥାନୀୟ ଭାଷାକୁ ଗୁରୁତ୍ୱ ଦେଇଥାନ୍ତି । ଯେପରି–

(୧) ଗୋମୁଲାକ୍ ଟୋଙ୍ଗରିମେ କା ମେଲା ଲାଗିଲା ।

(୨) ଯଦୁପତି ନଟବର ନନ୍ଦ ଛେକଲେଇଁ ଡଗରେ ।

ପାଠରେ ରହିଥିବା ଏହିପରି ସ୍ଥାନୀୟ ଭାଷାକୁ ଖୋଜି ଲେଖ ।

## ପାଠ୍ୟ ବହିର୍ଭୂତ



### ତୁମ କଥା

(୧) "ସେ ତାଳ ଆଉ ଧ୍ୱନି ଲୟରୁ ରାମ ନାମ ଶୁଣି ମନ ପବିତ୍ର ହୋଇଗଲା ।"

ତୁମେ କେବେ ଏହିଭଳି ପବିତ୍ର ଧୁନ୍ (ସ୍ୱର) ଶୁଣିଛ କି ? ଏହା ସମାଜର ଅନ୍ୟ ଧୁନ୍ (ସ୍ୱର) ମାନଙ୍କଠାରୁ କିପରି ଭିନ୍ନ ଲେଖ ।

(୨) "ଋତୁର ଗୁଣକୁ ନେଇ, ସମୟର ମୁଡ୍‌କୁ ନେଇ ସ୍ୱତନ୍ତ୍ର ଧରଣର ନୃତ୍ୟ, ସ୍ୱତନ୍ତ୍ର ଧରଣର ସଙ୍ଗୀତର ଆବଶ୍ୟକତା ଏ ଅଞ୍ଚଳର ଆଦିବାସୀ ଜାଣି ନେଇପାରିଛି ନା କ'ଣ !"

ତୁମେ ଋତୁର ଗୁଣ ଓ ସମୟର ମୁଡ୍‌କୁ ନେଇ କୌଣସି ନୃତ୍ୟ ଓ ଗୀତ ଶୁଣିଛକି ? ଗୀତ ଓ ନୃତ୍ୟଗୁଡ଼ିକର ନାମ ଲେଖ । ତୁମ ଅଞ୍ଚଳରେ ଋତୁ ଅନୁସାରେ ହେଉଥିବା ନୃତ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କର ।


(୩) "ମାଦଳ ଶବ୍ଦ ଶୁଣି ନାହାନ୍ତି ଆଜ୍ଞା ? ସେ ମୃଦଙ୍ଗ ନୁହେଁ, ଢୋଲ ନୁହେଁ । ଆପଣଙ୍କ ଗୋଡ଼ ତୁଛେଇଁକି ଡେଇଁବ ।"

ତୁମ ଅଞ୍ଚଳରେ ଏପରି କିଛି ବାଦ୍ୟ ଅଛି, ଯାହା ବାଜିଲେ ଆପେ ଗୋଡ଼ ଉଠିଥାଏ, ତାହାର ତାଲିକା ପ୍ରସ୍ତୁତ କର ।






https://withteachers.in/



## ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ସଂରକ୍ଷଣ



"ଏହାକୁ ରଙ୍ଗୁଡ଼ିରେ ରଖି ଅତି ସୁନ୍ଦରଭାବେ ସଜାଇ ଦିଅନ୍ତି ବଣଫୁଲରେ– କାକୁଡ଼ି, ଜହ୍ନିଫୁଲର ଗଜରାମାଳରେ।"

ତୁମେ ଭ୍ରମଣ କାହାଣୀରେ ପ୍ରକୃତିର ପୂଜା ବିଷୟରେ ପଢ଼ିଅଛ। ଯୁଗ ଯୁଗରୁ ଭାରତୀୟ ସଂସ୍କୃତି ପ୍ରକୃତିକୁ ପୂଜା କରିଆସୁଛି। ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛେ। ତୁମେ ବନ୍ଧୁମାନଙ୍କ ସହ ମିଶି ପ୍ରକୃତି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ପୋଷ୍ଟର ତିଆରି କର।



## ସ୍ୱାସ୍ଥ୍ୟ ଏବଂ ଯୋଗ



"ଯେଉଁମାନେ ଜୀବନକୁ ଦୁଃଖର ଗନ୍ତାଘର ନକହି ଆନନ୍ଦର ଉତ୍ସ ମନେ କରନ୍ତି।"

ଆଜି ମଧ୍ୟ ଲୋକମାନେ ମାନସିକ ଶାନ୍ତି, ସ୍ୱାସ୍ଥ୍ୟ ଲାଭ ଏବଂ ଭକ୍ତି ପାଇଁ ତୀର୍ଥ ଏବଂ ପର୍ବତସ୍ଥଳକୁ ଯାତ୍ରା କରନ୍ତି। ମାନସିକ ଶାନ୍ତି ଓ ସ୍ୱାସ୍ଥ୍ୟ ପାଇଁ ଆମ ଦେଶରେ ହଜାର ହଜାର ବର୍ଷ ଧରି ଯୋଗ ଅଭ୍ୟାସର ପରଂପରା ରହିଛି। ଏହି ଯୋଗ ପରଂପରାକୁ ଅନୁଭବ କରିବାପାଇଁ ନିମ୍ନରେ ଯାହା ନିର୍ଦ୍ଦେଶ ଦିଆଯାଇଛି ତାହା ପାଳନ କର।

(କ) ୫ ମିନିଟ୍ ଧ୍ୟାନ କର କିମ୍ବା ନୀରବରେ ବସି, ତୁମ ଚାରିପାଖର ଶବ୍ଦ ଶୁଣ, ତୁମେ ଶ୍ୱାସକ୍ରିୟା ଉପରେ ଧ୍ୟାନ ଦିଅ ଏବଂ ଏକାଗ୍ର ହେବାକୁ ଚେଷ୍ଟା କର। ଏହି ଅଭିଜ୍ଞତା ବିଷୟରେ ଏକ ଅନୁଚ୍ଛେଦ ଲେଖ।

(ଖ) ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, ତୁମ ସ୍କୁଲର କାର୍ଯ୍ୟକ୍ରମ ବିଷୟରେ ଏକ 'ନୋଟିସ୍' ଲେଖ, ଯାହାକୁ ନୋଟିସ୍ ବୋର୍ଡ଼ରେ ଲଗାଯାଇପାରିବ।



## ବୃକ୍ଷ ହିଁ ଜୀବନ :



ତୁମେ ଜାଣ ଯେ ବୃକ୍ଷ ଆମ ଜୀବନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମର ନିଜସ୍ୱ କାର୍ଯ୍ୟ ଯୋଗୁଁ ସେଗୁଡ଼ିକ ଧୀରେ ଧୀରେ ହ୍ରାସ ଦେବାକୁ ଯାଉଛନ୍ତି। ଆସ, ବୃକ୍ଷଲତାକୁ ଆମର ବନ୍ଧୁ କରିବା।

(କ) ଗୋଟିଏ ଚାରା ଲଗାଅ ଏବଂ ତାହାକୁ ଏପରି ପାଳନ କର ଯେ ଏହା କିଛି ବର୍ଷ ମଧ୍ୟରେ ଏକ ବଡ଼ ଗଛରେ ପରିଣତ ହେବ। ଏହାର ଏକ ନାମ ଦିଅ ଏବଂ ତା'ର ବନ୍ଧୁ ହୁଅ।

(ଖ) ପ୍ରତିଦିନ ବୃକ୍ଷଟିକୁ କିପରି ଯତ୍ନ ନେଉଛ ତୁମ ଦୈନନ୍ଦିନୀ ଖାତାରେ ଲେଖ।





https://withteachers.in/



## ଶବ୍ଦ ଓ ତା'ର ବିଭିନ୍ନ ରୂପ

"ସ୍ତ୍ରୀଲୋକମାନେ ଏ ଜାଗ୍ବାକୁ ମନେକରନ୍ତି ଅତି ପବିତ୍ର।"

ଆସ ଏକ ଆକର୍ଷଣୀୟ କାର୍ଯ୍ୟକଳାପ କରିବା। 'ପବିତ୍ର' ଶବ୍ଦକୁ କେନ୍ଦ୍ରରେ ରଖି ନିର୍ଦ୍ଦେଶ ଅନୁସାରେ ଶୂନ୍ୟସ୍ଥାନ ପୂରଣ କରିବା।

ଅର୍ଥ

ବିପରୀତାର୍ଥବୋଧକ ଶବ୍ଦ — ପବିତ୍ର — ସମାର୍ଥବୋଧକ ଶବ୍ଦ

ବାକ୍ୟଗଠନ

---

ଏହିପରି ତୁମେ ପାଠ୍ୟରୁ କିଛି ଶବ୍ଦ ଚୟନ କରି ସେଗୁଡ଼ିକର ବିଭିନ୍ନ ରୂପ ଲେଖ।



## ଭ୍ରମଣ ଖର୍ଚ୍ଚ ଗଣନା

ତୁମେ 'ଡମ୍‌କଚ୍' ଭ୍ରମଣକାହାଣୀ ପଢ଼ିଛ। ଠିକ୍ ସେହିପରି ଭାବେ ତୁମକୁ ଭ୍ରମଣ କରିବାକୁ ସୁଯୋଗ ଦିଆଯିବ। ସେହି ସ୍ଥାନକୁ ମନେରଖି, ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

(କ) ଧରାଯାଉ ତୁମକୁ ଯାତ୍ରା ପାଇଁ ୧୦୦୦ ଟଙ୍କା ଦିଆଯାଇଛି। ଏହି ଟଙ୍କାରୁ ଯାତ୍ରା ଓ ଖାଦ୍ୟରେ ଖର୍ଚ୍ଚ ହୋଇଥିବା ଅର୍ଥ ସମ୍ପର୍କରେ ଏକ ଖର୍ଚ୍ଚ ବିବରଣୀ ପ୍ରସ୍ତୁତ କର।

(ଖ) ଧରନ୍ତୁ ତମେ ଭ୍ରମଣ ସମୟରେ କିଛି ଜିନିଷ କିଣିବାକୁ ଚାହୁଁଛ, ତୁମେ କେଉଁ ଜିନିଷ କିଣିବ ଏବଂ କାହିଁକି ?



## ସମସ୍ତଙ୍କ ପାଇଁ ଯାତ୍ରା

(କ) କଳ୍ପନା କର ତୁମେ ବନ୍ଧୁମାନଙ୍କ ସହ ଏକ ଭ୍ରମଣରେ ଯାଉଅଛ। ଏହି ଗୋଷ୍ଠୀ ମଧ୍ୟରେ ତୁମକୁ ତତ୍ତ୍ୱାବଧାରକ (ଗାଇଡ୍) ରୂପେ ଚୟନ କରାଯିବ। ସମସ୍ତଙ୍କ ଆରାମଦାୟକ ଭ୍ରମଣ ପାଇଁ ତୁମେ କେଉଁ କେଉଁ କାର୍ଯ୍ୟ ପ୍ରତି ଅଧିକ ଯତ୍ନଶୀଳ ହେବ ? ତାହାର ଏକ ତାଲିକା ପ୍ରସ୍ତୁତ କର।





https://withteachers.in/



(କ) ଉପରୋକ୍ତ ଚିତ୍ରରେ ଭ୍ରମଣକାରୀଙ୍କର ଭିନ୍ନଭିନ୍ନ ଆବଶ୍ୟକତା ଥାଇପାରେ, ଏଗୁଡ଼ିକୁ ମନେରଖ। ତୁମେ ସେଠାରେ ପହଞ୍ଚିବା, ବୁଲିବା ଓ ଖାଦ୍ୟ ଇତ୍ୟାଦିରେ କିପରି ସାହାଯ୍ୟ କରିବ, ସେ ବିଷୟରେ ଭାବ।

(ଖ) ତୁମେ କଥାବାର୍ତ୍ତା ନହୋଇ ଜଣେ ବନ୍ଧୁଙ୍କ ସହ ପ୍ରତୀକ ମାଧ୍ୟମରେ ଯୋଗାଯୋଗ କର– ଏବେ ଚିନ୍ତାକର ଯେ ଜଣେ ଶ୍ରବଣ ବାଧିତ ବ୍ୟକ୍ତି ଯାତ୍ରା ସମୟରେ କ'ଣ ସବୁ ଆବଶ୍ୟକ କରିବେ ?

(ଗ) ତୁମେ ଭ୍ରମଣ କରିବା ସମୟରେ ସ୍ଥାନ ବିଶେଷର ଐତିହ୍ୟର ସୁରକ୍ଷା ପାଇଁ କେଉଁ ବିଷୟରେ ଚିନ୍ତା କରିବ ଲେଖ।

**ପାଠଟିକୁ ଭଲଭାବେ ପଢ଼, ବୁଝ ଓ ଠିକ୍ ରୂପେ ଶୂନ୍ୟସ୍ଥାନ ପୂରଣ କର।**

(୧) ସେ ତାଳ ଆଉ ଧ୍ୱନି ଲୟରୁ ରାମନାମ ଶୁଣି ମନ ____________ ହୋଇଗଲା।

(୨) ____________ ଗଛର ଡାଳଟିଏ ବଣରୁ ଅଣାହୋଇ ପୋତା ହେବ।

(୩) କରମା ପୂଜାସ୍ଥଳୀ ____________ ଥର ପରିକ୍ରମା କରନ୍ତି।

(୪) ଆଶ୍ୱିନ ମାସରେ ପଡ଼ିବ ____________ ପର୍ବ।

(୫) ଯଦୁପତି ନଟବର ____________ ବାଟ ଓଗାଳିଚନ୍ତି।

(୬) ଏଇ ସମର୍ପଣ ହିଁ ଭାରତର ସଭ୍ୟତା, ଭାରତର ____________ ଆଉ କିଛି ନୁହେଁ।

(୭) ____________ ର ଲୋକସଙ୍ଗୀତ କ'ଣ ଏହିପରି ?

(୮) କାର୍ତ୍ତିକ ପୂର୍ଣ୍ଣମୀଠୁଁ ____________ ଯାକେ ଡମକଚ୍।



## ଝରକାରୁ



ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'କରଞ୍ଜିଆ ଡାଏରି' ଭ୍ରମଣକାହାଣୀରୁ ଅନ୍ୟ ଏକ ଅଂଶ ନିମ୍ନରେ ଦିଆଗଲା। ଏହାକୁ ପଢ଼ ଏବଂ ସାଙ୍ଗମାନଙ୍କ ସହ ଆଲୋଚନା କର।



https://withteachers.in/

# ପୁଞ୍ଜୁ ପଣ୍ଡା

ପୁଞ୍ଜୁ ପଣ୍ଡା ଅଶୀ ବର୍ଷର ବୃଦ୍ଧ । କିନ୍ତୁ ଶାରୀରିକ କ୍ଷମତା ଦୃଷ୍ଟିରୁ ସେ ଜଣେ ଖୁବ୍ ଶକତ ମଣିଷ । ତାଙ୍କୁ ରାତି ଅଧରେ ଭୋକ ଲାଗେ । ସେଇଠୁ ତାଙ୍କ ଶୋଇବା ଘରୁ ଶୁଭେ କଡ଼ମଡ଼ ଶବ୍ଦ । ଲୋକେ ଜାଣନ୍ତି ପୁଞ୍ଜୁ ରାତି ଅଧରେ ବୁଟ ଚୋବାଏ । ଭଜା ବୁଟ । ହଁ, ଅଶୀବର୍ଷ ବୟସରେ ବି କଡ଼ମଡ଼ କରି ବୁଟ ଚୋବାଇବାକୁ ଭଗବାନ ତାକୁ ଦେଇଥାନ୍ତି ଦି' ଭାଡ଼ି ଶକତ ଶକତ ଦାନ୍ତ ।



କିନ୍ତୁ ମଣିଷର ଅସାଧାରଣତ୍ୱକୁ ମଣିଷମାନେ କ୍ୱଚିତ୍ ସହ୍ୟ କରିପାରନ୍ତି । ରାତି ଅଧରେ ଭୋକ, ପୁଣି ବୁଟ ଚୋବା– ଏସବୁ ଅସାଧାରଣ ଘଟଣା । ତା' ସାଙ୍ଗକୁ ପୁଞ୍ଜୁ ପଣ୍ଡା ଭଳି ଜଣେ ସାଧାରଣ ଦେଉଳିଆ ପଣ୍ଡା ଅଶୀବର୍ଷରେ ବି ରାତି ଅଧରେ କ୍ଷୁଧାର ଜ୍ୱାଳା ଭୋଗୁଚି; ଆଉ ସେ ଜ୍ୱାଳା ଉପଶମ ପାଇଁ କାଡ୍ରୁମାଡ୍ରୁ କିନା ବୁଟଗୁଡ଼ାକ ଚୋବାଇ ପକଉଚି । ଏସବୁ ଶୁଣିଲେ କିଏ ବିରକ୍ତ ନ ହବ ?



## ଅନୁସନ୍ଧାନ କର :



ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଏକ ପ୍ରସିଦ୍ଧ ଉପନ୍ୟାସ ହେଉଛି 'ଶତାବ୍ଦୀର ନଚିକେତା' । ଏହାକୁ ଗ୍ରନ୍ଥାଗାର କିମ୍ବା ଇଣ୍ଟରନେଟରୁ ଖୋଜି ପଢ଼ ଏବଂ ତୁମ ସହପାଠୀଙ୍କ ସହିତ ଆଲୋଚନା କର । ସୁଯୋଗ ପାଇଲେ ଲେଖକଙ୍କ "କରଞ୍ଜିଆ ଡାଏରି" ଭ୍ରମଣ କାହାଣୀ ପଢ଼ିବାପାଇଁ ଚେଷ୍ଟା କର ।

★★★



https://withteachers.in/


# ୫ ଭାଗବତ ସୂକ୍ତି-ସଂଗ୍ରହ



ଜଗନ୍ନାଥ ଦାସ

ଅନେକ ଜନ୍ମ ତପଫଳେ ।
ମନୁଷ୍ୟ ଜନ୍ମ ମହୀତଳେ ॥
ତା ଜନ୍ମ ଧନ୍ୟ ଏ ସଂସାରେ ।
ଯେ ରହେ ପର ଉପକାରେ ॥
ଯେ ପ୍ରାଣୀ ପରେ ହିଂସା କରେ ।
ଦେବାତା ପୂଜି ସେ ନ ତରେ ॥
ଅମୃତ ବିନୟ ବଚନ ।
କହି ତୋଷିବ ପ୍ରାଣୀମନ ॥
ଉତ୍ତମ ସଙ୍ଗେ ସଙ୍ଗଯାର ।
ସେ କରେ ଉତ୍ତମ ବେଭାର ॥

ସାକ୍ଷାତେ ଗୁରୁ ଯେ ଈଶ୍ୱର ।
ଗୁରୁଙ୍କୁ ନମଣିବ ନର ॥
ମହତେ ଯାହା ଆଚରିବେ ।
ଇତରେ ତାହାହିଁ କରିବେ ॥
ନିକଟେ ଥିଲେ ଅନାଦର ।
ଏହିଟି ସଂସାର ବେଭାର ॥
କର୍ମ କରଣେ ଫଳପାଇ ।
ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ ॥
ପରମ ଶାସ୍ତ୍ର ଭାଗବତ
ଅଭ୍ୟାସ କରୁଥିବ ନିତ୍ୟ ॥



https://withteachers.in/

## କବି ପରିଚୟ



ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସ (ପଞ୍ଚଦଶ ଶତାବ୍ଦୀ ଶେଷାର୍ଦ୍ଧ-ଷୋଡ଼ଶ ଶତାବ୍ଦୀ ପ୍ରଥମାର୍ଦ୍ଧ) ହେଉଛନ୍ତି ଜଣେ ଅମର ସ୍ରଷ୍ଟା । ଓଡ଼ିଆ ଜାତିପାଇଁ ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଏକ ଅନନ୍ୟ ଅନୁପମ ଅବଦାନ । ଏହା ସଂସ୍କୃତଭାଷାର 'ଶ୍ରୀମଦ୍‌ଭାଗବତ' ଗ୍ରନ୍ଥର ଛାୟାରେ ରଚିତ । ମୋଟ ଉପରେ କହିବାକୁ ଗଲେ ଓଡ଼ିଆ ଭାଗବତ ଓଡ଼ିଶାର ସଂସ୍କୃତି ଓ ଜନଜୀବନର ଏକ ଅଭିନ୍ନ ଅଙ୍ଗ । ଓଡ଼ିଶାର ଜନସାଧାରଣ ଏହି ଗ୍ରନ୍ଥକୁ ଘରେଘରେ ପୂଜାକରି ଆସୁଛନ୍ତି । ଜଗନ୍ନାଥ ଦାସ ପୁରୀ ଜିଲ୍ଲାର କପିଳେଶ୍ୱରପୁର ଗ୍ରାମରେ ପିତା ଭଗବାନ ଦାଶ ଓ ମାତା ପଦ୍ମାବତୀ ଦେବୀଙ୍କର କୋଳମଣ୍ଡନ କରିଥିଲେ ।

ସେ ଓଡ଼ିଆ ଭାଗବତ ବ୍ୟତୀତ 'ଅର୍ଥ କୋଇଲି', 'ଗୁପ୍ତ ଭାଗବତ', 'ତୁଳାଭିଣା', 'ଦାରୁବ୍ରହ୍ମ ଗୀତା', 'ଶୈବାଗମ ଭାଗବତ' ଇତ୍ୟାଦି ପ୍ରାୟ ଷାଠିଏ ଖଣ୍ଡରୁ ଊର୍ଦ୍ଧ୍ୱ ସଂଖ୍ୟକ ଗ୍ରନ୍ଥ ରଚନା କରିଥିବାର ସୂଚନା ମିଳେ ।

ପ୍ରସ୍ତୁତ ପାଠ୍ୟାଂଶଟି ଜଗନ୍ନାଥ ଦାସଙ୍କ ପ୍ରଣୀତ ଓଡ଼ିଆ ଭାଗବତ ଗ୍ରନ୍ଥର ବିଭିନ୍ନ ସ୍କନ୍ଧରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ ଶିକ୍ଷଣୀୟ ତଥା ବିଶେଷ ଉପଯୋଗୀ ଦଶଗୋଟି ପଦ ଉଦ୍ଧାର କରାଯାଇଛି ।

## ପାଠ୍ୟ ଅନ୍ତର୍ଗତ

### ମୋ ବୁଝିବାରେ

ଆସ କବିତାକୁ ଭଲଭାବେ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା ।

**(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦେବା ।**

(୧) ଅନେକ ଜନ୍ମ ତପଫଳେ ।

ମନୁଷ୍ୟ ଜନ୍ମ ମହୀତଳେ ।।

କାହା ଯୋଗୁଁ ପୃଥିବୀରେ ମନୁଷ୍ୟ ଜନ୍ମ ଲାଭ କରେ ବୋଲି ଉପରିଲିଖିତ ପଦରେ କୁହାଯାଇଛି ?

- ପ୍ରକୃତିର ନିୟମ ଅନୁସାରେ ।
- ସୃଷ୍ଟିକର୍ତ୍ତାଙ୍କ ଅପାର କରୁଣା ଯୋଗୁଁ ।
- ଅନେକ ଜନ୍ମର ତପସ୍ୟା ଫଳ ଯୋଗୁଁ ।
- ପିତାମାତାଙ୍କ ଯୋଗୁଁ ।



https://withteachers.in/

(୨) ତା' ଜନ୍ମ ଧନ୍ୟ ଏ ସଂସାରେ ।

ଯେ ରହେ ପର ଉପକାରେ ॥

ଏ ସଂସାରରେ କାହାର ଜନ୍ମ ଧନ୍ୟ ହୋଇଥାଏ ?

(କ) ଯିଏ ସବୁବେଳେ ପରର ଉପକାର କରୁଥାଏ ।

(ଖ) ଯିଏ ଅନେକ ଧନସମ୍ପଦର ଅଧିକାରୀ ହୋଇଥାଏ ।

(ଗ) ଯିଏ ସର୍ବଦା ନିଜର ଉନ୍ନତି କଥା ଚିନ୍ତା କରୁଥାଏ ।

(ଘ) ଯିଏ ପରର ଉପକାର କଥା ଚିନ୍ତା ବି କରେ ନାହିଁ ।



(୩) ଯେ ପ୍ରାଣୀ ପରେ ହିଂସା କରେ ।

ଦେବତା ପୂଜି ସେ ନ ତରେ ॥

କେଉଁ ପ୍ରାଣୀ ଦେବତାଙ୍କୁ ପୂଜା କଲେ ମଧ୍ୟ ସଂସାରରୁ ମୁକ୍ତି ପାଏ ନାହିଁ ବୋଲି ଉପରିଲିଖିତ ପଦରୁ ପ୍ରକାଶ ପାଇଛି ?

(କ) ଯେଉଁ ମନୁଷ୍ୟ ପିତାମାତାଙ୍କ କଥା ମାନେ ନାହିଁ ।

(ଖ) ଯେଉଁ ମନୁଷ୍ୟ ଅନ୍ୟର ଧନ ସମ୍ପଦ ଦେଖି ଈର୍ଷା କରେ ।

(ଗ) ଯେଉଁ ମନୁଷ୍ୟ ପରକୁ ହିଂସା କରୁଥାଏ ।

(ଘ) ଯେଉଁ ମନୁଷ୍ୟ ନିଜର ଜ୍ଞାତି କୁଟୁମ୍ବକୁ ଈର୍ଷା କରେ ।



(୪) ଅମୃତ ବିନୟ ବଚନ ।

କହି ତୋଷିବ ପ୍ରାଣୀମନ ॥

ପ୍ରାଣୀର ମନକୁ କିପରି ଭାବେ ସନ୍ତୁଷ୍ଟ କରିହେବ ବୋଲି ଉକ୍ତ ପଦରେ କୁହାଯାଇଛି ?

(କ) ଭଲ ଭଲ ଖାଦ୍ୟ ଖାଇବାକୁ ଦେଇ ।

(ଖ) ବିନମ୍ରତାର ସହ ମଧୁରକଥା କହି ।

(ଗ) ମନୁଷ୍ୟର ସେବା ଶୁଶ୍ରୂଷା କରି ।

(ଘ) ଯେକୌଣସି ପ୍ରକାରେ ପ୍ରଲୋଭନ ଦେଖାଇ ।



(୫) ଉତ୍ତମ ସଙ୍ଗେ ସଙ୍ଗ ଯାର ।

ସେ କରେ ଉତ୍ତମ ବେଭାର ॥

କେଉଁଭଳି ବ୍ୟକ୍ତିଙ୍କ ସାଥିରେ ମିଳାମିଶା କଲେ ତାଙ୍କଠାରୁ ଉତ୍ତମ ବ୍ୟବହାର ଶିକ୍ଷାଲାଭ କରିହୁଏ ?



https://withteachers.in/

(କ) ଭଲମନ୍ଦ ବିଚାର ନକରି ଅନ୍ୟ ସହିତ ମିଳାମିଶା କଲେ ।

(ଖ) ଉଚ୍ଚ ପଦପଦବୀ ଧାରୀ ବ୍ୟକ୍ତି ସହିତ ମିଳାମିଶା କଲେ ।

(ଗ) ବଳବାନ୍ ଲୋକ ସହିତ ମିଳାମିଶା କଲେ ।

(ଘ) ଉତ୍ତମ ଲୋକ ସହିତ ମିଳାମିଶା କଲେ ।



(୬) ସାକ୍ଷାତେ ଗୁରୁ ଯେ ଈଶ୍ୱର ।

ଗୁରୁଙ୍କୁ ନମଣିବ ନର ॥

ଗୁରୁଙ୍କୁ ଈଶ୍ୱରଙ୍କ ସହିତ କାହିଁକି ତୁଳନା କରାଯାଇଛି ?

(କ) ଗୁରୁ ଈଶ୍ୱରଙ୍କ ଭଳି ଶିଷ୍ୟର ସର୍ବଦା ମଙ୍ଗଳ କାମନା କରୁଥିବାରୁ ।

(ଖ) ଗୁରୁ ଶିଷ୍ୟକୁ ସବୁବେଳେ ପାଠ ପଢ଼ାଉଥିବାରୁ ।

(ଗ) ଗୁରୁ ଶିଷ୍ୟକୁ ସତ୍ ଉପଦେଶ ଦେଇ ଆକଟ କରୁଥିବାରୁ ।

(ଘ) ଗୁରୁ ପିତାମାତାଙ୍କ ଅପେକ୍ଷା ଶିଷ୍ୟ ପାଇଁ ଅଧିକ ସମୟ ପରିଶ୍ରମ କରୁଥିବାରୁ ।

(୭) ମହତେ ଯାହା ଆଚରିବେ ।

ଇତରେ ତାହାହିଁ କରିବେ ॥

ଇତରଲୋକେ ମହତବ୍ୟକ୍ତିଙ୍କୁ କାହିଁକି ଅନୁସରଣ କରନ୍ତି ?

(କ) ଉଚ୍ଚ ପଦପଦବୀରେ ଥିବାରୁ ।

(ଖ) ବୟସରେ ବଡ଼ ହୋଇଥିବାରୁ ।

(ଗ) ବିବେକବାନ୍ ସମ୍ପନ୍ନ ହୋଇଥିବାରୁ ।

(ଘ) ବହୁଳ ଧନସମ୍ପଦର ଅଧିକାରୀ ହୋଇଥିବାରୁ ।

(୮) ନିକଟେ ଥିଲେ ଅନାଦର ।

ଏହିଟି ସଂସାର ବେଭାର ॥

ନିକଟରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିଙ୍କୁ ଲୋକେ ଆଦର ନକରିବାର କାରଣ କ'ଣ ?



(କ) ଅତି ପରିଚିତ ବ୍ୟକ୍ତି ସବୁ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବାରୁ ।

(ଖ) ନିକଟରେ ଥିବା ବ୍ୟକ୍ତିଙ୍କୁ ଭଲ ଭାବରେ ଜାଣିପାରୁ ଥିବାରୁ ।

(ଗ) ନିକଟରେ ଥିବା ବ୍ୟକ୍ତିଙ୍କୁ ଜାଣିବା କଷ୍ଟକର ହୋଇଥିବାରୁ ।

(ଘ) ସାଂସାରିକ ବ୍ୟକ୍ତିମାନେ ଅତି ପରିଚିତ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେଉ ନଥିବାରୁ ।



https://withteachers.in/

(୯) କର୍ମ କରଣେ ଫଳପାଇ ।

ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ ॥

ଏହି ପଦରୁ କେଉଁ ବାର୍ତ୍ତା ପ୍ରକାଶ ପାଉଛି ?

(କ) ଭଲ କର୍ମ କଲେ ମନ୍ଦ କର୍ମର ଫଳ ମିଳେ ନାହିଁ ।

(ଖ) କର୍ମଫଳ ନିଶ୍ଚିତଭାବେ ଭୋଗିବାକୁ ପଡ଼େ ।

(ଗ) ମନ୍ଦ କର୍ମ ଭଲ କର୍ମକୁ ନଷ୍ଟ କରିଦିଏ ।

(ଘ) କର୍ମ ସହତ ଫଳର କିଛି ହେଲେ ସମ୍ପର୍କ ନାହିଁ ।



(ଖ) ତୁମର ସାଙ୍ଗମାନେ ଭିନ୍ନଭିନ୍ନ ଉତ୍ତର ବାଛି ଥାଇପାରନ୍ତି, ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ ତାହା ତୁମ ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କର ।



## ମିଳିମିଶି ଯୋଡ଼ିବା

'କ' ସ୍ତମ୍ଭରେ କେତେଗୁଡ଼ିଏ ପଦ ଦିଆଯାଇଛି । 'ଖ' ସ୍ତମ୍ଭରେ ସେଗୁଡ଼ିକର ଅର୍ଥ ଦିଆଯାଇଛି । ଠିକ୍ ପଦ ସହିତ ଠିକ୍ ଅର୍ଥ 'ଖ' ସ୍ତମ୍ଭରୁ ବାଛି ରେଖା ଟାଣି ଯୋଗ କରିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (୧) ତା' ଜନ୍ମ ଧନ୍ୟ ଏ ସଂସାରରେ । ଯେ ରହେ ପର ଉପକାରେ ॥ | (୧) ଉତ୍ତମ ମନୁଷ୍ୟ ସହିତ ଯେ ମିଳାମିଶା କରେ ସେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥାଏ । |
| (୨) ଯେ ପ୍ରାଣୀ ପରେ ହିଂସା କରେ । ଦେବତା ପୂଜି ସେ ନ ତରେ ॥ | (୨) ଗୁରୁଙ୍କ କୃପାବିନା ଶିଷ୍ୟର କେବେ ହେଲେ ଉନ୍ନତି ସମ୍ଭବ ହୋଇନଥାଏ । ତେଣୁ ଗୁରୁଙ୍କୁ ଭଗବାନଙ୍କ ସହିତ ତୁଳନା କରାଯାଇଛି । |
| (୩) ଉତ୍ତମ ସଙ୍ଗେ ସଙ୍ଗଯାର । ସେ କରେ ଉତ୍ତମ ବେଭାର ॥ | (୩) ଯିଏ ପରର ଉପକାର ସାଧନ ପାଇଁ ନିଜକୁ ନିୟୋଗ କରିଥାଏ ତା'ର ଜନ୍ମ ଏ ସଂସାରରେ ଧନ୍ୟ ବୋଲି ଗଣାଯାଏ । |
| (୪) ସାକ୍ଷାତେ ଗୁରୁଯେ ଈଶ୍ୱର । ଗୁରୁଙ୍କୁ ନମଣିବ ନର ॥ | (୪) ଯେଉଁ ପ୍ରାଣୀ ସବୁବେଳେ ଅନ୍ୟକୁ ହିଂସା କରୁଥାଏ, ସେ ଦେବତାଙ୍କୁ ଯେତେ ପୂଜା କଲେ ମଧ୍ୟ ସଂସାରରୁ ତରି ନଥାଏ । |
| (୫) ମହତେ ଯାହା ଆଚରିବେ । ଇତରେ ତାହାହିଁ କରିବେ ॥ | (୫) ମନୁଷ୍ୟ ଯେଉଁ କର୍ମ କରିଥାଏ, ତାକୁ ସେହି କର୍ମର ଫଳ ନିଶ୍ଚିତ ଭାବେ ଭୋଗ କରିବାକୁ ପଡ଼ିଥାଏ । |
| (୬) କର୍ମ କରଣେ ଫଳପାଇ । ପ୍ରାଣୀତା ଅବଶ୍ୟ ଭୁଞ୍ଜଇ ॥ | (୬) ମହତ ବ୍ୟକ୍ତିର ଆଚାର ବ୍ୟବହାର ଏବଂ ମହତକାର୍ଯ୍ୟ ପ୍ରତି ଅନ୍ୟଲୋକେ ଆକର୍ଷିତ ହୋଇ ସେହି କାର୍ଯ୍ୟ କରିଥାନ୍ତି । |





https://withteachers.in/

(ଖ) ନିମ୍ନର 'କ' ସ୍ତମ୍ଭରେ ଥିବା ପାଦକୁ 'ଖ' ସ୍ତମ୍ଭରେ ଥିବା ଉପଯୁକ୍ତ ପାଦ ସହିତ ଯୋଡ଼ି ସମ୍ପୂର୍ଣ୍ଣ ପଦଟିକୁ ଲେଖ।





| 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|
| (୧) | ଅନେକ ଜନ୍ମ ତପଫଳେ। | (୧) | କହି ତୋଷିବ ପ୍ରାଣୀମନ ॥ |
| (୨) | ତା' ଜନ୍ମ ଧନ୍ୟ ଏ ସଂସାରେ। | (୨) | ସେ କରେ ଉତ୍ତମ ବେଭାର ॥ |
| (୩) | ଅମୃତ ବିନୟ ବଚନ। | (୩) | ଏହିଟି ସଂସାର ବେଭାର ॥ |
| (୪) | ଉତ୍ତମ ସଙ୍ଗେ ସଙ୍ଗଯାର। | (୪) | ମନୁଷ୍ୟ ଜନ୍ମ ମହୀତଳେ ॥ |
| (୫) | ସାକ୍ଷାତେ ଗୁରୁଯେ ଈଶ୍ୱର। | (୫) | ଯେ ରହେ ପର ଉପକାରେ ॥ |
| (୬) | ମହତେ ଯାହା ଆଚରିବେ। | (୬) | ପ୍ରାଣୀତା ଅବଶ୍ୟ ଭୁଞ୍ଜଇ ॥ |
| (୭) | ନିକଟେ ଥିଲେ ଅନାଦର। | (୭) | ଦେବତା ପୂଜି ସେ ନତରେ ॥ |
| (୮) | କର୍ମ କରଣେ ଫଳପାଇ। | (୮) | ଗୁରୁଙ୍କୁ ନମଣିବ ନର ॥ |
| (୯) | ଯେ ପ୍ରାଣୀପରେ ହିଂସା କରେ। | (୯) | ଇତରେ ତାହାହିଁ କରିବେ ॥ |



## କବିତାର ପଦଗୁଡ଼ିକ ଆଲୋଚନା କରିବା



ଧ୍ୟାନର ସହିତ ନିମ୍ନଲିଖିତ ପଦଗୁଡ଼ିକୁ ପଢ଼ିବା। ତା'ର ଠିକ୍ ଅର୍ଥ ବୁଝି, ଦଳ ମଧ୍ୟରେ ସାଙ୍ଗମାନଙ୍କ ସହ ଆଲୋଚନା କରିବା ଏବଂ ଲେଖିବା।

(କ) ଅମୃତ ବିନୟ ବଚନ।
କହି ତୋଷିବ ପ୍ରାଣୀମନ ॥

(ଖ) ସାକ୍ଷାତେ ଗୁରୁ ଯେ ଈଶ୍ୱର।
ଗୁରୁଙ୍କୁ ନମଣିବ ନର ॥





https://withteachers.in/

# ଭାବିଚିନ୍ତି ଲେଖିବା

ନିମ୍ନଲିଖିତ ପଦଗୁଡ଼ିକୁ ଆଉଥରେ ମନଦେଇ ପଢ଼ିବା, ବୁଝିବା ଓ ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖିବା ।

(କ) 'ତା ଜନ୍ମ ଧନ୍ୟ ଏ ସଂସାରେ ।
ଯେ ରହେ ପର ଉପକାରେ ॥'

**ଅର୍ଥ :** ଯେଉଁ ମଣିଷ ଅନ୍ୟର ଉପକାର କରୁଥାଏ, ତା'ର ଜୀବନ ଜଗତରେ ଧନ୍ୟ ବୋଲି ଗଣାଯାଏ ।

ପ୍ରଶ୍ନ : ତୁମେ ଏହି ଉତ୍ତର ସହିତ ଏକମତ କି ?

ସଂକ୍ଷେପରେ ଉଦାହରଣ ଦେଇ ନିଜର ମତାମତ ଲେଖିବା ।

(ଖ) 'ଉତ୍ତମ ସଙ୍ଗେ ସଙ୍ଗଯାର ।
ସେ କରେ ଉତ୍ତମ ବେଭାର ॥'

**ଅର୍ଥ :** ଉତ୍ତମ ମଣିଷ ସାଙ୍ଗରେ ସାଙ୍ଗହେବା ଫଳରେ ସେହି ବ୍ୟକ୍ତି ମଧ୍ୟ ତା'ଠାରୁ ଉତ୍ତମ ବ୍ୟବହାର ଶିକ୍ଷା କରି ତାହା ଆଚରଣରେ ପ୍ରଦର୍ଶନ କରିଥାଏ ।

ପ୍ରଶ୍ନ : ଏହା କ'ଣ ସମ୍ଭବ ? ତୁମେ ତୁମ ଜୀବନରେ ଏପରି କେବେ ଅନୁଭବ କରିଛ କି ? ତୁମର ସେଇ ଅନୁଭବକୁ ସଂକ୍ଷେପରେ ଲେଖ ।

(ଗ) 'କର୍ମ କରଣେ ଫଳପାଇ ।
ପ୍ରାଣୀତା ଅବଶ୍ୟ ଭୁଞ୍ଜଇ ॥'



**ଅର୍ଥ :** ଏଠାରେ କର୍ମର ପ୍ରାଧାନ୍ୟ ଦିଆଯାଇଛି । ଯିଏ ଯେଉଁଭଳି କାର୍ଯ୍ୟକରେ ତା'ର ଫଳ ସେହି ପ୍ରାଣୀ ନିଶ୍ଚିତ ଭାବେ ଭୋଗ କରିଥାଏ ।

ପ୍ରଶ୍ନ : ତୁମେ ତୁମର ପାଠପଢ଼ା ଉପରେ ବିଚାର କର ? ନିଜ କର୍ମର ଫଳ ସେଇ ଅନୁଯାୟୀ କେତେ ପାଇବ ତାହା ମଧ୍ୟ କଳନା କର । ଏଥର ନିଜର ଅନୁଭବ ସମ୍ପର୍କରେ ସଂକ୍ଷେପରେ ଲେଖ ।



https://withteachers.in/



# ପଦର ରଚନା



'ମହତେ ଯାହା ଆଚରିବେ।
ଇତରେ ତାହାହିଁ କରିବେ ॥'

ଉପରିଲିଖିତ ପଦର ଦୁଇ ପାଦ ପ୍ରତି ଧ୍ୟାନ ଦେବା। ଉକ୍ତପଦର ପ୍ରଥମ ପାଦରେ 'ମହତେ' ଓ ଦ୍ୱିତୀୟ ପାଦରେ 'ଇତରେ' ଉଭୟ ପଦ ଆରମ୍ଭରେ ରହି ପଦଟିକୁ ବେଶ୍ ପ୍ରଭାବଶାଳୀ କରିପାରୁଛନ୍ତି।

ଏହାର ଅର୍ଥ ମହତେ – ମହତ ଲୋକମାନେ, ଇତରେ–ସାଧାରଣ ଲୋକମାନେ ସେହିପରି ପଠିତ ସୂକ୍ତି ସଂଗ୍ରହରେ ଅନେକ ବୈଶିଷ୍ଟ୍ୟ ଆମେ ଦେଖିପାରିବା।

ବୈଶିଷ୍ଟ୍ୟଗୁଡ଼କର ଏକ ତାଲିକା ପ୍ରସ୍ତୁତ କରିବା।

(୧) ଦୁଇପାଦରେ ଗୋଟିଏ ପଦ ଗଠନ କରାଯାଇଛି। ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ନିର୍ଦ୍ଦିଷ୍ଟ ଏବଂ ନଅ ଅକ୍ଷର ବିଶିଷ୍ଟ।

(୨) ପ୍ରତ୍ୟେକ ପାଦ ପଠନ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ବିନିଯୋଗ ହୋଇଥାଏ।

(୩) ପଦଗୁଡ଼ିକ ଭାଗବତ ବାଣୀ ବା ଗୁଜ୍ଜରୀ ଛନ୍ଦରେ ଲିଖିତ।

(୪) ପ୍ରତ୍ୟେକ ପାଦର ଶେଷ ଅକ୍ଷର ସମାନ ଥିବାରୁ ଏହାକୁ ପ୍ରାନ୍ତ ମିଳନ କୁହାଯାଏ। ପୁଣି କେତେକ ସ୍ଥାନରେ ଅନ୍ତଅକ୍ଷରର ପୂର୍ବ ଅକ୍ଷର ଅଥବା ପୂର୍ବସ୍ୱର ସମାନ ରହିଛି ଏହାକୁ ଉପଧା ମିଳନ କୁହାଯାଏ।

(୫) ଉପଧା ଅର୍ଥ ଉପାନ୍ତ୍ୟବର୍ଣ୍ଣ (ଅନ୍ତ ର ପୂର୍ବବର୍ଣ୍ଣ) ଏକା ଅଟେ। ଯଥା– କରିବେ – ଆଚରିବେ। ର + ଇ+ ବ + ଏ, ର + ଇ + ବ + ଏ ଅନ୍ତବର୍ଣ୍ଣ ପୂର୍ବରୁ ସ୍ୱରବର୍ଣ୍ଣ 'ଇ' ଉଭୟ ପାଦରେ ରହିଛି।

(୬) ଗାୟନ ସମୟରେ ତୃତୀୟ, ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ଯତିପାତ ଅର୍ଥ ରଚନା ବା ଛନ୍ଦର ବିଭିନ୍ନ ସ୍ଥାନରେ ବିରାମ ବା ବିଶ୍ରାମର ନିୟମିତତା। ୩ + ୨ + ୪ = (ଯତିପାତ କ୍ରମର ଅକ୍ଷର ସଂଖ୍ୟା)

(୭) ପଦମାନଙ୍କ ମଧ୍ୟରେ ଏକପ୍ରକାର ଶବ୍ଦ ଥରକୁ ଥର କିମ୍ବା ଦୁଇଥର ବ୍ୟବହାର କରାଯାଇଛି। ଯଥା– ଜନ୍ମ ଓ ବେଭାର

(୮) ଏଠାରେ ସମାନ ଦୁଇଟି ପଦର ଗୋଟିକରେ 'େ' ଏକାର ଯୋଗ ହେବା ଫଳରେ ଏହାର ଶାବ୍ଦିକ ପ୍ରୟୋଗରୁ ଭିନ୍ନ ଅର୍ଥ ପ୍ରକାଶ ପାଉଛି। ଯଥା– ସଙ୍ଗ – ସଙ୍ଗେ।

ଉପରଲିଖିତ ବୈଶିଷ୍ଟ୍ୟଗୁଡ଼ିକ କେଉଁକେଉଁ ପଦରେ ରହିଛି ତାହା ଲେଖିବା।





https://withteachers.in/

## ଅନୁମାନ ଓ କଳ୍ପନା



ଆସ ସମସ୍ତେ ମିଳିମିଶି ଆଲୋଚନା କରିବା ।


(କ) 'ଅମୃତ ବିନୟ ବଚନ ।

କହି ତୋଷିବ ପ୍ରାଣୀମନ ॥'

- ଯଦି ସମସ୍ତେ ନିଜର କଥାକୁ କୋମଳ ତଥା ବିନୀତ ଭାବରେ ପ୍ରକାଶ କରିବେ, ତେବେ ଶୁଣୁଥିବା ଲୋକଙ୍କ ମନରେ କି ଭାବ ଜାଗ୍ରତ ହେବ ।
- ବିନୟ ବଚନ କହୁନଥିବା ବ୍ୟକ୍ତିର କି କ୍ଷତି ହେବ ବୋଲି ଭାବୁଛ ?
- ଏହିଭଳି ଯଦି ସମାଜରେ ସଭିଏଁ କଥାବାର୍ତ୍ତା କରିବେ ତେବେ ସମାଜର କି ପରିବର୍ତ୍ତନ ହୋଇପାରିବ ?
- ବିନୟ ବଚନକୁ 'ଅମୃତ' ପଦ ସହିତ ଯୋଗ କାହିଁକି କରାଯାଇଛି ?

(ଖ) 'ଉତ୍ତମ ସଙ୍ଗେ ସଙ୍ଗଯାର ।

ସେ କରେ ଉତ୍ତମ ବେଭାର ॥'



- ଯଦି ଜଣେ ବ୍ୟକ୍ତି ଉତ୍ତମ ମଣିଷ ସାଥିରେ ସବୁବେଳେ ସାଙ୍ଗ ହେଲା, ତାଙ୍କଠାରୁ ଉତ୍ତମ ବ୍ୟବହାର ଶିକ୍ଷା କରିବ । ସେହିପରି ଯଦି ଜଣେ ଦୁର୍ଜନ ସାଥିରେ ସାଙ୍ଗହେଲା, ତେବେ ତା' ଗୁଣରେ କି ପରିବର୍ତ୍ତନ ହେବ ?
- ଯଦି ସମାଜରେ ଉତ୍ତମ ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଏ ତେବେ ସମାଜର କି ଉନ୍ନତି ସାଧିତ ହୋଇପାରିବ ?
- ତୁମେ ଯଦି ତୁମ ଶ୍ରେଣୀର ଜଣେ ଉତ୍ତମ ସାଙ୍ଗ ସହିତ ମିଳାମିଶା କର, ତେବେ ତୁମର ସ୍ୱଭାବରେ କି ପରିବର୍ତ୍ତନ ଆସିବ ?
- ନୀଚ ବ୍ୟକ୍ତିର ସଙ୍ଗତି ଫଳରେ କ'ଣ କ୍ଷତି ହେବ ବୋଲି ତୁମେ ଭାବୁଛ ।

(ଗ) 'ସାକ୍ଷାତେ ଗୁରୁଯେ ଈଶ୍ୱର ।

ଗୁରୁଙ୍କୁ ନମଣିବ ନର ॥'



https://withteachers.in/

- ଗୁରୁଙ୍କୁ ଅବହେଳା କଲେ ଶିଷ୍ୟର ଅବନତି ହେବ ବୋଲି କାହିଁକି ଭାବୁଛ ?
- ଗୁରୁଦିବସ ଦିନ ଗୁରୁପୂଜା କଲେ ତୁମମାନଙ୍କ ମନରେ ଗୁରୁଙ୍କ ପ୍ରତି କେଉଁ ଭଳି ଭାବନା ଜାଗ୍ରତ ହୁଏ ଭାବ ?
- ଗୁରୁ ଜଣେ ସାଧାରଣ ମଣିଷ ନୁହନ୍ତି । ଗୁରୁଙ୍କର କେଉଁ କାର୍ଯ୍ୟ ଦେଖି ତୁମେ ଏଭଳି କଥାକୁ ଗ୍ରହଣ କରୁଛ ?
- ଈଶ୍ୱର ଆମ ପାଇଁ କ'ଣ କ'ଣ କରନ୍ତି ? ଗୁରୁ ଆମ ପାଇଁ କ'ଣ କ'ଣ କରିପାରିବେ ? ସାଙ୍ଗମାନଙ୍କ ସହିତ ଆଲୋଚନା କର ।

(ଘ) 'ନିକଟେ ଥିଲେ ଅନାଦର ।
ଏହିଟି ସଂସାର ବେଭାର ॥'

- ଆମର କଥାରେ ଅଛି 'ଅତି ପରିଚୟେ ଗୌରବ ନଷ୍ଟ' ଏହି ପ୍ରବଚନ ସହିତ ଉପରିଲିଖିତ ପଦର କିପରି ସମ୍ପର୍କ ଅଛି ସାଙ୍ଗମାନଙ୍କ ସହ ମିଶି ଆଲୋଚନା କରିବା ।
- ଜଣେ ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କ ସହ ଅତି ପରିଚିତ ଥିଲେ ମଧ୍ୟ ତାଙ୍କ ପ୍ରତି ତୁମର ଭାବନା କିମ୍ବା ବ୍ୟବହାର କିପରି ରହିବା ଉଚିତ ହେବ ?
- ଯଦି ଜଣେ ସମ୍ମାନସ୍ପଦ, ଜ୍ଞାନୀ, ଗୁଣୀ ବ୍ୟକ୍ତିଙ୍କ ସହିତ ଅତି ପରିଚିତ ହେତୁ ଅବମାନନା କରାଯାଏ, ତେବେ ସମାଜର କି କ୍ଷତି ହେବ ?
- 'ଦୂରପର୍ବତ ସୁନ୍ଦର' ପ୍ରବଚନଟିର ଏ କ୍ଷେତ୍ରରେ କିପରି ସାମଞ୍ଜସ୍ୟ ରହୁଛି ବୋଲି ଭାବୁଛ, ନିଜ ଅନୁଭୂତିରୁ କିଛି କହିବା ।

ପ୍ରବଚନ–

ଓଡ଼ିଆ ଭାଷାରେ ଲୋକବାଣୀ ଲୋକଙ୍କ ମୁହଁରେ ବଞ୍ଚିରହିଛି । ଏହାର ଅନ୍ୟନାମ ହେଲା ପ୍ରବାଦ କିମ୍ବା ପ୍ରବଚନ । ଏମାନେ କଥିତ ଭାଷାରେ ବିଶେଷଭାବେ ପ୍ରଚଳିତ ଜନପ୍ରିୟ ଉକ୍ତି । ସମାଜରେ ଶିକ୍ଷାଦାନ ଉଦ୍ଦେଶ୍ୟରେ ଏହାର ବହୁଳ ପ୍ରୟୋଗ ହୋଇଥାଏ । ଏହା ହେଉଛି ବାକ୍ୟ ଓ ଖଣ୍ଡବାକ୍ୟ ।

(ଙ) 'କର୍ମ କରଣେ ଫଳପାଇ ।
ପ୍ରାଣୀତା ଅବଶ୍ୟ ଭୁଞ୍ଜଇ ॥'

- କଠିନ ପରିଶ୍ରମ କରି ମଧ୍ୟ ପରୀକ୍ଷାରେ ସନ୍ତୋଷଜନକ ଫଳ ନମିଳିଲେ, ତୁମର ପରବର୍ତ୍ତୀ କର୍ତ୍ତବ୍ୟ କ'ଣ ହେବା ଉଚିତ । ସାଙ୍ଗମାନଙ୍କ ସହିତ ବିଚାର କରି ନିଜର ମତ ପ୍ରକାଶ କରିବା ।
- ତୁମେ ତୁମ ପାଠପଢ଼ାରେ ଅବହେଳା କରୁଥିଲେ, ନିଜକୁ କିମିତି ସଜାଡ଼ିବ ସାଙ୍ଗମାନଙ୍କ ସହ ଆଲୋଚନା କରିବା ।





https://withteachers.in/



## ବାଦବିବାଦ



'ତା ଜନ୍ମ ଧନ୍ୟ ଏ ସଂସାରେ ।
ଯେ ରହେ ପର ଉପକାରେ ॥'


(କ) ଏହି ପଦର ଆଜିକାଲି ସମୟରେ କ'ଣ ମହତ୍ତ୍ୱ ଅଛି ? ସେଥିପାଇଁ ଗୋଟିଏ ବାଦବିବାଦ ପ୍ରତିଯୋଗିତା ଶ୍ରେଣୀରେ ଆୟୋଜନ କରିବା ।

ଗୋଟିଏ ଦଳ ସପକ୍ଷରେ ଏବଂ ଅନ୍ୟ ଦଳଟି ବିପକ୍ଷରେ କହିବେ । ତୃତୀୟ ଦଳଟି ଠିକ୍ ନିଷ୍ପତ୍ତି ନେବେ । ଠିକ୍ ଉତ୍ତରଟି କହିବେ ।

ଉଦାହରଣ – ସପକ୍ଷଦଳ– ପରଲୋକର ଉପକାର କଲେ ଜୀବନ ଧନ୍ୟ ହୁଏ ।


ବିପକ୍ଷଦଳ – ପରର ଉପକାର କଲେ ନିଜର ଅନେକ କ୍ଷତି ହୁଏ ।

ସପକ୍ଷ ଓ ବିପକ୍ଷରେ ହୋଇଥିବା ତର୍କର ଆଲୋଚନାକୁ ନିଜ ଖାତାରେ ଲେଖିବେ । ଶେଷରେ ତୃତୀୟଦଳ ସ୍ଥିର କରାଯାଇଥିବା ଠିକ୍ ଉତ୍ତରଟିକୁ ସମସ୍ତଙ୍କୁ ଜଣାଇ ଦେବା ।



## ଓଡ଼ିଆ ଭାଗବତ ସୂକ୍ତି

ସୂକ୍ତିମାଳାରୁ ସଂଗୃହୀତ ପଦଗୁଡ଼ିକରେ କେଉଁ କେଉଁ ଭାବ ପ୍ରକାଶ ପାଉଛି, ସେଗୁଡ଼ିକ ନିଜ ଦଳର ସାଙ୍ଗମାନଙ୍କ ସହିତ ଆଲୋଚନା କରି ନିମ୍ନ ରେଖା ଚିତ୍ରରେ ପ୍ରକାଶ କରିବା । ଏଠାରେ ଦୁଇଟି ଉଦାହରଣ ଦିଆଯାଇଛି ।









https://withteachers.in/

## ପଦ ଓ ତା'ପାଇଁ ପ୍ରବଚନ

'ନିକଟେ ଥିଲେ ଅନାଦର
ଏହିଟି ସଂସାର ବେଭାର ॥'

ଏହି ପଦ ସହିତ କେଉଁ ପ୍ରବଚନ / ଲୋକବାଣୀର ସମ୍ପର୍କ ରହିଛି, ତୁମ ଦଳର ସାଥୀମାନଙ୍କ ସହିତ ଆଲୋଚନା କରି ପ୍ରକାଶ କରିବା ।

## ସମସ୍ତଙ୍କ ଅଂଶଗ୍ରହଣ



ଉଦାହରଣ – 'ଅମୃତ ବିନୟ ବଚନ ।
କହି ତୋଷିବ ପ୍ରାଣୀମାନ ॥'
'ସାକ୍ଷାତେ ଗୁରୁଯେ ଈଶ୍ୱର ।
ଗୁରୁଙ୍କୁ ନମଣିବ ନର ॥'

ଉପରଲିଖିତ ଦୁଇଟି ପଦର ବିଭିନ୍ନ ପ୍ରକାରରେ ପ୍ରୟୋଗ

- ନବାକ୍ଷରୀ ଛନ୍ଦରେ ଗାଇବା (ଦଳଗତ)
- ଅଭିନୟ ଦ୍ୱାରା ପ୍ରକାଶ କରିବା (ଦଳଗତ)

ଉଦାହରଣ– ଜଣେ ସାଙ୍ଗ ତୁମ ଉପରେ ରାଗୁଥିଲା ବେଳେ, ଆଉ ଜଣେ ସାଙ୍ଗ ତୁମେ ରାଗିବା ପୂର୍ବରୁ ତାକୁ ମିଠା ମିଠା କଥା କହି ବୁଝାଇବ । ଏଠାରେ ଅମୃତ ବଚନର କି ପ୍ରଭାବ ପଡୁଛି ଲକ୍ଷ୍ୟ କରିବା ।

- ଏହି ପଦ ଦୁଇଟିକୁ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିବା (ଦଳଗତ)
- ଏହି ପଦ ଦୁଇଟିକୁ ମନେରଖି ଭିନ୍ନଭିନ୍ନ ସ୍ୱରରେ ଗାନ କରିବା (ଦଳଗତ)

## ପାଠ୍ୟ ବହିର୍ଭୂତ

## ତୁମକଥା

(କ) "ଗୁରୁଙ୍କୁ ନମଣିବ ନର" ଅର୍ଥାତ୍ ଗୁରୁଙ୍କୁ ନରରୂପେ ଗଣାଯାଏ ନାହିଁ । ତୁମ ଜୀବନ ମଧ୍ୟରେ ଏମିତି କେହି ଦେବ ପ୍ରତିମ ଗୁରୁ ଆସିଛନ୍ତି କି ଯିଏ ତୁମକୁ ଉଚିତ ରାସ୍ତା ଦେଖାଇ ଭଲ ମଣିଷ କରିପାରିଛନ୍ତି, ସେହି ଆଦର୍ଶ ଗୁରୁଙ୍କ ସମ୍ପର୍କରେ ସଂକ୍ଷେପରେ କହିବା ଏବଂ ଲେଖିବା ।

(ଖ) "ଉତ୍ତମ ସଙ୍ଗେ ସଙ୍ଗଯାର" ତୁମେ ତୁମ ଜୀବନ ମଧ୍ୟରେ ଏମିତି ଜଣେ ଉତ୍ତମ ସାଙ୍ଗ ସହିତ ସମ୍ପର୍କ ରଖିବା ଯୋଗୁ ତୁମର ଅନେକ ଖରାପଗୁଣ ଚାଲିଯାଇଛି । ତୁମେ ଭଲ



https://withteachers.in/

ପିଲା ହୋଇଯାଇଛ। ତୁମର ଅନୁଭବ ବିଷୟରେ ସଂକ୍ଷେପରେ କହିବା ଏବଂ ଲେଖିବା।



(ଗ) "ତା' ଜନ୍ମ ଧନ୍ୟ ଏ ସଂସାରେ" ତୁମ ଆଖି ଆଗରେ କେହି ଜଣେ ପରର ଉପକାର କରୁଥିବା ଘଟଣା ତୁମେ ପ୍ରତ୍ୟକ୍ଷ ଭାବେ ଦେଖିଛ କି ? ତୁମକୁ ସେହି ମହତ କାର୍ଯ୍ୟ କେତେଦୂର ପ୍ରଭାବିତ କରିଛି, ସେହି ବିଷୟରେ ସାଙ୍ଗମାନଙ୍କ ସହିତ ଆଲୋଚନା କରିବା ଏବଂ ଲେଖିବା।



## ସର୍ଜନଶୀଳତା



(କ) 'ତା' ଜନ୍ମ ଧନ୍ୟ ଏ ସଂସାରେ।

ଯେ ରହେ ପର ଉପକାରେ ॥'

ତୁମର ସାଙ୍ଗ ବିପଦରେ ପଡ଼ିଥିବା ବେଳେ ତୁମେ ଉପକାର କରିଥିବ। ତା'ର ଆଧାରରେ ଏକ କ୍ଷୁଦ୍ରଗଳ୍ପ ସଂକ୍ଷେପରେ ଲେଖିବା। ବାତ୍ୟା ଓ ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ବନ୍ଧୁଙ୍କୁ ସାହାଯ୍ୟ କରାଯାଇପାରେ। ଅନୁମାନ ଓ କଳ୍ପନା କରି ଏହାକୁ ଭିତ୍ତି କରି ଗଳ୍ପଟିଏ ଲେଖ ଏବଂ ଏହାର ନାମକରଣ କର।

(ଖ) 'ସାକ୍ଷାତେ ଗୁରୁଯେ ଈଶ୍ୱର।

ଗୁରୁଙ୍କୁ ନମଣିବ ନର ॥'

ଏହି ସୂକ୍ତିଟିଙ୍କୁ ଚିନ୍ତା କରି ତୁମକୁ ପଢ଼ାଇ ଆସୁଥିବା ଗୁରୁମାନଙ୍କ ମଧ୍ୟରୁ ଯେଉଁ ଗୁରୁ ତୁମକୁ ଦେବତୁଲ୍ୟ ମନେ ହେଉଛନ୍ତି ଏବଂ ତାଙ୍କର ପ୍ରତ୍ୟେକ ଭଲଗୁଣ ବର୍ଣ୍ଣନା କରି କ୍ଷୁଦ୍ର ପ୍ରବନ୍ଧଟିଏ ଲେଖିବା।

(ଗ) 'କର୍ମ କରଣେ ଫଳପାଇ।

ପ୍ରାଣୀତା ଅବଶ୍ୟ ଭୁଞ୍ଜଇ ॥'

କଠିନ ପରିଶ୍ରମର ମୂଲ୍ୟ କ'ଣ ଏହାକୁ ଏକ କାଳ୍ପନିକ କ୍ଷୁଦ୍ରଗଳ୍ପ ମାଧ୍ୟମରେ ପ୍ରକାଶ କର। ଏହାର ନାମକରଣ ସ୍ୱ କର, ଯେପରି - 'ପରିଶ୍ରମର ଫଳ', 'କର୍ମଫଳ' ।



https://withteachers.in/

## ସାଇବର ସୁରକ୍ଷା ପାଇଁ ପଦମାନଙ୍କର ସମ୍ପର୍କ

ଇଣ୍ଟରନେଟ, ୟୁଟୁବ୍‌ରେ ଆସୁଥିବା ଅବଶ୍ୟକ ସୂଚନାଗୁଡ଼ିକ ଗ୍ରହଣ କରିବାଦ୍ୱାରା କେଉଁକେଉଁ ଅସୁବିଧା ହେଉଛି, ତାହା ସାଙ୍ଗମାନଙ୍କ ସହିତ ଆଲୋଚନା କରିବା ଏବଂ ପଠିତ 'ଭାଗବତ ସୂକ୍ତି ସଂଗ୍ରହରୁ' ଏଥିପାଇଁ ମିଳୁଥିବା ଉପଦେଶ ମଧ୍ୟ ଆଲୋଚନା କରିବା।



- ଇଣ୍ଟରନେଟ୍‌ରେ ପ୍ରସାରିତ ହିଂସାତ୍ମକ ଘଟଣାରୁ ନିଜକୁ ଦୂରେଇ ରଖିବା ପାଇଁ କେଉଁ ସୂକ୍ତିଟି ତୁମକୁ ସାହାଯ୍ୟ କରିବ, ବାଛିବା ଏବଂ ଲେଖିବା।
- ଇଣ୍ଟରନେଟ୍‌ରେ ବେଳେବେଳେ ପ୍ରସାରିତ ହେଉଥିବା ଜଣେ ବ୍ୟକ୍ତି କିପରି ଜଣେ ଉତ୍ତମଲୋକ ସହିତ ମିଳାମିଶା କରିବା ଫଳରେ ତା'ର ଖରାପଗୁଣଗୁଡ଼ିକ ଆସ୍ତେଆସ୍ତେ ଅପସରି ଯିବା ସହିତ ସେ ମଧ୍ୟ ଉତ୍ତମ ମଣିଷ ହୋଇଯାଉଛି, ତାକୁ ଲକ୍ଷ୍ୟ କରି ତୁମ ପଠିତ ଭାଗବତ-ସୂକ୍ତି ସଂଗ୍ରହରୁ କେଉଁ ସୂକ୍ତିଟି ତା'ର ଉଦାହରଣ ରୂପେ ଭାବୁଛ ସେହି ସୂକ୍ତିଟି ଲେଖ।

## ଆଜିକାଲି ସମୟରେ

(କ) ତୁମେ ରାଗରେ ତୁମ ସାନଭଉଣୀକୁ ଗାଳିଦେଲ। ଯାହାକି ପରିବେଶକୁ ଖରାପ କରିଦେଲା। ପୁଣି ଭାବିଲ ସାନ ଭଉଣୀକୁ କଠୋର କଥା ନକହି ବିନୟ ଭାବେ ତା' ଦୋଷ ତାକୁ ବୁଝାଇ କହିଥିଲେ କେତେ ଭଲ ହୋଇଥାଆନ୍ତା, ସେ ମଧ୍ୟ ତା' ଭୁଲ ସହଜରେ ବୁଝିପାରି ଥାଆନ୍ତା। ନିମ୍ନରେ ପଠିତ ପାଠରୁ ସମାନ ଅର୍ଥ ପ୍ରକାଶ କରୁଥିବା ସୂକ୍ତିଟି ଲେଖିବା।

______________________________

______________________________

(ଖ) ସ୍ୱପ୍ନା ତା' ଶ୍ରେଣୀର ଉତ୍ତମ ଛାତ୍ରୀ ପ୍ରଜ୍ଞା ସହିତ ବାରବାର ମିଶିବା ଫଳରେ ବେଳକୁ ବେଳ ତା'ର କଥାବାର୍ତ୍ତା, ଚଳିଚଳଣ ଓ ବ୍ୟବହାର ମଧ୍ୟ ବଦଳିବାକୁ ଲାଗିଲା। କିଛିଦିନ ପରେ ସେ ମଧ୍ୟ ଉତ୍ତମ ଛାତ୍ରୀ ବନିଗଲା। ସେ ଆଗରୁ ଯେଉଁ ଖରାପ ସାଙ୍ଗ ସହିତ ମିଶୁଥିଲା ସେ ତା'ଠାରୁ ଦୂରେଇ ଯାଇଥିଲା। ଏଥିପାଇଁ ପଠିତ ସୂକ୍ତି ସଂଗ୍ରହରୁ କେଉଁ ସୂକ୍ତିଟି ବେଶ ଉପଯୋଗୀ ବୋଲି ଭାବୁଛ ନିମ୍ନରେ ଲେଖିବା।

______________________________

______________________________



https://withteachers.in/

(ଗ) ଅର୍ଦ୍ଧବାର୍ଷିକ ପରୀକ୍ଷା ସରିଲା । ପାପୁନର ଫଳ ବାହାରିଲା । ସେ ପରୀକ୍ଷାରେ ବହୁତ କମ୍ ନମ୍ବର ରଖିଥିବା ବେଳେ ସିପୁନ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା । ପାପୁନ ବହୁତ ମନଦୁଃଖ କଲା । ସିପୁନ ତାକୁ ବୁଝାଇ କହିଲା, ସାଙ୍ଗ ! ଆମେ ଉଭୟେ ପାଠପଢୁଥିଲେ ସତ କିନ୍ତୁ ମୁଁ ମନଦେଇ ପାଠପଢୁଥିବା ସମୟରେ ତୋ ମନରେ ଏକାଗ୍ରତା ନଥିଲା । ତୋ ମନ ହନୁମାଙ୍କଡ଼ ପରି ଇଆଡ଼େ ସିଆଡ଼େ ଘୂରୁଥିଲା । ଯେମିତି କର୍ମ ସେମିତି ଫଳ । ତୁ ଏବେ ମନଧ୍ୟାନ ଦେଇ ପଢ଼, ଦେଖିବୁ ଭଲଫଳ ନିଶ୍ଚୟ ପାଇବୁ । ପାପୁନ ବୁଝିଲା ଏବଂ ସାଙ୍ଗକଥା ମାନି ମନଦେଇ ପାଠପଢ଼ିଲା । ବାର୍ଷିକ ପରୀକ୍ଷାରେ ସେ ବହୁତ ଭଲ ନମ୍ବର ରଖି ଖୁସି ହେଲା । ସିପୁନକୁ ଧନ୍ୟବାଦ ଦେଲା । ସୂକ୍ତି ସଂଗ୍ରହର ସମାନ ଅର୍ଥ ପ୍ରକାଶକ କରୁଥିବା ସୂକ୍ତିଟି ନିମ୍ନରେ ଲେଖ ।

________________________________________

________________________________________

(ଘ) ଅର୍ଜୁନ ଜଣେ ଦୁଷ୍ଟ ଓ ଅମାନିଆ ପିଲା । ସେ ଗୁରୁଙ୍କ କଥାକୁ ବେଖାତିର କରୁଥିଲା । ତାଙ୍କ ଉପଦେଶ ମାନୁନଥିଲା । କିନ୍ତୁ ଗୁରୁ ତାକୁ ସତ୍ ମାର୍ଗରେ ଆଣିବା ପାଇଁ ଲାଗି ପଡ଼ିଥିଲେ । ସେ ଯେତେ ଦୂରେଇ ଦୂରେଇ ଯାଉଥିଲା, ଗୁରୁ ସେତିକି ସେତିକି ତା’ ପାଖକୁ ପାଖେଇ ଯାଉଥିଲେ । ସେ ଗୁରୁଙ୍କର ଭଲ ପାଇବା କଥାଟି ଭାବି ଆଚମ୍ବିତ ହୋଇଗଲା । ସେ ତାକୁ ଭକ୍ତି କଲା । ତାଙ୍କ ଉପଦେଶ ମାନିଲା । କାର୍ଯ୍ୟରେ ଲଗେଇଲା । ସତକୁସତ ଶ୍ରେଣୀର ଜଣେ ଆଦର୍ଶ ଛାତ୍ର ବନିଗଲା । ସମସ୍ତେ ତାକୁ ପ୍ରଶଂସା କଲେ । ପଠିତ ସୂକ୍ତି ସଂଗ୍ରହରୁ କେଉଁ ପଦଟି ଏହି କଥା ସହ ସଂପୃକ୍ତ ସେହି ପଦଟି ନିମ୍ନରେ ଲେଖ ।

________________________________________

________________________________________





https://withteachers.in/



## ଆମ ସମୟର ଜଗନ୍ନାଥ ଦାସ

(କ) କଳ୍ପନା କରିବା ଯେ, ଆଜି ଯଦି ଜଗନ୍ନାଥ ଦାସ ସମାଜରେ ରହିଥାନ୍ତେ ସମାଜର କେଉଁ କେଉଁ ବିଷୟକୁ ନେଇ ସେ କବିତା ଲେଖିଥାଆନ୍ତେ, ତା'ର ଏକ ସୂଚୀ ତିଆରି କରିବା । ତୁମେ ମଧ୍ୟ ସେହିଭଳି ଭାବପ୍ରକାଶକ ନବାକ୍ଷରୀ ଛନ୍ଦ ବିଶିଷ୍ଟ ଦୁଇପଦ କବିତା ଲେଖି ସାଙ୍ଗମାନଙ୍କୁ ଦେଖାଅ ।



ଉଦାହରଣ : ପିଲାଏ, ମୋର ବୋଲକର ।
ବେଳହୁଁ ପରିଶ୍ରମ କର ।।



## ଗୃହକର୍ମ

(କ) ପିଲାଏ ! ତୁମ ଘରେଥିବା ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ବହିରୁ ପ୍ରତିଦିନ ମାତ୍ର କିଛିକିଛି ପଦ ପାଠ କରିବ । ଯେଉଁ ପଦଗୁଡ଼ିକ ତୁମ ମନକୁ ଛୁଇଁବ ତାକୁ ଗୋଟେ ଖାତାରେ ସୁନ୍ଦର ଅକ୍ଷରରେ ଲେଖିବ । ଶିକ୍ଷକଙ୍କୁ ନେଇ ଦେଖାଇବ । ସେହି ପଦମାନଙ୍କୁ ଶ୍ରେଣୀ ଗୃହରେ ପାଠ କରିବା ।

(ଖ) କବିଙ୍କର କେତେଗୁଡ଼ିଏ ଛାୟାଚିତ୍ର ତୁମ ଖାତାରେ ଅଠାଦେଇ ମାରିବ । ତୁମ ନାମ ସଂଗ୍ରାହକ ଲେଖିବା ସ୍ଥାନରେ ଲେଖିବ । ଏହାକୁ ଘରେ ସାଇତି ରଖିବ ।







https://withteachers.in/

## ତୁମପାଇଁ କାମ

ନିମ୍ନଲିଖିତ ଧାର୍ମିକ ଭାବନା ସମ୍ପର୍କରେ ଦୁଇଟି କିମ୍ବା ତିନୋଟି ବାକ୍ୟ ଲେଖ ।


୧. ସନାତନ ଧର୍ମ :




୨. ମହିମା ଧର୍ମ :





୩. ବୌଦ୍ଧ ଧର୍ମ :







୪. ଜୈନ ଧର୍ମ :






୫. ଖ୍ରୀଷ୍ଟଧର୍ମ :





୬. ଇସଲାମ ଧର୍ମ :





https://withteachers.in/

**ପଠନ ନିମନ୍ତେ**

# ମୋ ଜୀବନ ପଛେ ନର୍କେ ପଡ଼ିଥାଉ

ସନ୍ଥକବି ଭୀମ ଭୋଇ

ବଖାଣି ମହିମା ଧୁନିକୁ ସ୍ଥାପିବା ଶ୍ରୀମୁଖରେ ଆଜ୍ଞା ଦେଲେ,
ଦାସପଣେ କିଣି ଅର୍ଧବାଟେ ଆଣି କିମ୍ପା ଏତେ ସରି କଲେ ।୧ ।
ନାହିଁ ମୋ ଭରସା ଉଡୁଛି ସାହାସା କି ବୁଦ୍ଧି କରିବି କହ,
ଜଗତ ସମ୍ଭାଳି ଭଗତଙ୍କୁ ପାଳି ତୁମ୍ଭ ଭାରା ତୁମ୍ଭେ ବହ ।୨ ।



ଭଗତଙ୍କ ଦୁଃଖ ନିରନ୍ତର ଦେଖ ଲାଗିଲାଟି ପଦାର୍ବିନ୍ଦେ,
ବାନ୍ଧିଥା ଯୋଗାରି ଆଗପଛ କରି ବହିଥାଅ ନିଜ କାନ୍ଧେ ।୩ ।
ସମ୍ପତ୍ତି ବିପତ୍ତି ମୁକତି ଦୁର୍ଗତି ଭିଆଣ କରିଛ ଯୋଡ଼ି,
ପାପ ଦୁଃଖଭାର କେ ତୁମ୍ଭ ବହିବ ପାଦତଳେ ଥାଉ ପଡ଼ି ।୪ ।
ବିଜେ କରିଅଛ କିମ୍ପା ନ ବୁଝୁଛ ପଳାଇ ପଶିବି କାହିଁ,
ଅର୍ଜି ପାପଭାରା କରିବି ପସରା ପାଦତଳେ ଦେବି ଥୋଇ ।୫ ।
ଶରଣ ବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡ଼ିଗଲେଣି ସକଳ,
ଦୋଷ ଅପରାଧ କ୍ଷମା କରି ଗୁରୁ ଜାଗ୍ରତରେ ପ୍ରତିପାଳ ।୬ ।
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।୭ ।





https://withteachers.in/

## ୬

# ଏବେ ମଧ୍ୟ ବଞ୍ଚିଛି




ଗୋଦାବରୀଶ ମହାପାତ୍ର

– ଏକ –

ବେଣୁଧର କ'ଣ କରିବ କିଛି ଠିକ୍ କରିପାରିଲା ନାହିଁ।


ଯେତେବେଳେ ଗାଁ ଯାକ ଲୋକ ବାହାରନ୍ତି ସାହାଯ୍ୟ କେନ୍ଦ୍ରକୁ ସାହାଯ୍ୟ ପାଇଁ, ବେଣୁଧର ପିଣ୍ଡାରେ ଡୁନିହୋଇ ଠିଆହୁଏ। ଭାବେ, ଏତେ ଲୋକ ଯାଉଛନ୍ତି; ସମସ୍ତଙ୍କ ଆଗରେ ମୁଁ ହାତ ପତେଇ ଠିଆହୋଇ ମାଗିବାଟା ସୁନ୍ଦର ହେବ ନାହିଁ।



ଯେଉଁଦିନ କେହି ଯାଆନ୍ତି ନାହିଁ, ସେଦିନ ବେଣୁଧର କାନ୍ଥରେ ଲଟକାଇଥିବା ଚିରା କାମିଜଟାକୁ ଦେହରେ ଗଳାଇଦେଇ ଖୁବ୍ ସାହାସରେ ଦାଣ୍ଡକୁ ବାହାରିପଡ଼େ। ଦାଣ୍ଡ ଡେଇଁ, ବିଲ ପଡ଼ିଆ ଡେଇଁ ଯେତେବେଳେ ସେ ବଡ଼ ବରଗଛ ମୂଳେ ପହଞ୍ଚେ, ଟିକିଏ ବସିପଡ଼େ। ଶ୍ୟାମଳ ପତ୍ରଗହଳ ତଳେ ଶୀତଳ ପବନ ଟିକିଏ ପାଇ ସେ ଆଖି ବୁଜି ଅନେକ ଭାବେ। ଭାବେ– ସେ ଯିବ, କେନ୍ଦ୍ର ଦୁଆରେ ଠିଆହେବ। କିପରି ଠିଆ ହେବ ? ହାତ ଯୋଡ଼ିବ ନା ହାତ ଦୁଇଟା ଦୁଇ ପାଖକୁ ଝୁଲାଇ ରଖିବ ? ମୁଣ୍ଡ ଟିକିଏ ନୁଆଁଇବ ନା ମୁଣ୍ଡକୁ ବୀରପରି ସିଧା ରଖି ଠିଆହେବ ? ହସିବ ନା ଦୁଃଖରେ ମୁହଁ ଶୁଖାଇ ରହିବ ? କ'ଣ କରିବ କିଛି ସେ ସ୍ଥିର କରିପାରେ ନାହିଁ। ବିଚାରେ, ସେଠି ଯେ ଥିବେ ସେ ଯେବେ ଚିହ୍ନାଲୋକ ହୋଇଥିବେ, ତେବେ କ'ଣ କରିବାକୁ ହେବ ?

https://withteachers.in/

ବସି ବସି, ବିରରି ବିଚାରି ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠେ, ତା'ର ଭାବନା ଶେଷ ହୁଏ ନାହିଁ। ସେହି ଜନଶୂନ୍ୟ ବିଲମାଳ ଭିତରେ ଗଛଡାଳରେ ଯେତେବେଳେ ଦୁଇଟା ଗୁଣ୍ଡୁଚିମୂଷା ଚେଁ ଚେଁ ଶବ୍ଦ କରି ଏ ଡାଳରୁ ସେ ଡାଳକୁ ଧାଆଁନ୍ତି କିମ୍ବା କୁଆ କୋଇଲି ରାବିଉଠନ୍ତି, ସେ ଆଣ୍ଠୁ ଉପରୁ ମୁଣ୍ଡ ଉଠାଇ ଆଖି ଫିଟାଏ; କିନ୍ତୁ ଦେଖେ ସେହି ନିତିଦିନର ସଂସାର ତାହାରି ଆଗରେ। ଦୂରର ମରୀଚିକା ପାଣିପରି ଭାସିଯାଏ। ତା'ର ଆଶା ଠିକ୍ ସେହିପରି ଦୂରକୁ ବହିଯାଏ। ମୁହଁ ବୁଲେଇ ଦେଖେ, ଦୂରରେ ଗଛଗହଳରେ "ସିରେଇ" ଗାଁ। ସେହିଠାରେ ଗୋଟାଏ ଚାଳ ଉପରେ ଗୋଟାଏ ଜାତୀୟ ପତାକା। ତାହାରି ତଳେ ସ୍ୱେଚ୍ଛାସେବକ, ଦେଶସେବକ, ମାତୃପୂଜକ, ଜନନାୟକ, ଦରିଦ୍ର-ସାଥୀ- ଯେ କେହି ଚାଉଳ ଧରି ବାଣ୍ଟିବାକୁ ବସିଥିବେ ବୋଲି ମନେକରେ। ଅନ୍ୟଆଡ଼େ ମୁହଁ ବୁଲେଇ ଦେଖେ, ସେହିପରି ଗୁଡ଼ାଏ ଗଛଗହଳରେ "ବାଗଲପଡ଼ା"। ତାହାରି ଭିତରେ ଗୋଟିଏ ଛୋଟ ଚାଳଘର, ସେହି ଚାଳଘର ଭିତରେ କେତୋଟି ପ୍ରାଣୀ, କାହା ପେଟରେ ଅନ୍ନ ନାହିଁ କି କାହା ମୁହଁରେ ହସ ନାହିଁ। ଦିନେ ନୁହେଁ, ଦୁଇଦିନ ନୁହେଁ, ପାଞ୍ଚଦିନ ହେଲା ସେହି କୁଡ଼ିଆ ତଳେ ଚୁଲି ଜଳି ନାହିଁ, ସେ ଭିତରେ ଅଇଁଠା ପଡ଼ି ନାହିଁ। ଏ କଥା ଭାବିଲାବେଳେ ସେ ପୁଣି ଆଖି ବୁଜିଦିଏ। ମାତ୍ର ନିଜ ଭିତରେ ସେ ଦେଖେ ଆଉ ଗୋଟାଏ ଜଗତ୍! କି ସୁନ୍ଦର, କି ଜୀବନମୟ ଜଗତ୍ ସେ! ସେ ଭିତରେ ବେଣୁଧର ବୋଲି ସତର ବର୍ଷର ଯୁବକ କେତେ ଖେଳିଲା, କେତେ ହସି ହସେଇଲା, କେତେ ନାଚି ନଚେଇଲା। ସେ ଗଲା ଘର ଛାଡ଼ି ପାଠ ପଢ଼ିବାକୁ। ଯେଉଁଠାରେ ଦେବତା ମଣିଷର ସାକ୍ଷୀ, ସେହିଠାରେ ସେ ପାଠ ପଢ଼ିଲା। ପାଠ ପଢ଼ି ପଢ଼ି ସେ ଭାବିଲା- ସେ ଜାଗିବ, ଦେଶକୁ ଜଗାଇବ।






https://withteachers.in/

ବେଣୁଧର ଆଖି ଫିଟେଇଲା । ସେ ଦେଖିଲା, ପୁଣି ସେହି ଆଖି ଆଗରେ ପୁରୁଣା ସଂସାର । ସେହି ଭଙ୍ଗାରୁଜା ସଂସାର ଭିତରେ ତା'ର ପାଠପଢ଼ା ଅକାଳରେ ଶେଷ ହୋଇଛି; ସେହି ନୀରସ ସଂସାର ଭିତରେ ତା'ର ଆଶାର ଝରଣା ଶୁଖିଆସିଛି, ପ୍ରାଣର ରସ ମରିଯାଇଛି । ସେ ଆସିଛି ଭିକ ମାଗି କେତୋଟି ପ୍ରାଣୀଙ୍କୁ ପୋଷିବ ବୋଲି ।

ବେଣୁଧର ପାରିଲା ନାହିଁ । ବରଗଛ ମୂଳେ ଠିଆହୋଇ ମୁହଁ ବୁଲେଇଲା ଗାଁ ଆଡ଼କୁ । ଭାବିଲା, "ନା, ମୁଁ ଏପରି ଭାବରେ ଯାଇ ଭିକ ମାଗିବାଟା ସୁନ୍ଦର ହେବ ନାହିଁ । କେହି ଯେତେବେଳେ ଯାଉ ନାହାନ୍ତି, ମୁଁ ଏକାକୀ ଗଲେ ସେମାନେ ମନେକରିବେ କ'ଣ ? ବରଂ ଗହଳି ଭିତରେ ପଶି କାନି ପତେଇ ମାଗିଦେଲେ ଚଳିପାରେ ।"

ତଥାପି ବେଣୁଧର କ'ଣ କରିବ ବୁଝିପାରିଲା ନାହିଁ । ଦିନେ ଗଲା, ଦୁଇ ଦିନ ଗଲା, ଚାରି ଦିନ ଗଲା । ଆଠ ଦିନ ଗଲା । ଦିନ ସତେ ଅବା ପାଣିପରି ବହିଗଲା । ସେ ଦେଖିଲା, ସେଇ ସୁଅରେ ତା' ନିଜ ଗାଁର ଶହ ଶହ ପ୍ରାଣୀ ଭାସିଭାସି, ପେଟ ଦେଖାଇ, କଙ୍କାଳ ଦେଖାଇ, କାନି ଦେଖାଇ ଯାଇ ଲାଗୁଛନ୍ତି ସିରେଇ ଗାଁର ଚାଉଳବଣ୍ଟା କେନ୍ଦ୍ର ଦୁଆରେ । ଯାହା ପାଉଛନ୍ତି ମୁଠାଏ, ତାହା ଶିଝେଇ ଖାଇବାକୁ ଦରକାର ପଡୁ ନାହିଁ । ଖରାବେଳେ ତଳତାଟି ଓ ଉପରତାଟି ଭିତରେ ମଝିରେ ଯେ ପେଟ ଚାଖଣ୍ଡକ ତାଡିଉଠୁଛି, ତାହା ସେମାନେ ସମ୍ଭାଳି ନ ପାରି ମୁଠା ମୁଠା ଚାଉଳ ବ୍ୟାକୁଳ ଭାବରେ ପାଟିରେ ଭରତି କରୁଛନ୍ତି ।

ବେଣୁଧର ଘରକୁ ଫେରିଅଇଲା । ଏପରି ଦିନେ ନୁହେଁ, ଦଶ ଦିନ ଯାଇ ଦଶ ଦିନ ଫେରିଲା । ସବୁ କଥାର ସୀମା ଅଛି; ମାତ୍ର ବେଣୁଧରର କଥା ସୀମା ପାର ହୋଇଗଲା । ଘରେ ଯେତେବେଳେ ଖୁଦକଣିକାଏ ସୁଦ୍ଧା ନାହିଁ, ସେତେବେଳେ କି ସୀମା ଭିତରେ ରହିହୁଏ ? ଶେଷରେ ଦିନେ ସେ କେନ୍ଦ୍ରରେ ଯାଇ ହାଜର ହେଲା ।

## – ଦୁଇ -

ସିରେଇ ଗାଁର ସାହାଯ୍ୟକେନ୍ଦ୍ର । ଦୁର୍ଭିକ୍ଷ – ରାକ୍ଷସର ତାହା ଗୋଟାଏ ବିରାଟ ଯାଦୁଘର । ଯେଉଁ ଦେଶରେ ଯୁଗ ଯୁଗ ଧରି ବିରାଟ ପଥରସ୍ତୂପ ଉପରେ ପତିତପାବନବାନା ଉଡୁଛି, ସେହି ଦେଶର ଲକ୍ଷ ଲକ୍ଷ ନରନାରୀଙ୍କ ବିକଳ ଧ୍ୱନି ସେତେବେଳେ ସିରେଇରେ ପ୍ରତିଧ୍ୱନିତ ହେଉଥିଲା । ଯେଉଁ ଦେଶର ମଣିଷର ସାକ୍ଷୀରୂପେ ସ୍ୱୟଂ ଦେବତା ବାଟ ଚାଲି ଆସିଥିଲେ ବୋଲି କଥା ଅଛି, ଦୁଃଖ ଦାରିଦ୍ର୍ୟର ସାକ୍ଷ୍ୟ ନେବାପାଇଁ ସେଇ ଭୂମିର ପରମ ସନ୍ନ୍ୟାସୀ ଉତ୍କଳମଣି ସେହିଠାରେ ଉପସ୍ଥିତ ଥିଲେ ।

ସେତେବେଳେ ସିରେଇ ଗୋଟାଏ ବିରାଟ ମଶାଣି କହିଲେ ଚଳେ । ଦରମରା ମଣିଷଗୁଡ଼ାକ ସେଠାରେ ମରିବେ କି ଜିଇଁବେ, ଠିକ୍ କରିପାରୁ ନ ଥିଲେ । କାହା ଆଖିରେ ଜ୍ୟୋତି ନଥିଲା, କାହା ମୁହଁରେ ହସ ନ ଥିଲା, କାହା ପାଦରେ ବଳ ନ ଥିଲା, କାହା ପେଟରେ ଅନ୍ନ ନ ଥିଲା କି କାହା କଟିରେ କନା ନ ଥିଲା – ଥିଲା କେବଳ ସମସ୍ତଙ୍କ କଣ୍ଠରେ ବିକଟ ସ୍ୱର । ସମସ୍ତେ କହୁଥିଲେ, 'ଦିଅ-ଦିଅ-ଦିଅ ।'

ବେଣୁଧର ସେଇ ଭିତରେ ଯାଇ ଠିଆହେଲା । ସେ ଶବ୍ଦ ଶୁଣି ତା'ର କାନ ତାବଦା ପଡ଼ିଗଲା ।



https://withteachers.in/

ସେ ଦୃଶ୍ୟ ଦେଖି ତା' ଆଖିକି ଜାଲୁଜାଲୁଆ ଦିଶିଲା । ସେ ସେହି ଭିତରେ ଜଣେ ହୋଇ ଠିଆହେବାକୁ ଇଚ୍ଛା କଲା ନାହିଁ । ମନେକଲା, ଲୋକଲୋଚନ ଅଗୋଚରରେ କେଉଁଠି ସେ ମିଶିଯା'ନ୍ତା କି, କେଉଁଠି ସେ ଆପଣାର ମୁହଁଟା ଲୁଚାଇ ଠିଆ ହୋଇପାରନ୍ତା କି, କେଉଁଠି ନିଜକୁ ହରାଇ ପାଗଳ ହୋଇଯାଆନ୍ତା କି ?

ସେ ପଛକୁ ଘୁଞ୍ଚିଆସିଲା । କାହାର ସ୍ନେହପାଳିତ ଗୋଟିଏ ଗଛମୂଳେ ପଥର ଉପରେ ବସିପଡ଼ି ଖାଲି ଦେଖିଲା । ତାକୁ ଦିଶିଲା ଗୋଟାଏ ପ୍ରାଚୀନ ବିରାଟ ଜାତି ହଠାତ୍ କିପରି ଭିକାରି ପାଲଟିଗଲା ! ଜୀବନ ଥାଉ ଥାଉ ଜାତିଟା କିପରି ଅପମାନ ବରଣ କରିନେଲା । ଋହୁଁ ଋହୁଁ ବାଟ କିପରି ସେ ଭୁଲିଆସିଲା !

ତାକୁ ଦିଶିଲା– ଏଇପରି ଏକ ପ୍ରଭାତ ଅବସରରେ ସେ ପାଠ ପଢ଼ିଥିଲା । ଚିରଶ୍ୟାମଳ ବକୁଳ ଛୁରିଅନାମୂଳେ ଶହ ଶହ ତରୁଣ ପ୍ରାଣରେ ଯେଉଁ ଶିକ୍ଷାର ମଞ୍ଜି ପୋତାଯାଇଥିଲା, ତାହା କ'ଣ ଶେଷକୁ ବଢ଼ିଉଠିଲା ଏଇ ଭିକ ମାଗିବାପାଇଁ ? ବେଣୁଧର କ'ଣ ଶେଷରେ ଏଇଆ ହେବ ବୋଲି ବହି ଧରିଥିଲା ?

ବେଣୁଧର ସେଠି ଅଛି କି ନାହିଁ ବୁଝିପାରିଲା ନାହିଁ । ସେ ନିଜକୁ ଖୋଜିଲା । ତା'ର ଆଖି ରହିଲା ଭିତରେ, ତା'ର ମନ ରହିଲା ଭିତରେ, ତା'ର ଭାବନା ରହିଲା ଭିତରେ, ତା'ର ଶରୀରଟା କେବଳ ସିରେଇ ଗାଁର ଏକ ଗଛମୂଳେ ଥିଲା । ଚାଉଳ ଧରି ଲୋକେ ଫେରି ଚାଲିଛନ୍ତି, ଗହଳି କ୍ରମେ ଭାଜିଆସୁଛି, ଖରା କ୍ରମେ ମାଡ଼ିଆସୁଛି, କିନ୍ତୁ ବେଣୁଧର ନିଜକୁ ହରେଇ ଗଛମୂଳେ ବସିଛି ।

## – ତିନି –

ଝାଞ୍ଜି ପବନର ସ୍ପର୍ଶ କିମ୍ବା କପୋତର କରୁଣ ଧ୍ୱନି ବେଣୁଧରର ମୋହ ଭାଙ୍ଗି ପାରିଲା ନାହିଁ । ଗଛଟା ଯେପରି କାହାକୁ କିଛି ନ କହି ଅନେକ ଦିନୁ ଠିଆ ହୋଇଛି । ତାହାରି ତଳେ ବେଣୁଧର କାହାକୁ କିଛି ନ ମାଗି ସକାଳପହରୁ ବସିଛି । ତା'ର ଆଗରେ ପ୍ରଶ୍ନ ହେଲା– "ବାବୁ, ତୋ ଗାଁ ?"

ଦଶ ପାଞ୍ଚଥର ଏହିପରି ପଚାରିବା ପରେ ବେଣୁଧର ମୁହଁ ଟେକି ଋହିଁଲା । ଋହିଁଲା, ସତେ ଯେପରି କୋଣାର୍କର ଗୋଟାଏ ପଥରମୂର୍ତ୍ତି କେତେ ଯୁଗ ହେଲା ପାଣି-ପବନ ଖରା-ତରା ସହି ସହି ପଡ଼ିରହିଥିଲା, ହଠାତ୍ କାହାର ଡାକରେ ତା'ର ଜଡ଼ ପିଣ୍ଡରେ ପ୍ରାଣ ସଞ୍ଚାର ହେଲା !

ପୁଣି ତାକୁ ପଚରାଗଲା– "ତୋର ଗାଁ କେଉଁଠି ବାବୁ ? ଋଉଳ ନେଇଚୁ ?" ବେଣୁଧର ସେଇପରି ଋହିଁ ରହିଲା ।

ତା'ପରେ ପ୍ରଶ୍ନ ପଚାରୁଥିବା ବ୍ୟକ୍ତି ଧୀରେ ଧୀରେ ତା' ପାଖକୁ ଲାଗିଆସିଲେ । ଗୋଟିଏ ଶୀତଳ କୋମଳ ହାତର ସ୍ପର୍ଶ ତା' ପିଠିରେ ଲାଗିଲା । ପିଠିର କାମିଜ, ଦେହର ଚମ, ଚମତଳର ରକ୍ତ ମାଂସ ହାଡ଼ ଭେଦ କରି ସତେ ଅବା ସେହି ସ୍ପର୍ଶ ବେଣୁଧରର କେଉଁ ଅନ୍ତର ଭିତରେ ବାଜିଲା । ତା'ର ଦେହ ଶୀତେଇ ଉଠିଲା । ତା'ର ଆଖିପତା ଥରିଲା । ଆଖି କ୍ରମେ ଓଦା ହୋଇ ଆସିଲା । ତା'ପରେ ଦୁଇ ଟୋପା ଲୁହ ନିଗିଡ଼ି ତଳେ ପଡ଼ିଗଲା । ସେ କ'ଣ କହିବ ବୋଲି ଚେଷ୍ଟା କଲା, ଓଠକୋଣ ଥରିଆସିଲା ।



https://withteachers.in/

ସେ ବ୍ୟକ୍ତି ପଚାରିଲେ– "ଚାଉଳ ନେଇଚୁ ବାବୁ ?"

– "ନା।" ଏତିକି କେବଳ ସେ କହିଲା।

– "ନେବୁ ?"

– "ନା... ମୁଁ ନେବାକୁ ଆସି ନାହିଁ।"

– "ଆଉ ତେବେ... ?"


ବେଣୁଧର ଆଉ ସମ୍ଭାଳିପାରିଲା ନାହିଁ। ଭୋ' କରି କାନ୍ଦିଉଠିଲା। ଏତିକି କହିଲା– "ଏଇପରି ଗଛମୂଳେ ଏଇ ଚରଣତଳେ ପରା ବସି କଥା ଶୁଣିଥିଲି...

'ଜୀବନ ଥିଲେ ଭାଇ ପାତିବା ନାଇଁ ହାତ,

ମଣିଷ ପରି ଦିନେ ମଣିଷ ହୋଇବା ତ।'

ଏତିକି କହି ବେଣୁଧର ଭାଜିଗଲା ପରି ସେଇ ପାଦତଳେ ପଡ଼ିଗଲା।


ତା'ପରେ–ତା'ପରେ ଅନେକ କ୍ଷଣ ବିତିଗଲା। ବସିପଡ଼ିଥିବା ବେଣୁଧରର ମୁଣ୍ଡରେ ହାତ ଦେଇ ସେଇ ଶାନ୍ତ ଉଦାର ମହାପୁରୁଷ ଦୂରରେ, ଖୁବ୍ ଦୂରରେ–ସୁଦୂର ଦିଗ୍‌ବଳୟ ସୀମାରେ ଚକ୍ଷୁ ସ୍ଥିର ରଖି ଅନେକ କ୍ଷଣ ଠିଆ ହେଲେ। ଦୁଇ ଧାର ଅଶ୍ରୁ ତାଙ୍କର କୃଷ୍ଣୋଜ୍ଜ୍ୱଳ ଶ୍ମଶ୍ରୁମଣ୍ଡଳରୁ ବିନ୍ଦୁ ବିନ୍ଦୁ ହୋଇ ଖସୁଥିଲା। ଆଖି ମୁଦି ହୋଇଯାଇଥିଲା। ଯେତେବେଳେ ସେ ଆଖି ଫିଟାଇଲେ, ଦେଖିଲେ ସ୍ୱେଚ୍ଛାସେବକ ତାଙ୍କୁ ଡାକୁଛନ୍ତି; ବେଣୁଧର ପଥର ପରି ତଳେ ପଡ଼ିଛି। ତାଙ୍କ ମୁହଁରୁ ପଦେ କଥା ବାହାରିଲା– ଏ ଜାତି ଏବେ ମଧ୍ୟ ବଞ୍ଚିଛି।





https://withteachers.in/

## ଲେଖକ ପରିଚୟ :



ଗୋଦାବରୀଶ ମହାପାତ୍ର (୧୮୯୮–୧୯୬୫) ପୁରୀ ଜିଲ୍ଲା ଅନ୍ତର୍ଗତ କୁମାରଙ୍ଗ ଶାସନରେ ତା୧.୧୦.୧୮୯୮ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶ୍ରୀ ଦୟାନିଧି ମହାପାତ୍ର ଓ ମାତାଙ୍କ ନାମ ଗେହ୍ଲୀ ଦେବୀ। ସେ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଅନୁବାଦକ, ନାଟ୍ୟକାର, ଜୀବନୀକାର ଏବଂ ଶିଶୁ ସାହିତ୍ୟିକ। ସେ ଥିଲେ ଜଣେ ସ୍ୱାଧୀନଚେତା ସ୍ପଷ୍ଟବାଦୀ ନିର୍ଭୀକ ପୁରୁଷ। ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ତାଙ୍କର ଗାଳ୍ପିକ ଆତ୍ମା ସ୍ୱଚ୍ଛନ୍ଦ ବିଚରକୁ ଆଦର୍ଶ କରିପାରିଥିଲା। ସାମାଜିକ ଓ ଆର୍ଥିକ ବୈଷମ୍ୟ, ସାଂସ୍କୃତିକ ବିରୋଧାଭାସ ପ୍ରତି ସଚେତନ ଗାଳ୍ପିକଙ୍କର ଲେଖନୀ ଥିଲା ଶାଣିତ ଓ ତୀକ୍ଷ୍ଣ। ତାଙ୍କର ଅଭିବ୍ୟକ୍ତି ସହଜ, ସରଳ ଓ ବିଦ୍ରୂପାତ୍ମକ। ସ୍ପଷ୍ଟ, ସ୍ୱଚ୍ଛଳ, ପ୍ରଭାବଶାଳୀ ଓ ହୃଦୟସ୍ପର୍ଶୀ ଅଭିବ୍ୟକ୍ତି ହିଁ ଥିଲା ତାଙ୍କର ସୃଜନ ଆଭିମୁଖ୍ୟ। ସ୍ରଷ୍ଟାଙ୍କ ସୃଷ୍ଟି ମଧ୍ୟରେ 'ବଙ୍କା ଓ ସିଧା', 'କଣ୍ଟା ଓ ଫୁଲ', 'ଉଠ କଙ୍କାଳ', 'ହେ ମୋର କଲମ', 'ନୀଳମାଷ୍ଟ୍ରାଣୀ', 'ଏବେ ମଧ ବଞ୍ଚିଛି', 'ମୁଁ ଦିନେ ମନ୍ତ୍ରୀ ଥିଲି' ପ୍ରଭୃତି ଉଲ୍ଲେଖନୀୟ। 'ଏବେ ମଧ ବଞ୍ଚିଛି' ଗଳ୍ପଟି ଗାଳ୍ପିକଙ୍କ 'ଏବେ ମଧ ବଞ୍ଚିଛି' ଗଳ୍ପ ସଂକଳନରୁ ଆନୀତ। ଏଥିରେ ଓଡ଼ିଆ ଜାତିର ସ୍ୱାଭିମାନକୁ ସୁନ୍ଦରଭାବେ ବିଶ୍ଳେଷଣ କରାଯାଇଛି।

## ପାଠ୍ୟ ଅନ୍ତର୍ଗତ

### ଆସ ଗଳ୍ପଟିକୁ ଭଲ ଭାବରେ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା।

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା ଚିହ୍ନ (*) ଦେବା।

(୧) 'ଏବେ ମଧ ବଞ୍ଚିଛି' ଗଳ୍ପର ଲେଖକ କିଏ ?

- ଗୋଦାବରୀଶ ମହାପାତ୍ର
- ଗୋଦାବରୀଶ ମିଶ୍ର
- କୃପାସିନ୍ଧୁ ମିଶ୍ର
- ଗୋପବନ୍ଧୁ ଦାସ

(୨) ଯେତେବେଳେ ଗାଁ ଯାକ ଲୋକ ସାହାଯ୍ୟ କେନ୍ଦ୍ରକୁ ସାହାଯ୍ୟ ପାଇଁ ବାହାରିଥିବାବେଳେ ବେଣୁଧର କ'ଣ କରିଥାଏ ?

- ପିଣ୍ଡାରେ ବସିଥାଏ।
- ପିଣ୍ଡାରେ ଏପଟ-ସେପଟ ହେଉଥାଏ।



https://withteachers.in/

- ପିଣ୍ଡାରେ ତୁନିହୋଇ ଠିଆ ହୋଇଥାଏ ।
- ପିଣ୍ଡାରେ ବସି ଲୋକମାନଙ୍କୁ ଡାକୁଥାଏ ।

(୩) 'ଯେଉଁ ଦେଶର ମଣିଷର ସାକ୍ଷୀ ରୂପେ ସ୍ୱୟଂ ଦେବତା ବାଟ ଚାଲି ଆସିଥିଲେ ବୋଲି କଥା ଅଛି...' ଏହି ବାକ୍ୟାଂଶରେ କେଉଁ ଦେବତାଙ୍କ କଥା କୁହାଯାଇଛି ?

- ବ୍ରହ୍ମା
- ଶିବ
- ଗୋପୀନାଥ
- ଇନ୍ଦ୍ର

(୪) ସିରେଇ ସାହାଯ୍ୟ କେନ୍ଦ୍ରରୁ ଚାଉଳ ନ ନେଇ ବେଣୁଧର କ'ଣ କରୁଥିଲା ?

- ଏଣେ ତେଣେ ବୁଲୁଥିଲା ।
- ଦାଣ୍ଡ ପିଣ୍ଡାରେ ବସିଥିଲା ।
- ସାହାଯ୍ୟ କେନ୍ଦ୍ରର ଚାରିପଟେ ବୁଲୁଥିଲା ।
- ନିଜକୁ ଦୂରେଇ ଗଛମୂଳେ ବସିଥିଲା ।

(୫) ବେଣୁଧର ଗଛମୂଳେ କେଉଁ ସମୟରୁ ବସିଥିଲା ?

- ସକାଳ ପହରୁ
- ଦିନ ଦ୍ୱିପ୍ରହରରୁ
- ଉପର ବେଳାଠାରୁ
- ସନ୍ଧ୍ୟା ପର୍ଯ୍ୟନ୍ତ

(ଖ) ଉପରୋକ୍ତ ପ୍ରଶ୍ନପାଇଁ ତୁମର ସାଥୀମାନେ ଭିନ୍ନ ଉତ୍ତର ବାଛିଥାଇ ପାରନ୍ତି । ତୁମେ ବାଛିଥିବା ଉତ୍ତରଗୁଡ଼ିକ କାହିଁକି ବାଛିଛ ତାହା ବନ୍ଧୁମାନଙ୍କ ସହ ଆଲୋଚନା କର ।





https://withteachers.in/



# ମିଳିମିଶି ଯୋଡ଼ିବା

ପାଠ୍ୟ ଅନ୍ତର୍ଗତ କିଛି ବାକ୍ୟ 'କ' ସ୍ତମ୍ଭରେ ତଳେ ଦିଆଯାଇଛି। 'ଖ' ସ୍ତମ୍ଭରେ ଦୁଇଟି ଲେଖାଏଁ ବାକ୍ୟ ଦିଆଯାଇଛି। ତୁମ୍ଭେମାନେ ଦଳଗତ ଭାବରେ ଏହା ଉପରେ ଆଲୋଚନା କର ଏବଂ 'ଖ' ସ୍ତମ୍ଭରେ ଦିଆଯାଇଥିବା ଉପଯୁକ୍ତ ଉତ୍ତର ସହିତ ରେଖା ଟାଣି ଯୋଡ଼।

| କ୍ରମିକ ସଂଖ୍ୟା | 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|---|
| ୧. | ଶ୍ୟାମଳ ପତ୍ର ଗହଳ ତଳେ ଶୀତଳ ପବନ ଟିକିଏ ପାଇ ସେ ଆଖି ବୁଜି ଅନେକ ଭାବେ। | – ମଣିଷ ଶାନ୍ତ ଅବସ୍ଥାକୁ ଆସିଲେ ଯାହା ଚିନ୍ତା କରେ ତାହାହିଁ ବାସ୍ତବତା।<br>– ଚିନ୍ତା କରିବା ପରେ ଶାନ୍ତି ଅବସ୍ଥା ଆସିଥାଏ। |
| ୨. | କାହା ପେଟରେ ଅନ୍ନ ନାହିଁ କି କାହା ମୁହଁରେ ହସ ନାହିଁ। | – ଅନ୍ନ ନ ଥିବାରୁ ମୁହଁରେ ହସ ନଥିଲା।<br>– ଭୋକିଲା ଲୋକର ବିଚାର ଧାରା ଠିକ୍ ହୋଇ ନଥାଏ। |
| ୩. | ଯାହା ପାଉଛନ୍ତି ମୁଠାଏ ତାହା ଶିଝେଇ ଖାଇବାକୁ ବେଳ ନାହିଁ। | – ଲୋକଙ୍କ ଘରେ ଜାଳେଣି ନାହିଁ।<br>– ଲୋକଙ୍କ କ୍ଷୁଧା ଅସହ୍ୟ ହେବାରୁ |
| ୪. | ବେଣୁଧରର କଥା ସୀମା ପାର ହୋଇଗଲା। | – ନିଜ ପରିବାରର ଦାରିଦ୍ରତା ହିଁ ଦୁଃଖର କାରଣ।<br>– ବେଣୁଧରର ଚାଳ ଛପର ସବୁଯାକ ଉଡ଼ିଯାଇଥିଲା। |
| ୫. | ବେଣୁଧର ଦେହ ଶୀତେଇ ଉଠିଲା। | – ପ୍ରବଳ ଜାଡ଼ ହେଉଥିବାରୁ।<br>– ଉଦାର ବ୍ୟକ୍ତିଙ୍କର କୋମଳ ହାତର ସ୍ପର୍ଶ ତା'ର ଅନ୍ତରାତ୍ମାକୁ ଛୁଇଁବାରୁ। |

(ଖ) ତୁମେ ବାଛିଥିବା ଉତ୍ତରଗୁଡ଼ିକ ବନ୍ଧୁମାନଙ୍କ ଉତ୍ତର ସହିତ ତୁଳନା କର ଏବଂ ତୁମେ ଯେଉଁ ଉତ୍ତର ବାଛିଛ ତାହା କାହିଁକି ବାଛିଛ, ଆଲୋଚନା କର।



# ଗଳ୍ପର ବାକ୍ୟଗୁଡ଼ିକୁ ପଢ଼, ବୁଝ ଓ ଆଲୋଚନା କର

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼, ବୁଝ ଓ ଲେଖ।

(କ) 'କାହାର ସ୍ନେହପାଳିତ ଗୋଟିଏ ଗଛମୂଳେ ପଥର ଉପରେ ବସିପଡ଼ି ଖାଲି ଦେଖିଲା। ତାକୁ ଦିଶିଲା ଗୋଟିଏ ପ୍ରାଚୀନ ବିରାଟ ଜାତି ହଠାତ କିପରି ଭିକାରି ପାଲଟିଗଲା।'

(ଖ) 'ଚିର ଶ୍ୟାମଳ ବକୁଳ ଛୁରିଅନାମୂଳେ ଶହଶହ ତରୁଣ ପ୍ରାଣରେ ଯେଉଁ ଶିକ୍ଷାର ମଞ୍ଜି ପୋତାଯାଇଥିଲା, ତାହା କ'ଣ ଶେଷକୁ ବଢ଼ି ଉଠିଲା ଏଇ ଭିକ ମାଗିବା ପାଇଁ ?'



https://withteachers.in/

## ଭାବିଚିନ୍ତି ଲେଖ :

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ପଢ଼, ବୁଝ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କରି ଲେଖ ।

(କ) ସାହାଯ୍ୟ କେନ୍ଦ୍ରର ପିଣ୍ଡାରେ ବେଣୁଧର ତୁନି ହୋଇ ଠିଆ ହୋଇଥିବାର କାରଣ କ'ଣ ହୋଇପାରେ ?

(ଖ) ବେଣୁଧର ପାଠପଢ଼ି କ'ଣ ହେବା ପାଇଁ ଭାବିଥିଲା ?

(ଗ) ବେଣୁଧର ଭିକ ମାଗିବାଟା ସୁନ୍ଦର ହେବ ନାହିଁ ବୋଲି କାହିଁକି ଚିନ୍ତା କଲା ?

(ଘ) ସାହାଯ୍ୟ କେନ୍ଦ୍ରକୁ ଚାଉଳ ପାଇଁ ବେଣୁଧର କେତେଦିନ ଯାଇ ଚାଉଳ ନ ଆଣି ଫେରିଥିଲା ?

(ଙ) ଦୁର୍ଭିକ୍ଷ – ରାକ୍ଷସର ଯାଦୁଘର ବୋଲି କାହାକୁ କୁହାଯାଇଛି ?

(ଚ) ବେଣୁଧର ଗଛମୂଳ ପଥର ଉପରେ ବସି ଜାତି ବିଷୟରେ କ'ଣ ଭାବୁଥିଲେ ?

(ଛ) ବେଣୁଧର ପଥର ପରି ତଳେ ପଡ଼ିଥିବାର ଦେଖି ମହାପୁରୁଷ ଜଣକ କ'ଣ କହିଥିଲେ ?

## ଅନୁମାନ ଓ କଳ୍ପନା



(କ) ବେଣୁଧର ସ୍ଥାନରେ ତୁମେ ଥିଲେ କ'ଣ କରିଥାନ୍ତ ?


(ଖ) ପାଠ ପଢ଼ି ତୁମେ ଦେଶ ପାଇଁ କ'ଣ କରିବ ବୋଲି ଚିନ୍ତା କରିଛ ?

(ଗ) ତୁମ ଘରେ ଯଦି ଖାଦ୍ୟର ଅଭାବ ରୁହେ, ତେବେ ତୁମେ କ'ଣ କରିବ ?


(ଘ) ଯଦି କେବେ ତୁମେ ବକୁଳ ବନକୁ ଯାଅ, ସେଠାରେ ତୁମ ମନ ଭିତରେ କେଉଁ ଭାବନା ସୃଷ୍ଟି ହେବ ?

(ଙ) ଯଦି କେବେ ଦୁର୍ଭିକ୍ଷ ପଡ଼େ, ତେବେ ତୁମେ କିପରି ଲୋକମାନଙ୍କୁ ସହାୟତା କରିବ, କଳ୍ପନା କର ।


ନୀଳକଣ୍ଠ


ଗୋପବନ୍ଧୁ


ଗୋଦାବରିଶ


ହରିହର


କୃପାସିନ୍ଧୁ



https://withteachers.in/



## ପରିବର୍ତ୍ତିତ କାହାଣୀ

କଳ୍ପନା କର କାହାଣୀଟି କିପରି ଆଗକୁ ବଢ଼ିବ ।

(କ) ଯଦି ବେଣୁଧର ସାହାଯ୍ୟ କେନ୍ଦ୍ରକୁ ଯାଇଥାନ୍ତା ?

(ଖ) ବେଣୁଧର ଯଦି ସ୍ୱାଭିମାନୀ ହୋଇନଥାନ୍ତା ?

(ଗ) ଯଦି ବେଣୁଧର ଗୁରୁଙ୍କ କଥା ମାନି ନଥାନ୍ତା ?

(ଘ) ବେଣୁଧର ଅନ୍ୟମାନଙ୍କ ପରି ଯଦି ସାହାଯ୍ୟ ଗ୍ରହଣ କରିଥାନ୍ତା ?

(ଙ) ବେଣୁଧର ଭିକ ମାଗିବା ପାଇଁ ଯଦି ଯାଇଥାନ୍ତା ?

ଉପରୋକ୍ତ ପ୍ରସଙ୍ଗ ମଧ୍ୟରୁ ଗୋଟିଏ ପ୍ରସଙ୍ଗକୁ ବାଛ । ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କରି ଏକ ନୂତନ କାହାଣୀ ଲେଖିବାକୁ ପ୍ରୟାସ କର ।



## ଉପଯୁକ୍ତ ଶବ୍ଦ ଚୟନ କର

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଦୂରର ______________________ ପାଣି ପରି ଭାସିଯାଏ ।

(କାଠଗଣ୍ଡି, ମରୀଚିକା, ଇନ୍ଦ୍ରଧନୁ)

(ଖ) କପୋତର ________ ଧ୍ୱନି ବେଣୁଧରର ମୋହ ଭାଙ୍ଗି ପାରିଲା ନାହିଁ ।

(ମଧୁର, କରୁଣ, ବିଷାଦ)

(ଗ) ଜୀବନ ଥିଲେ ଭାଇ ____________________ ନାହିଁ ହାତ ?

(ମାଗିବା, ପାତିବା, ଯାଚିବା)

(ଘ) ପାଠ ପଢ଼ି ବେଣୁଧର ଭାବିଲା-ସେ , ଦେଶକୁ

________ । (ଗଢ଼ିବ, ଜଗାଇବ, ଗଢ଼ାଇବ, ଜାଗିବ)

(ଙ) ଟା'ର ଦେହ ____________________ ଉଠିଲା ।

(ଥରି, ଶୀତେଇ, ଗୁମୁରି)



https://withteachers.in/



## ଭାଷା ବିଚାର

"ହାତ" ଶବ୍ଦକୁ ବ୍ୟବହାର କରି ଭିନ୍ନ ଅର୍ଥରେ ଦୁଇଟି ବାକ୍ୟ ଗଠନ କରାଯାଇଛି । ସେହିପରି ତୁମେ ଦୁଇଟି ଶବ୍ଦର ଭିନ୍ନ ଅର୍ଥ ପ୍ରକାଶକ ଶବ୍ଦ ଲଗାଇ ବାକ୍ୟ ଗଠନ କର ।

ଯେପରି –

(୧) ଶୀତଳ କୋମଳ ହାତର ସ୍ପର୍ଶ ତା'
ପିଠିରେ ଲାଗିଲା ।

- ଜୀବନ ଥିଲେ ଭାଇ ପାତିବା ନାହିଁ ହାତ ।



## କାଳ (ସମୟ) ବିଚାର

ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକ ମନ ଦେଇ ପଢ଼ ।

(କ) ମୁହଁ ବୁଲେଇ ଦେଖେ ଦୂରରେ ଗଛ ଗହଳରେ ସିରେଇ ଗାଁ ।

(ଖ) ମୁହଁ ବୁଲେଇ ଦେଖିଲା ଦୂରକୁ ଗଛ ଗହଳରେ ସିରେଇ ଗାଁ ଦିଶୁଛି ।

(ଗ) ମୁହଁ ବୁଲେଇ ଦେଖିବ ଦୂରରେ ଗଛ ଗହଳିରେ ସିରେଇ ଗାଁ ଦିଶିବ ।

ବାକ୍ୟର ରେଖାଙ୍କିତ ପଦରୁ ବୁଝାପଡୁଛି କି କାର୍ଯ୍ୟ ହେବାର ସମୟକୁ କାଳ କୁହାଯାଏ । କ୍ରିୟାର ଯେଉଁ ରୂପ ସୂଚାଇଥାଏ ଯେ କେବେ କୌଣସି କାର୍ଯ୍ୟ କରାଯାଇଥିଲା, ଘଟୁଛି କିମ୍ବା ଘଟିବାକୁ ଯାଉଛି, ତାହାକୁ କାଳ କୁହାଯାଏ ।

### କାଳ ୩ ପ୍ରକାର

(୧) ଅତୀତ କାଳ – ଯେଉଁ କାର୍ଯ୍ୟ କରାଯାଇ ସାରିଛି ।

(୨) ବର୍ତ୍ତମାନ କାଳ – ଯେଉଁ କାର୍ଯ୍ୟ କରାଯାଉଛି ।

(୩) ଭବିଷ୍ୟତ କାଳ – ଯେଉଁ କାର୍ଯ୍ୟ କରାଯିବ ।



## ବାକ୍ୟର କାଳ (ସମୟ) ପରିବର୍ତ୍ତନ

ଶହ ଶହ ପ୍ରାଣୀ କାନି ପତାଇ ମାଗୁଛନ୍ତି ।

ବେଣୁଧରର ପ୍ରାଣର ରସ ମରିଯାଇଛି ।





https://withteachers.in/

ଉପରେ ଦିଆଯାଇଥିବା ରେଖାଙ୍କିତ ପଦରେ କି ପାର୍ଥକ୍ୟ ଅଛି । ସାଙ୍ଗମାନଙ୍କ ସହ ଆଲୋଚନା କର, ବୁଝ ଏବଂ ନିମ୍ନଲିଖିତ ବାକ୍ୟରେ ଥିବା ଶୂନ୍ୟସ୍ଥାନ ପୂରଣ କର ।

(କ) ସେହିଠାରେ ସେ ପାଠ – (ପଢ଼ିବ / ପଢ଼ିବେ)

(ଖ) ଆପଣମାନେ ଏଠାକୁ – (ଆସ / ଆସନ୍ତୁ)

(ଗ) ସେମାନେ ମୋତେ – (ହସାଇଲା / ହସାଇଲେ)

(ଘ) କାନି ପତେଇ ସେ – (ମାଗିପାରେ / ମାଗିପାରନ୍ତି)

ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ବର୍ତ୍ତମାନ ଏବଂ ଭବିଷ୍ୟତ କାଳରେ ଲେଖ ।

(କ) ତାଙ୍କ ଆଖିରୁ ଲୁହ ଝରି ପଡ଼ିଲା ।

(ଖ) ସେ ଅନୁରୋଧ କରି କହିଲେ ।

(ଗ) ବେଣୁଧର ସମ୍ଭାଳି ପାରିଲା ନାହିଁ ।

(ଘ) ମହାପୁରୁଷ ଅନେକ କ୍ଷଣ ଠିଆ ହେଲେ ।



## ଶବ୍ଦ କୋଷର ବିଚାର





ତୁମେ ଜାଣ ଯେ ଅଭିଧାନ ବ୍ୟବହାର କରି ଶବ୍ଦର ଅର୍ଥ ଜାଣି ହୁଏ । ନିମ୍ନରେ ପାଠରୁ ନିଆଯାଇଥିବା ବାକ୍ୟଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପଦକୁ ରେଖାଙ୍କିତ କରାଯାଇଛି । ରେଖାଙ୍କିତ ପଦଗୁଡ଼ିକର ଅର୍ଥ ଡାହାଣ ପାଖରେ ଦିଆଯାଇଛି । ଠିକ୍ ଅର୍ଥ ଉପରେ ଗୋଲ ବୁଲାଅ ।

| | |
|---|---|
| (କ) ବେଣୁଧର ପିଣ୍ଡାରେ ତୁନି ହୋଇ ଠିଆ ହୁଏ । | ନୀରବ, ବିଚଳିତ, ଆନନ୍ଦ, ଦୁଃଖ |
| (ଖ) ବସିବସି, ବିଚାରି ବିଚାରି ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠେ । | ଚନ୍ଦ୍ର, ତପନ, ନକ୍ଷତ୍ର, ଅମ୍ବୁଜ |
| (ଗ) ଯେଉଁଠାରେ ଦେବତା ମଣିଷର ସାକ୍ଷୀ । | ଶୂର, ସୁର, ମାନବ, ଦାନବ |
| (ଘ) ଦୁର୍ଭିକ୍ଷ-ରାକ୍ଷସର ତାହା ଗୋଟାଏ ବିରାଟ ଯାଦୁଘର । | ଦାନବ, ଗନ୍ଧର୍ବ, ମାନବ, ମନୁ |



https://withteachers.in/


## ଚିନ୍ତା କରି ଲେଖିବା

"ଗୋଟିଏ ଶୀତଳ କୋମଳ ହାତର ସ୍ପର୍ଶ ତା' ପିଠିରେ ଲାଗିଲା।"
ଗଳ୍ପର ଏହି ଧାଡ଼ିରେ ଶ୍ରଦ୍ଧା ଭାବ ପ୍ରକାଶ କରୁଛି।

ନିମ୍ନରେ କେତେଗୁଡ଼ିଏ ବାକ୍ୟ ଦିଆଯାଇଛି। ଦିଆଯାଇଥିବା ବାକ୍ୟଗୁଡ଼ିକ କେଉଁ ଭାବନା ପ୍ରକାଶ କରୁଛି, ଡାହାଣ ପାଖ ଭାବନା ସାରଣୀ ସହ ମିଳାଅ।

| ବାକ୍ୟ | ଭାବନା |
|---|---|
| ୧. ସମସ୍ତଙ୍କ ଆଗରେ ମୁଁ ହାତ ପତେଇ ଠିଆହୋଇ ମାଗିବାଟା ସୁନ୍ଦର ହେବ ନାହିଁ। | ଲଜ୍ଜା |
| ୨. ମାତ୍ର ନିଜ ଭିତରେ ସେ ଦେଖେ ଆଉ ଗୋଟିଏ ଜଗତ। | ଦେଶପ୍ରେମ |
| ୩. ପାଠ ପଢ଼ି ପଢ଼ି ସେ ଭାବିଲା-ସେ ଜାଗିବ, ଦେଶକୁ ଜଗାଇବ। | ନିରାଶା |
| ୪. ଯେଉଁ ଦେଶରେ ଯୁଗ ଯୁଗ ଧରି ବିରାଟ ପଥର ସ୍ତୂପ ଉପରେ ପତିତପାବନ ବାନା ଉଡୁଛି। | କଳ୍ପନା |
| ୫. କେଉଁଠି ସେ ଆପଣାର ମୁହଁଟା ଲୁଚାଇ ଠିଆ ହୋଇପାରନ୍ତା କି ? | ଭକ୍ତି |
| ୬. ତା' ପରେ ଦୁଇଟୋପା ଲୁହ ନିଗିଡ଼ି ତଳେ ପଡ଼ିଗଲା। | ସ୍ୱାଭିମାନ |
| ୭. ସେହି ନୀରସ ସଂସାର ଭିତରେ ତା'ର ଆଶାର ଝରଣା ଶୁଖି ଆସିଛି। | ଦୁଃଖ |









https://withteachers.in/



## ବାକ୍ୟ ବିସ୍ତାର

'ବେଣୁଧର ଆଖି ଫିଟେଇଲା।'

ଏହି ବାକ୍ୟଟି କେବଳ ଦୁଇଟି ଶବ୍ଦ ଓ ଗୋଟିଏ କ୍ରିୟାପଦକୁ ନେଇ ଗଠିତ। କିନ୍ତୁ ଆମେ ଏହି ବାକ୍ୟକୁ ଆହୁରି ବଡ଼ କରିପାରିବା।

ଯଥା : ବେଣୁଧର ଆଖି ଫିଟେଇ ଦେଖିଲା ପୁଣି ସେହି ଆଖି ଆଗରେ ପୁରୁଣା ସଂସାର।

'ଏବେ ମୁଁ କଥାଟି ବୁଝିପାରୁଛି।' ଏହି ବାକ୍ୟକୁ ମଧ୍ୟ ଆହୁରି ବିସ୍ତାରିତ କରାଯାଇ ପାରିବ। ଯାହାକି ଅନେକ ଅର୍ଥ ଓ ଭାବନାକୁ ପ୍ରକାଶ କରିବ। ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ବିସ୍ତାରିତ କରି ଲେଖ।

(କ) ସେ ପଛକୁ ଘୁଞ୍ଚି ଆସିଲା।

(ଖ) ତାକୁ ଦିଶିଲା।


(ଗ) ସେ ନିଜକୁ ଖୋଜିଲା।

(ଘ) ମୁହଁ ବୁଲେଇ ଦେଖେ।

(ଙ) ବେଣୁଧର ଘରକୁ ଫେରିଆସିଲା।

(ଚ) କିପରି ଠିଆ ହେବ ?







## ଦୂରାଭାଷରେ ଯୋଗାଯୋଗ

(କ) ତୁମେ କଳ୍ପନାକର ପାଠ୍ୟ ଅନ୍ତର୍ଭୁକ୍ତ କାହାଣୀଟି ବର୍ତ୍ତମାନ ସମୟର। ବେଣୁଧର ସାହାଯ୍ୟ କେନ୍ଦ୍ରକୁ ନଯିବା ପାଇଁ ଜିଦି ଧରିଛନ୍ତି। କିନ୍ତୁ ତାଙ୍କର ଦାରିଦ୍ର୍ୟ ଜୀବନ ତାଙ୍କୁ ସାହାଯ୍ୟ କେନ୍ଦ୍ରକୁ ଯିବା ପାଇଁ ବାଧ୍ୟ କରୁଛି। ତୁମେ କଳ୍ପନା କରି ବେଣୁଧର ଏବଂ ତାଙ୍କ ଦାରିଦ୍ର୍ୟ ଜୀବନ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଲେଖନ୍ତୁ।

(ଖ) କଳ୍ପନା କରନ୍ତୁ ଯେ ବେଣୁଧର ସାହାଯ୍ୟ କେନ୍ଦ୍ରରେ ଦେଖୁଥିବା ଦୃଶ୍ୟକୁ ଦେଖି ନିଜ ମନ ଭିତରେ ଅନେକ ଚିନ୍ତା କରୁଛନ୍ତି। ତୁମେ ବେଣୁଧରର ଭାବନାକୁ ମୋବାଇଲର ମେସେଜ୍‌ରେ ଲେଖି, ବନ୍ଧୁଙ୍କୁ ଜଣାଅ।



https://withteachers.in/

## ତୁମର ଦୈନନ୍ଦିନୀ

ଅଗଷ୍ଟ ମାସ ତିନି ତାରିଖ – ଆଜି ମୁଁ ମୋ ମାମୁ ଘରକୁ ଗଲି ।

## ପାଠ୍ୟ ବହିର୍ଭୂତ

## ତୁମର କଥା

(କ) ଗଳ୍ପରେ ବେଣୁଧର ନିଜ ଜାତିକୁ ଭଲ ପାଉଥିଲା । ତୁମ ଘର ଓ ପରିବାର ପ୍ରତି ତୁମର ଆସକ୍ତି ଅନୁଭବ କରି ଲେଖ ।

(ଖ) ତୁମେ କେବେ କୌଣସି ସ୍ଥାନ, ଜିନିଷ କିମ୍ବା ବ୍ୟକ୍ତି ପ୍ରତି ଏତେ ଆକର୍ଷିତ ହୋଇଛ ଯେ, ତାହାକୁ ଛାଡ଼ିବା ତୁମ ପାଇଁ କଷ୍ଟକର । ଏହି ଅଭିଜ୍ଞତାକୁ ବନ୍ଧୁମାନଙ୍କ ସହ ଆଲୋଚନା କର ।


(ଗ) ତୁମେ କ୍ରୋଧ ଓ ଅହଙ୍କାରରେ କିଛି କାର୍ଯ୍ୟ କରିଥିଲ, ଯାହାକୁ ନେଇ ତୁମେ ଅନୁତପ୍ତ । ସେ ସମ୍ପର୍କରେ ତୁମ ସାଥୀମାନଙ୍କ ସହ ଆଲୋଚନା କର ।







https://withteachers.in/



## ନ୍ୟାୟ ଓ ସମାନତା

କାହାଣୀରେ ତୁମେ ବେଣୁଧରର ଜାତୀୟତା ବୋଧ ସମ୍ପର୍କରେ ପଢ଼ିଛ । ଏହି ପ୍ରସଙ୍ଗ ଆଧାରରେ ନିମ୍ନରେ କିଛି ପ୍ରଶ୍ନ ଦିଆଯାଇଛି, ଆଲୋଚନା କରି ଲେଖ ।

(କ) ତୁମେ ବେଣୁଧରର ତ୍ୟାଗ ସମ୍ପର୍କରେ କିଛି ଦେଖିଛ, ପଢ଼ିଛ କିମ୍ବା ଶୁଣିଛ କି ? ସେ ବିଷୟରେ ଆଲୋଚନା କର ଓ ଲେଖ ।

(ଖ) "ସ୍ୱାଭିମାନ, ଜାତୀୟତା ଓ ତ୍ୟାଗ ହିଁ ଜାତି ଉନ୍ନତିର ମୂଳ କାରଣ ।" ଏ ଉକ୍ତି ଉପରେ ନିଜର ମତାମତ ଲେଖ ।



## ତୁମ ଘରର କାହାଣୀ

ତୁମ ପରିବାରର ଇତିହାସ ବିଷୟରେ ପିତାମାତାଙ୍କ ସହିତ ଆଲୋଚନା କର । ତୁମେ ରହୁଥିବା ଘର କିଏ ନିର୍ମାଣ କରିଥିଲେ, ତାହା ବୁଝ । ପରିବାର ଭିତରେ ଶାନ୍ତି, ସ୍ନେହ, ଶ୍ରଦ୍ଧା ରକ୍ଷାପାଇଁ ତୁମର ଜେଜେବାପା କିପରି ସକ୍ଷମ ହୋଇଥିଲେ, ତାହା ତାଙ୍କ ଠାରୁ ବୁଝି ନିଜ ପରିବାର ବିଷୟରେ ଗୋଟିଏ ଅନୁଚ୍ଛେଦ ଲେଖ ।

ତୁମେ ତୁମର ଘରର କାହାଣୀ ଜାଣିଛ କି ? ଏହା କେବେ ନିର୍ମିତ ହୋଇଥିଲା ? ଏହା କିପରି ନିର୍ମିତ ହୋଇଥିଲା ? ଏହାକୁ ନିର୍ମାଣ କରିବା ପାଇଁ କିପରି ପ୍ରୟାସ କରାଯାଇଥିଲା ? ଏ ସଂପର୍କରେ ଘରୁ ବୁଝି ନିଜ ଭାଷାରେ ଲେଖ ।


ତୁମେ ତୁମର ଜେଜେ ବାପା ଏବଂ ମା'ଙ୍କ ପାଖକୁ ଯାଇ, ତାଙ୍କର ଯୁବ ବୟସରେ ଘର ସହ ଥିବା ସଂପର୍କକୁ ପଚାର । ସେମାନେ ଏହି ଘରେ କେବେଠାରୁ ରହି ଆସୁଛନ୍ତି ? ଘର ପ୍ରତି ତାଙ୍କର ତ୍ୟାଗକୁ ବୁଝି ବନ୍ଧୁମାନଙ୍କ ସହ ଆଲୋଚନା କର ।

★★★





https://withteachers.in/



# ୭ ସ୍ୱପ୍ନିଳ ବିହଙ୍ଗ

**ମହାଦେବୀ ବର୍ମା**

ସ୍ୱପ୍ନ ଚଢ଼େଇର ପକ୍ଷ କାଟ ନାହିଁ
ଉଡୁଥାଉ ନୀଳ ନଭ ପରେ,
ଗତିକୁ ତାହାର ବାଧା ଦିଅ ନାହିଁ
ବାନ୍ଧ ନାହିଁ କେବେ ଏ ମାଟିରେ । ॥୧॥

ସୁଗନ୍ଧ ସିନା ବିଚ୍ଛୁରିତ ହୁଏ
ଫେରି ଆସେ କ'ଣ ଧରଣୀରେ ?
ମଞ୍ଜି ବୁଣାଯାଏ ମାଟିର ବୁକୁରେ
ତାହା କି ଗଗନେ ଉଡ଼ିପାରେ ? ॥୨॥

ନିଆଁ ସିନା ଜଳେ ବସୁନ୍ଧରା ପରେ
ଧୂଆଁ ଉଠିଥାଏ ଆକାଶକୁ,
ଉଭୟର ସ୍ଥିତି ସ୍ୱପ୍ନରେ ଭାସି
ଉଡ଼ିଆସେ ଆଖି ଭିତରକୁ । ॥୩॥

ଆରୋହଣ ତାର ରୋକନାହିଁ
ଅବରୋହଣକୁ ବାନ୍ଧ ନାହିଁ,
ମୁକ୍ତ ଗଗନରେ ବୁଲିବାକୁ ଦିଅ
ଫେରି ଆସୁ ତାରା ଜହ୍ନ ଛୁଇଁ । ॥୪॥

ମେଘରୁ ରଙ୍ଗ କିରଣୁ ଆଲୋକ
ଆଣିବ ନିଶ୍ଚୟ ଏ ଧରାକୁ,
ସ୍ୱର୍ଗ ସୃଷ୍ଟିର ଶିଳ୍ପ କଳାକୁ
ଶିଖାଇବ ଜଣେ ମଣିଷକୁ । ॥୫॥

ଆକାଶେ ପହଁଞ୍ଚୁ ସ୍ୱପ୍ନର ପକ୍ଷୀ
ବାନ୍ଧି ରଖ ନାହିଁ ପୃଥିବୀରେ
ସ୍ୱପ୍ନର ଡେଣା କାଟନାହିଁ କେବେ
ଗତି ରୋକ ନାହିଁ ଜୀବନରେ । ॥୬॥

– ସମ୍ପାଦନା ମଣ୍ଡଳୀ

(କବୟିତ୍ରୀ ମହାଦେବୀ ବର୍ମାଙ୍କ 'ମତ୍ ବାନ୍ଧୋ' କବିତା ଛାୟାରେ ରଚିତ)

https://withteachers.in/

## କବି ପରିଚୟ :




ପ୍ରସିଦ୍ଧ ହିନ୍ଦୀ କବି ମହାଦେବୀ ବର୍ମା ଉତ୍ତର ପ୍ରଦେଶର ଫାରୁଖାବାଦରେ ଜନ୍ମଗ୍ରହଣ କରିଥିଲେ। ସେ ପିଲାବେଳୁ କବିତା ଲେଖିବା ଆରମ୍ଭ କରିଥିଲେ। ସେ 'ବାରହାମାସା', 'ଆଜ ଖରିଦେଙ୍ଗେ ହମ ଜୱାଲା', 'ଅବ ଯେ ଚିଡ଼ିୟା କାହାନ ରାହେଗି' ପ୍ରଭୃତି କବିତା ପିଲାମାନଙ୍କ ପାଇଁ ଲେଖିଛନ୍ତି। ଏହା ବ୍ୟତୀତ ସେ ଭାବପ୍ରବଣ ଗଦ୍ୟ 'ମେରାପରିବାର', 'ଅତୀତ କେ ଚଳଚ୍ଚିତ୍ର', 'ସ୍ମୃତି କି ରେଖାଏଁ' ତଥା 'ପଥକେ ସାଥୀ' ମଧ୍ୟ ରଚନା କରିଥିଲେ। ତାଙ୍କଦ୍ୱାରା ବର୍ଣ୍ଣିତ ଚରିତ୍ରଗୁଡ଼ିକ ପାଠକମାନଙ୍କ ସ୍ମୃତିରେ ରହିଯାଇଥାନ୍ତି। 'ନୀହାର', 'ରଶ୍ମୀ', 'ନୀରଜା', 'ସନ୍ଧ୍ୟା ଗୀତ' ଏବଂ 'ଦୀପଶିଖା' ଆଦି ଅନେକ ବହୁ ଚର୍ଚ୍ଚିତ କବିତା ସଂଗ୍ରହ ରହିଅଛି। ସାହିତ୍ୟ କୃତି ପାଇଁ ତାଙ୍କୁ ଭାରତୀୟ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଛି। ଏହି ବହୁମୁଖୀ ପ୍ରତିଭା କବି ମହାଦେବୀ ବର୍ମା ମଧ୍ୟ ଜଣେ ଚିତ୍ରକର ଥିଲେ।

## ପାଠ୍ୟ ଅନ୍ତର୍ଗତ

**ଆସ କବିତାଟିକୁ ଭଲ ଭାବରେ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା**

### ମୋ ବୁଝିବାରେ

**(କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦେବା।**

(୧) 'ସ୍ୱପ୍ନର ଡେଣା' କବିତାରେ ନିମ୍ନଲିଖିତ କେଉଁ ପଂକ୍ତିରେ କବିତାର ମୁଖ୍ୟ ଭାବ ପ୍ରକାଶ ପାଇଛି।

(କ) ସ୍ୱପ୍ନଗୁଡ଼ିକ କେବଳ କଳ୍ପନା।

(ଖ) ସ୍ୱପ୍ନ ସବୁ ଭୁଲିଯିବା ଉଚିତ।

(ଗ) ସ୍ୱପ୍ନ ଦେଖିବାର ସ୍ୱାଧୀନତା ରହିବା ଆବଶ୍ୟକ।

(ଘ) ସ୍ୱପ୍ନ ଦେଖିବା ଭଲ।

(୨) କାହାକୁ ବାନ୍ଧ ନାହିଁ ବୋଲି କୁହାଯାଇଛି ?

(କ) ପ୍ରେମକୁ (ଖ) ସ୍ୱପ୍ନକୁ

(ଗ) ଶିକ୍ଷାକୁ (ଘ) ଅଧିକାରଗୁଡ଼ିକୁ





https://withteachers.in/

(୩) ଏହି ସ୍ୱପ୍ନଗୁଡ଼ିକର 'ଡେଣା କାଟ ନାହିଁ' ବୋଲି କାହିଁକି କଳ୍ପନା କରାଯାଇଛି ?

(କ) ସ୍ୱପ୍ନ ଆମ ଜୀବନରେ କିଛି ନୂଆ କାର୍ଯ୍ୟ ପାଇଁ ପ୍ରେରଣା ଦିଏ ।

(ଖ) ସ୍ୱପ୍ନ ତୁମକୁ ସଫଳତାର ଶିଖରରେ ପହଞ୍ଚାଇବ ।

(ଗ) ସ୍ୱପ୍ନଗୁଡ଼ିକ ଡେଣା ପରି ଉଡ଼ିଯାଏ ।

(ଘ) ସ୍ୱପ୍ନଗୁଡ଼ିକ ପକ୍ଷୀର ପର ପରି ନରମ ଓ ଅନେକ ପ୍ରକାରର ।


(୪) ସ୍ୱର୍ଗ ସୃଷ୍ଟି କରିବା ପାଇଁ 'ଆଉ କୌଣସି କଳା' କହିଲେ କ'ଣ ବୁଝ ?

(କ) ଯେଉଁଠାରେ କୌଣସି ପ୍ରକାର ଶାରୀରିକ ଯନ୍ତ୍ରଣା ନାହିଁ ।

(ଖ) ଯେଉଁଠାରେ ଅତୁଳନୀୟ ଧନ ସମ୍ପତ୍ତି ରହିଛି ।

(ଗ) ଯେଉଁଠାରେ ପାରସ୍ପରିକ ସହଯୋଗ ଓ ସଦ୍‌ଭାବ ଅଛି ।

(ଘ) ଯେଉଁଠାରେ ସମସ୍ତେ ପରସ୍ପର ପ୍ରତି ସମ୍ବେଦନଶୀଳ ଅଟନ୍ତି ।



(୫) ଯଦି ମଞ୍ଜି ମାଟିରେ ପଡ଼ିଯାଏ ତେବେ କ'ଣ ହୁଏ ?

(କ) ସେ ଶୀଘ୍ର ଉଡ଼ିଯାଇ ପାରେ ।

(ଖ) ମାଟି ଭିତରକୁ ଚାଲିଯାଏ ।

(ଗ) ତା'ର ଉଡ଼ାଣ ବାଧାପ୍ରାପ୍ତ ହୁଏ ।

(ଘ) ଏହା ଗଜା ହୋଇ ଗଛରେ ପରିଣତ ହୋଇପାରେ ।

(ଖ) ତୁମର ସାଙ୍ଗସାଥୀମାନେ ଭିନ୍ନଭିନ୍ନ ଉତ୍ତର ବାଛି ଥାଇପାରନ୍ତି । ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ, ସେହି ବିଷୟରେ ସାଙ୍ଗମାନଙ୍କ ସହିତ ଆଲୋଚନା କର ।



## କବିତାର ପଦଗୁଡ଼ିକ ଆଲୋଚନା କରିବା ।



କବିତାରୁ କିଛି ପଦ ବା ପଂକ୍ତି ଦିଆଯାଇଛି । ସେଗୁଡ଼ିକୁ ଭଲଭାବେ ପଢ଼ିବା, ଚିନ୍ତାକରିବା ଓ କ'ଣ ବୁଝିଲ ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କରି ଲେଖିବା ।

(କ) 'ସୁଗନ୍ଧ ସିନା ବିଚ୍ଛୁରିତ ହୁଏ
ଫେରି ଆସେ କ'ଣ ଧରଣୀରେ ?
ମଞ୍ଜି ବୁଣାଯାଏ ମାଟିର ବୁକୁରେ
ତାହାକି ଗଗନେ ଉଡ଼ିପାରେ ?'



https://withteachers.in/

(ଖ) 'ମୁକ୍ତଗଗନରେ ବୁଲିବାକୁ ଦିଅ
ଫେରି ଆସୁ ତାରା ଜହ୍ନ ଛୁଇଁ ।
ମେଘରୁ ରଙ୍ଗ କିରଣୁ ଆଲୋକ
ଆଣିବ ନିଶ୍ଚୟ ଏ ଧରାକୁ ।'





## ମିଳିମିଶି ଯୋଡ଼ିବା

**କବିତାର କିଛି ଧାଡ଼ି 'କ' ସ୍ତମ୍ଭରେ ଦିଆଯାଇଛି । ସେହି ଧାଡ଼ିଗୁଡ଼ିକର ଅର୍ଥ ତଥା ପ୍ରସଙ୍ଗ ସ୍ତମ୍ଭ 'ଖ'ରେ ଦିଆଯାଇଛି । ଧାଡ଼ିଗୁଡ଼ିକର ଠିକ୍ ଅର୍ଥ ଓ ପ୍ରସଙ୍ଗକୁ ରେଖାଦ୍ୱାରା ମିଳନ କର ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ସ୍ୱପ୍ନର ଡେଣା କାଟ ନାହିଁ କେବେ ଗତି ରୋକ ନାହିଁ ଜୀବନରେ ॥ | ୧. ସ୍ୱପ୍ନର ଉଡ଼ାଣ ଓ ଅବତରଣରେ ବାଧା ସୃଷ୍ଟି କର ନାହିଁ । କାରଣ ସ୍ୱାଧୀନତା ହେଉଛି ସ୍ୱପ୍ନ ସାକାର କରିବାର ଋବିକାଠି । |
| ୨. ଉଭୟର ସ୍ଥିତି ସ୍ୱପ୍ନରେ ଭାସି ଉଡ଼ି ଆସେ ଆଖି ଭିତରକୁ ॥ | ୨. ସ୍ୱପ୍ନକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଚେଷ୍ଟା କର । ଏହାକୁ ମାଟିରେ ବାନ୍ଧି ରଖ ନାହିଁ । |
| ୩. ଆରୋହଣତାର ରୋକ ନାହିଁ ଅବରୋହଣକୁ ବାନ୍ଧ ନାହିଁ॥ | ୩. ପକ୍ଷୀର ଡେଣା କାଟିଦେଲେ ସେ ଉଡ଼ି ପାରେ ନାହିଁ । ସେହିପରି ସ୍ୱପ୍ନରେ ବାଧା ସୃଷ୍ଟି କଲେ ତାହାର କଳ୍ପନା ଓ ସମ୍ଭାବନା ନଷ୍ଟ ହୋଇଯିବ । |
| ୪. ଆକାଶେ ପହଁଞ୍ଚି ସ୍ୱପ୍ନର ପକ୍ଷୀ ବାନ୍ଧି ରଖ ନାହିଁ ପୃଥିବୀରେ ॥ | ୪. ସୃଜନଶୀଳ ଓ ମୁକ୍ତ ଚିନ୍ତାଧାରାର କଳା ସମାଜକୁ ସରସ, ସୁନ୍ଦର ଓ ସମୃଦ୍ଧ କରି ସ୍ୱର୍ଗର ମହକକୁ ମଣିଷ ଏ ଧରାରେ ସୃଷ୍ଟି କରିପାରିବ । |
| ୫. ସ୍ୱର୍ଗ ସୃଷ୍ଟିର ଶିଳ୍ପ କଳାକୁ ଶିଖାଇବ ଜଣେ ମଣିଷକୁ ॥ | ୫. ସ୍ୱପ୍ନର ଉଡ଼ାଣ ଓ ଅବତରଣର ଦୁଇ ବୈଶିଷ୍ଟ୍ୟ ସ୍ୱାଧୀନ ଭାବେ ସ୍ୱପ୍ନ ଭିତରେ ଜନ୍ମ ନେଇଥାଏ । କଳ୍ପନାର ଦୃଷ୍ଟି ମଧ୍ୟରେ ଏହାର ଅବସ୍ଥିତି । |



## କବିତା ପଢ଼ିବା ଓ ଚିନ୍ତା କରିବା

କବିତାଟି ଭଲଭାବେ ପଢ଼, ବୁଝ ଓ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) କବିତାରେ 'ବାନ୍ଧି ରଖ ନାହିଁ', 'ଡେଣା କାଟ ନାହିଁ' ପଦଗୁଡ଼ିକ କାହାକୁ ସମ୍ବୋଧିତ କରାଯାଇଛି ?

(ଖ) 'ସ୍ୱପ୍ନର ଗତିକୁ ବନ୍ଦ କରିବା ଉଚିତ ନୁହେଁ' – ଏହା କବିତାରେ କାହିଁକି କୁହାଯାଇଛି ?



https://withteachers.in/

(ଗ) ସ୍ୱପ୍ନକୁ ଦର୍ଶାଇବା ପାଇଁ କବିତାରେ 'ସୁଗନ୍ଧ', 'ମଞ୍ଜି', 'ଧୂଆଁ', 'ଆଲୋକ' ପରି ଶବ୍ଦଗୁଡ଼ିକର ବ୍ୟବହାର କରାଯାଇଛି । ସ୍ୱପ୍ନକୁ ସାକାର କରିବା ପାଇଁ କବିତାରେ କେଉଁ ଶବ୍ଦ ବ୍ୟବହାର କରାଯାଇଛି ?

(ଘ) କବିତାରେ ଆରୋହଣ ଓ ଅବରୋହଣ ଶବ୍ଦ ପ୍ରୟୋଗର ଉଦ୍ଦେଶ୍ୟ କ'ଣ ?

(ଙ) ସ୍ୱପ୍ନ କ'ଣ ଆଖି ଭିତରକୁ ଉଡ଼ି ଆସେ ଓ ବାସ୍ତବରେ ପରିଣତ ହୁଏ ? ନିଜର ଅଭିଜ୍ଞତା ଯଦି ଥାଏ ତେବେ ତାହାକୁ ବନ୍ଧୁମାନଙ୍କ ସହିତ ଆଲୋଚନା କର ଓ ଲେଖ ।



## କବିତାର ଶୀର୍ଷକ

କବିତାର ଶୀର୍ଷକ ଅଛି 'ସ୍ୱପ୍ନିଳ ବିହଙ୍ଗ' । ଯଦି ତୁମେ ଏହି ଶୀର୍ଷକକୁ ବଦଳାଇବାକୁ ଇଚ୍ଛା କର, ତେବେ କେଉଁ ନାମ ଦେବ ଓ କାହିଁକି ଦେବ ? ଚିନ୍ତା କରି ଲେଖ ।



## ଅନୁମାନ ଏବଂ କଳ୍ପନା

(କ) ନିମ୍ନରେ କେତେଗୁଡ଼ିଏ ସ୍ୱପ୍ନର କଥା କୁହାଯାଇଛି । ତୁମେ ଏହି ସ୍ୱପ୍ନଗୁଡ଼ିକ ମଧ୍ୟରୁ ଯାହାକୁ ନିଜ ଜୀବନର ଲକ୍ଷ୍ୟ ଭାବେ ଗ୍ରହଣ କରିବ, ତେବେ କେଉଁ କାର୍ଯ୍ୟ କଲେ ସେହି ସ୍ୱପ୍ନ ସାକାର ହୋଇପାରିବ ଲେଖ ।

(କ) ଦେଶ ସେବକ (ଖ) ସୈନିକ (ଗ) ବୈଜ୍ଞାନିକ (ଘ) ବୈମାନିକ

(ଙ) ଶିକ୍ଷକ (ଚ) ପ୍ରଶାସକ (ଛ) ଲେଖକ (ଜ) ସାମ୍ବାଦିକ (ଝ) କୃଷକ ଏବଂ ଅନ୍ୟକିଛି ।

(ଖ) ତୁମେ ତୁମର ଜୀବନକୁ ସରସ ସୁନ୍ଦର କରିବା ପାଇଁ କେଉଁ କଳା ଶିଖିବାକୁ ଚାହିଁବ ଚିନ୍ତା କରି ଲେଖ ।

(ଗ) ସୁଗନ୍ଧ ବିଚ୍ଛୁରିତ ହୋଇ କୁଆଡ଼େ ଯାଏ ? ଯଦି ତୁମ ଜୀବନରେ ବିତିଯାଇଥିବା ଘଟଣା ପୁଣି ଫେରି ଆସେ, ତେବେ କିପରି ତୁମେ ତାକୁ ଗ୍ରହଣ କରିବ ?

(ଘ) 'ଭଲ ସ୍ୱପ୍ନ ବା ଚିନ୍ତାଧାରାଦ୍ୱାରା ସ୍ୱର୍ଗ ସୃଷ୍ଟି ହୋଇପାରିବ', ତୁମେ ସ୍ୱର୍ଗ ସୃଷ୍ଟି ପାଇଁ କେଉଁ ଭଲ ସ୍ୱପ୍ନ ଦେଖିବ ?

(ଙ) 'ସ୍ୱପ୍ନଗୁଡ଼ିକର ଡେଣା କାଟ ନାହିଁ କି ତାହାର ଗତିକୁ ବାନ୍ଧି ଦିଅ ନାହିଁ' ପଂକ୍ତିରେ ତୁମେ କ'ଣ ଭାବୁଛ ଏହା ଏକ ପରାମର୍ଶ, ଆଦେଶ ନା ଅନ୍ୟ କିଛି ?



https://withteachers.in/



## କବିତାର ରଚନା



୧.  (କ) ସ୍ୱପ୍ନ ଚଢ଼େଇର ପକ୍ଷ କାଟ ନାହିଁ
ଉଡୁ ଥାଉ ନୀଳ ନଭ ପରେ,
ଗତିକୁ ତାହାର ବାଧା ଦିଅନାହିଁ
ବାନ୍ଧ ନାହିଁ କେବେ ଏ ମାଟିରେ ॥

ଉପରୋକ୍ତ କବିତାର ପଂକ୍ତିରେ ଯେଉଁ ଶବ୍ଦ ଚିତ୍ର ତୁମ ଆଖିଆଗରେ ଦେଖାଯାଉଛି, ତହିଁରେ କବିତାର ବୈଶିଷ୍ଟ୍ୟ ପ୍ରତିଫଳିତ ହେଉଥିବ । ସେସବୁ ବୁଝାଇ ଲେଖ ଓ ଆବଶ୍ୟକ ସ୍ଥଳେ ଚିତ୍ର ଅଙ୍କନ କରିବାପାଇଁ ଚେଷ୍ଟା କର ।

(ଖ)  ନିମ୍ନରେ କେତୋଟି କବିତା ପଂକ୍ତି ସହିତ ତାହାର ବିଶେଷତା ଦିଆଯାଇଛି । ସେଗୁଡ଼ିକ ରେଖା ଟାଣି ମିଳାଅ ।

| କବିତାର ପଂକ୍ତି | କବିତାର ବିଶେଷତା |
|---|---|
| ୧. ତାହାକି ଗଗନେ ଉଡ଼ିପାରେ ? | ୧. ବିପରୀତ ଅର୍ଥବୋଧକ ଶବ୍ଦର ପ୍ରୟୋଗ । |
| ୨. ସ୍ୱପ୍ନର ଡେଣା କାଟନାହିଁ କେବେ | ୨. ପରିଶ୍ରମ, ପାଣି ତଥା ସମର୍ପଣର ଭାବ ପ୍ରକାଶକ । |
| ୩. ଆରୋହରଣ ତା'ର ରୋକ ନାହିଁ<br>ଅବରୋହଣକୁ ବାନ୍ଧ ନାହିଁ । | ୩. ପ୍ରଶ୍ନ ପଚରା ଯାଇଛି । |
| ୪. ମେଘରୁ ରଙ୍ଗ କିରଣୁ ଆଲୋକ<br>ଆଣିବ ନିଶ୍ଚୟ ଏ ଧରାକୁ ॥ | ୪. ସ୍ୱାଧୀନ ଚିନ୍ତାଧାରାକୁ ବାନ୍ଧିବା ଉଚିତ ନୁହେଁ । |



## ଶବ୍ଦର ଆଲୋଚନା



(କ)  <u>ଆରୋହଣ</u> ତାର ରୋକ ନାହିଁ
<u>ଅବରୋହଣ</u>କୁ ବାନ୍ଧ ନାହିଁ ॥

ଉପରୋକ୍ତ ପଦରେ ରେଖାଙ୍କିତ ଶବ୍ଦକୁ ଦେଖିଲେ ଜଣାଯାଏ ଯେ ଉକ୍ତ ଶବ୍ଦ ଦୁଇଟି ପରସ୍ପର ବିପରୀତାର୍ଥବୋଧକ ଶବ୍ଦ ଅଟେ । ଏହାର ଅର୍ଥବୁଝି ନିମ୍ନଲିଖିତ ବାକ୍ୟରେ ଥିବା ଶୂନ୍ୟସ୍ଥାନ ପୂରଣ କର ।





https://withteachers.in/

- ପର୍ବତାରୋହୀମାନେ ବହୁ ବାଧାବିଘ୍ନ ମଧ୍ୟରେ ହିମାଳୟର ଏଭରେଷ୍ଟ ଶୃଙ୍ଗ ____________ କରି ପାରିଥିଲେ ।
- ମାଙ୍କଡଟି ବିରାଟ ତାଳଗଛରୁ ତଳକୁ __________ କରୁଅଛି ।

(ଖ) ଆଣିବ ନିଶ୍ଚୟ ଏ ଧରାକୁ

- 'ଫେରି ଆସେ କ'ଣ ଧରଣୀରେ ।।'

ଉପରୋକ୍ତ ପଦରେ ରେଖାଙ୍କିତ ଧରା ଓ ଧରଣୀ ଶବ୍ଦ ସମାନ ଅର୍ଥବୋଧକ ଶବ୍ଦ ଅଟେ । ସେହିପରି କବିତାରେ ସମାନ ଅର୍ଥବୋଧକ ଶବ୍ଦ ଥିବା ପଂକ୍ତିଗୁଡ଼ିକ ପଢ଼ ଓ ଲେଖ ।

______________________________

______________________________

(ଗ) କବିତା ପଂକ୍ତିରେ ଥିବା 'ବାନ୍ଧିବା' ଓ 'ରୋକିବା' ବ୍ୟବହୃତ ହୋଇଛି । ସେହିପରି କବିତାରେ ବ୍ୟବହୃତ କ୍ରିୟାପଦଗୁଡ଼ିକୁ ଲେଖ ।

______________________________

(ଘ) ନିମ୍ନଲିଖିତ ଶବ୍ଦକୁ ନେଇ ବାକ୍ୟ ଗଠନ କର ।



ସୁଗନ୍ଧ : ______________________

ମୁକ୍ତ : ______________________

ଡେଣା : ______________________

ଗତି : ______________________

ବିକାଶ : ______________________



## କାଳ (ସମୟ) ବିଚାର

- 'ସୁଗନ୍ଧ ସିନା ବିଚ୍ଛୁରିତ ହୁଏ ।'

ଉପରୋକ୍ତ ପଂକ୍ତିକୁ ଧ୍ୟାନ ସହକାରେ ପଢ଼ିଲେ ଏହାର କ୍ରିୟା 'ବିଚ୍ଛୁରିତ ହୁଏ' ରୁ ଜଣାଯାଏ ଯେ ଏହା ବର୍ତ୍ତମାନ କାଳକୁ ବୁଝାଉଛି । ଏହାର ଅତୀତ କାଳ ଓ ଭବିଷ୍ୟତ କାଳରେ ଲେଖିଲେ ହେବ –

- ଅତୀତ କାଳ : ସୁଗନ୍ଧ ବିଚ୍ଛୁରିତ ହୋଇଗଲା ।



https://withteachers.in/

- ଭବିଷ୍ୟତ କାଳ : ସୁଗନ୍ଧ ବିଚ୍ଛୁରିତ ହୋଇଯିବ ।

କବିତାରେ ବର୍ତ୍ତମାନ କାଳରେ ଲେଖାଯାଇଥିବା ପଂକ୍ତିକୁ ଅତୀତ ଓ ଭବିଷ୍ୟତ କାଳରେ ଲେଖ ।



## ଶବ୍ଦକୋଷ ବା ଅଭିଧାନର ବ୍ୟବହାର

'ସ୍ୱର୍ଗ ସୃଷ୍ଟିର ଶିଳ୍ପ କଳାକୁ,

ଶିଖାଇବ ଜଣେ ମଣିଷକୁ'

ଅଭିଧାନରେ ଶିଳ୍ପ ଶବ୍ଦର ଅର୍ଥ ହେଉଛି କାରିଗରୀ, କାରୁକର୍ମ ଓ ବିବିଧ ଦ୍ରବ୍ୟ ନିର୍ମାଣର କାର୍ଯ୍ୟ, ଗଢ଼ୁକଳା । ଯଥା– କପଡ଼ା ଶିଳ୍ପ, ବାସନ ଶିଳ୍ପ, ଲୌହ ଶିଳ୍ପ ଇତ୍ୟାଦି । ଶିଳ୍ପ କଳା କହିଲେ ଦ୍ରବ୍ୟ ନିର୍ମାଣର ଦକ୍ଷତା ବା ନିର୍ମାଣ କୌଶଳ ॥

ବର୍ତ୍ତମାନ ଶିଳ୍ପ ସହିତ ଜଡ଼ିତ ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଅଭିଧାନରୁ ଖୋଜି ଲେଖ ।

(କ) ଶିଳ୍ପ ଜୀବୀ (ଖ) ଶିଳ୍ପ ବିଦ୍ୟା (ଗ) ଶିଳ୍ପ କୌଶଳ (ଘ) ଶିଳ୍ପ ଶାଳା



(୧) ________________________________

(୨) ________________________________

(୩) ________________________________

(୪) ________________________________

## ପାଠ୍ୟ ବହିର୍ଭୂତ



## ତୁମର କଥା

(କ) କବିତାରେ ସ୍ୱପ୍ନର ଗତିକୁ ନ ବାନ୍ଧିବା ବିଷୟରେ ବର୍ଣ୍ଣନା କରାଯାଇଛି । 'ବାନ୍ଧିବା' ଶବ୍ଦ ଅନ୍ୟ କେଉଁଠି ବ୍ୟବହାର କରାଯାଇ ପାରିବ, ତାହା କୁହ । (ଉଦାହରଣ – କାଠର ବିଡ଼ା ବାନ୍ଧିବା)

(ଖ) ତୁମେ ତୁମର ପରିବାର, ପଡ଼ୋଶୀ, ଗାଁ, କି ତୁମ ବିଦ୍ୟାଳୟକୁ ସରସ ସୁନ୍ଦର ବନାଇବା ପାଇଁ କେଉଁ କାମ କରିପାରିବ କୁହ ।

(ଗ) ତୁମ ସ୍ୱପ୍ନ ଯଦି ସାକାର ହେବ, ତେବେ ତାହା ଅନ୍ୟମାନଙ୍କୁ କିପରି ସାହାଯ୍ୟ କରିବ କୁହ ।



https://withteachers.in/

## ବିଚାର ଓ ଅନୁଶୀଳନ



'ଉଭୟର ସ୍ଥିତି ସ୍ୱପ୍ନରେ ଭାସି

ଉଡ଼ି ଆସେ ଆଖି ଭିତରକୁ ।'

ଜଣେ ବ୍ୟକ୍ତି ଦେଖୁଥିବା ସ୍ୱପ୍ନ ଯେତେବେଳେ ଅନେକ ଲୋକଙ୍କର ସ୍ୱପ୍ନ ହୋଇଯାଏ, ତାହା ସାକାର ରୂପ ନେଇଥାଏ । ଯେପରି ଆମ ସ୍ୱାଧୀନତା ସଂଗ୍ରାମୀମାନେ ଦେଖିଥିବା ସ୍ୱପ୍ନ ସମଗ୍ର ଭାରତବାସୀଙ୍କ ସ୍ୱପ୍ନରେ ପରିଣତ ହୋଇଯିବା ପରେ ଆମେ ସ୍ୱାଧୀନତା ଲାଭ କଲେ । ତୁମେ ଦେଶ ଓ ଜାତିର ଉନ୍ନତି ପାଇଁ ଯେଉଁ ସ୍ୱପ୍ନ ଦେଖୁଛ, ତାହା ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କର ।

## ବିରାମ ଚିହ୍ନର ବ୍ୟବହାର

ଉଦାହରଣ : ବନ୍ଦ କର ନାହିଁ, ଯିବାକୁ ଦିଅ ।

: ବନ୍ଦକର, ଯିବାକୁ ଦିଅ ନାହିଁ ।

ଲେଖିବା ସମୟରେ ବିରାମ ଚିହ୍ନର ବିଶେଷ ଗୁରୁତ୍ୱ ରହିଅଛି । ବିରାମ ଚିହ୍ନର ବ୍ୟବହାର ଦ୍ୱାରା ବାକ୍ୟ ବା ଧାଡ଼ିର ଅର୍ଥ ସ୍ପଷ୍ଟ ହୋଇଥାଏ ଓ ବେଳେବେଳେ ଅର୍ଥ ପରିବର୍ତ୍ତନ ମଧ୍ୟ ହୋଇଥାଏ । ଉପରୋକ୍ତ ଉଦାହରଣରେ 'ବନ୍ଦ କର ନାହିଁ' ପରେ ଏକ କମା (,) ଦିଆଯାଇଛି । ଅର୍ଥାତ୍ ଯିବା ପାଇଁ ଅନୁମତି ଦିଆଯାଇଛି । ଦ୍ୱିତୀୟ ଧାଡ଼ିରେ 'ବନ୍ଦକର' ପରେ କମା (,) ଦିଆଯିବାରୁ ତାହାର ଅର୍ଥ ହେଲା– ଯିବା ପାଇଁ ଅନୁମତି ଦିଆଯାଇ ନାହିଁ ।

ନିମ୍ନରେ କେତୋଟି ଚିତ୍ର ଦିଆଯାଇଛି । ଚିତ୍ର ଦେଖି ତଥା ବୁଝି ଚିତ୍ର ଅନୁସାରେ ବନ୍ଦ କର ନାହିଁ, ଯିବାକୁ ଦିଅ କିମ୍ବା ବନ୍ଦକର, ଯିବାକୁ ଦିଅ ନାହିଁ ଲେଖ ।





______________________ ______________________





______________________ ______________________



https://withteachers.in/

## ସର୍ଜନଶୀଳତା

(କ) ପଠିତ କବିତା ପରି ତୁମ ମନରୁ ଗୋଟିଏ କବିତା ଲେଖିବା ପାଇଁ ଚେଷ୍ଟା କର ।

(ଖ) ତୁମେ ଦେଖୁଥିବା ସ୍ୱପ୍ନ ଯଦି ପୂରଣ ହୋଇପାରିଲା ନାହିଁ, ତାହାର କାରଣ ଲେଖି ତୁମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଏକ ପତ୍ର ଲେଖ ।

(ଗ) ତୁମ ଶ୍ରେଣୀର ପିଲାମାନେ ଏକାଠି ହୋଇ ଶିକ୍ଷକଙ୍କ ଉପସ୍ଥିତିରେ ଏକ ତର୍କ ସଭାର ଆୟୋଜନ କର । ବିଷୟ ହେଉଛି–

‘ଗୋଟିଏ ବ୍ୟକ୍ତିକୁ ବାନ୍ଧି ପାରିବ । ମାତ୍ର ତାହାର ବିଚାର ଓ କଳ୍ପନାକୁ ନୁହେଁ ।’



ଏହି ବିଷୟରେ ସପକ୍ଷରେ ଓ ବିପକ୍ଷରେ ପିଲାମାନେ ବିତର୍କ କରିବେ ଏବଂ ବିତର୍କ ବିଷୟରେ ଗୋଟିଏ ଅନୁଚ୍ଛେଦ ଲେଖିବେ ।

(ଘ) ପ୍ରାକୃତିକ ବିପର୍ଯ୍ୟାୟ

ତୁମେ କେଉଁ ପ୍ରାକୃତିକ ବିପର୍ଯ୍ୟାୟର ସାମ୍ନା କରିଛ ?

ଯଦି ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ, ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟ ଆସିଲା, ତେବେ ତୁମେ କ’ଣ କରିବ ? ଏହି ବିଷୟରେ ଶିକ୍ଷକଙ୍କ ସହିତ ଆଲୋଚନା କରି ଏକ ସାରଣୀ ପ୍ରସ୍ତୁତ କର ।

## ଆମ ଦେଶର ଶିଳ୍ପ :

ପ୍ରାଚୀନ କାଳରୁ ଆମ ଦେଶରେ । ସମାଜରେ ଅନେକ କୌଳିକ ବୃତ୍ତି ରହିଛି । ଯାହାକୁ **କୁଟୀର ଶିଳ୍ପ** କୁହାଯାଏ । ବର୍ତ୍ତମାନ ବିଜ୍ଞାନର ଉନ୍ନତି ଫଳରେ ଯନ୍ତ୍ର ଶିଳ୍ପମାନ ସ୍ଥାପିତ ହେଲାଣି । ଆସ ଆମ ହସ୍ତଶିଳ୍ପ ବିଷୟରେ ଜାଣିବା । ହସ୍ତଶିଳ୍ପ ଓ ତାହାର ଉତ୍ପାଦିତ ସାମଗ୍ରୀମାନ ନିମ୍ନ ସାରଣୀରେ ଦିଆଯାଇଛି । କେଉଁ ଶିଳ୍ପରୁ କେଉଁ ଦ୍ରବ୍ୟ ତିଆରି ହୁଏ ତାହାକୁ ରେଖାଦ୍ୱାରା ଯୋଡ଼ ଏବଂ ଆମ ରାଜ୍ୟର କେଉଁ ଶିଳ୍ପଜାତ ଦ୍ରବ୍ୟ ପୃଥିବୀ ପ୍ରସିଦ୍ଧ, ତାହା ଚାରିପଟେ ଗୋଲ ବୁଲାଅ ।



https://withteachers.in/

| ହସ୍ତଶିଳ୍ପ | ଶିଳ୍ପଜାତ ଦ୍ରବ୍ୟ |
| --- | --- |
| ୧. କାଠ ଶିଳ୍ପ | ୧. ଲାଖରୁ ଚୁଡ଼ି, ଖେଳନା, ସାଜସଜା ସାମଗ୍ରୀ ତିଆରି କରାଯାଏ । |
| ୨. ମାଟି ଶିଳ୍ପ | ୨. ସୁନା, ରୂପା ଓ ହୀରା ଆଦି ଅଳଙ୍କାରମାନ ପ୍ରସ୍ତୁତ ହୁଏ । |
| ୩. ଧାତୁ ଶିଳ୍ପ | ୩. ବାଉଁଶ ଓ ବେତରୁ ଟୋକେଇ, ଚେୟାର ସୋଫା ଓ ଘରସଜା ଜିନିଷ ତିଆରି ହୁଏ । |
| ୪. ବସ୍ତ୍ର ଶିଳ୍ପ | ୪. ଚମଡ଼ାରୁ ବ୍ୟାଗ୍, ଯୋତା, ବେଲ୍ଟ ଇତ୍ୟାଦି ବ୍ୟବହୃତ ଜିନିଷ ତିଆରି କରାଯାଏ । |
| ୫. କାଗଜ ଶିଳ୍ପ | ୫. କାଠରୁ ଖଟ, ଚୌକି, ଟେବୁଲ/ମେଜ, ଆଲ୍‌ମାରି, ସୋଫା, ମୂର୍ତ୍ତି ଆଦି ତିଆରି କରାଯାଏ । |
| ୬. ପଥର ଶିଳ୍ପ | ୬. ମାଟିରୁ ମାଠିଆ, ପଲମ, ବାସନ ଓ ମୂର୍ତ୍ତି ଆଦି ଘରସଜା ସାମଗ୍ରୀ ପ୍ରସ୍ତୁତ ହୁଏ । |
| ୭. ଚମଡ଼ା ଶିଳ୍ପ | ୭. ତମ୍ବା, ପିତଳ, କଂସାରୁ ଥାଳି, ବାସନ, ଦୀପ, ଢାଳ, ଘଣ୍ଟି, ମୂର୍ତ୍ତି ଆଦି ତିଆରି ହୁଏ । |
| ୮. ଅଳଙ୍କାର ଶିଳ୍ପ | ୮. ଶାଢ଼ୀ, ଧୋତି, ଗାମୁଛା, କପଡ଼ା, ପୋଷାକ ପତ୍ର ପ୍ରସ୍ତୁତ ହୁଏ । |
| ୯. ବାଉଁଶ ଶିଳ୍ପ | ୯. କାଗଜରୁ ବ୍ୟବହାର୍ଯ୍ୟ ଖୋଳ, ଲଫାପା, ଖେଳଣା ତିଆରି ହୁଏ । |
| ୧୦. ଲାଖ ଶିଳ୍ପ | ୧୦. ପଥର ଶିଳ୍ପରେ ମୂର୍ତ୍ତି ଓ ମନ୍ଦିର ନିର୍ମାଣ କରାଯାଇ ଘରସଜା ସାମଗ୍ରୀ ମଧ୍ୟ ତିଆରି ହୁଏ । |






## ଅନୁସନ୍ଧାନ କର


ବିଦ୍ୟାର୍ଥୀମାନେ ପାଠାଗାରକୁ ଯାଇ କବି ମହାଦେବୀ ବର୍ମାଙ୍କ ଅନ୍ୟ କବିତା ଓ କାହାଣୀ ଖୋଜି ପଢ଼ ବିଦ୍ୟାର୍ଥୀମାନଙ୍କ ଭିତରେ ପଢ଼ିବା ନିମିତ୍ତ ଆଗ୍ରହ ସୃଷ୍ଟିପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ପ୍ରୟାସ କରିବେ ।






https://withteachers.in/

ପଠନ ନିମନ୍ତେ




## ସ୍ୱପ୍ନର ଉଡ଼ାଣ


ଦେଖାଯାଉଥିବା ସ୍ୱପ୍ନ ତାହା ନୁହେଁ ଯାହା ତୁମେ ନିଦରେ ଦେଖ, ସ୍ୱପ୍ନ ହେଉଛି ସେଇୟା ଯାହା ତୁମକୁ ଆଦୌ ଶୋଇବାକୁ ଦିଏ ନାହିଁ। ସ୍ୱପ୍ନ ପୂରଣ କରିବା ପାଇଁ ତୁମକୁ ଜାଗ୍ରତ ରହିବାକୁ ପଡ଼ିବ, ତୁମକୁ ନିଜର ଆଖି ଖୋଲା ରଖି ସଜାଗ ରହିବାକୁ ହେବ।

ଆଜି ଚାରିକଡ଼େ ଏତେ ସମ୍ଭାବନା ଅଛି, ଯାହା ସମଗ୍ର ଇତିହାସରେ ପୂର୍ବରୁ କେବେ ନ ଥିଲା। ଏକବିଂଶ ଶତାବ୍ଦୀ ଏପରି ଅଭିଜ୍ଞତା ସୃଷ୍ଟି କରୁଛି ଯାହାକୁ ମାନବ ବିକାଶର ଗତ ବିଂଶ ଶତାବ୍ଦୀରେ ଅସମ୍ଭବ ବୋଲି ବିବେଚନା କରାଯାଉଥିଲା। ଏପରି ପରିବେଶରେ, ଯେତେବେଳେ ମାନବ ସଭ୍ୟତା ପ୍ରଯୁକ୍ତି ବିଦ୍ୟା ଏବଂ ନୂତନ ଆବିଷ୍କାର ବଳରେ ଅଗ୍ରଗତି କରୁଛି, ସେତେବେଳେ ମଣିଷ ଭିତରେ ଲୁଚି ରହିଥିବା ସମ୍ଭାବନା ମଧ୍ୟ ଦ୍ରୁତ ଗତିରେ ବିସ୍ତାର ଲାଭ କରୁଛି। କିନ୍ତୁ ଏହି ସୁଯୋଗ ସବୁକୁ ଅନୁଭବ କରିବା ପାଇଁ ଆମ ପାଖରେ ସମୟ ସୀମିତ। ଆଜିର ଯୁବପିଢ଼ି ଦ୍ୱନ୍ଦ୍ୱରେ ଅଛନ୍ତି। ଯୁବପିଢ଼ି ସେମାନଙ୍କ ପାଇଁ ଉପଲବ୍ଧ ସମସ୍ତ ପ୍ରକାର ଅଭିଜ୍ଞତାର ସୁଯୋଗ ନେବାକୁ ଚାହାଁନ୍ତି, ଯାହା ସେମାନେ ପାଇବା ଉଚିତ, କିନ୍ତୁ ବିଶ୍ୱର ପରିସର ବୃଦ୍ଧି ପାଉଥିବାରୁ, ଆମେ ନିଜକୁ କିଛି ବିଷୟର ସଂକୀର୍ଣ୍ଣ ପରିସର ମଧ୍ୟରେ ସୀମିତ ରଖିବାକୁ ପଡୁଛି। ମୁଁ ଭାବୁ ନାହିଁ ଯେ ଏହା କରିବା ଠିକ୍। ମୋର ସ୍ୱପ୍ନ ହେଉଛି ବିଶ୍ୱର ପ୍ରତ୍ୟେକ ଯୁବକ ସେମାନେ ଚାହୁଁଥିବା ସମସ୍ତ ଅଭିଜ୍ଞତା ପ୍ରାପ୍ତ କରନ୍ତୁ। କିନ୍ତୁ ଏହା କିପରି ସମ୍ଭବ ହୋଇପାରିବ ?

ଏହାକୁ ସମ୍ଭବ କରିବା ପାଇଁ ଦୁଇଟି ଉପାୟ ଅଛି। ଗୋଟିଏ ହେଉଛି ଏପରି କିଛି କାର୍ଯ୍ୟ କରିବା ଯାହା ଆମ ପାଖରେ ଥିବା ସମୟକୁ ବୃଦ୍ଧି କରିବ। ଅନ୍ୟଟି ହେଉଛି ଆମ ପାଖରେ ଥିବା ସମୟ ଭିତରେ ଆମେ ଲକ୍ଷ୍ୟ ହାସଲ କରିବା ସହିତ କାର୍ଯ୍ୟଦକ୍ଷତାର ପରିମାଣକୁ ବୃଦ୍ଧି କରିପାରିବା। ଏହି ଦୁଇଟି ଲକ୍ଷ୍ୟକୁ କିପରି ହାସଲ କରିବା ତାହା ବୁଝିଗଲା ପରେ ଅନ୍ୟ ସବୁକିଛି ପାଇଁ ଦ୍ୱାର ଖୋଲିଯିବ। ଏହା ହେଉଛି ମାନବଜାତିର ସେହି ଈପ୍ସିତ ଲକ୍ଷ୍ୟ ଯାହାକୁ ସେ ଅପେକ୍ଷା କରିଆସିଛି ଏବଂ ଯାହା ଆମକୁ ବିକାଶକ୍ରମର ପରବର୍ତ୍ତୀ ପର୍ଯ୍ୟାୟକୁ ନେଇଯିବା ପାଇଁ ତତ୍ପର।

**ଡକ୍ଟର ଏ.ପି.ଜେ. ଅବଦୁଲ କଲାମ**

★★★





https://withteachers.in/

# ୮ ଆହୁତି



କାର୍ତ୍ତିକ ଚନ୍ଦ୍ର ରଥ

## ଦୃଶ୍ୟାରମ୍ଭ

(ମଞ୍ଚ ଆଲୋକିତ ହେବା ମାତ୍ରେ ଦେଖାଯାଇଛି– ସମୟ ସକାଳ। କୌଣସି ଏକ ଗାଁରେ ମଧ୍ୟବିତ୍ତ ଘରର ବୈଠକଖାନା ପରିବେଶ। କାନ୍ଥରେ ସ୍ୱର୍ଗତ ଗଜେନ୍ଦ୍ରନାଥଙ୍କର ଏକ ବିରାଟ ଫଟୋ। ବଡ଼ପୁଅ ଦେବେନ୍ଦ୍ରବାବୁ ଟୁଲ୍ ଉପରେ ଛିଡ଼ାହୋଇ ଫଟୋଟିରେ ଫୁଲମାଳ ପିନ୍ଧାଉଛନ୍ତି। ତଳେ ପାର୍ଶ୍ୱରେ ତାଙ୍କ ସାନଭାଇ ରାଜେନ୍ଦ୍ର ଛିଡ଼ା ହୋଇ ତାଙ୍କୁ ସାହାଯ୍ୟ କରୁଛନ୍ତି।)

ଦେବେନ୍ଦ୍ର : (ତଳକୁ ଓହ୍ଲାଇ) ବାସ୍... ଏଥର ହେଲା। ବାପାଙ୍କ ଫଟୋଟା ବୈଠକଖାନାର ଏକ କାନ୍ଥରେ ଏମିତି ଟଙ୍ଗା ହୋଇଥାଉ, ବେଶ୍ ମାନିବ। ନା' କ'ଣ କହୁଚୁ, ରାଜୁ ?

ରାଜେନ୍ଦ୍ର : ହଁ, ଭାଇ, ଚାକିରିରୁ ରିଟାୟାର୍ଡ଼ କରି ଗାଁକୁ ଫେରିଲା ପରେ ଏଇ ବୈଠକଖାନା ତ ଥିଲା ବାପାଙ୍କର ସବୁଠୁ ବଡ଼ ତୀର୍ଥ। ତାଙ୍କର ଶେଷ ଜୀବନଟା ଏଇ ଚାରିକାନ୍ଥ ଭିତରେ ତ କଟିଛି।

ଦେବେନ୍ଦ୍ର : ଆଚ୍ଛା ରାଜୁ, ତତେ ମୁଁ ବାପାଙ୍କର ଏକ ଫଟୋର ଚାରିଟା ଛୋଟ ସାଇଜ୍ କପି କରିବା ପାଇଁ କହିଥିଲି...

ରାଜେନ୍ଦ୍ର : କାଲି ରାତିରେ ଷ୍ଟୁଡ଼ିଓରୁ ମୁଁ ନେଇଆସିଚି। ବାପାଙ୍କ ଦଶାହ କାମ ସାରି ଫେରିକି ଗଲାବେଳେ ସମସ୍ତେ ଗୋଟାଏ ଲେଖାଁ କପି ନେଇକି ଯିବେ।

ଚଞ୍ଚଳା : (ହଠାତ୍ ପ୍ରବେଶି ଦେବେନ୍ଦ୍ରବାବୁଙ୍କ ପ୍ରତି) ହଇ ହୋ, କାଲି ରାତିସାରା ବସି ତମକୁ ଏତେକରି ବୁଝେଇ କହିଥିଲି, ତେବେ ବି ବୁଝିପାରିଲନି ? ସକାଳ ପହରଟାରୁ ଫଟୋ ଟଙ୍ଗାରେ ଲାଗିଗଲ।

ଦେବେନ୍ଦ୍ର : ଫଟୋ ଟଙ୍ଗା ସରିଲାଣି।

ଚଞ୍ଚଳା : ମଲା ଯା', ମୁଁ ଯେ ରାତିସାରା ଉଜାଗର, ଦେଖିଲାବେଳକୁ କ'ଣ ନା ମୁଗୁରା ମେଳା !

ରାଜେନ୍ଦ୍ର : ମୁଁ ତେଣେ ଯାଇ ଦେଖେ, ଦେବଭାଇ – କି' କି ଜିନିଷ ଯୋଗାଡ଼ ହେଲା, ଆଉ କ'ଣ କ'ଣ ସବୁ ବାକି ରହିଲା। ଗାଁ କଥା। ଇଏ ତ ଆଉ ସହର ହେଇନି ଯେ, ଥରକେ ସବୁ ଜିନିଷ ଖୋଜିଲା ମାତ୍ରେ ଇ ମିଳିଯିବ।

https://withteachers.in/

ଦେବେନ୍ଦ୍ର : ହଁ... ହଁ, ତୁ ସେଇଆ କର। ଦଶ କାମତକ ସୁରୁଖୁରୁରେ ତୁଲାଇବାପାଇଁ ଜିନିଷତକ ଆମର ନିହାତି ଦରକାର।

ରାଜନ୍ଦ୍ରେ : ହଉ, ଭାଇ। (ବାହାରକୁ ପ୍ରସ୍ଥାନ)

ଚଞ୍ଚଳା : ହେଇଟି, ମୁଁ ଯାହା ବୁଝେଇଥିଲି, ମା'ଙ୍କୁ କହିଲ...ଭାଇମାନଙ୍କୁ ପଚାରିଲ ?

ଦେବେନ୍ଦ୍ର : ନା'.... ପଚାରିବି।

ଚଞ୍ଚଳା : ମାଇଲା ! ଆଉ କୋଉ କାଳେ ? ଭୋଜିଭାତ ସରିଯିବ। ଦଶ କାମ ସବୁ ସୁରୁଖୁରୁରେ ହୋଇଗଲା ପରେ ଲୋକବାକ, ଜ୍ଞାତିକୁଟୁମ୍ବ ବି ଦଶ ତୁଠରୁ ଲୁଗାପଟା ନେଇ ଯିଏ ଯା' ବାଟରେ ଚାଲିଯିବେ।

ଦେବେନ୍ଦ୍ର : କ'ଣ ତୁମେ କହିବାକୁ ଚାହଁ ?

ଚଞ୍ଚଳା : ମୁଁ କହିଲେ କହିବ କ'ଣ ନା କହୁଚି ବୋଲି। ମୁଁ ଏକେଲା ଏଠି ଦଶ ଦିନ ଦଶ ରାତି ଧରି ସାରା ବଉଁଶଟାକୁ ରାନ୍ଧି ଖାଇବାକୁ ଦେଇଦେଇ ଥେଇଆ ହେଇଯିବି ? ବଡ଼ବୋହୂ ବୋଲି ବାପା ତମର କ'ଣ ସବୁ ମତେ ଅଜାଡ଼ି ଦେଇଥିଲେ କି ? ଖାଲି ଯାହା ଧରମକୁ ଜଗି କରିଯିବା କଥା।

ଦେବେନ୍ଦ୍ର : ଚଞ୍ଚଳା ! ବାପା ଗଲା ଦିନଠୁ ମା'ର ଅବସ୍ଥା ତ ଦେଖୁଚ ! ପାଞ୍ଚଦିନ ହେଇଗଲା, ପାଣି ଟୋପାଏ ବି ମୁହଁରେ ଦଉନି। ମୁହଁମାଡ଼ି ଘରଟା କୋଣରେ ସେମିତି ପଡ଼ିରହିଚି। କାନ୍ଦିକାନ୍ଦି ଆଖି ମୁହଁ ଫୁଲିଗଲାଣି। ଦଶାହ ନ ସରୁଣୁ ଦଶ ଥର ବେହୋସ ହେଲାଣି ସେ !

ଚଞ୍ଚଳା : ମାଇଲା ! ତେଣେ ମୋ' ଝିଅ ପାଞ୍ଚଟାଙ୍କ ମୁଣ୍ଡ ଉପରେ ପରୀକ୍ଷା। କେତେ ଆଶା କରିଚି, ବଡ଼ ଝିଅଟା ମୋର ଏଥର ବି.ଏ.ଟା ପାସ୍ କରିଗଲେ, ତାକୁ ହାତକୁ ଦି'ହାତ କରିଦିଅନ୍ତି।

ଦେବେନ୍ଦ୍ର : ଓଃ ହୋ.... ଏଇଟା କ'ଣ ସେସବୁ ଆଲୋଚନା କରିବା ବେଳ ନା ଜାଗା ?

ଚଞ୍ଚଳା : ତମେ ତ ଗୋଟିଏ ମରଦ ହେଇଚ ଯେ, କୋଉ କାମର ନୁହଁ। ଭାଇଟାଏ ମୋର ଅଛି ବୋଲି ସିନା ଯାହା ଯେତେବେଳେ ମୋ' ପାଇଁ ବୁଝାବୁଝି କରିଦେଉଚି କି ଯୋଗାଡ଼ଯନ୍ତ୍ର କରି ଆଣି ଦଉଚି। ସେତକ ତୁଲେଇବା ବି ତମଦେଇ ଟିକେ ହେଲାନି।

ଦେବେନ୍ଦ୍ର : ଚଞ୍ଚଳା !

ଚଞ୍ଚଳା : କାଇଁକି ଏମିତି ମୋ' ନାଆଁଟା ଧରି ହୁରି ପକଉଚ କହିଲ ? ବାପାଙ୍କ ଦଶାହ ଖଟିବାପାଇଁ ତମେ ଯେମିତି ହରବର ହଉଚ, ଝିଅ ବାହା କଲାବେଳକୁ କେତେ ତରବର ହବ, ମୁଁ ଦେଖିବିନି। ଏଡ଼େ ସୁନ୍ଦର ଘର... ଏଡ଼େ ଗୁଣର ବରକୁ ଛାଡ଼ିଦେଲେ, ତମ ଝିଅର କପାଳ ତ ଫିଟିବନି, ହେଲେ ଜରୁର୍ ଫାଟିବ – ମୁଁ କହିରଖୁଚି, ହଁ.. !

ଦେବେନ୍ଦ୍ର : ଓଃ ....ତମେ ବନ୍ଦ କଲ ଆଗ ଏ ସବୁ ! ଯେତେବେଳେ ଯୋଉଠି ଦେଖ...

ଚଞ୍ଚଳା : ମାଇଲା !





https://withteachers.in/

ରାଜେନ୍ଦ୍ର : (ବାହାରୁ ପ୍ରବେଶି ) ବୁଝିଲେ, ଦେବଭାଇ – ହଣ୍ଡା-କଡ଼େଇ, ବାଲ୍ଟି-ମଗ, ଚାନ୍ଦୁଆ–ଦରି... ସବୁ ଗଣି କରି ରଖିଦେଲି । ମୁଣ୍ଡରୁ ଗୋଟାଏ ବଡ଼ ବୋଝ ଗଲା । ଆଉ ଯାହା ସେ ପୂଝାରୀଟା ସଉଦାପାଇଁ ବରାଦ୍ ଦବ । କିଛି ଟଙ୍କା ଦରକାର, ଭାଇ ।

ଚଞ୍ଚଳା : ମାଇଲା ! ଭାଇଙ୍କ ପାଖରେ ଆଉ ଟଙ୍କା କାହିଁ ? ଯାହା ଆଣିଥିଲେ, ଫେରିକି ଯିବା ପାଇଁ ବାଟ ଖର୍ଚ୍ଚ କିଛି ରଖିଚନ୍ତି କି ନାଇଁ କେଜାଣି ?

ରାଜେନ୍ଦ୍ର : ଠିକ୍ ଅଛି, ମୁଁ ମଝିଆଭାଇଙ୍କି କହି... । ଏଇନେ ତ ନିହାତି ସାତଶହ ଆଠଶହ ଟଙ୍କା ଦରକାର ।

ଚଞ୍ଚଳା : ନାଇଁ ମ' ରାଜେନ୍ଦ୍ର, ମୁଁ କ'ଣ କହୁଥିଲି କି... ଭିତର ଘରେ ମା' ଶୋଇଚନ୍ତି । ଆଜି ସକାଳ ପହରୁ ତମ ମଝିଆଭାଇ, ଆଉ ସାନଭଉଣୀ ତାଙ୍କ ପାଖରେ ବସି କ'ଣ ଗୋଟାଏ ସଲାସୁତୁରା ହଉଚନ୍ତି । ଯିବ ଯଦି, ଟିକେ ଶୁଣି ଆସିଲେ ଭାରି ଭଲ ହୁଅନ୍ତା ।

ରାଜେନ୍ଦ୍ର : କ'ଣ ଆଉ କହୁଥିବେ ? ବାପା ଚାଲିଗଲା ପରେ ମା'ର ମନଟା ଏକଦମ୍ ଭାଙ୍ଗିପଡ଼ିଚି । ତେଣୁ ତାକୁ ବସି ବୁଝାଉଥିବେ ।

ଚଞ୍ଚଳା : ମାଇଲା ! ହଇହୋ...ଶେଷରେ ତମେ ବି ଏଇଆ ବୁଝିଲ ? ତମେ ପରା ଟଙ୍କା ଯୋଗାଡ଼ ହେଲେ କ'ଣ ଗୋଟାଏ ଫ୍ୟାକ୍ଟରୀ କରିବ ବୋଲି କହୁଥଲ ?

ରାଜେନ୍ଦ୍ର : ହଁ, ଭାଉଜ – ବହୁ ଦିନରୁ ଚିନ୍ତା କରିଚି । ଅନେକ ଚେଷ୍ଟା ବି କଲିଣି । ବ୍ୟାଙ୍କ୍, ଫାଇନାନ୍ସ କର୍ପୋରେସନ୍ ଅନେକ ଧାଇଁଲିଣି । ହେଲେ ପୂରା ଟଙ୍କା ମିଳୁନି ।

ଚଞ୍ଚଳା : ଦେଖ, ବଡ଼ଭାଇ ଯିଏ, ବାପ ସମାନ ଭାଇ ତମର କହୁଥିଲେ...

ଦେବେନ୍ଦ୍ର : କାଇଁ...ମୁଁ ତ କିଛି କହିନି ।

ଚଞ୍ଚଳା : ମାଇଲା ! ମଝିରେ ତମକୁ କିଏ କହିବାପାଇଁ କହୁଚି । ବୁଝିଲ ରାଜେନ୍ଦ୍ର, ବାପାଙ୍କ ଅନ୍ତେ ମା' ହେଲେ ଗାଁରେ ଏକେଲା ମଣିଷ । ଗାଁଟା ଭିତରେ ଯାହା ଯେମିତି ଯେଉଁଠି ଅଛି, ଏ ପାକଲା ବୟସରେ ସବୁ କିଛିକୁ ଦେଖାଶୁଣା ବୁଝାବୁଝି କରିବାଟା ତାଙ୍କ ପକ୍ଷେ ଆଦୌ ସମ୍ଭବ ନୁହଁ ।

ରାଜେନ୍ଦ୍ର : ହଁ, ତା'ତ ଠିକ୍ କଥା ।

ଚଞ୍ଚଳା : ଏଇନେ ତ ତିନି ଭାଇ ଏଇଠି ଅଛ । ସବୁବେଳେ କ'ଣ ଏକାଠି ହବାର ସୁଯୋଗ ମିଳୁଚି ?

ରାଜେନ୍ଦ୍ର : ତା' ବି ତ ଭୁଲ୍ ନୁହଁ ।

ଚଞ୍ଚଳା : ତେଣୁ ତମ ବଡ଼ଭାଇ କହୁଥିଲେ...

ଦେବେନ୍ଦ୍ର : ମାନେ ମୁଁ କହୁଥିଲି...

ଚଞ୍ଚଳା : ମାଇଲା ! ତମେ କହୁ ନଥିଲ କହିବା ପାଇଁ ... ସେଇ କଥା ଇ ତ ମୁଁ କହୁଚି । ଦଶ ତୁଟେଇ ଗାଁରୁ ତମେ ସବୁ ଫେରିକି ଯିବା ଆଗରୁ ବାପାଙ୍କର ଯାହା ଯେମିତି ଯୋଉଠି ସମ୍ପତ୍ତି ଅଛି, ସେତକ ଯଦି ତମ ଭାଇଙ୍କ ଭିତରେ ମା' ଥାଉଥାଉ – ଭାଗବଣ୍ଟା ହୋଇଯା'ନ୍ତା, ତା'ହେଲେ ପଛକୁ ଆଉ କିଛି ଝାମେଲା ରହନ୍ତାନି !



https://withteachers.in/

| | | |
|---|---|---|
| ରାଜେନ୍ଦ୍ର | : | ଯେ ତମେ କ'ଣ କହୁଚ, ଭାଉଜ ? |
| ଚଞ୍ଚଳା | : | ଆରେ ବାବୁ, ବାପା ତମର ଏତେ ସବୁ ଅରଜି ଥିଲେ, କାହାପାଇଁ ? ଏତେ ସବୁ ସଞ୍ଚିଥିଲେ, କିଏ ଖାଇବ ବୋଲି ? ପୁଅମାନଙ୍କପାଇଁ । ତମେ ସବୁ ଖଟୁଚ, କାହାପାଇଁ ? ନିଜ ଛୁଆପିଲାଙ୍କପାଇଁ । |
| ରାଜେନ୍ଦ୍ର | : | ତା' ଅବଶ୍ୟ ଠିକ୍ ! |
| ଚଞ୍ଚଳା | : | ଭାଇ ତମର ଆଉ ବି କହୁଥିଲେ... |
| ଦେବେନ୍ଦ୍ର | : | ମାନେ ମୁଁ କହୁଥିଲି... ? |
| ଚଞ୍ଚଳା | : | ମାଇଲା, ପୁଣି ମଝିରେ କହିଲ ! ଦେଖ, ରାଜେନ୍ଦ୍ର – ବାପାଙ୍କର ସବୁ ସମ୍ପତ୍ତି ରହିଲା ଗାଁରେ । ଆଉ ତମେ ସବୁ ଭାଇମାନେ ରହିଲ ବିଦେଶରେ... ପୁଣି ଅଲଗା ସହରରେ । |
| ରାଜେନ୍ଦ୍ର | : | ସତରେ ଭାଉଜ, ତମେ...ତମେ ଆଜି ମୋର ଆଖି ଖୋଲି ଦେଇଚ । ମୋ' ଭେଜାକୁ ତ ଏତେ କଥା ଜମା ଷ୍ଟ୍ରାଇକ୍ କରି ନ ଥିଲା । |
| ଚଞ୍ଚଳା | : | ପୁଣି ସାଇ-ପଡ଼ିଶା, ଭାଇ-ଭଗାରି ଅଛନ୍ତି । କିଏ କେତେବେଳେ ସେତକ ଯଦି ମାଡ଼ି ବସେ.... ନ ହେଲେ ବୁଢ଼ୀ ମା'ଟାକୁ ଯଦି ବୋକା ବନେଇ କେହି ସମ୍ପତ୍ତିକୁ ହଡ଼ପ କରିଯାଏ...ତା' ହେଲେ ? ତା' ଛଡ଼ା ଆଜିକାଲି ବେଳକାଳ ଯାହା ହେଇଚି, ଚୋର-ଡକେଇତଙ୍କୁ ବିଶ୍ୱାସ ନାଇଁ । ସମ୍ପତ୍ତିପାଇଁ ମା'ଙ୍କର ପ୍ରାଣ ଯିବ ନା କ'ଣ ? |
| ଦେବେନ୍ଦ୍ର | : | (ଚମକି) ଏଁ ! |
| ଚଞ୍ଚଳା | : | କିହୋ, ତମେ ଏମିତି ଚମକୁଚ କାଇଁକି ? |
| ଦେବେନ୍ଦ୍ର | : | ନାଇଁ, ମାନେ ତମେ ଯାହା କହିଲ – ଏକଦମ୍ ଅସମ୍ଭବ ନୁହଁ । |
| ଚଞ୍ଚଳା | : | ମାଇଲା ! ଏ ଯାଏଁ ତମେ କୋଉଠି ଥେଲ ମ ! ଏଇନେ ବି ସେଠି ଘରଟା ଭିତରେ କ'ଣ ଚାଲିଚି, ତା' କିଏ କହିବ ? |
| ରାଜେନ୍ଦ୍ର | : | ନା ନା, ତା' କେମିତି ହବ ? ମହେନ୍ଦ୍ରଭାଇ ଆସୁ, ଏ ବିଷୟରେ ଗୋଟିଏ ପକ୍କା ଫଇସଲା ହେଇଯିବା ଦରକାର । |
| ଦେବେନ୍ଦ୍ର | : | ଆଜି ଏଇଠି... ଏଇ ମୁହୂର୍ତ୍ତରେ । |
| ଚଞ୍ଚଳା | : | ମାଇଲା ! |
| ମହେନ୍ଦ୍ର | : | ବୁଝିଲ, ଦେବଭାଇ – (ଏତିକିବେଳେ ଭିତରୁ ପ୍ରବେଶ କରିଛନ୍ତି ମଝିଆଭାଇ ମହେନ୍ଦ୍ରବାବୁ ) କ'ଣ କହି ଆଉ ମା'କୁ ବୁଝେଇବା । ମୁଁ ନିଜେ ବି ଠିକ୍ ବୁଝିପାରୁନି । କୁନି ଆଉ ମୁଁ ତା'କୁ କେତେ ସାନ୍ତ୍ୱନା ଦବୁ ! ଯେତେ କନ୍ଦାକଟା କଲେ... ଯେତେ ଛେଚି କଚାଡ଼ି ହେଲେ ବି ବାପା ତ ଆଉ ଫେରି ଆସିବେନି ! |
| ଦେବେନ୍ଦ୍ର | : | ମୁଁ ବି ତ ଠିକ୍ ସେଇ କଥା ଭାବୁଥିଲି । ବାପା ତ ତାଙ୍କର ଯିବା ବାଟରେ ସବୁଦିନପାଇଁ ଚାଲିଗଲେ । ତେଣୁ ଏ ସବୁଥରେ ଆଉ ବିଳମ୍ବ କରି କିଛି ଲାଭ ନାଇଁ । ସବୁ କାମ ସାରି ଆମେ ଯିଏ |



https://withteachers.in/

ଯା' ବାଟରେ ଏଠୁ ଫେରିଯିବା ଆଗରୁ ଅନ୍ତତଃ ମା' ସାଙ୍ଗରେ ଭଲଭାବେ ଟିକେ ପରାମର୍ଶ କରି...

ଚଞ୍ଚଳା : ମାଇଲା ! ମା' କ'ଣ ତାଙ୍କ ତିନି ପୁଅଙ୍କ କଥାରେ ଅରାଜି ହେବେ ନା କ'ଣ ମ !

ମହେନ୍ଦ୍ର : କୋଉ କଥାରେ...

ଦେବେନ୍ଦ୍ର : କଥା କ'ଣ କି ମହେନ୍ଦ୍ର, ବାପାଙ୍କର ଗାଁରେ ଏଇ ଯୋଉ ସମ୍ପତ୍ତି ଅଛି...

ମହେନ୍ଦ୍ର : ସମ୍ପତ୍ତି... ?

ଦେବେନ୍ଦ୍ର : ମାନେ ଏଇ ଯୋଉ ଘର, ତୋଟା, ପୋଖରୀ ଆଉ ଜମି । ତୁ ପରା କହୁଥିଲୁ – ସବୁଗୁଡ଼ାକର - ଭାଲ୍ୟୁଏସନ ସମାନ ହବ ?

ମହେନ୍ଦ୍ର : ହଁ, ତୋଟା ଆଉ ପୋଖରୀକୁ ଗୋଟାଏ ବୋଲି ଧରିଲେ ପ୍ରାୟ ସମାନ ହବ । ଘର ମୂଲ୍ୟ ଯେତିକି ହବ, ଜମି ମୂଲ୍ୟ ବି ପ୍ରାୟ ସେତିକି ହବ । ମାନେ ବାପା ମତେ ଥରେ ଏଇ କଥା କହୁଥିଲେ । ହେଲେ ହଠାତ୍ ସେ ପ୍ରସଙ୍ଗ କାଇଁକି ?

ଚଞ୍ଚଳା : ମାଇଲା ! ତା' ମାନେ ତ ଜମାରୁ ଅସୁବିଧା ନାଇଁ । କଥା ଆଉ କାମ-ଦି'ଟା ଯାକ ଏକାଥରକେ ଠ ଠା ଠି ହେଇ ଛିଡ଼ିଯିବ !

ମହେନ୍ଦ୍ର : ମୁଁ କଥାଟାକୁ ଠିକ୍ ଠଉରେଇ ପାରିଲିନି, ଭାଉଜ !

ଚଞ୍ଚଳା : ଆହେ, ରାଜେନ୍ଦ୍ର, କହୁନ ତମେ !

ରାଜେନ୍ଦ୍ର : ନା...ହଁ, ମାନେ ସେ ସବୁକୁ ଆମେ ତିନି ଭାଇ ଏବେଠୁଁ ବାଣ୍ଟି ନେବାଟା ଭଲ । ନା କ'ଣ କହୁଚ, ଦେବଭାଇ ?

ଦେବେନ୍ଦ୍ର : କିଛି ମନ୍ଦ ହୁଅନ୍ତାନି ।

ଚଞ୍ଚଳା : ମାଇଲା ! କାଇଁକି... ବେଶ୍ ଭଲ ହୁଅନ୍ତା ବୋଲି କହିପାରୁନ ?

ମହେନ୍ଦ୍ର : ହେଲେ ମା'ର ଏଇ ଅବସ୍ଥାରେ...

ଚଞ୍ଚଳା : ସେଇଥିପାଇଁ ତ ଭାଇମାନେ ତମର କହୁଚନ୍ତି.... କେତେବେଳେ କ'ଣ ଯେ ଘଟିବ, ତା' ବା କିଏ କହିବ !

ରାଜେନ୍ଦ୍ର : ଆଜିକାଲି ଦେଖୁନ, ମହେନ୍ଦ୍ରଭାଇ... ବୋମା ଫୁଟେଇ ଗାଁମାନଙ୍କରେ କେମିତି ଡକେଇତି ହଉଚି । ମା' ଆମର ବୁଢ଼ୀଲୋକ... ଏକେଲା ମଣିଷ !

ଚଞ୍ଚଳା : ବୁଝିଲ, ମହେନ୍ଦ୍ର – ଚକେ ଗଡ଼ିଲେ ବାର ହାତ ! ଆଜିଠୁ ସେ ସବୁ ଝାମେଲା ତୁଟେଇ ନ ଦେଲେ, ତୁମର ଏଇ ଯୋଉ ଭାଇ ନା... ଛାଡ଼ !

ମହେନ୍ଦ୍ର : ଦେଖୁଚି, ଯା' ଭିତରେ ତମେ ସବୁ ତୁଟେଇ ଦେଇସାରିଚ ।

ଦେବେନ୍ଦ୍ର : ଦେଖ୍ ଭାଇ, ଆମ ଭିତରେ ତ ସେମିତି କିଛି ଭୁଲ ବୁଝାମଣା ନାଇଁ । ତେଣୁ ବଡ଼ଭାଇ ଭାବେ ମୁଁ ଯୋଉ ପ୍ରସ୍ତାବ ଦେବି, ଭାବୁଚି.... ତମେ କେହି ଅପସନ୍ଦ କରିବନି ।



https://withteachers.in/

ମହେନ୍ଦ୍ର : କୁହ ଦେଖି... ଶୁଣିବା !

ଦେବେନ୍ଦ୍ର : ମୋର ପ୍ରସ୍ତାବ ହଉଚି – ଏଇ ପୁରୁଣା ଖାନଦାନୀ ଘରଖଣ୍ଡକ ଖଞ୍ଜା ସହିତ ତୁ ନବୁ ।

ମହେନ୍ଦ୍ର : ମୋର ଆପତ୍ତି ନାହିଁ । ସହରରେ ମୋ କୋଠାଟା ଅଧା ତିଆରି ହେଇ ପଡ଼ିରହିଚି । ଗାଁର ଏଇ ଖଞ୍ଜା ଘରଖଣ୍ଡକ କାହାରିକୁ ବିକିଦେଇ ସେଇଟା ପୂରା କରିଦେଇପାରିବି । ଜରୁର୍ ଗ୍ରାହକ ମିଳିଯିବେ ।

ଦେବେନ୍ଦ୍ର : ଆଉ ପୋଖରୀ ସହ ତୋଟାଟା ରାଜୁ ଭାଗରେ ପଡ଼ିଲେ କେମିତି ହୁଅନ୍ତା ?

ରାଜେନ୍ଦ୍ର : ମୋର ତ ଆଉ ଗାଁରେ ଆସି ମାଛ ଚାଷ କରିବାର ନାହିଁ କିମ୍ବା ତୋଟାରେ ଆମ୍ବ ଆଉ ନଡ଼ିଆ ଫଳେଇ ବେପାର କରିବାର ନାହିଁ । ବରଂ ଠିକଣା ଲୋକ ଦେଖି ସେତକ ବିକ୍ରିବଟା କରିଦେଲେ, ଅନ୍ତତଃ ଫ୍ୟାକ୍ଟରୀଟା ପାଇଁ ଅତ୍ୟାବଶ୍ୟକ ଟଙ୍କାଟା ଯୋଗାଡ଼ ହେଇ ଯାଇପାରନ୍ତା । ବାକି ଟଙ୍କା ଫାଇନାନ୍ସ କର୍ପୋରେସନରୁ ମିଳିଯିବ ! ବଡ଼ଭାଇଙ୍କ କଥାରେ ମୁଁ ବିଲ୍‌କୁଲ୍ ରାଜି ।

ଦେବେନ୍ଦ୍ର : ବାକି ରହିଲା ଜମି... ସେତକ ମୋ' ଭାଗରେ ।

ମହେନ୍ଦ୍ର : ସହରରେ ରହି ଭାଇ ବୋଧେ ଗାଁରେ ଭାଗଚାଷ କରିବା ମତଲବରେ ଅଛନ୍ତି ।

ଚଞ୍ଚଳା : ମାଇଲା ! ପାଞ୍ଚ ପାଞ୍ଚଟା ଝିଅକୁ ଜନମ ଦେଇଚି । ଖଣ୍ଡେଖଣ୍ଡେ ଜମି ବିକିଲେ, ଗୋଟାଏଗୋଟାଏ ଝିଅ ଉଠିବେ । ଚଢ଼ା ଯଉତୁକ ନ ଦେଲେ ଆଜିକାଲି କ'ଣ ଭଲ ଜ୍ୱାଇଁ ମିଳୁଚନ୍ତି ? ପୋଡ଼ା କପାଳକୁ ଝିଅଗୁଡ଼ାକ ଟିକେ ସୁନ୍ଦର ହୋଇଥା'ନ୍ତେ ଭଲା !

ମହେନ୍ଦ୍ର : ଗାଁରେ ରହିବାକୁ ଆମ ଭିତରୁ କେହି ଯେତେବେଳେ ରାଜି ନୁହନ୍ତି, ସେତେବେଳେ ଏଠି ଏତେ ସବୁ ସମ୍ପତ୍ତି ରଖି ଲାଭ ବା କ'ଣ ? ତେଣୁ ତମମାନଙ୍କ ଚିନ୍ତା ଆଉ ହିସାବ ସହ ମୁଁ ଏକମତ । (ତିନି ଭାଇ ଯାକ ଖୁସିରେ କୋଳାକୋଳି ହାତ ମିଳାମିଳି ହେଲାବେଳେ ଭିତରୁ ଝିଅ କୁନି ସହ ମା' ପ୍ରବେଶ କରିଛନ୍ତି । ହଠାତ୍ ବାତାବରଣ ଗମ୍ଭୀର ହୋଇପଡ଼ିଛି)

ତିନିହେଁ : ମା'.... ! ! ତୁ ? ?

ମା' : ଶୁଣିଚି... ସବୁ ଶୁଣିଚି । ଭଲ...ବେଶ୍ ଭଲ କରିଚ ! ଭାଇଭାଇ ଭିତରେ ବିଚାର ଆଲୋଚନା କରି ଭଲରେ ଭଲରେ ସବୁ ତୁଟେଇ ଦେଇପାରିଚ । ଦେବତା ଭଳି ବାପା ତମର, ସିଏ ଟଳି ପଡ଼ିଲେ... ତମକୁ ଛାଡ଼ି ଚାଲିଗଲେ । ମୋର ବା ଆଉ କେତେ କାଳ ? ତମ ପ୍ରସ୍ତାବରେ ମୁଁ ଖୁସି । ମଲାଗଲା କାଳକୁ ମୁଁ ବା କାଇଁକି ବଇରୀ ମୁଣ୍ଡେଇବି ? ମୋ' ମୁଣ୍ଡକୁ ବା କାଇଁକି ଆହୁରି ବୋଝ ରଖିବି ?

ଦେବେନ୍ଦ୍ର : ମା'...କଥା କ'ଣ କି ବାପା ଥିଲେ, କଥା ଅଲଗା ଥିଲା । ଏଇନେ ତୁ ଅଛୁ, ଏକାଏକା ତୁ କେତେ କ'ଣ କରିବୁ ଯେ ?

ମା' : ହେଲେ ଦେବ, କୁନି ବି ତ ଏ ଘରର ଝିଅ । ତମମାନଙ୍କର ଗୋଟିଏ ବୋଲି ଭଉଣୀ ସିଏ । ବାହା ସାହା ହେଇ ପରଘରକୁ ବୋହୂ ହୋଇ ଚାଲିଯାଇଚି ବୋଲି ତା' ଭାଗଟାକୁ ଯେମିତି ବୁଡ଼େଇ ନ ଦିଅ–



https://withteachers.in/

ଚଞ୍ଚଳା : (ଆଢୁଆଳରେ) ମାଇଲା ! ତମେ କହୁନ, ମହେନ୍ଦ୍ର - କୁନି ବାହା ହେଇ ଗଲାବେଳେ ତାଙ୍କ ଯଉତୁକରେ ହାତୀ–ଛତି ସବୁ ଦିଆ ହୋଇଥିଲା । ଭାଇଙ୍କ ଭାଗରେ ପୁଣି ଭଉଣୀଙ୍କ ଭାଗ କାହିଁକି ?

ମହେନ୍ଦ୍ର : ସତ କହିବାକୁ ଗଲେ, ଭାଉଜ – ଆଇନ୍ ଅନୁଯାୟୀ ବାପାଙ୍କ ସମ୍ପତ୍ତି ଉପରେ ପୁଅ ସହ ଝିଅର ବି ଭାଗ ଅଛି । ତେଣୁ କୁନି ନିଶ୍ଚେ ଭାଗ ପାଇବାର କଥା ।

କୁନି : ମୋର ବେଶି କିଛି ଦରକାର ନାଇଁ, ଭାଇ । ମୁଁ ତ ଭାବିଚି, ମା'ର ଗହଣାତକ ଯାହା ନେବି ।

ଚଞ୍ଚଳା : ମାଇଲା ! ମୋ ଝିଅମାନେ ତା' ହେଲେ କ'ଣ ତାଙ୍କ ଗୋସେଇଁମା'ଙ୍କଠୁ କିଛି ବି ଗହଣା ପାଇବେନି ? ସେମାନେ ବି ତ ଏ ଘରର ନାତୁଣୀ । ତାଙ୍କପାଇଁ ବି କିଛି ଗୋଟାଏ ଆଇନ୍ ପଏଣ୍ଟ ବାହାର କରୁନ ?

ମା' : ସବୁ ହେଲା, ସମସ୍ତେ ସବୁ ପାଇଗଲେ । ସମ୍ପତ୍ତିର ଭାଗବଣ୍ଟା ସରିଗଲା । ସମସ୍ତେ ବି ସନ୍ତୁଷ୍ଟ ହେଲେ । ମୋର ଆଉ କ'ଣ ଦରକାର ? ତୁମମାନଙ୍କର ଖୁସିରେ ଇ ତ ମୋର ଖୁସି ।

ତିନିଭାଇ : ମା'... ! !

ମା' : ଆଜି ହାତରୁ ମୁଁ ଶଙ୍ଖା କାଢ଼ିଚି । ମଥାରୁ ମୋ ସିନ୍ଦୂର ଲିଭିଚି । ଏଇନେ ତମେମାନେ ଇ ତ ମୋ ସାହା ! ମୋର ଭରସା ! ! ହେଲେ ମତେ ଖାଲି ଟିକେ ଏତିକି ଜଣେଇଦିଅ – ତମମାନଙ୍କର ଭାଗବଣ୍ଟାରେ ତମର ଏଇ ହୀନକପାଳୀ ବୁଢ଼ୀ ମା'ଟା କାହା ଭାଗରେ ପଡ଼ିଲା ? ?

ଚଞ୍ଚଳା : ମାଇଲା ।

ଦେବେନ୍ଦ୍ର : ଭାଗ ବଣ୍ଟାରେ ମା'.... ?

ମହେନ୍ଦ୍ର : ମା' ପୁଣି କାହା ଭାଗରେ କ'ଣ... ?

ରାଜେନ୍ଦ୍ର : ମୁଁ ମା' କଥା କିଛି ବୁଝିପାରିଲିନି ।

କୁନି : ଏ ତୁ କ'ଣ କହୁଚୁ, ମା' ?

ମା' : କୁହ- ମୁଁ ମୋ ଏ ପୋଡ଼ା ଜୀବନର ବାକିତକ ଦିନ କାହା ପାଖରେ ରହି କାଟିବି ? କିଏ ରଖିବ ମତେ ନେଇ ?

(ହଠାତ୍ ସମସ୍ତେ ନିରୁତ୍ତର ହୋଇଯାଇ ପରସ୍ପରକୁ ଚାହିଁଛନ୍ତି ।)

ମା' : କ'ଣ ସବୁ ମୋ' ପାଇଁ ଠିକ୍ କରିଚ, ଶୁଣେ – ? ମୋର ଥଇଥାନପାଇଁ କି କି ବ୍ୟବସ୍ଥା ତମେ ସବୁ କରିଚ ?

ଦେବେନ୍ଦ୍ର : ମୁଁ .....ମାନେ ମତେ କହିବାପାଇଁ କହୁଚୁ ?

ଚଞ୍ଚଳା : କିହୋ, କହୁନ – ଏଡ଼େ ବଡ଼ ସହରଟାରେ ଅଢ଼େଇ ବଖରା ଭଡ଼ା ଘରେ ପାଞ୍ଚ ପାଞ୍ଚଟା ପାଠପଢୁଆ ଝିଅଙ୍କୁ ନେଇ ଆମେ କେମିତି ଚଢ଼ା ବଜାର ଦର ଭିତରେ ଦହଗଞ୍ଜ ହେଇ ଚଳୁଚୁଁ, ସେଥିରେ ପୁଣି ମା'ଙ୍କୁ ନେଲେ, କୋଉଠି ରଖିବୁ ? ତମର ତ ପୁଣି ଯୋଉ ଦରମା ! ନା ଉପୁରି ଅଛି, ନା ସପୁରୀ ! ଛାଡ଼-



https://withteachers.in/

ଦେବେନ୍ଦ୍ର : ତା' ନ ହେଇଥିଲେ, କଷ୍ଟେମଷ୍ଟେ ଚଳିଯାଇ ହୁଅନ୍ତା ! ବରଂ, ମୁଁ କହିବି – ମା' ମହେନ୍ଦ୍ର ପାଖରେ ରହୁ । ସହରରେ ସେ ନିଜେ ଘର ତୋଳିଚି । ଛୋଟ ପରିବାର ତା'ର । ରୋଜଗାର ବି ବେଶ୍ କରୁଚି ।

ମହେନ୍ଦ୍ର : ମୋର ସେଥିରେ କିଛି ଆପତ୍ତି ନାଇଁ । ହେଲେ ମା' ତୁ ତ ଜାଣୁ – ମୂଳରୁ ଇ ତ ତମ ଶାଶୂ ବୋହୂଙ୍କର ଜମା ପଡୁନି । କଲେଜ ପଢୁଆ ବଡ଼ଲୋକ ଘରର ଝିଅ ସେ ! ଦେଖିଲୁନି, କେମିତି ସେ ଦି'ଟା ଦିନ ବି କୁନି ବାହାଘରେ ଖଟିଚି କି ନାଇଁ, ରାଗିରୁଷି ପଳେଇଗଲା । ସେଇ ରାଗ ନେଇ ଏଥର ଟିକେ ଶୁଦ୍ଧ ହବାକୁ ବି ଆସିଲାନି । ତୁ ଯଦି ତା' ପାଖରେ ଟିକେ ଆଡ଼ଜଷ୍ଟ କରି ଚଳିଯାଇପାରିବୁ – ତା' ହେଲେ ମୋର କିଛି କହିବାର ନାହିଁ । ତେବେ ସେ ରାଜି ହେଲେ ହେଲା । ମୁଁ ଯାଇ ଆଗ ତା'ଠୁ ବୁଝେ । ଆଚ୍ଛା, ରାଜେନ୍ଦ୍ର – ମା' ତୋ' ପାଖରେ ରହିଗଲେ କ୍ଷତି କ'ଣ ହୁଅନ୍ତା ? ଆରେ, ତୁ ତ ଆମ ଭିତରେ ସାନ । ସ୍ୱାମୀ-ସ୍ତ୍ରୀ-ଦୁଇ ପ୍ରାଣୀର କୁଟୁମ୍ବ ତୁମର । ବିଶେଷ ସମସ୍ୟା ବି ନାଇଁ ।

ରାଜେନ୍ଦ୍ର : ବୁଝିଲେ, ଭାଇ – ସେଇ ଦୁଇ ପ୍ରାଣୀ ବୋଲି ଇ ତ ସବୁଠୁ ବେଶି ସମସ୍ୟା ! ସେ ଗୋଟାଏ ଜାଗାରେ ଏକା ତ ମୁଁ ଆଉ ଗୋଟାଏ ଏକେଲା ! ସେ ତା' ଚାକିରିକୁ ନେଇ ବ୍ୟସ୍ତ ତ ମୁଁ ଫ୍ୟାକ୍ଟରୀ କରିବି ବୋଲି ବିବ୍ରତ ! ନା ତାକୁ ଫୁରୁସତ୍ ମିଳୁଚି, ନା ମତେ ! ନା ସେ ସେଠି ଦିନସାରା ଘରେ ରହୁଚି, ନା ମୋର କୋଉଠି ଘର ବୋଲି କିଛି ଠିକଣା ଅଛି ? ଏମିତିରେ ମା'ର ଦେଖାଶୁଣା କିଏ କରିବ ? ତା'ର ଯତ୍ନ କିଏ ନେବ ? ବଡ଼ ସମସ୍ୟା ! ସେଇ ସମସ୍ୟା ଯୋଗୁଁ ଇ ତ ସେ ଏତେଗୁଡ଼ାଏ ଦିନ ଛୁଟି ନେଇ ଏତେ ବାଟରୁ ଦଶାହ ଖଟିବାକୁ ଆସିପାରିଲାନି । ଚାକିରିର ଚାପ ! କ'ଣ ଆଉ କରାଯାଏ । ଆଚ୍ଛା କୁନି ! ମା' ଯଦି ତୋ' ପାଖରେ ରହିଯା'ନ୍ତା.. ?

କୁନି : ଯଦି ଏଇଟା ସମ୍ଭବ ହୁଅନ୍ତା ନା, ତା'ହେଲେ ତ ସବୁଠୁ ବେଶି ଖୁସି ମୁଁ ହୁଅନ୍ତି ! ସେ ବି ମୋ କଥାରେ କେବେ ଅରାଜି ହୁଅନ୍ତେନି ! ତାଙ୍କର ବି ତ ମା' ନାହାନ୍ତି । ତେଣୁ ମା'ର ସାନ୍ନିଧ୍ୟଟା ଆମ ଦୁହିଁଙ୍କୁ ମିଳନ୍ତା । କିନ୍ତୁ – ଲୋକେ କ'ଣ କହିବେ ? ପୁଅମାନେ ଥାଉ ଥାଉ ମା' ଯଦି ଝିଅ ଘରେ ଆଶ୍ରା ନିଏ, ତା' ହେଲେ ଲୋକନିନ୍ଦା ହବନି ?

ମା' : ସାବାସ୍ ! ଦେଖୁଚି, ତମେ ସମସ୍ତେ ମିଶି ଜୀବନସାରା କଷ୍ଟ କରି ବାପା ଅର୍ଜନ କରିଥିବା ସମ୍ପତ୍ତିତକ ନିଜ ନିଜ ଭିତରେ ଖୁବ୍ ସହଜରେ ବାଣ୍ଟି ଦେଇପାରିଲ । (କାନ୍ଦି ଉଠି) ଅଥଚ ଦଶମାସ ଦଶଦିନ ଗର୍ଭରେ ଧରି ଜନ୍ମ କରିଥିବା ଏଇ ବିଧବା ମା'ଟାକୁ ଟିକେହେଲେ ବି ବାଣ୍ଟି ପାରିଲନି । ତମମାନଙ୍କ ଭିତରୁ କାହାରି ଜଣକ ଭାଗରେ ବି ସେ ପଡ଼ିଲାନି । ଆଉ ଆଜି – ଏଇଟା ଇ ବୋଧେ ମୋ' ଭାଗ୍ୟର ଭାଗଶେଷ ! (କଣ୍ଠ ବାଷ୍ପରୁଦ୍ଧ ହୋଇ ପଡ଼ିଛି) ।

(ହଠାତ୍ ସମସ୍ତେ ନିଜ ସ୍ଥିତି ଓ ଭଙ୍ଗୀରେ ନିଶ୍ଚଳ ହୋଇ ପଡ଼ିଛନ୍ତି । ମଞ୍ଚର ଆଲୋକ ସଙ୍କୁଚିତ ହୋଇପଡ଼ିଛି ।)



https://withteachers.in/

## ଶେଷଦୃଶ୍ୟ

(ମଞ୍ଚରେ ପୂର୍ଣ୍ଣାଲୋକ ଆସିବା ମାତ୍ରେ ପୂର୍ବର ପାରିବାରିକ ପରିବେଶ ପୁନଶ୍ଚ ପ୍ରତିଷ୍ଠିତ ହୋଇଛି । ସମସ୍ତେ ନିଶ୍ଚଳତା ଭଙ୍ଗ କରିଛନ୍ତି ।)

ଓକିଲ : (ହାତରେ ଲଫାପାଟିଏ ଧରି ବାହାରୁ ପ୍ରବେଶି ଏବଂ ସମସ୍ତଙ୍କୁ ଗମ୍ଭୀର ମୁଦ୍ରାରେ ଦେଖି ମା'ଙ୍କ ପ୍ରତି) କ୍ଷମା କରିବେ, ଭାଉଜ – କଚେରିରୁ ଆସୁ ଆସୁ ମୋର ଟିକେ ଡେରି ହୋଇଗଲା । ଭାଇ ଯେ, ଏତେ ଜଲ୍‌ଦି ଏମିତି ଚାଲିଯିବେ, କେହି କ'ଣ କେବେ ଭାବିଥିଲା ! ଗାଁଟା ସାରା କାହାରି ମନରେ ଟିକେ ସୁଖ ନାଇଁ । ସବୁରି ମୁହଁରେ ତାଙ୍କରି ଚର୍ଚ୍ଚା...ତାଙ୍କରି ପ୍ରଶଂସା !

ମା' : ହଁ, ଆଜି ବସି ସବୁ ଭାବିଲାବେଳକୁ ବହୁତ ଡେରି ହୋଇଗଲାଣି ।

ଓକିଲ : ତମେ ଏମିତି କାହିଁକି କହୁଚ, ଭାଉଜ ? ଭାଇ ତ ଆମର ମଣିଷ ନ ଥିଲେ, ଥିଲେ ଦେବତା ! ହଁ...ହଁ.... ଦେବତା !

ଦେବେନ୍ଦ୍ର : ସେଇତକ ଇ ତ ଆମ ପାଇଁ ସାନ୍ତ୍ୱନା, ଓକିଲ ମଉସା ! ତା'କୁ ଇ ତ ନେଇ ଆମର ଗର୍ବ କରିବାର ଅଛି ।

ଓକିଲ : ନିଶ୍ଚୟ... ନିଶ୍ଚୟ । ତମେ ସମସ୍ତେ ଯେ ବଡ଼ ଭାଗ୍ୟବାନ୍ । ବାପା ତମର ଯେମିତି ଦେବତା, ମା' ବି ସେମିତି ଲକ୍ଷ୍ମୀ ସାଆନ୍ତାଣୀ ! !

ଦେବେନ୍ଦ୍ର : ହଁ, ମଉସା – ମୁଁ ଏଇନେ ମହେନ୍ଦ୍ରକୁ ଆପଣଙ୍କ ପାଖକୁ ପଠେଇବି ବୋଲି ଭାବିଥିଲି ।

ଓକିଲ : ଅଥଚ ମୁଁ ଆସି ହାଜର ହେଇଗଲି । ଦେଖିବ, ତମର ଏଇ ବୁଢ଼ା ଓକିଲ ମଉସା ବେଶିଦିନ ବଞ୍ଚିବ ।

ମହେନ୍ଦ୍ର : କଥା କ'ଣ କି, ଏଇ ଗାଁରେ ଆପଣ ଯେତେବେଳେ ବାପାଙ୍କର ସବୁଠୁ ପୁରୁଣା ବନ୍ଧୁ.... ଭାଇ, ତାଙ୍କ ସୁଖ-ଦୁଃଖର ସାଥୀ - ତେଣୁ ଆମେ ବାପାଙ୍କର ଏଇ ସମ୍ପତ୍ତି ବିଷୟରେ ଟିକେ ଆପଣଙ୍କ ସହ ପରାମର୍ଶ କରିବାକୁ ଚାହୁଁଥିଲୁ ।

ଓକିଲ : ମୁଁ ବି ତ ଆଜି ତୁମ ବାପାଙ୍କ ସମ୍ପତ୍ତି କଥା ଇ କହିବାକୁ ଆସିଚି !

ରାଜେନ୍ଦ୍ର : ସତେ ନା କ'ଣ ? ଆଚ୍ଛା, ମଉସା – ଆମ ତିନି ଭାଇଙ୍କ ଭିତରେ ଭାଗବଣ୍ଟାରେ ଆଇନଗତ ସେମିତି କିଛି ଅସୁବିଧା ହବନି ତ ? ଭାଗବଣ୍ଟାପାଇଁ ଆମ ଭିତରେ ଗୋଟିଏ ବୁଝାମଣା....ଗୋଟାଏ ରାଜିନାମା ବି ହେଇସାରିଚି ।

ଓକିଲ : ଭାଗବଣ୍ଟା ! ! କ'ଣ କହୁଛ ତମେ ? ତା' କେମିତି ଆଉ ସମ୍ଭବ ? ?

ତିନିହେଁ : କାଇଁକି ସମ୍ଭବ ନୁହଁ ?

ଓକିଲ : ବାପା ତମର ଯେ କେବେଠୁଁ ତାଙ୍କର ସ୍ୱ-ଅର୍ଜିତ ସମସ୍ତ ସମ୍ପତ୍ତିକୁ ଏକା ତୁମ ମା'ଙ୍କ ନାଁରେ ଇ ଉଇଲ୍ କରିଦେଇଯାଇଛନ୍ତି ! !



https://withteachers.in/

ତିନିହେଁ : (କିଂକର୍ତ୍ତବ୍ୟବିମୂଢ଼ ହୋଇ)

ହ୍ୱାଟ୍ ? ମାନେ, ମାନେ ମା'ଙ୍କ ନାଁରେ ସମସ୍ତ ସମ୍ପତ୍ତିର ଉଇଲ୍... ! !

ଓକିଲ : ସେଇ ଉଇଲ୍‌ନାମାଟିକୁ ଇ ତ ମୁଁ ଆଜି ମା'ଙ୍କ ହାତରେ ଦେଇ ମୋର କର୍ତ୍ତବ୍ୟ ସମ୍ପାଦନ କରିବି ବୋଲି ଆସିଥିଲି । (ଲଫାପାରେ ଆଣିଥିବା ଉଇଲ୍‌ନାମାଟିକୁ ମା'ଙ୍କୁ ବଢ଼େଇ ଦେଇଛନ୍ତି) ସତ କହିବାକୁ ଗଲେ, ବାପାଙ୍କ ଅନ୍ତେ...ପୁଅ ବା ଝିଅଙ୍କର ନୁହେଁ, ସମ୍ପତ୍ତି ଉପରେ ମା'ର ଇ ପ୍ରଥମ ଅଧିକାର !

ମା' : (ଉଇଲ୍‌ନାମାଟିକୁ ଛାତିରେ ଚାପି ହସିବାକୁ ଚେଷ୍ଟା କରି ଖୁବ୍ ଜୋରରେ କାନ୍ଦି ଉଠିଛନ୍ତି ।)


(ନେପଥ୍ୟରୁ ଶୀର୍ଷକ ଆଳାପ/ସଂଗୀତ ଗୁଞ୍ଜରି ଉଠିବା ସହ କ୍ରମଶଃ ଯବନିକା ପତନ ।)





https://withteachers.in/

## ଲେଖକ ପରିଚୟ :



କାର୍ତ୍ତିକଚନ୍ଦ୍ର ରଥ (୧୯୪୯–୨୦୧୯) ଓଡ଼ିଆ ନାଟ୍ୟ ସାହିତ୍ୟରେ ଜଣେ ସଫଳ ନାଟ୍ୟକାର। ବୃତ୍ତିରେ ସେ ଥିଲେ ଅର୍ଥନୀତିର ଅଧ୍ୟାପକ। ରେଭେନ୍ସା କଲେଜିଏଟ୍ ସ୍କୁଲରେ ପଢୁଥିବାବେଳେ ସେ ତାଙ୍କର ପ୍ରଥମ ନାଟକ 'ଏଇ ଦେଶ ଏଇ ମାଟି' ରଚନା କରି ରାଜ୍ୟସ୍ତରୀୟ ଶିଶୁନାଟକ ସମାରୋହରେ ପ୍ରଥମ ପୁରସ୍କାର ଲାଭ କରିଥିଲେ। ଶ୍ରୀଯୁକ୍ତ ରଥ ଏକାଧାରରେ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ ନାଟ୍ୟ ସଂଗଠକ ଭାବରେ କୃତିତ୍ୱ ଅର୍ଜନ କରିଛନ୍ତି। 'ଜୀବନ ଯଜ୍ଞ', 'ଅନ୍ୟ ଆକାଶ', 'ମୁଁ ଦୁହେଁ', 'ତୃତୀୟ ପୃଥିବୀ', 'ବହ୍ନିମାନ', 'ଈଶ୍ୱର ଜଣେ ଯୁବକ', 'ସ୍ୱୟଂବର' ଓ 'ମାଂସର ଫୁଲ' ପ୍ରଭୃତି ନାଟକ ତାଙ୍କର ଉଲ୍ଲେଖଯୋଗ୍ୟ କୃତି। ୧୯୮୫ ମସିହାରେ 'ନିଃସଙ୍ଗ ବିସର୍ଗ' ନାଟକପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯାଇଥିଲା।

ପଠିତ 'ଆହୁତି' ଏକାଙ୍କିକାରେ ପୁତ୍ରକନ୍ୟାମାନଙ୍କର ସ୍ୱାର୍ଥପରତା ଓ ବସ୍ତୁବାଦୀ ଚିନ୍ତାଧାରା ପ୍ରତିଫଳିତ ହୋଇଛି।

## ପାଠ୍ୟ ଅନ୍ତର୍ଗତ

### ମୋ ବୁଝିବାରେ

ଆସ, ଏକାଙ୍କିକାକୁ ଭଲ ଭାବରେ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା।

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଳରେ ତାରା (★) ଚିହ୍ନ ଦେବା।

(୧) (କ) ସମ୍ପତ୍ତି ଭାଗବଣ୍ଟା କଥା କିଏ ପ୍ରଥମେ ଉଠାଇଥିଲେ ?

(କ) ରାଜେନ୍ଦ୍ର (ଖ) ଚଞ୍ଚଳା

(ଗ) ଦେବେନ୍ଦ୍ର (ଘ) ମହେନ୍ଦ୍ର

(ଖ) "ଏଇଟା ଇ ବୋଧେ ମୋ ଭାଗ୍ୟର ଭାଗଶେଷ" – ଏହା କିଏ କହିଥିଲେ ?

(କ) କୁନି (ଖ) ମହେନ୍ଦ୍ର

(ଗ) ମା' (ଗ) ଦେବେନ୍ଦ୍ର

(ଗ) କେଉଁ ଚରିତ୍ର ନିଜ କଥା ଆରମ୍ଭରୁ ସବୁବେଳେ 'ମାଇଲା' କହିଥାନ୍ତି ?

(କ) ଦେବେନ୍ଦ୍ର (ଖ) ଚଞ୍ଚଳା

(ଗ) ମହେନ୍ଦ୍ର (ଘ) ମା'

(ଘ) ଗାଁମାନଙ୍କରେ କେମିତି ଡକେଇତି ହେଉଛି ବୋଲି ରାଜେନ୍ଦ୍ର କହିଛନ୍ତି ?

(କ) ଲୋକମାନଙ୍କୁ ଭୟ ଦେଖାଇ (ଖ) ଲୋକମାନଙ୍କ ଘରଦ୍ୱାରା ଭାଙ୍ଗି

(ଗ) ଲୋକମାନଙ୍କୁ ମାଡ଼ ମାରି (ଘ) ବୋମା ଫୁଟାଇ



https://withteachers.in/

(ଙ) 'ଚକେ ଗଡ଼ିଲେ ବାରହାତ !' – ଚଞ୍ଚଳା ଏହାକୁ କେଉଁ ପ୍ରସଙ୍ଗରେ କହିଛନ୍ତି ?

(କ) ଘରବାଡ଼ି ବଣ୍ଟା

(ଖ) ନିଜ ଝିଅ ବିବାହ

(ଗ) ଓକିଲଙ୍କ ଉଇଲ୍‌ନାମା

(ଘ) ନିଜର ସୁବିଧାବାଦୀ

(ଚ) 'କାଲି ରାତିରେ ଷ୍ଟୁଡ଼ିଓରୁ ମୁଁ ନେଇ ଆସିଚି ।' – ଉକ୍ତ ସଂଳାପରେ ରାଜେନ୍ଦ୍ର କ'ଣ ଆଣିଛନ୍ତି ବୋଲି କହିଲେ ?

(କ) ଋନ୍ଦୁଆ (ଖ) ଫଟୋ

(ଗ) ବାଲ୍‌ଟି (ଘ) ହଣ୍ଡା

(ଛ) 'ଆରେ ବାବୁ, ବାପା ତମର ଏତେ ସବୁ ଅରଜି ଥିଲେ, କାହା ପାଇଁ ?' – ଏଠାରେ ବାପା କ'ଣ ଅର୍ଜନ କରିଛନ୍ତି ବୋଲି କୁହାଯାଇଛି ?

(କ) ସୁନା (ଖ) ରୂପା

(ଗ) ସମ୍ପତ୍ତି (ଘ) ହୀରା

(ଜ) 'ବାକି ରହିଲା ଜମି .... ସେତକ ମୋ' ଭାଗରେ ।' – ଏ କଥା କିଏ କହିଛନ୍ତି ?

(କ) ଦେବେନ୍ଦ୍ର (ଖ) ରାଜେନ୍ଦ୍ର

(ଗ) ଗଜେନ୍ଦ୍ର (ଘ) ମହେନ୍ଦ୍ର

(ଝ) 'କ'ଣ ସବୁ ମୋ ପାଇଁ ଠିକ୍ କରିଚ, ଶୁଣେ ?' – କିଏ ଏକଥା କହିଛନ୍ତି ?

(କ) କୁନି (ଖ) ମାଆ

(ଗ) ଚଞ୍ଚଳା (ଘ) ଓକିଲ

(ଞ) 'ଦଶାହ ନ ସରୁଣୁ ଦଶଥର ବେହୋସ ହେଲାଣି ସେ !' –ଏଠାରେ କିଏ ବେହୋସ ହୋଇଥିଲେ ?


(କ) ଚଞ୍ଚଳା (ଖ) ଦେବେନ୍ଦ୍ର

(ଗ) ମା' (ଘ) ରାଜେନ୍ଦ୍ର



## ତୁମ ପାଇଁ କାମ

ତୁମର ସାଙ୍ଗସାଥୀମାନେ ଭିନ୍ନଭିନ୍ନ ଉତ୍ତର ବାଛିଥାଇ ପାରନ୍ତି । ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ, ସେହି ବିଷୟରେ ସାଙ୍ଗମାନଙ୍କ ସହ ଆଲୋଚନା କର ।





https://withteachers.in/



## ବାକ୍ୟ ଉପରେ ଚର୍ଚ୍ଚା

ପାଠ୍ୟରୁ ଚୟନ କରାଯାଇ କିଛି ଧାଡ଼ି ତଳେ ଦିଆଯାଇଛି । ସେଗୁଡ଼ିକୁ ଭଲ ଭାବରେ ପଢ଼ ଏବଂ ତାହାର ଅର୍ଥ ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।

- "ହଁ, ଭାଇ, ଚାକିରିରୁ ରିଟାୟାର୍ଡ଼ କରି ଗାଁକୁ ଫେରିବା ପରେ ଏଇ ବୈଠକଖାନା ଇ ତ ଥିଲା ବାପାଙ୍କର ସବୁଠୁ ବଡ଼ ତୀର୍ଥ ।"
- "ବାପା ଗଲା ଦିନଠୁ ମା'ର ଅବସ୍ଥା ତ ଦେଖୁଛ ! ପାଞ୍ଚଦିନ ହୋଇଗଲା, ପାଣି ଟୋପାଏ ବି ମୁହଁରେ ଦଉନି ।"
- "ଯଦି ଏଇଟା ସମ୍ଭବ ହୁଅନ୍ତା ନା, ତା'ହେଲେ ତ ସବୁଠୁ ବେଶୀ ଖୁସି ମୁଁ ହୁଅନ୍ତି ।"
- "ବାପା ତମର ଯେ କେବେଠୁଁ ତାଙ୍କର ସ୍ୱ-ଅର୍ଜିତ ସମସ୍ତ ସମ୍ପତ୍ତିକୁ ଏକା ତୁମ ମା'ଙ୍କ ନାଁରେ ଇ ଉଇଲ କରି ଦେଇଯାଇଛନ୍ତି ।"



## ମିଳିମିଶି ଯୋଡ଼ିବା

'କ' ସ୍ତମ୍ଭରେ କିଛି ବାକ୍ୟାଂଶ ଦିଆଯାଇଛି ଏବଂ 'ଖ' ସ୍ତମ୍ଭରେ ଏହାର ଅନ୍ୟ କିଛି ବାକ୍ୟାଂଶ ଦିଆଯାଇଛି । 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଠିକ୍ ବାକ୍ୟାଂଶ ସହ ମେଳ କରି ଗାରଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ବାପାଙ୍କ ଫଟୋ ବୈଠକଖାନାର କାନ୍ଥରେ ଟଙ୍ଗା ହୋଇଥାଉ । | ୧. ସବୁକଥା ଠ ଠା ଠି ହେଇ ଛିଡ଼ିଯିବ । |
| ୨. ମାଇଲା ! ତା'ମାନେ ତ ଜମାରୁ ଅସୁବିଧା ନାଇଁ | ୨. ମା'ର ଗହଣାତକ ଯାହା ନେବି । |
| ୩. ମୋର ପ୍ରସ୍ତାବ ହେଉଛି– | ୩. ମୋର ବାକି ଜୀବନ କେମିତି କଟିବ ? |
| ୪. ମୋର ବେଶି କିଛି ଦରକାର ନାହିଁ । | ୪. ଏଇ ପୁରୁଣା ଖାନଦାନୀ ଘରଖଣ୍ଡକ ଖଞ୍ଜା ସହିତ ତୁ ନବୁ । |
| ୫. କ'ଣ ସବୁ ମୋ ପାଇଁ ଠିକ୍ କରିଚ ? | ୫. ଏହା ବାପାଙ୍କ ସବୁଠାରୁ ବଡ଼ ତୀର୍ଥ ଥିଲା |





https://withteachers.in/



## ବୁଝି ବିଚାରି ଲେଖ

ତୁମେ ଏକାଙ୍କିକାକୁ ଆଉଥରେ ପଢ଼, ବୁଝ ଓ ଲେଖ ।

(କ) ଚଞ୍ଚଳା ଝିଅ ବାହାଘର ପାଇଁ କାହିଁକି ବ୍ୟସ୍ତ ହେଉଥିଲେ ?

(ଖ) ଦେବେନ୍ଦ୍ରଙ୍କୁ ରାଜେନ୍ଦ୍ର ଟଙ୍କା କାହିଁକି ମାଗିଲେ ?

(ଗ) ଚଞ୍ଚଳାଙ୍କ କଥାରେ ଦେବେନ୍ଦ୍ର କାହିଁକି ଚମକି ପଡ଼ିଲେ ?

(ଘ) ମା'ଙ୍କୁ କେଉଁକଥା ବୁଝାଇ ହେବ ନାହିଁ ବୋଲି ଦେବେନ୍ଦ୍ର କହିଥିଲେ ?



## ଅନୁମାନ ଓ କଳ୍ପନା

ତୁମେ ମିଳିମିଶି ଦଳଗତ ଆଲୋଚନା କରି ଲେଖ ।

(କ) 'ବାପା ଗଲା ଦିନଠାରୁ ମା'ର ଅବସ୍ଥା ତ ଦେଖୁଚ ! ପାଞ୍ଚଦିନ ହେଇଗଲା, ପାଣି ଟୋପେ ବି ମୁହଁରେ ଦଉନି ।' ଦେବେନ୍ଦ୍ରଙ୍କ ମାଆ ମୁହଁରେ ପାଣି ନ ଦେବାର କାରଣ କ'ଣ ହୋଇପାରେ ?

(ଖ) 'ମୁଁ କହିଲି କହିବ କ'ଣ ନା କହୁଚି ବୋଲି । ମୁଁ ଏକେଲା ଏଠି ଦଶ ଦିନ ଦଶରାତି ଧରି ସାରା ବଉଁଶଟାକୁ ରାନ୍ଧି ଖାଇବାକୁ ଦେଇଦେଇ ଥେଇଆ ହେଇଯିବି ?' ଏପରି ସ୍ଥଳରେ ତୁମେ ଚଞ୍ଚଳା ସ୍ଥାନରେ ଥିଲେ କ'ଣ କରିଥାନ୍ତ ?

(ଗ) 'ବୁଝିଲ ଭାଇ, ସେଇ ଦୁଇ ପ୍ରାଣୀ ବୋଲି ଇ ତ ସବୁଠୁ ବେଶୀ ସମସ୍ୟା !' ତୁମେ ରାଜେନ୍ଦ୍ର ଚରିତ୍ରରେ ଥିଲେ କ'ଣ କରିଥାନ୍ତ ?

(ଘ) 'ଏକାଙ୍କିକାରୁ ଚରିତ୍ରମାନଙ୍କର ମାନସିକତା ଉପରେ ବିଚାର କରିବା । ଧନସମ୍ପତ୍ତି ଓ ମାଆକୁ ନେଇ କିଏ କିପରି ମନୋଭାବ ପୋଷଣ କରିଛନ୍ତି, ଲେଖ ।' ତୁମ ପାଇଁ ଗୋଟିଏ ନମୁନା ନିମ୍ନରେ ଦିଆଯାଇଛି ।

ଉଦାହରଣ :

| ଚରିତ୍ରଙ୍କ ନାମ | ବସ୍ତୁବାଦୀ ଚିନ୍ତାଧାରା | ସ୍ୱାର୍ଥପର ମନୋଭାବ |
|---|---|---|
| ଦେବେନ୍ଦ୍ର | ବାକି ରହିଲା ଜମି | ସେତକ ମୋ ଭାଗରେ |
| ମହେନ୍ଦ୍ର – | | |
| ରାଜେନ୍ଦ୍ର – | | |
| ଚଞ୍ଚଳା – | | |
| କୁନି – | | |





https://withteachers.in/



# ଏକାଙ୍କିକା ରଚନା

ଏହି ଏକାଙ୍କିକାର ଆରମ୍ଭରେ ସ୍ୱର୍ଗତ ଗଜେନ୍ଦ୍ରନାଥଙ୍କ ପରିବାର ବିଷୟରେ କୁହାଯାଇଛି । ଯେପରି–

- 'ମଞ୍ଚ ଆଲୋକିତ ହେବା ମାତ୍ରେ ଦେଖାଯାଇଛି – ସମୟ ସକାଳ। କୌଣସି ଗୋଟିଏ ଘରର ବୈଠକଖାନାର ପରିବେଶ ।'
- ଦେବେନ୍ଦ୍ର : (ତଳକୁ ଓହ୍ଲାଇ) ବାସ... ଏଥର ହେଲା । ବାପାଙ୍କ ଫଟୋଟା ବୈଠକଖାନା ଏଇ କାନ୍ଥରେ ଏମିତ ଟଙ୍ଗା ହୋଇଥାଉ, ବେଶ୍ ମାନିବ । ନାଁ କ'ଣ କହୁଚୁ ରାଜୁ ?
- ରାଜେନ୍ଦ୍ର : ହଁ, ଭାଇ, ଚାକିରିରୁ ରିଟାୟାର୍ଡ଼ କରି ଗାଁକୁ ଫେରିବା ପରେ ଏଇ ବୈଠକଖାନା ଇ ତ ଥିଲା ବାପାଙ୍କର ସବୁଠୁ ବଡ଼ ତୀର୍ଥ । ତାଙ୍କର ଶେଷ ଜୀବନଟା ଏଇ ଚାରିକାନ୍ଥ ଭିତରେ ଇ ତ କଟିଛି ।

ଏକାଙ୍କିକାର ଉପରିଲିଖିତ ଧାଡ଼ିଗୁଡ଼ିକୁ ଭଲଭାବେ ପଢ଼ । ସେଗୁଡ଼ିକୁ ପଢ଼ିବା ପରେ, ଏହା ସ୍ପଷ୍ଟ ଯେ ପ୍ରଥମ ଧାଡ଼ିରେ ସମୟ ଏବଂ ସ୍ଥାନ ବିଷୟ କହୁଛି । ଏହାକୁ ମଞ୍ଚ ନିର୍ଦ୍ଦେଶନା କୁହାଯାଏ । ଅନ୍ୟ ଧାଡ଼ିଗୁଡ଼ିକରୁ ଏହା ସ୍ପଷ୍ଟ ଯେ ଦୁଇ ଜଣ ବ୍ୟକ୍ତି ଉକ୍ତ ସଂଳାପ କହୁଛନ୍ତି । ଏହା ପଠିତ ଏକାଙ୍କିକାର ଏକ ଅଂଶ ।

ଏକାଙ୍କିକା ହେଉଛି ଏକ ଅଂକ ବିଶିଷ୍ଟ କ୍ଷୁଦ୍ର ନାଟକ । ଏହା ସ୍ୱଳ୍ପ ଚରିତ୍ର, ଗୋଟିଏ ସମସ୍ୟା ଆଧାରିତ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସୀମିତ ଓ ଅଭିନିତ ହୋଇଥାଏ ।

ଏହି ଏକାଙ୍କିକାରେ ତୁମେ ଏପରି ଅନେକ ବୈଶିଷ୍ଟ୍ୟ ପାଇବ । (ଉଦାହରଣ ସ୍ୱରୂପ– ଚରିତ୍ର, ସଂଳାପ, ମଞ୍ଚ, ଅଭିନୟ ଇତ୍ୟାଦି)


(କ) ଏହି ଏକାଙ୍କିକାର ବୈଶିଷ୍ଟ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରି ଲେଖ ।

(ଖ) ତଳେ କିଛି ବାକ୍ୟ ଦିଆଯାଇଛି । ଏକାଙ୍କିକା ବିଷୟରେ ଯେଉଁ ବାକ୍ୟଗୁଡ଼ିକ ଠିକ୍ ବୋଲି ଭାବୁଛ, ତା' ପାଖରେ 'ହଁ' ଲେଖ ଏବଂ ଯେଉଁ ବାକ୍ୟ ଠିକ୍ ମନେ ହେଉନାହିଁ, ତା'ପାଖରେ 'ନା' ଲେଖ ।

| କ୍ର.ନଂ | ବାକ୍ୟ | ହଁ / ନା |
|---|---|---|
| ୧. | ଏକାଙ୍କିକ 'ଆହୁତି'ରେ ସମ୍ପୂର୍ଣ୍ଣ କାହାଣୀଟି ଗୋଟିଏ ଗାଁର ମଧ୍ୟବିତ୍ତ ଘରର ବୈଠକଖାନାରେ ମଞ୍ଚସ୍ଥ ହୋଇଛି । | |
| ୨. | ଏକାଙ୍କିକା ଓ କାହାଣୀ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । | |
| ୩. | ଏକାଙ୍କିକାରେ ଏକ ରାଜନୈତିକ କାହାଣୀ ଲୁଚି ରହିଛି । | |
| ୪. | ଏକାଙ୍କିକାରେ ଚରିତ୍ରମାନଙ୍କ ସଂଖ୍ୟା ଅଧିକ ଥାଏ । | |
| ୫. | ଏକାଙ୍କିକାର ଘଟଣାଗୁଡ଼ିକ ବିଭିନ୍ନ ବର୍ଷର ବିଭିନ୍ନ ଦିନରେ ଘଟୁଛି । | |
| ୬. | ଏକାଙ୍କିକାରେ କାହାଣୀ ମୁଖ୍ୟତଃ ଚରିତ୍ର ଓ ସଂଳାପ ମାଧ୍ୟମରେ ଆଗକୁ ବଢ଼ିଥାଏ । | |
| ୭. | ଚଞ୍ଚଳାଙ୍କ ଝିଅମାନେ ସୁନ୍ଦର ଥିଲେ । | |



https://withteachers.in/



## ଅଭିନୟର ସମୟ

(କ) ତୁମେମାନେ କେବେ ମଞ୍ଚରେ ଏକାଙ୍କିକା କିମ୍ୱା ନାଟକ ଦେଖିଛ କି ? ତୁମେମାନେ ଟିଭିରେ ଚଳଚ୍ଚିତ୍ର ଏବଂ ଧାରାବାହିକ ଦେଖିଥିବ । ଯଦି ତୁମକୁ ତୁମ ସ୍କୁଲରେ ଏକାଙ୍କିକା 'ଆହୁତି' ମଞ୍ଚସ୍ଥ କରିବାକୁ ପଡ଼େ, ତେବେ ତୁମେ କ'ଣ କରିପାରିବ ? (ବିଶେଷ ଦ୍ରଷ୍ଟବ୍ୟ– ଏହି ଏକାଙ୍କିକାକୁ ଅଧିକ ଆର୍ଷଣୀୟ କରିବା ପାଇଁ ତୁମେ ଏଥିରେ କ'ଣ ଯୋଡ଼ିବ, କେଉଁ ଚରିତ୍ରଗୁଡ଼ିକୁ ଯୋଡ଼ିବ ଏବଂ ଚରିତ୍ରମାନଙ୍କର ସଂଳାପ କ'ଣ ହେବ, ସାଙ୍ଗମାନଙ୍କ ସହିତ ଆଲୋଚନା କର ।)






### ପରାମର୍ଶ

- ଏହି ଏକାଙ୍କିକାକୁ ଅଭିନୟ କରିବା ସମୟରେ ତୁମେ କିଛି ପରିବର୍ତ୍ତନ କରିବାକୁ ଚାହୁଁଛ କି ?
- ଏକାଙ୍କିକା ପାଇଁ ପାଖରେ ଥିବା ଜିନିଷଗୁଡ଼ିକ, ଯେପରିକି ଚେୟାର, ଟେବୁଲ ଇତ୍ୟାଦି ବ୍ୟବହାର କରିପାରିବ ।
- ଯଦି ସ୍ଥାନର ଅଭାବ ଥାଏ, ତେବେ କଳାକାରମାନେ ନିଜ ନିଜ ସ୍ଥାନରେ ଠିଆ ହୋଇ ସଂଳାପ କହିପାରିବେ ।
- ଯଦି ତୁମେ ଚାହିଁବ, ତେବେ ତୁମେ ତୁମର ଶିକ୍ଷକଙ୍କ ସାହାଯ୍ୟରେ ତୁମର ପ୍ରଦର୍ଶନକୁ ରେକର୍ଡ଼ କରିପାରିବ ଏବଂ ଏହାକୁ ତୁମ ପରିବାର କିମ୍ୱା ସମ୍ପର୍କୀୟଙ୍କୁ ପଠାଇ ପାରିବ ।



https://withteachers.in/



## ଭାଷା ବିଚାର

'ଆଜି ହାତରୁ ମୁଁ ଶଙ୍ଖା କାଢ଼ିଛି ।'

'ମଥାରୁ ମୋର ସିନ୍ଦୁର ଲିଭିଚି ।'

'କ'ଣ ସବୁ ମୋ' ପାଇଁ ଠିକ୍ କରିଚ ?'

ଉପରୋକ୍ତ ବାକ୍ୟଗୁଡ଼ିକରେ ରେଖାଙ୍କିତ ଶବ୍ଦଗୁଡ଼ିକ ଅସହାୟ ଓ ନିରାଶାର ଭାବ ପ୍ରକାଶ କରୁଛି ।

ଏକାଙ୍କିକାରେ ଏହିପରି ଅନେକ ପ୍ରସଙ୍ଗ ରହିଛି, ଯେଉଁଠାରେ ଶବ୍ଦ ମାଧ୍ୟମରେ ବିଶେଷ ଭାବ ସୃଷ୍ଟି କରୁଛି । ପଠିତ ଏକାଙ୍କିକାରୁ ଏହିପରି ବ୍ୟବହାର ହୋଇଥିବା ଘଟଣା ସୂଚକ ବାକ୍ୟଗୁଡ଼ିକ ଲେଖ ।



## ରୂଢ଼ି ପ୍ରୟୋଗ

'ବୁଝିଲ, ମହେନ୍ଦ୍ର – ଚକେ ଗଡ଼ିଲେ ବାରହାତ ।'

'ମୁଁ ଯେ ରାତିସାରା ଉଜାଗର, ଦେଖିଲା ବେଳକୁ କ'ଣ ନା ମୁଗୁରା ମେଲା ?'

ଉପରିଲିଖିତ ବାକ୍ୟଗୁଡ଼ିକରେ 'ଚକେ ଗଡ଼ିଲେ ବାରହାତ', 'ରାତିସାରା ଉଜାଗର' ଏବଂ 'ମୁଗୁରା ମେଲା' ରେଖାଙ୍କିତ ହୋଇଥିବା ରୂଢ଼ିଗୁଡ଼ିକ ବ୍ୟବହୃତ ହୋଇଛି । ଏଗୁଡ଼ିକ ବାକ୍ୟରେ ଏକ ବିଶେଷ ପ୍ରଭାବ ସୃଷ୍ଟି କରୁଛି । ଏକାଙ୍କିକାରେ ବ୍ୟବହୃତ ଅନ୍ୟ ରୂଢ଼ିଗୁଡ଼ିକ ଚିହ୍ନି ଲେଖ ଏବଂ ସେଗୁଡ଼ିକର ଅର୍ଥ ବୁଝିବା ପରେ ବାକ୍ୟରେ ବ୍ୟବହାର କରି ଲେଖ ।



## କଥା ଉପରେ ଗୁରୁତ୍ୱ ଦିଅ

'ହଁ, ତୋଟା ଆଉ ପୋଖରୀରୁ ଗୋଟିଏ ବୋଲି ଧରିଲେ ପ୍ରାୟ ସମାନ ହେବ ।'

ଉପର ବାକ୍ୟରେ 'ହଁ' ଉଠାଇଦେଇ ପଢ଼ ।

'ତୋଟା ଆଉ ପୋଖରୀକୁ ଗୋଟିଏ ବୋଲି ଧରିଲେ ପ୍ରାୟ ସମାନ ହେବ ।'

(କ) ବାକ୍ୟରେ 'ହଁ' ବ୍ୟବହାର ଦ୍ୱାରା କାହା ଉପରେ ଗୁରୁତ୍ୱ ଦିଆଗଲା ଏବଂ 'ହଁ', ଉଠାଇଦେବା ଦ୍ୱାରା କ'ଣ ହେଉଛି ? ଦୁଇଟି ବାକ୍ୟକୁ ପଢ଼ି ଦଳଗତ ଆଲୋଚନା କରି ଲେଖ ।

(ଖ) ନିମ୍ନଲିଖିତ ବାକ୍ୟଗୁଡ଼ିକରେ 'ହଁ' ବ୍ୟବହାର କର, ଯେପରି ବାକ୍ୟର ଅର୍ଥ ପରିବର୍ତ୍ତନ ହେବନାହିଁ ।

୧. ତା' ତ ଠିକ୍ କଥା ।

୨. ଭାଉଜ – ବହୁ ଦିନରୁ ଚିନ୍ତା କରିଚି ।

୩. ତୁ ସେଇଆ କର ।





https://withteachers.in/

# ପାଠ୍ୟ ବହିର୍ଭୂତ



## ତୁମ କଥା

(କ) ଓକିଲ : ଭାଗବଣ୍ଟା ! କ'ଣ କହୁଛ ତୁମେ ? ତା' କେମିତି ଆଉ ସମ୍ଭବ ?

ତିନିହେଁ : କାଇଁକି ସମ୍ଭବ ନୁହେଁ ?

ଉପରିଲିଖିତ ସଂଳାପ ଦର୍ଶାଇଛି ଯେ, ତିନି ଭାଇ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି । ଏହି ଦ୍ୱନ୍ଦ୍ୱକୁ ସମାଧାନ କରିବା ପାଇଁ ଶିକ୍ଷକ, ଅଭିଭାବକଙ୍କ ସହ ଆଲୋଚନା କର ।

(ଖ) ଏହି ଏକାଙ୍କିକାରେ ଦେବେନ୍ଦ୍ର, ମହେନ୍ଦ୍ର ଓ ରାଜେନ୍ଦ୍ର ତିନି ଭାଇ ଥିଲେ । ସେମାନଙ୍କ ଭିତରେ ଉତ୍ତମ ବୁଝାମଣା ଥିଲା । ଏହି ତିନି ଭାଇଙ୍କ ଭିତରୁ କିଏ ଅଧିକ ଭଲ ଓ କାହିଁକି ?

(ଗ) ତୁମର କୌଣସି ଭାଇ କିମ୍ବା ସାଙ୍ଗ ଘରକୁ ଆସିଲେ କ'ଣ କର ?

(ଘ) ତୁମେ ତୁମର ପଡ଼ୋଶୀମାନଙ୍କୁ ସାହାଯ୍ୟ କରିଛ କି ? କିପରି କରିଛ ଲେଖ ?

(ଙ) ଦେବେନ୍ଦ୍ରବାବୁଙ୍କ ପରିବାରରେ ସମସ୍ତଙ୍କ ବ୍ୟବହାର କିପରି ଥିଲା ? ଆଉ କିପରି ହେବା କଥା କୁହ ଏବଂ ଲେଖ ?



## ସାବଧାନ ଓ ସୁରକ୍ଷା


(କ) ସ୍ୱର୍ଗତ ପିତା ଗଜେନ୍ଦ୍ରନାଥ ଚାଲିଗଲା ପରେ ପୁତ୍ରମାନେ କେହି ମା'କୁ ରଖିବାକୁ ରାଜି ହୋଇ ନାହାନ୍ତି । ତୁମେ ତାଙ୍କ ପୁଅ/ଝିଅ ହୋଇଥିଲେ କ'ଣ କରିଥାନ୍ତ ?

(ଖ) ଯଦି ତୁମ ଘରକୁ ତୁମର ବାପା-ମାଆ ନଥିବାବେଳେ କେହି ଆସନ୍ତି, ତା'ହେଲେ ତୁମେ ତାଙ୍କ ପ୍ରତି କିପରି ବ୍ୟବହାର କରିବ ?



## ସର୍ଜନ କଳା / ସର୍ଜନଶୀଳତା

(କ) ତୁମେ ଏହି ଏକାଙ୍କିକା ପଢ଼ିଲ । ପଠିତ ଏକାଙ୍କିକାରେ ଏକ କାହାଣୀ ରହିଛି । ସେହି କାହାଣୀକୁ ନିଜ ଭାଷାରେ ଲେଖ ।





https://withteachers.in/



## ପାରିବାରିକ ସମସ୍ୟା

'ମୋର ବେଶି କିଛି ଦରକାର ନାହିଁ, ଭାଇ ! ମୁଁ ତ ଭାବୁଚି, ମା'ର ଗହଣାତକ ଯାହା ନେବି ।'

ପଠିତ ଏକାଙ୍କିକାରେ ସମସ୍ତେ ଜମି, ବାଡ଼ି, ତୋଟାପୋଖରୀ, ଘରଦ୍ୱାର ଓ ସୁନାରୂପା ନେବାକୁ ଚାହିଁଛନ୍ତି । କିନ୍ତୁ ମା'ଙ୍କୁ ରଖିବାକୁ କେହି ଚାହିଁନାହାନ୍ତି । ତୁମେ ସେ ସ୍ଥାନରେ ଥିଲେ କ'ଣ କରିଥାନ୍ତ ? ଦଳରେ ପାଞ୍ଚପାଞ୍ଚ ଜଣ ମିଶି ଆଲୋଚନା କର । ଗୋଟିଏ ଚାର୍ଟ୍ ପେପର ଆଣି ତୁମେମାନେ ପଠିତ ଏକାଙ୍କିକାର ମୁଖ୍ୟ ଘଟଣାଗୁଡ଼ିକୁ ଦର୍ଶାଇ ଶ୍ରେଣୀରେ ସାଙ୍ଗମାନଙ୍କୁ ଦେଖାଅ ।



## ଟେଲିଗ୍ରାମ୍ ବାର୍ତ୍ତା

'ମୋର ଚିଠି କାହିଁ ପହଞ୍ଚି ନାହିଁ ?'



କୁନିର ଭାଇ ତାଙ୍କ ଆଗମନ ବିଷୟରେ ଟେଲିଗ୍ରାମ୍ ମାଧ୍ୟମରେ ସୂଚନା ପଠାଇଥିଲେ । ଟେଲିଗ୍ରାମ୍‌ରେ ବାର୍ତ୍ତା ପଠାଇବା ଏକ ମାଧ୍ୟମ ଥିଲା । ଯାହା ମାଧ୍ୟମରେ ଶୀଘ୍ର ବାର୍ତ୍ତା ପଠାଯାଇପାରୁଥିଲା । କିନ୍ତୁ ଏହା ବର୍ତ୍ତମାନ ବ୍ୟବହାର ହେଉ ନାହିଁ ।

(କ) ଆଜିକାଲି ଚିଠି କାହା ମାଧ୍ୟମରେ ସବୁ ପଠାଯାଉଛି ?

(ଖ) ତୁମର ପ୍ରିୟ ସାଙ୍ଗପାଖକୁ ଚିଠି ଲେଖି ଭାରତୀୟ ଡାକ ଦ୍ୱାରା ପଠାଅ ।

(ଗ) ଇ-ମେଲ ଓ ହ୍ୱାଟସ୍ ଅପ୍ କୁ ଆମେ କେଉଁ କାର୍ଯ୍ୟରେ ବିନିଯୋଗ କରିଥାଉ ଲେଖ ।



## ମାପ, ଓଜନ ଓ ମୁଦ୍ରା



'ରାଜେନ୍ଦ୍ର ଏକ କିଲୋଗ୍ରାମ୍ ଚାଉଳକୁ ସାଢ଼େ ନଅଟଙ୍କାରେ ବିକ୍ରି କଲେ ।'

ଉପରିଲିଖିତ ଧାଡ଼ିରେ ରେଖାଙ୍କିତ ହୋଇଥିବା ଶବ୍ଦମାନଙ୍କ ପ୍ରତି ଧ୍ୟାନ ଦିଅ ।

'ସାଢ଼େ ନଅ ଟଙ୍କା' ରେଖାଙ୍କିତ ହୋଇଥିବା ଶବ୍ଦର ଅର୍ଥ ନଅଟଙ୍କା ପଚାଶ ପଇସା (୯.୫୦)କୁ ବୁଝାଏ । ସେହିପରି–

(କ) ପାଞ୍ଚଟି ଏକ ଟଙ୍କିଆ ମୁଦ୍ରା ମିଶି କେତେ ଟଙ୍କା ହେବ ?



https://withteachers.in/

(ଖ) ଏକ କିଲୋମିଟର କେତେ ମିଟର ହୋଇଥାଏ ?

(ଗ) ଏକ ଭରି ସୁନା କେତେ ଗ୍ରାମ ହୋଇଥାଏ ?

(ଘ) ଏକ ଡେସିମିଲ ଜାଗା କେତେ ବର୍ଗଫୁଟ ହୋଇଥାଏ ?





## ବୁଝିବା ଓ ବୁଝାଇବା

ଭାରତୀୟ ପରମ୍ପରାରେ ମାତୃଦେବ ଭବ ଓ ପିତୃଦେବ ଭବ କଥା କୁହାଯାଇଛି । ତୁମେ ତୁମର ବାପା-ମାଆଙ୍କୁ ସକାଳୁ ରାତ୍ର ପର୍ଯ୍ୟନ୍ତ କିପରି କଥାବାର୍ତ୍ତା ଓ ବ୍ୟବହାର କରୁଛ । ସାଙ୍ଗମାନଙ୍କ ସହ ଆଲୋଚନା କର ।



## ଅନୁସନ୍ଧାନ କରିବା

(କ) ପଠିତ ଏକାଙ୍କିକାରେ ସମ୍ପତ୍ତି, ଜମି, ତୋଟା, ପୋଖରୀ ଓ ଉଇଲି ପ୍ରଭୃତି ଶବ୍ଦ ରହିଛି । ଏହି ଶବ୍ଦଗୁଡ଼ିକ ବିଷୟରେ ଅଧିକ ଜାଣିବା ପାଇଁ ତୁମେମାନେ ଶିକ୍ଷକ, ପାଠାଗାର ଓ ଇଣ୍ଟରନେଟ୍‌ର ସହାୟତା ନେଇପାରିବ ।



(ଖ) 'ମାଆଟି ମୋର କେଡ଼େ ନିଜର
ତା' ପରି କେହି ନାହିଁ ।
କୋଳଟି ତା'ର ସରଗ ମୋର
ତା' ସରି କେହି ନାହିଁ ।"

ଉପରୋକ୍ତ ପଦରୁ ମାଆର ମମତାକୁ ବୁଝି ନିଜ ଭାଷାରେ ଲେଖ ।





https://withteachers.in/

ପଠନ ନିମନ୍ତେ



# ମୋ' ବୋଉ



ଲୁହଟୋପେ ମୋର ଝରିଲେ ଆଖିରୁ
ଯା' ଆଖିରୁ ଛୁଟେ ଲୁହର ନଈ,
ବୁନ୍ଦେ ମାତ୍ର ଝାଳ ଖସିଲେ କପାଳୁ
ତା' ଛାତିର କୋହ ହୁଏନି କହି।
ପଣତ କାନିରେ ଝାଡିଦେଲେ ମୋତେ
ସବୁ ଦୁଃଖ କଷ୍ଟ ଯାଏଟି ତୁଟି,
ତାର ଆହାପଦ ସାହାହୁଏ ମୋତେ
ଚାଲୁଚାଲୁ ଯଦି ପଡେ ମୁଁ ଝୁଣ୍ଟି।
ନହକା ନହକା ଗୋଡ଼ରେ ତାହାର
ଲତାପରି ଶିରା ଲଟେଇ ଥାଏ,
ସାଉଣ୍ଟିବା ପାଇଁ ଅଣ୍ଟିଏ ଆହାର
ନିତି ସେ କରମ ଗୀତିଟି ଗାଏ।



ମୋ ପାଟିରେ ଦେଇ ମୁଠିକ ଆହାର
ଗୀତ ବୋଲିବୋଲି ଶୁଆଏ ମୋତେ,
ନିଜ ଭୋକ ଚପି ଆପଣା ପେଟରେ
କହେସେ ବଳୁଆ କରିବି ତୋତେ।
ଦେହ ଦୁଃଖ ବେଳେ ସାଉଁଳୁଥାଏ ସେ
ରୋଗ ଭୟକରେ ଦେଖିତା ସେବା,
ମାଆ ସେବା ସତେ ଅମୃତ ସମାନ
ସଂସାର ଭିତରେ ନଜାଣେ କେବା!



https://withteachers.in/





ବୋଉକୋଳ ମୋତେ        କରିଦିଏ ଭୋଳ
ଶୋଇଗଲେ ନିଦ ଆସଇ ମାଡ଼ି,
ରାଇଜ ଯାକର        ଯେତେ ଡରଭୟ
ରହୁଁରହୁଁ ସବୁ ଯାଆନ୍ତି ଛାଡ଼ି ।
ଅଝଟ ହୋଇ ମୁଁ        ନଟଖଟ କଲେ
ହସଖେଳୁଥାଏ ମୁହଁରେ ତା'ର
ସୁନାପିଲା ହୋଇ        ଭାବୁଥାଏ ମୁଇଁ
ବୋଉର ସିନିହ ସଂସାରେ ସାର ।
ସରଗର ଚାନ୍ଦ        ତୋଳି ଆଣିବାକୁ
ବଳେଇ ବଳେଇ କହିଲେ ମୁଇଁ,
କହେ ବଡ଼ହେଲେ        ଭଲପାଠ ପଢ଼ି
ରକେଟ୍‌ରେ ଯିବୁ ଚନ୍ଦ୍ରମା ଭୂଇଁ ।
କୋଳେଇ କାଖେଇ        ଦିଏ ସେ ମନେଇଁ
ଖୁସିରେ ମୋ ମୁହଁ ଉଠଇ ଝଳି,
ଦୁନିଆଁଟା ସାରା        ଖୋଜି ବୁଲିଲେବି
କହ କିଏ ଅଛି ତାଆରି ଭଳି !
କୋଟିନିଧି ଠାରୁ        ବୋଉପଦବଡ଼
ସ୍ନେହ ମମତାର ନିଆରା ଛବି,
ସେଇ ସ୍ନେହ ମୋତେ        ଦେଖାଉଛି ପଥ
ଦୁନିଆଁରେ ଭଲ ମଣିଷ ହେବି ।

★★★

(ସଂପାଦନାମଣ୍ଡଳୀ)



https://withteachers.in/

# ୯ ମାତୃଭୂମି


ସ୍ୱଭାବ କବି ଗଙ୍ଗାଧର ମେହେର

ଯେ କାଳେ ବାଳକ ବୁଲି ଯାଇପାରେ
ପଡ଼ୋଶୀମାନଙ୍କ ଘର,
ସେ କାଳେ ଜାଣଇ ଅନ୍ୟ ଘରସବୁ
ତା' ସଙ୍ଗୀ ବାଳକଙ୍କର ।
ପରେ ଯେତେବେଳେ ଆପଣା ପଡ଼ାରୁ
ଅନ୍ୟ ପଡ଼ା ବୁଲିଯାଏ,
ସେହି ସମୟରେ ପଡ଼ୋଶୀ ପଡ଼ାକୁ
ଆପଣାର ମଣିଥାଏ ।
ଅନ୍ୟ ଗ୍ରାମେ ପୁଣି ଯାଏ ଯେବେ ନିଜ
ଗ୍ରାମରୁ ହୋଇ ବାହାର,
ସେ କାଳେ ଜାଣଇ ନିଜ ଘର ଯହିଁ
ସେ ଗ୍ରାମ ଅଟେ ତାହାର ।
ଆପଣା ଗ୍ରାମର ନଦୀ ପୁଷ୍କରିଣୀ
ବଗିଚା ଆଦି ସକଳ,
ଆପଣାର ବୋଲି କହେ; ପୁଣି ସେହି-
ସବୁକୁ ମଣଇ ଭଲ ।
ବଡ଼ ହୋଇ ଯେବେ କରି ଯାଇପାରେ
ଅନ୍ୟ ରାଜ୍ୟେ ବିଚରଣ,
ବଖାଣଇ ତହିଁ ନିଜ ରାଜା, ରାଜ୍ୟ-
ଲୋକଙ୍କର ଶ୍ରେଷ୍ଠପଣ ।
ହାତୀ ଘୋଡ଼ାଠାରୁ ଛେଳି ମେଣ୍ଢାଯାଏ
ସବୁ ତା' ରାଜ୍ୟର ଭଲ,
ସକଳ ସୁଖର ଆକର ତାହାରି
ରାଜ୍ୟଟି ଅଟେ କେବଳ ।
ତହୁଁ ବଡ଼ ହୋଇ ଯାଇଥାଏ ଯେବେ
କେହି କେବେ ଦେଶାନ୍ତର,
ସ୍ୱର୍ଗରୁ ଅଧିକ ବୋଲି ବୁଝେ ତେବେ
ଯେଉଁ ଦେଶେ ତାର ଘର ।

https://withteachers.in/

ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତପତି,
ସହୋଦର ଜ୍ଞାନ- କରେ ଅବନୀର
ମାନବ-ସମାଜ ପ୍ରତି ।
ତେବେ ସେ ଜାଣଇ ଯେ କରଇ ଯେତେ
ଲୋକଙ୍କର ଉପକାର,
ବିଶ୍ୱପତିଙ୍କର ବିଶ୍ୱଗୃହେ ଅଟେ
ସେ ତେତେ ଯୋଗ୍ୟ କୁମାର ।
ଏହି ରୂପେ ଗ୍ରାମ- କଥା, ରାଜ୍ୟକଥା,
ଦେଶକଥା, ବିଶ୍ୱକଥା
ମାନବ-ଜୀବନେ ପ୍ରତୀତ ହେବାର
ଦର୍ଶିତ ହୁଏ ସର୍ବଥା ।
ମାତୃଭୂମି ମାତୃ- ଭାଷାରେ ମମତା
ଯା’ ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

## କବି ପରିଚୟ :





ସ୍ୱଭାବକବି ଗଙ୍ଗାଧର ମେହେର ୧୮୬୨ ମସିହା ଅଗଷ୍ଟ ମାସ ୯ ତାରିଖ ଦିନ ଶ୍ରାବଣ ପୂର୍ଣ୍ଣିମା ତିଥିରେ ବରଗଡ଼ ଜିଲ୍ଲାର ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଏବଂ ମାତାଙ୍କ ନାମ ସେବତୀ ଦେବୀ । ବ୍ୟକ୍ତିଗତ ଜୀବନରେ କବି ଥିଲେ ନୀତିବାଦୀ, ଆଦର୍ଶ ସଚେତନ ଓ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ । କବିଙ୍କର କବିତାଗୁଡ଼ିକରେ ସତ୍ୟନିଷ୍ଠା, ଆଦର୍ଶାନୁରକ୍ତି ଓ ନିର୍ଭୀକତାର ପରିଚୟ ମିଳିଥାଏ । ସେ ପ୍ରକୃତି ସହିତ ଗଭୀର ଆନ୍ତରିକ ଭାବ ପ୍ରତିଷ୍ଠା କରି ପ୍ରକୃତିକୁ ଏକ ନୂତନ ରୂପ ପ୍ରଦାନ କରିଛନ୍ତି । ତାଙ୍କଦ୍ୱାରା ରଚିତ କାବ୍ୟ-କବିତାଗୁଡ଼ିକ ହେଉଛି– ‘ଇନ୍ଦୁମତୀ’ ‘କୀଚକବଧ’, ‘ପ୍ରଣୟବଲ୍ଲରୀ’, ‘ତପସ୍ୱିନୀ’, ‘ଅର୍ଘ୍ୟଥାଳି’, ‘କବିତା କଲ୍ଲୋଳ’ ଇତ୍ୟାଦି । ‘ମାତୃଭୂମି’ କବିତାଟି ‘ଅର୍ଘ୍ୟଥାଳି’ କବିତା ସଂକଳନରୁ ଆନୀତ । ‘ମାତୃଭୂମି’ କବିତାଟି ପ୍ରଥମେ ‘ଉତ୍କଳ ସାହିତ୍ୟ’ (୧୯୧୪, ଡିସେମ୍ବର) ପତ୍ରିକାରେ ପ୍ରକାଶ ଲାଭ କରିଥିଲା । କବିତାରେ କବି ମାତୃଭୂମି ଓ ମାତୃଭାଷା ପ୍ରତି ସଶ୍ରଦ୍ଧ ଦୃଷ୍ଟିପାତ କରିବାକୁ ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି । ଏତଦ୍‌ବ୍ୟତୀତ ପାଶ୍ଚାତ୍ୟ ସଭ୍ୟତାର ବାହ୍ୟ ଚକଚକ୍ୟରେ ଅନୁପ୍ରାଣିତ ହୋଇ ନିଜ ଜାତି ଓ ଭାଷାକୁ ହୀନ ମନେ କରୁଥିବା ବ୍ୟକ୍ତିମାନଙ୍କୁ ଦୃଢ଼ଭାବେ ନିନ୍ଦା କରିଛନ୍ତି । ଏହି ମହାନ୍ ପ୍ରତିଭା ୧୯୨୪ ମସିହାରେ ଇହଲିଳା ସମ୍ବରଣ କରିଥିଲେ ।




https://withteachers.in/

## ପୁସ୍ତକ ସମାବେଶ :






## ପାଠ୍ୟ ଅନ୍ତର୍ଗତ

ଆସ କବିତାଗୁଡ଼ିକୁ ଭଲ ଭାବରେ ପଢ଼ିବା, ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।



### ମୋ ବୁଝିବାରେ

**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦିଅ ।**

(କ)(୧) ବାଳକଟି ନିଜ ରାଜ୍ୟଲୋକଙ୍କର ଶ୍ରେଷ୍ଠପଣ କେଉଁଠି କହିଥାଏ ?

(କ) ଅନ୍ୟ ଗ୍ରାମରେ

(ଖ) ଅନ୍ୟ ପଡ଼ାରେ

(ଗ) ଅନ୍ୟ ରାଜ୍ୟରେ

(ଘ) ଅନ୍ୟ ଦେଶରେ

(୨) ନିମ୍ନଲିଖିତ କେଉଁ ସ୍ଥାନକୁ ବାଳକଟି ସ୍ୱର୍ଗଠାରୁ ଅଧିକ ବୋଲି ମନେ କରିଥାଏ ?

(କ) ନିଜ ଗ୍ରାମ

(ଖ) ନିଜ ପଡ଼ା

(ଗ) ନିଜ ଦେଶ

(ଘ) ନିଜ ରାଜ୍ୟ



https://withteachers.in/

(୩) କବିତାଟି କେଉଁ ଭାବଧାରା ଉପରେ ଆଧାରିତ ?

(କ) ବିଶ୍ୱପ୍ରୀତି

(ଖ) ଦେଶପ୍ରୀତି

(ଗ) ଜନ୍ମଭୂମି ପ୍ରୀତି

(ଘ) ଜାତି ପ୍ରୀତି



(୪) କବିତାରେ ଅଜ୍ଞାନ ବୋଲି କେଉଁମାନଙ୍କୁ କୁହାଯାଇଛି ?

(କ) ମାତୃଭୂମି ପ୍ରତି ମମତା ଥିବା ବ୍ୟକ୍ତିଙ୍କୁ

(ଖ) ମାତୃଭୂମି ପ୍ରତି ମମତା ନଥିବା ବ୍ୟକ୍ତିଙ୍କୁ

(ଗ) ମାତୃଭୂମି ଓ ମାତୃଭାଷା ପ୍ରତି ମମତା ନଥିବା ବ୍ୟକ୍ତିଙ୍କୁ

(ଘ) ମାତୃଭାଷା ପ୍ରତି ମମତା ନଥିବା ବ୍ୟକ୍ତିଙ୍କୁ



(ଖ) ତୁମ ସାଙ୍ଗମାନେ ଉପରିଲିଖିତ ପ୍ରଶ୍ନର ଭିନ୍ନଭିନ୍ନ ଉତ୍ତର ବାଛି ଥାଇପାରନ୍ତି । ତୁମେ ଏହି ଉତ୍ତରଗୁଡ଼ିକ କାହିଁକି ବାଛିଲ, ତାହା ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କର ।



## କବିତାର ପଦଗୁଡ଼ିକ ଆଲୋଚନା କର

ନିମ୍ନରେ ଦିଆଯାଇଥିବା ପଦ୍ୟାଂଶକୁ ଭଲ ଭାବରେ ପଢ଼ିବା, ଚିନ୍ତା କରିବା ଏବଂ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖିବା ।

(କ) 'ଆପଣା ଗ୍ରାମର ନଦୀ ପୁଷ୍କରିଣୀ
ବଗିଚ୍ଚ ଆଦି ସକଳ,
ଆପଣାର ବୋଲି କହେ; ପୁଣି ସେହି-
ସବୁକୁ ମଣଇ ଭଲ ।'

(ଖ) 'ଜ୍ଞାନ ବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତପତି,
ସହୋଦର ଜ୍ଞାନ- କରେ ଅବନୀର
ମାନବ ସମାଜ ପ୍ରତି ।'

(ଗ) 'ମାତୃଭୂମି ମାତୃ- ଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ- ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?'





https://withteachers.in/



## ମିଳିମିଶି ଯୋଡ଼ିବା

**କବିତାର କିଛି ପାଦ ବା ଧାଡ଼ି 'କ' ସ୍ତମ୍ଭରେ ଦିଆଯାଇଛି । ସେହି ପାଦ ବା ଧାଡ଼ିଗୁଡ଼ିକର ଠିକ୍ ଅର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । ପାଦ ବା ଧାଡ଼ିଗୁଡ଼ିକର ଅର୍ଥ ରେଖା ଚିହ୍ନ ଦ୍ୱାରା ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. 'ସ୍ୱର୍ଗରୁ ଅଧିକ ବୋଲି ବୁଝେ ତେବେ<br>ଯେଉଁ ଦେଶେ ତା'ର ଘର ।' | ୧. ଯାହା ହୃଦୟରେ ମାତୃଭୂମି ଓ ମାତୃଭାଷା ପ୍ରତି ମମତା ଜନ୍ମି ନାହିଁ । |
| ୨. 'ଜ୍ଞାନ ବଳେ ଯେବେ ଜାଣେ ସମସ୍ତଙ୍କ<br>ଜନକ ଜଗତ ପତି ।' | ୨. ତା' ରାଜ୍ୟର ହାତୀ, ଘୋଡ଼ା, ଛେଳି ଓ ମେଣ୍ଢା ସଭିଏଁ ଭଲ ଅଟନ୍ତି । |
| ୩. 'ହାତୀ ଘୋଡ଼ାଠାରୁ ଛେଳି ମେଣ୍ଢାଯାଏ<br>ସବୁ ତା' ରାଜ୍ୟରେ ଭଲ ।' | ୩. ସେ ଯେତେବେଳେ ନିଜ ଜ୍ଞାନ ବଳରେ ଜାଣେ ଜଗତପତି ସମସ୍ତଙ୍କ ପିତା ଅଟନ୍ତି । |
| ୪. 'ମାତୃଭୂମି ମାତୃ ଭାଷାରେ ମମତା<br>ଯା' ହୃଦେ ଜନମି ନାହିଁ ।' | ୪. ନିଜର ଜନ୍ମସ୍ଥାନକୁ ସ୍ୱର୍ଗଠାରୁ ଅଧିକ ବୋଲି ଭାବିଥାଏ । |



## ମାତୃଭୂମି ପ୍ରତି ମମତା

ଏହି କବିତାରେ ବାଳକଟିର ହୃଦୟରେ ମାତୃଭୂମି ପ୍ରତି ଭଲପାଇବା ସୃଷ୍ଟି ହେବା ସହିତ "ବସୁଧୈବ କୁଟୁମ୍ବକଂ' ଭାବନାର ଉଦ୍ରେକ କରାଯାଇଛି । ବିଶ୍ୱକୁ ଭଲ ପାଇବା ପାଇଁ କେଉଁ ଗୁଣର ଆବଶ୍ୟକତା ରହିଛି ? ତୁମେ ପଠିତ କବିତାରୁ କାହିଁକି ଏହି ଗୁଣଗୁଡ଼ିକୁ ଗ୍ରହଣ କଲ, ପ୍ରଥମେ ଗୁଣଗୁଡ଼ିକ ସହିତ ରେଖାଚିତ୍ର ଦ୍ୱାରା ଯୋଡ଼ ଏବଂ ସାଙ୍ଗମାନଙ୍କ ସହିତ ଆଲୋଚନା କର । ପ୍ରତ୍ୟେକ ଭାବନାକୁ ଗୋଟିଏ ଗୋଟଏ ବାକ୍ୟରେ ଲେଖ ।





https://withteachers.in/

ମା, ମାଟି ଓ ମାତୃଭାଷାର ଜୟଗାନ

ଅନ୍ୟର ଉପକାର

ପରକୁ ଆପଣାର ମଣିବା



ମାତୃଭୂମି ଓ ମାତୃଭାଷା ପ୍ରତି ମମତା

ଶ୍ରେଷ୍ଠ ପଣର ବନ୍ଦନା

ବିଶ୍ୱ ଭାତୃତ୍ୱ ଭାବନା

ପରମେଶ୍ୱର ହିଁ ଜଗତର ପିତା

ସମଗ୍ର ବସୁଧାକୁ ପରିବାର ବୋଲି ଭାବିବା







## ଭାବିଚିନ୍ତି ଲେଖ

କବିତାଟିକୁ ଭଲଭାବେ ପଢ଼, ବୁଝ ଓ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ବାଳକଟି ପଡ଼ୋଶୀ ପଡ଼ାକୁ କେତେବେଳେ ଆପଣାର ମଣିଥାଏ ?

(ଖ) ନିଜ ଗ୍ରାମର କେଉଁ ପରିବେଶକୁ ବାଳକଟି ଭଲପାଇ ଥାଏ ?

(ଗ) ବାଳକଟି କାହାକୁ ସକଳ ସୁଖର ଆକର ବୋଲି ମନେ କରିଛି ?



https://withteachers.in/

(ଘ) ସ୍ୱର୍ଗଠାରୁ ଅଧିକ ସୁଖକର ବୋଲି କେଉଁ ସ୍ଥାନକୁ କୁହାଯାଇଛି ?

(ଙ) ବିଶ୍ୱର ପିତା ବୋଲି କବିତାରେ କାହାକୁ କୁହାଯାଇଛି ?

(ଚ) ସହୋଦର ଜ୍ଞାନ ବଳରେ ବାଳକଟି କେଉଁ ଶିକ୍ଷା ଗ୍ରହଣ କରିଥାଏ ?

(ଛ) ଅଜ୍ଞାନ କାହାକୁ କୁହାଯାଏ ?



## ଅନୁମାନ ଓ କଳ୍ପନା

ସାଙ୍ଗମାନଙ୍କ ସହ ଆଲୋଚନା କର ।

(କ) ତୁମ ମାତୃଭୂମିକୁ ତୁମେ ଭଲ ପାଇବାକୁ ହେଲେ, ତୁମର କେଉଁ ଗୁଣଗୁଡ଼ିକୁ ବଦଳାଇବା ଦରକାର ?

(ଖ) ଯଦି ତୁମକୁ ସମ୍ପୂର୍ଣ୍ଣ ନିଜ ଦେଶକୁ ବୁଲିବାର ସୁଯୋଗ ଦିଆଯାଏ, ତେବେ ତୁମେ କେଉଁ ସ୍ଥାନକୁ ଅଧିକ ଭଲ ପାଇବ ? ଭଲ ପାଇବାର କାରଣଗୁଡ଼ିକ ଲେଖ ।

(ଗ) ଏହି କବିତାଟି ପଢ଼ିବା ପରେ ନିଜ ମାତୃଭୂମି ସମ୍ପର୍କରେ କ'ଣ ଅନୁଭବ କରୁଛ, ତାକୁ ନେଇ ଏକ ଅନୁଚ୍ଛେଦ ଲେଖ ।

(ଘ) ବିଶ୍ୱକୁ ଭଲପାଇବା ପାଇଁ କେଉଁ ଗୁଣଗୁଡ଼ିକର ଆବଶ୍ୟକତା ରହିଛି ?

(ଙ) ଯଦି ତୁମକୁ ଏହି କବିତାର ମୁଖ୍ୟ ବିଷୟବସ୍ତୁକୁ ନେଇ ପୋଷ୍ଟର ତିଆରି କରିବାକୁ ହୁଏ, ତେବେ ତୁମେ କେଉଁ ପ୍ରତୀକ, ପ୍ରତିଛବି ଏବଂ ଶବ୍ଦ ବ୍ୟବହାର କରିବ ? ସଂକ୍ଷେପରେ ବୁଝାଅ ।








https://withteachers.in/

## ରେଖାଦ୍ୱାରା ଶବ୍ଦ ସହ ଶବ୍ଦ ଯୋଡ଼

ନିମ୍ନରେ ଥିବା ଶବ୍ଦର ସମାର୍ଥବୋଧକ ଶବ୍ଦକୁ ଖାଲି ସ୍ଥାନରେ ଲେଖ ଓ ଯୋଡ଼ ।









## ସର୍ଜନଶୀଳତା

(କ) କବିତାଟିରେ ନିଜ ଘରଠାରୁ ବିଶ୍ୱ ପର୍ଯ୍ୟନ୍ତ ଦର୍ଶାଯାଇଛି । ନିଜସ୍ୱ ଶୈଳୀରେ ଏହି କ୍ରମକୁ ଏକ ରେଖାଚିତ୍ର ମାଧ୍ୟମରେ କିମ୍ବା ମାନସିକ ମାନଚିତ୍ର ମାଧ୍ୟମରେ ଦେଖାଅ । ପ୍ରତ୍ୟେକ ସ୍ତରର କିଛି ବୈଶିଷ୍ଟ୍ୟ ଲେଖ ।

(ଖ) ଏହି କବିତାଟିକୁ ଆଧାର କରି ଗୋଟିଏ କାହାଣୀ ଲେଖିବାକୁ ଚେଷ୍ଟା କର ।

(ଗ) କବିତାଟିକୁ ଭଲ ଭାବରେ ପଢ଼ । ଯଦି ତୁମକୁ ମାତୃଭୂମିକୁ ଭଲ ପାଇବା ପାଇଁ ଗୋଟିଏ ପଦ ରଚନା କରିବାକୁ କୁହାଯାଏ, ତେବେ ତୁମେ ଗୋଟିଏ ନୂତନ ପଦ ଲେଖ ।



https://withteachers.in/



## କବିତା ରଚନା



'ଯେ କାଳେ ବାଳକ     ବୁଲିଯାଇ ପାରେ
ପଡ଼ୋଶୀମାନଙ୍କ ଘର,
ସେ କାଳେ ଜାଣଇ,     ଅନ୍ୟ ଘର ସବୁ
ତା' ସଙ୍ଗୀ ବାଳକଙ୍କର ।'

(କ) ଉପରିଲିଖିତ କବିତାଂଶଟିରେ ଦିଆଯାଇଥିବା "–"କୁ ଉଦ୍ଧୃତି ଚିହ୍ନ କୁହାଯାଏ । ଏହା ଏକ ବିରାମ ଚିହ୍ନ । ଯାହା ଜଣକର ଉକ୍ତିକୁ ପରିପ୍ରକାଶ କରିବା ନିମନ୍ତେ ବ୍ୟବହାର କରାଯାଇଥାଏ ।

(ଖ) ପୁଣି ସେଇ କବିତାଂଶଟି ପଢ଼ । କବିତାଟି ଯେଉଁ ଶୈଳୀରେ ଲେଖାଯାଇଛି, ତାର ଦୁଇଟି ପାଦର ଅକ୍ଷର ସଂଖ୍ୟାକୁ ଲକ୍ଷ୍ୟ କର । ତୁମେ ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କରି ନିଜେ ଗୋଟିଏ ପଦ ରଚନା କର ।





(ଗ) ନିମ୍ନରେ ଗୋଟିଏ ଧାଡ଼ିରେ କବିତାର ଏକ ଅଂଶ ଦିଆଯାଇଛି ଏବଂ ଅନ୍ୟ ଧାଡ଼ିରେ କବିତାଂଶର ବୈଶିଷ୍ଟ୍ୟ ଦିଆଯାଇଅଛି । କବିତାଂଶ ଏବଂ ଉପଯୁକ୍ତ ବୈଶିଷ୍ଟ୍ୟକୁ ଠିକ୍ ରୂପେ ଯୋଡ଼ ।

| କବିତାର ପଦ୍ୟାଂଶ | କବିତାଂଶର ବୈଶିଷ୍ଟ୍ୟ |
|---|---|
| (କ) ସ୍ୱର୍ଗରୁ ଅଧିକ ବୋଲି ବୁଝେ ତେବେ ଯେଉଁ ଦେଶେ ତା'ର ଘର, | (କ) ଅନ୍ୟ ଲୋକଙ୍କ ଉପକାର ହିଁ ମହତ କାର୍ଯ୍ୟ । |
| (ଖ) ଆପଣାର ବୋଲି କହେ; ପୁଣି ସେହି ସବୁକୁ ମଣଇ ଭଲ । | (ଖ) ନିଜ ରାଜ୍ୟ ହିଁ ସର୍ବ ସୁଖର ଆଧାର । |
| (ଗ) ସକଳ ସୁଖର ଆକର ତାହାରି ରାଜ୍ୟଟି ଅଟେ କେବଳ, | (ଗ) ନିଜ ଜନ୍ମଭୂମିର ସମସ୍ତ ପ୍ରାକୃତିକ ପରିବେଶକୁ ଆପଣାର ମଣିଥାଏ । |
| (ଘ) ତେବେ ସେ ଜାଣଇ, ଯେ କରଇ ଯେତେ ଲୋକଙ୍କର ଉପକାର, | (ଘ) ନିଜ ଦେଶକୁ ସ୍ୱର୍ଗଠାରୁ ଅଧିକ ଭଲପାଇବା । |



https://withteachers.in/

## କବିତାର ସୌନ୍ଦର୍ଯ୍ୟ



ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ବନ୍ଧୁମାନଙ୍କ ସହ ମିଶି କବିତାରୁ ଖୋଜ । ଏହା କବିତାକୁ ଉପଭୋଗ କରିବାରେ ସାହାଯ୍ୟ କରୁଛି ।

(କ) ମାତୃଭୂମିକୁ ଭଲ ପାଇବାର ବିଭିନ୍ନ ଉପାୟ କବିତାରେ ପ୍ରକାଶ କରାଯାଇଛି, ସେଗୁଡ଼ିକୁ ଚିହ୍ନଟ କର ।

(ଖ) କେଉଁମାନଙ୍କୁ ପ୍ରକୃତ ଜ୍ଞାନୀ ବୋଲି କବିତାରେ କୁହାଯାଇଛି ?

(ଗ) ବାଳକଟି ନିଜ ଗ୍ରାମର କେଉଁ ପରିବେଶକୁ ଭଲ ପାଇଥାଏ ? କବିତାଂଶ ଆଧାରରେ ଚିହ୍ନାଇ ଦିଅ ।



(ଘ) 'ଯେ କାଳେ ବାଳକ ବୁଲି ଯାଇପାରେ
ପଡ଼ୋଶୀମାନଙ୍କ ଘର'
'ବଡ଼ ହୋଇ ଯେବେ କରିଯାଇପାରେ
ଅନ୍ୟ ରାଜ୍ୟେ ବିଚରଣ ।'

କବିତାର ପାଦରେ ଥିବା କ୍ରିୟାଗୁଡ଼ିକ 'ବାଳକ' ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଛି । ତୁମେ ତୁମ ଅନୁସାରେ ନୂଆ କ୍ରିୟା ପ୍ରୟୋଗ କରି କବିତା ରଚନା କର ।

## ତୁମର ଶବ୍ଦ

ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତ ପତି,
ସହୋଦର ଜ୍ଞାନ- କରେ ଅବନୀର
ମାନବ- ସମାଜ ପ୍ରତି ।

ତୁମେ 'ପରମେଶ୍ୱର' ଶବ୍ଦଟି ନିଶ୍ଚୟ ଶୁଣିଛ ଏବଂ ପଢ଼ିଛ । କିନ୍ତୁ କବିତାରେ 'ଜଗତପତି' ଭଳି ଶବ୍ଦ ବ୍ୟବହାର କରାଯାଇଛି । ଏହି ଶବ୍ଦଟି ଦୁଇଟି ଶବ୍ଦକୁ ନେଇ ଗଠିତ । ଯଥା– ଜଗତ ଓ ପତି ।

ତୁମେ ବନ୍ଧୁମାନଙ୍କ ସହ ମିଶି ଏହିପରି ଶବ୍ଦ ସହ ଶବ୍ଦ ଯୋଡ଼ି ନୂଆ ଶବ୍ଦ ତିଆରି କର ।



https://withteachers.in/



## ତୁମର ପ୍ରଶ୍ନ



'ଏହି ରୂପେ ଗ୍ରାମ- କଥା, ରାଜ୍ୟକଥା,
ଦେଶକଥା, ବିଶ୍ୱକଥା
ମାନବ- ଜୀବନେ ପ୍ରତୀତ ହେବାର
ଦର୍ଶିତ ହୁଏ ସର୍ବଥା ।'

ଉପରିଲିଖିତ ପଦଟିରେ ବର୍ଣ୍ଣିତ ଗ୍ରାମ, ରାଜ୍ୟ, ଦେଶ ଏବଂ ବିଶ୍ୱକଥାକୁ ଜାଣିବା ପାଇଁ ଅନେକ ପ୍ରଶ୍ନ ତୁମ ମନରେ ଆସୁଥିବ ? ବନ୍ଧୁମାନଙ୍କ ସହ ମିଶି ଏହି ପ୍ରଶ୍ନଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର । ତୁମର ଶିକ୍ଷକ, ଇଣ୍ଟରନେଟ୍ ଓ ପାଠାଗାରର ସାହାଯ୍ୟ ନେଇ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାକୁ ଚେଷ୍ଟା କର ।



## ବିଶେଷ୍ୟ ଓ ବିଶେଷଣ

<u>ସକଳ</u> ସୁଖର... କବିତାଂଶର ରେଖାଙ୍କିତ ପଦଟି ବିଶେଷଣ ପଦ । ନିମ୍ନରେ ଥିବା ସାରଣୀର ପ୍ରଥମ ଭାଗରେ କିଛି ବାକ୍ୟାଂଶ ଦିଆଯାଇଛି, ସେଥିରୁ ବିଶେଷ୍ୟ ଓ ବିଶେଷଣ ଚିହ୍ନଟ କରି ଖାଲି ଘରେ ଲେଖ ।

| ବାକ୍ୟାଂଶ | ବିଶେଷଣ | ବିଶେଷ୍ୟ |
|---|---|---|
| ବୁଢ଼ାଲୋକ | | |
| ପଣ୍ଡିତ ବ୍ୟକ୍ତି | | |
| ମିଠା ଫଳ | | |
| ଦଦରା ନାବ | | |
| ତିନି ଟଙ୍କା | | |
| ସୁନ୍ଦର ଉଦ୍ୟାନ | | |
| ଅଷ୍ଟମ ଶ୍ରେଣୀ | | |
| ଲାଲ ଗୋଲାପ | | |
| ବସ୍ତାଏ ଚାଉଳ | | |



https://withteachers.in/

# ପାଠ୍ୟ ବହିର୍ଭୂତ

## ତୁମ କଥା

(କ) ଏପରି ଏକ ପରିସ୍ଥିତି କୁହ ଯେଉଁଥିପାଇଁ ମାତୃଭୂମି ପ୍ରତି ତୁମର ଭଲ ପାଇବା ଉଣା ହେବାର ଅନୁଭବ କରିଥିବ ?

(ଖ) ତୁମ ପରିବାର, ବିଦ୍ୟାଳୟ କିମ୍ବା ଅଞ୍ଚଳରେ ମାତୃଭୂମି ପ୍ରତି କିପରି ଭଲ ପାଇବା ବୃଦ୍ଧି ହୋଇପାରିବ, ଆଲୋଚନା କରି ଲେଖ ।

(ଗ) 'ବିଶ୍ୱ ମଧ୍ୟେ ମୋ ମାତୃଭୂମି ସବୁଠୁ ବଡ଼' – ଏହି ପଂକ୍ତିଟିକୁ ପଢ଼ିବା ପରେ ତୁମ ମନରେ କେଉଁ ଭାବ ଜାଗ୍ରତ ହେଉଛି ? ତୁମେ ତୁମର ମାତୃଭୂମିର ସୁରକ୍ଷା ନିମନ୍ତେ କେଉଁ କାର୍ଯ୍ୟ କରିପାରିବ ଲେଖ ।

(ଘ) ପଠିତ କବିତାଟି ମାତୃଭୂମି ଓ ମାତୃଭାଷା ପ୍ରତି ଭଲ ପାଇବାର ସୂଚନା ପ୍ରଦାନ କରିଥାଏ । ତୁମେ ତୁମର କେଉଁ ଭାବନାଗୁଡ଼ିକୁ ସୁଦୃଢ଼ କଲେ ମାତୃଭୂମି ଓ ମାତୃଭାଷା ପ୍ରତି ଅଧିକ ଭଲ ପାଇବା ସୃଷ୍ଟି ହେବ, ଲେଖ ।

(ଙ) ତୁମ ଅଞ୍ଚଳରେ କେଉଁ ପ୍ରାକୃତିକ ପରିବେଶ ତୁମକୁ ଅଧିକ ଆପଣାର ମନେ ହୋଇଥାଏ, ତାହାର ଏକ ତାଲିକା ପ୍ରସ୍ତୁତ କର ।





## ବିବିଧତା ମଧ୍ୟରେ ଏକତା

ଜନ୍ମ ମାଟିରୁ ବିଶ୍ୱ ପର୍ଯ୍ୟନ୍ତ ସମସ୍ତେ ଏକ ଓ ଅଭିନ୍ନ । ଯିଏ ଯେଉଁଠାରେ ଥିଲେ ମଧ୍ୟ ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଅଧିକ ଅନୁରକ୍ତ ହୋଇଥାନ୍ତି । ମାତୃଭୂମି ଓ ମାତୃଭାଷାର ମହତ୍ତ୍ୱ ସଂପର୍କରେ ନିଜ ଶ୍ରେଣୀ ଗୃହରେ ଆଲୋଚନା କର । ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସାହାଯ୍ୟ ନିଅ ।



https://withteachers.in/

# ଆଜିର ପ୍ରହେଳିକା / ପହଳି

କେଉଁ ଅନ୍ତରୀକ୍ଷ ଯାନ କେଉଁ ଗ୍ରହକୁ ଯିବ ଖୋଜ

(କ) (ଖ) (ଗ) (ଘ)



(୧) (୨) (୩) (୪)



https://withteachers.in/

ପଠନ ନିମନ୍ତେ

# ଗୋ ମାହାତ୍ମ୍ୟ



ଗୋପବନ୍ଧୁ ଦାସ

ଗୋ-ଗୁଣ ଶ୍ରବଣ କୀର୍ତ୍ତନ । ଧେନୁ ଦର୍ଶନ ଧେନୁ ଦାନ ॥
ଅଟଇ ସର୍ବ ଶୁଭ ପ୍ରଦ । ଖଣ୍ଡଇ ଦୂରିତ ବିପଦ ॥
ଲକ୍ଷ୍ମୀ ମିଳଇ ଗୋସେବନେ । ନ ପଡ଼େ ପାପ କଥା ମନେ ॥
ଗୋ-ଜାତି ହେଲେ ସୁପ୍ରସନ୍ନ । ଲୋକଙ୍କୁ ମିଳେ ସୁଖେ ଅନ୍ନ ॥
ଗୋ-ଜାତି ଯଜ୍ଞରେ ପ୍ରଧାନ । କରନ୍ତି ଯେଣୁ ହବି ଦାନ ॥
ସ୍ୱାହା ସ୍ୱାଧାଦି ବଷଟ୍ କାର । ଯଜ୍ଞର ଯେତେ ଉପଚର ॥
ଗୋ-ଜାତି ତହୁଁ ହୁଏ ଲାଭ । ଅଶେଷ ଗୋ-ଜାତି ପ୍ରଭାବ ॥
ଗୋରୁ ବହନ୍ତି ଦିବ୍ୟରସ । ଦେବେ ହୁଅନ୍ତି ଯହିଁ ବଶ ॥
ଗୋ-ତନୁଁ କ୍ଷରେ କ୍ଷୀରଧାର । ବିଶୁଦ୍ଧ ଅମୃତ ଆହାର ॥
ଗୋ-ଜାତି ସର୍ବ ଲୋକମାତା । ଦେବତା ମାନବେ ବନ୍ଦିତା ॥
ଗୋ-ଜାତି ନିଜ ତନୁ ତେଜେ । ଅନଳ ସମାନ ବିରାଜେ ॥
ଯହିଁ ଗୋକୁଳ କରେ ବାସ । ନିର୍ଭୟେ ମାରଇ ନିଶ୍ୱାସ ॥
ଅତି ପବିତ୍ର ସେହି ସ୍ଥାନ । ହରଇ ଜନ ପାପମାନ ॥
ଆଦରେ ପୂଜିଲେ ଗୋଜାତି । ପାଏ ମାନବ ସ୍ୱର୍ଗ ଗତି ॥
ପୂରଇ ସକଳ କାମନା । କଲେ ଗୋ-ପାଳନ ଅର୍ଚ୍ଚନା ॥
× × ×
କୋଟି ସୁବର୍ଣ୍ଣ ରାଜ୍ୟଧନ । ନୁହଁଇ କିଛି ଗୋ-ସମାନ ॥
ଗୋରୁ ଦେବତା ବୋଲି ଜାଣି । ପୂଜନ୍ତି ଗୃହେ-ଗୃହେ ପ୍ରାଣୀ ॥
× × ×
ସହି ବରଷା ଖରା ଶୀତ । ଗୋରୁ ସାଧନ୍ତି ଲୋକହିତ ॥
କର୍ମ କରନ୍ତି ଦିନ ରାତି । ଜଗତ ହିତେ ଗୋରୁ ଜାତି ॥







https://withteachers.in/

କାହିଁ ବା କେବେହେଁ ଗୋ-ଗଣ । ନ କହେ ଆପଣା କଷଣ ॥
ଭୋଗନ୍ତି ଯେତେ ଦୁଃଖ ରାଶି । ସହନ୍ତି ଯେସନେ ଉଦାସୀ ॥
ତେଣୁ ଗୋ ବ୍ରହ୍ମଜ୍ଞାନୀ ପ୍ରାୟେ । ଅନ୍ତେ ପରମ ପଦପାଏ ॥

× × ×

ଗୋ-ବିଦ୍ୟା-ଭୂମି ତିନିଦାନ । ଫଳରେ ଅଟନ୍ତି ସମାନ ॥
ଗୋରୁ ସକଳ ଭୂତମାତା । ସକଳ ଜନ ହିତ ଦାତା ॥

× × ×

ଗୋ-ସ୍ଥାନ ଦେବସ୍ଥଳୀ ସମ । ଗୋ-ଜାତି ଦେବତା ପ୍ରତିମ ॥

× × ×

ଗୋ-ଜାତି ସର୍ବ ସୁଖାଳୟ । ଗୋ-ଜାତି ସର୍ବ ଶୁଭମୟ ॥
ଗୋ-ଜାତି ଲୋକ ପିତାମାତା । ଗୋ-ଜାତି ଶକ୍ତି ମୁକ୍ତିଦାତା ॥
ଗୋ-ଜାତି ଦେବଗଣ ପରେ । ଏ ତତ୍ତ୍ୱ ହେତୁ କର ନରେ ॥
ଗୋ-ସେବା କର ଘରେ ଘରେ । ଗୋ-ହିତ ବିଚାର ମନରେ ॥
ଗୋ-ରକ୍ଷା କର ଗ୍ରାମେ ଗ୍ରାମେ । ହାଟେ ନଗରେ ପୁଣ୍ୟ ଧାମେ ॥

× × ×

ଗୋ-ଲୋକ ନାଥ ବାଞ୍ଛାନିଧି । କରନ୍ତୁ ସର୍ବ ବାଞ୍ଛାସିଦ୍ଧି ॥





https://withteachers.in/

# ଆମ ଲେଖା ଆମ ଚିତ୍ର







https://withteachers.in/

୧୦

# ଭରତଙ୍କ ଚିତ୍ରକୂଟ ଯାତ୍ରା



ଶ୍ରୀଧର ଦାସ

ଭରତଙ୍କ ଆଦେଶରେ ସୁମନ୍ତ ଚତୁରଙ୍ଗବଳ ସାଜି ରାମଙ୍କ ସନ୍ଧାନରେ ଯିବାକୁ ପ୍ରସ୍ତୁତ ହେଲେ । ଭରତ ଓ ଶତ୍ରୁଘ୍ନ ରଥରେ ବସିଲେ । ସୁମନ୍ତ ରଥ ଚଳାଇଲେ । ଦୁର୍ଗମ ପଥ ପାରହୋଇ ସେମାନେ ଶୃଙ୍ଗବେରପୁରରେ ଶବରରାଜା ଗୁହକଙ୍କୁ ଭେଟିଲେ । କିପରି ରାମ, ଲକ୍ଷ୍ମଣ ଓ ସୀତା ବନର ଫଳମୂଳ ଖାଇ ବୃକ୍ଷମୂଳରେ ଶୋଇଥିଲେ ତାହା କହି ଗୁହକ ସ୍ଥାନଟି ଦେଖାଇଦେଲେ । ଏଥିରେ ଭରତଙ୍କର ଶୋକ ବୃଦ୍ଧି ପାଇଲା । ଗୁହକଙ୍କଠାରୁ ସମ୍ବାଦ ମିଳିଲା ଯେ ରାମ ଭରଦ୍ୱାଜ ମୁନିଙ୍କ ଆଶ୍ରମବାଟେ ଚିତ୍ରକୂଟକୁ ଯାଇଛନ୍ତି । ଗୁହକ ତାଙ୍କୁ ବାଟ ଦେଖାଇ ଚାଲିଲା ।

ଭରତ ନିଜର ଅନୁଚରମାନଙ୍କ ସହିତ ଯାଇ ଭରଦ୍ୱାଜଙ୍କ ଆଶ୍ରମରେ ପହଞ୍ଚିଲେ । ଭରତ ମୁନିଙ୍କୁ ପ୍ରଣାମକରି ତାଙ୍କ ଆଗମନର କାରଣ ଜଣାଇଲେ । ମୁନି ଭରତ ଓ ତାଙ୍କର ଲୋକମାନଙ୍କୁ ଯଥାବିଧି ଚର୍ଚ୍ଚା କଲେ । ରାତିଟି



https://withteachers.in/



ଆଶ୍ରମରେ କଟାଇ ସକାଳୁ ସେମାନେ ବାହାରିଲେ । ମୁନି ସେମାନଙ୍କୁ ପଥ ଦେଖାଇଦେଲେ । ଗୁହକ ଆଗେ ଆଗେ ଚାଲିଲେ ।

ସୈନ୍ୟମାନଙ୍କ ପଦଧ୍ୱନିରେ ବନ କମ୍ପିଉଠିଲା, ଧୂଳିପଟଳ ଉଡ଼ିଲା । ଚିତ୍ରକୂଟ ନିକଟରେ ସେମାନେ ପହଞ୍ଚିଲେ । ଏପରି ଶବ୍ଦ ଶୁଣି ଲକ୍ଷ୍ମଣ ବିସ୍ମିତ ହୋଇ ଗୋଟିଏ ବଡ଼ ଗଛରେ ଚଢ଼ି ଚାହିଁଲେ । ସେ ଦେଖିପାରିଲେ ଯେ ଭରତ ଓ ଶତ୍ରୁଘ୍ନ ରଥରେ ବସି ଆସୁଛନ୍ତି ଓ ତାଙ୍କ ସଙ୍ଗରେ ଅସଂଖ୍ୟ ସୈନ୍ୟ ରହିଅଛନ୍ତି । ହଠାତ୍ ସେ ଭାବିଲେ, ବୋଧହୁଏ ଭରତ ରାଜ୍ୟ ଅଧିକାର କରି ମଧ ସନ୍ତୁଷ୍ଟ ନୁହନ୍ତି, ତେଣୁ ସେମାନଙ୍କୁ ବଧକରିବାପାଇଁ ସୈନ୍ୟ ନେଇ ଆସୁଛନ୍ତି । ଏହା ଭାବି ସେ ବୃକ୍ଷରୁ ଓହ୍ଲାଇ ରାମଙ୍କୁ କହିଲେ, ''ଭାଇ, ଭରତ ଓ ଶତ୍ରୁଘ୍ନ ଅନେକ ସୈନ୍ୟସାମନ୍ତ ଘେନି ଆମକୁ ମାରିବା ପାଇଁ ଆସୁଛନ୍ତି । ମୁଁ ସେମାନଙ୍କୁ ମାରିବାକୁ ଯାଉଛି ।'' ଏହା ଶୁଣି ରାମ ଲକ୍ଷ୍ମଣଙ୍କୁ ବାରଣ କରି କହିଲେ, ''ଏପରି ଅଧୀର ହୁଅ ନାହିଁ । ଭରତ ଓ ଶତ୍ରୁଘ୍ନ ଆମର ଭାଇ । ସେମାନଙ୍କୁ ଦେଖିଲେ ଆମର ଆନନ୍ଦ ହେବ । ସେ ଦୁହେଁ ଆମକୁ ମାରିବେ ବୋଲି ଭାବିବା ତୁମର ଭୁଲ ବିଚାର ।''

ଏଣେ ଭରତ ଓ ଶତ୍ରୁଘ୍ନ ସୈନ୍ୟମାନଙ୍କୁ ଦୂରରେ ରଖାଇ ରଥରୁ ଓହ୍ଲାଇଲେ ଓ ଗୁହକଙ୍କ ସହିତ ରାମଙ୍କ କୁଟୀର ଆଡ଼କୁ ଚାଲିଲେ । ଭରତ ରାମଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ




https://withteachers.in/

କଲେ । ଲକ୍ଷ୍ମଣ ମଧ୍ୟ ଭରତଙ୍କୁ ପ୍ରଣାମ କଲେ । ଶତ୍ରୁଘ୍ନ ରାମ ଓ ଲକ୍ଷ୍ମଣଙ୍କୁ ଯଥାବିଧି ମାନ୍ୟ ଦେଖାଇଲେ । ଚାରି ଭାଇଙ୍କର ମିଳନ ହେଲା । ସମସ୍ତଙ୍କ ଚକ୍ଷୁରୁ ଲୋତକ ବହିଗଲା ।

ଭରତ ଓ ଶତ୍ରୁଘ୍ନ କୁଶ ଆସନରେ ବସିଲେ । ଭରତ ରାମଙ୍କୁ କହିଲେ, ''ଭାଇ, ତୁମେ ଆମର କୁଳଚନ୍ଦ୍ରମା । ଅଯୋଧ୍ୟା ରାଜ୍ୟ ରକ୍ଷାକରିବାକୁ ତୁମେ ହିଁ ଯୋଗ୍ୟ । ତୁମେ ବନକୁ ଆସିବାରୁ ଅଯୋଧ୍ୟାବାସୀ ଦୁଃଖରେ ହା ହା କାର କରୁଛନ୍ତି । ତୁମକୁ ହରାଇ ପିତା 'ହା-ରାମ, ହା- ରାମ' କହି ଝୁରି ଝୁରି ପ୍ରାଣହରାଇଛନ୍ତି । ତୁମେ କ୍ଷମାର ସାଗର । ମୋର ମନ୍ଦବୁଦ୍ଧି ମାଆଙ୍କୁ କ୍ଷମା ଦିଅ । ଅଯୋଧ୍ୟାକୁ ଫେରିଯାଇ ରାଜସିଂହାସନରେ ବସ । ଆମେ ତୁମର ସେବା କରି ଧନ୍ୟ ହେବୁ ।'' ଭରତ ଏହା କହିଲେ ଓ ଦୁଇଭାଇଯାକ ରାମଙ୍କ ପାଦତଳେ ପଡ଼ିଗଲେ । ରାମ ସେ ଦୁହିଁଙ୍କୁ ଉଠାଇ ଆଲିଙ୍ଗନ କଲେ । ପିତାଙ୍କର ମୃତ୍ୟୁ ସମ୍ବାଦରେ ରାମ, ସୀତା ଓ ଲକ୍ଷ୍ମଣ ବିଳାପ କରିଉଠିଲେ । ତା'ପରେ ସେମାନେ ନଦୀ ଜଳରେ ସ୍ନାନକରି ଦଶରଥଙ୍କ ଉଦ୍ଦେଶ୍ୟରେ ତର୍ପଣ ଓ ଶ୍ରାଦ୍ଧ କଲେ ।

କୁଳଗୁରୁ ବଶିଷ୍ଠ ମଧ୍ୟ ଫେରିଯିବା ପାଇଁ ରାମଙ୍କୁ ବହୁତ ବୁଝାଇଲେ । କିନ୍ତୁ ରାମ କୌଣସି ପ୍ରକାରେ ଅଯୋଧ୍ୟାକୁ ଫେରିଯିବା ପାଇଁ ସ୍ୱୀକୃତ ନ ହୋଇ କହିଲେ – ''ଯେଉଁ ସତ୍ୟ ପାଳିବାକୁ ଯାଇ ଆମର ପିତା ଜୀବନ ହରାଇଲେ, ମୁଁ କିପରି ସେହି ସତ୍ୟ ଲଙ୍ଘନ କରିବି ? ତାଙ୍କର ଶେଷ ଆଦେଶ ପାଳିତ ନହେଲେ ସେ ସ୍ୱର୍ଗରେ ସୁଦ୍ଧା ଶାନ୍ତି ପାଇବେ





https://withteachers.in/

ନାହିଁ । ମୁଁ ତାଙ୍କର ସତ୍ୟରକ୍ଷା କରିବା ପାଇଁ ଅବଶ୍ୟ ଚଉଦବର୍ଷ ବନବାସ କରିବା ପରେ ଅଯୋଧ୍ୟାକୁ ଫେରିଯିବି । ଭରତ ଥାଉଁ ଥାଉଁ ରାଜ୍ୟଶାସନ ବାଧା ପାଇବ ନାହିଁ । ଭରତ ସିଂହାସନରେ ବସି ରାଜକର୍ମ ପାଳନକରୁ ।''

ଏହା ଶୁଣି ଭରତ ରାମଙ୍କୁ କହିଲେ, ''ସିଂହାସନରେ ତୁମେ ବସିବା କଥା । ତାହା ପାଇଁ ତୁମେ ହିଁ ଉପଯୁକ୍ତ । ସେଥିରେ ମୋ ପରି ଅଧମ ବସି ତାକୁ କଳଙ୍କିତ କରିନପାରେ । ତେଣୁ ମୋର ଅନୁରୋଧ ରକ୍ଷାକରି ତୁମେ ଅଯୋଧ୍ୟାର ସିଂହାସନ ମଣ୍ଡନକର ।''

ରାମ ଯେତେ ବୁଝାଇଲେ ସୁଦ୍ଧା ଭରତ ରାଜସିଂହାସନରେ ବସିବାକୁ ରାଜି ହେଲେ ନାହିଁ । ତହୁଁ ରାମ କହିଲେ, ''ତାହାହେଲେ ତୁମେ ମୋର ପ୍ରତିନିଧି ରୂପେ ରାଜ୍ୟ ଶାସନ କର ।''

ଭରତ ଅତି ଦୁଃଖରେ ଏହି ପ୍ରସ୍ତାବରେ ସ୍ୱୀକୃତ ହେଲେ । ସେ ଶ୍ରୀରାମଙ୍କର ପାଦୁକା ଦୁଇଟି ନେଇ ରାଜନୀତି ବିଷୟରେ ଅନେକ ଉପଦେଶ ଗ୍ରହଣ କଲେ । ଭାଇଙ୍କର ଆଦେଶ ମାନି ତାଙ୍କର ପାଦୁକା ଦୁଇଟିକୁ ମୁଣ୍ଡରେ ଧରି ଶତ୍ରୁଘ୍ନ, ମନ୍ତ୍ରୀଗଣ ଓ ସୈନ୍ୟମାନଙ୍କ ସହିତ ଅଯୋଧ୍ୟାକୁ ଫେରିଆସିଲେ । ଅଯୋଧ୍ୟାବାସୀ ରାମ, ଲକ୍ଷ୍ମଣ ଓ ସୀତା ଫେରିଆସିନଥିବା ଦେଖି ଅତି ନିରାଶ ହେଲେ । ଭରତ ସେମାନଙ୍କୁ ସମସ୍ତ ଘଟଣା ଜଣାଇ ଆଶ୍ୱାସନା ଦେଲେ ।

ଭରତ ସେହିଦିନଠାରୁ ସମସ୍ତ ରାଜସୁଖ ତ୍ୟାଗକରି ରାମଙ୍କ ଭଳି ତପସ୍ୱୀ ଜୀବନ ଯାପନ କରିବାକୁ ଲାଗିଲେ । ସେ ମସ୍ତକରେ ଜଟା ଧାରଣ କଲେ, ବଲ୍‌କଳ ପିନ୍ଧିଲେ, ଫଳମୂଳ ଖାଇ ରହିଲେ । ପାଦୁକା ଦୁଇଟିକୁ ସିଂହାସନରେ ରଖି ରାମଙ୍କର ପ୍ରତିନିଧିରୂପେ ରାଜ୍ୟ ଶାସନ କଲେ ।

ଏଥିପୂର୍ବରୁ କେହି କେହି ସନ୍ଦେହ କରିଥିଲେ ଯେ ଭରତ ରାଜ୍ୟଲୋଭରେ ମାଆଙ୍କ ଦ୍ୱାରା ରାମଙ୍କୁ ବନବାସ ପଠାଇଛନ୍ତି । କିନ୍ତୁ ଏବେ ଭରତଙ୍କ ଆଚରଣ ଦେଖି ସେମାନଙ୍କର ସେହି ଭୁଲ ଧାରଣା ଦୂର ହୋଇଗଲା । ସେମାନେ ଭରତଙ୍କର ମହାନତା ଓ ଭ୍ରାତୃଭକ୍ତିରେ ମୁଗ୍ଧ ହୋଇଗଲେ । ଭରତ ରାଜପୁରୀର ସୁଖ ତ୍ୟାଗକରି ନଗର ବାହାରେ ନନ୍ଦିଗ୍ରାମ ନାମକ ଏକ ସ୍ଥାନରେ ବାସ କଲେ ।








https://withteachers.in/



# କବି ପରିଚୟ :



ଅଧ୍ୟାପକ ଶ୍ରୀଧର ଦାସ ପୁରୀ ଜିଲ୍ଲା ଅନ୍ତର୍ଗତ କାକଟପୁର ଅଞ୍ଚଳରେ ନାଉସିରା ଗ୍ରାମରେ ୧୯୦୧ ମସିହା ଅକ୍ଟୋବର ମାସ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶ୍ୟାମ ଚରଣ ଦାସ ଓ ମାତାଙ୍କ ନାମ ଥିଲା ଶ୍ରଦ୍ଧାମଣି ଦେବୀ। ତାଙ୍କର ସାରସ୍ୱତ କୃତି ହେଉଛି ଅତ୍ୟନ୍ତ ବିଚିତ୍ର ବର୍ଣ୍ଣା। ସେ ଏକାଧାରରେ ଜଣେ ବ୍ୟାକରଣବିତ୍, ଅନୁବାଦକ, ଜୀବନୀ ଓ ଆତ୍ମଜୀବନୀ ଲେଖକ, ଶିଶୁ ସାହିତ୍ୟିକ ଏବଂ ସଂପାଦକ ରୂପେ ବେଶ୍ ଆଦୃତ। ସ୍ରଷ୍ଟାଙ୍କ ସୃଷ୍ଟିମାନଙ୍କ ମଧ୍ୟରୁ 'ସର୍ବସାର ବ୍ୟାକରଣ', 'ସରଳ ସଂସ୍କୃତ ବ୍ୟାକରଣ', 'କଥା ସୁମନ', 'ଆମ ଦେଶର ଇତିହାସ ଗପ', 'ବୃକ୍ଷ ଜଗତ', 'ଈଶପ କାହାଣୀ', 'ରାମାୟଣ କାହାଣୀ', 'ମହାଭାରତ କାହାଣୀ' ଇତ୍ୟାଦି ଉଲ୍ଲେଖନୀୟ।

'ଭରତଙ୍କ ଚିତ୍ରକୂଟ ଯାତ୍ରା' ପ୍ରସଙ୍ଗଟି ଲେଖକଙ୍କ 'ରାମାୟଣ କାହାଣୀ' ପୁସ୍ତକରୁ ଆନୀତ। ଏହି କାହାଣୀଟି ରାମାୟଣ ଯୁଗର। ଭାଇର ଭାଇ ପ୍ରତି କିପରି ସ୍ନେହ, ସହାନୁଭୂତି ଏବଂ ସଦିଚ୍ଛା, ତାହା ଏଥିରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି। ଭରତଙ୍କ ଅନାବିଳ ଭ୍ରାତୃଭକ୍ତି ଓ ଶ୍ରୀରାମଚନ୍ଦ୍ରଙ୍କ ପ୍ରତି ଥିବା ଅଚଳାଚଳ ଭକ୍ତି ଅଯୋଧ୍ୟାର ରାଜ ସମ୍ପଦକୁ ତୁଚ୍ଛକରି ଦେଇଛି। ଭରତଙ୍କ ଉଦାର ହୃଦୟର ଭାବୋଚ୍ଛ୍ୱାସ ସମଗ୍ର ରାମାୟଣକୁ ମଧୁମୟ କରିଦେଇଛି।

## ପାଠ୍ୟ ଅନ୍ତର୍ଗତ

ଆସ ପାଠଟିକୁ ଭଲଭାବରେ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା।




## ମୋ ବୁଝିବାରେ

**୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପାଖରେ ତାରା (★) ଚିହ୍ନ ଦେବା।**

(କ) ଭରତ ଶୃଙ୍ଗବେରପୁରରେ କାହାକୁ ଭେଟିଥିଲେ ?

(କ) ଋଷି ବିଶ୍ୱାମିତ୍ର ☐ (ଖ) ମନ୍ତ୍ରୀ ସୁମନ୍ତ ☐

(ଗ) ଶବର ରାଜ ଗୁହକ ☐ (ଘ) ଶ୍ରୀରାମ ଓ ଲକ୍ଷ୍ମଣ ☐





https://withteachers.in/

(ଖ) ଭରତ କ'ଣ ସଜକରି ଶ୍ରୀରାମଙ୍କ ସନ୍ଧାନରେ ଯିବାପାଇଁ ପ୍ରସ୍ତୁତ ହେଲେ ।

- ହାତୀଘୋଡ଼ା ସଜ କରି ।
- ସୈନ୍ୟ ସମାନ୍ତକୁ ସଜ କରି ।
- ଚତୁରଙ୍ଗ ବଳ ସଜ କରି ।
- ଅଯୋଧ୍ୟାବାସୀଙ୍କୁ ସଜ କରି ।

(ଗ) ସୈନ୍ୟମାନଙ୍କ ପାଦଧ୍ୱନିରେ କ'ଣ ଉଡ଼ିଲା ?



- ପତ୍ରଗୁଡ଼ିକ ଉଡ଼ିଲା ।
- ପତାକା ଉଡ଼ିଲା ।
- ଧୂଳିପଟଳ ଉଡ଼ିଲା ।
- ଗୋଡ଼ିମାଟି ଉଡ଼ିଲା ।

(ଘ) ଭରତ ଶତ୍ରୁଘ୍ନ ସୈନ୍ୟ ସାମନ୍ତ ନେଇ କ'ଣ କରିବାକୁ ଆସୁଛନ୍ତି ବୋଲି ଲକ୍ଷ୍ମଣ ଭାଇ ଶ୍ରୀରାମଙ୍କୁ କହିଲେ ?

- ଭେଟିବା ପାଇଁ ଆସୁଛନ୍ତି ।
- ମାରିବା ପାଇଁ ଆସୁଛନ୍ତି ।
- ଫେରାଇ ନେବା ପାଇଁ ଆସୁଛନ୍ତି ।
- ଶିକାର କରିବାକୁ ଆସୁଛନ୍ତି ।

(ଙ) ଭରତ କିପରି ରାଜ୍ୟ ଶାସନ କଲେ ?

- ରାଜା ଭାବରେ ।
- ଶ୍ରୀରାମଙ୍କ ପ୍ରତିନିଧି ରୂପେ ।
- ଅଯୋଧ୍ୟାବାସୀଙ୍କ ସେବକ ଭାବରେ ।
- ତପସ୍ୱୀ ଭାବରେ ।





https://withteachers.in/



# ମିଳିମିଶି ଯୋଡ଼ିବା

ନିମ୍ନରେ ପାଠର କିଛି ବାକ୍ୟ 'କ' ସ୍ତମ୍ଭରେ ଦିଆଯାଇଛି । 'ଖ' ସ୍ତମ୍ଭରେ ଏହି ବାକ୍ୟଗୁଡ଼ିକର ଅର୍ଥ ବା ପ୍ରସଙ୍ଗ ଦିଆଯାଇଛି । ବୁଝି ବିଚାରି 'କ' ସ୍ତମ୍ଭର ବାକ୍ୟ ସହ 'ଖ' ସ୍ତମ୍ଭର ଅର୍ଥ ବା ପ୍ରସଙ୍ଗଟିକୁ ରେଖାଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ଭରତ ଓ ଶତ୍ରୁଘ୍ନ ରଥରେ ବସିଲେ । ସୁମନ୍ତ ରଥ ଚଳାଇଲେ । | ୧. ଭରତ ଶ୍ରୀରାମଙ୍କ ପାଦତଳେ ପଡ଼ି କହିଲେ, ଆପଣ ହେଉଛନ୍ତି ଅଯୋଧ୍ୟାର ରାଜା । ଆପଣ ରାଜସିଂହାସନରେ ବସନ୍ତୁ । ଆମେ ଚାରିଭାଇ ତୁମର ସେବା କରିବୁ । ଆପଣ ଫେରି ଚାଲନ୍ତୁ । |
| ୨. ଭରତ ମୁନିଙ୍କୁ ପ୍ରଣାମ କରି ତାଙ୍କ ଆଗମନର କାରଣ ଜଣାଇଲେ । | ୨. ଶ୍ରୀରାମ ପିତୃସତ୍ୟ ପାଳନରୁ ବିଚ୍ୟୁତ ହେଲେ ନାହିଁ । ଭରତ ରାମଙ୍କ ପ୍ରଦତ୍ତ ପାଦୁକାକୁ ସିଂହାସନରେ ରଖି ଶ୍ରୀରାମଙ୍କ ପ୍ରତିନିଧି ଭାବେ ତପସ୍ୱୀ ବେଶରେ ରାଜ୍ୟ ଶାସନ କରିବାକୁ ସମ୍ମତ ହେଲେ । |
| ୩. ଭରତ କହିଲେ– "ଅଯୋଧ୍ୟାକୁ ଫେରିଯାଇ ରାଜସିଂହାସନରେ ବସ । ଆମେ ତୁମର ସେବା କରି ଧନ୍ୟ ହେବୁ ।" | ୩. ଭରତ ଓ ଶତ୍ରୁଘ୍ନ ରଥରେ ବସି ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଖୋଜିବାକୁ ବାହାରି ଶୃଙ୍ଗବେରପୁରରେ ପହଞ୍ଚିଲେ । |
| ୪. ପାଦୁକା ଦୁଇଟିକୁ ସିଂହାସନରେ ରଖି ରାମଙ୍କର ପ୍ରତିନିଧି ରୂପେ ରାଜ୍ୟ ଶାସନ କଲେ । | ୪. ଭରତ ଶ୍ରୀରାମଙ୍କୁ ଖୋଜିବା ପାଇଁ ଭରଦ୍ୱାଜ ମୁନିଙ୍କ ଆଶ୍ରମରେ ପହଞ୍ଚିଲେ ଓ ନିଜର ମନର କଥା ଜଣାଇଲେ । ମୁନି ତାଙ୍କୁ ବାଟ ବତାଇ ଦେଲେ । |





https://withteachers.in/

## ବାକ୍ୟଗୁଡ଼ିକର ଆଲୋଚନା କର

ନିମ୍ନରେ ପାଠ ମଧ୍ୟରୁ କିଛି ବାକ୍ୟ ଦିଆଯାଇଛି । ଏଗୁଡ଼ିକୁ ଧ୍ୟାନ ସହକାରେ ପଢ଼ ଓ ତୁମ ବିଚାରରେ ଏହାର ଅର୍ଥ ପ୍ରକାଶ କରି ସାଙ୍ଗମାନଙ୍କ ସହିତ ଆଲୋଚନା କର ।



(କ) 'ସିଂହାସନରେ ତୁମେ ବସିବା କଥା । ତାହା ପାଇଁ ତୁମେ ହିଁ ଉପଯୁକ୍ତ ।'

(ଖ) 'ଯେଉଁ ସତ୍ୟ ପାଳିବାକୁ ଯାଇ ଆମର ପିତା ଜୀବନ ହରାଇଲେ, ମୁଁ କିପରି ସେହି ସତ୍ୟ ଲଙ୍ଘନ କରିବି ?'

(ଗ) 'ତାହାହେଲେ ତୁମେ ମୋର ପ୍ରତିନିଧି ରୂପେ ରାଜ୍ୟ ଶାସନ କର ।'

## ବୁଝିବିଚାରି ଲେଖ

ବର୍ତ୍ତମାନ ତୁମେ ଏହି ପାଠଟିକୁ ପୁଣିଥରେ ଭଲଭାବରେ ପଢ଼ ଓ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ଉପରେ ଆଲୋଚନା କରି ଲେଖ ।




(କ) ଭରତ ଶବରରାଜ ଗୁହକଙ୍କଠାରୁ କି ସମ୍ବାଦ ପାଇଲେ ?

(ଖ) ଭରତ କାହିଁକି ତପସ୍ୱୀବେଶ ଧାରଣ କରିଥିଲେ ?

(ଗ) ଶ୍ରୀରାମ କେଉଁ ସତ୍ୟ ଲଙ୍ଘନ କରିପାରିବେ ନାହିଁ ବୋଲି ଭରତଙ୍କୁ କହିଥିଲେ ?

(ଘ) ଭରତ ଓ ଶତ୍ରୁଘ୍ନଙ୍କ ସହିତ ସୈନ୍ୟସାମନ୍ତମାନଙ୍କୁ ଦେଖି ଲକ୍ଷ୍ମଣଙ୍କ ମନରେ କି ଧାରଣା ସୃଷ୍ଟି ହେଲା ?

## ଅନୁମାନ ଓ କଳ୍ପନା



(କ) ଗୁହକଙ୍କଠାରୁ କେଉଁ ସମ୍ବାଦ ଶୁଣି ଭରତଙ୍କ ଶୋକ ବୃଦ୍ଧି ପାଇଲା । ତୁମେ ଭରତଙ୍କ ସ୍ଥାନରେ ରହିଥିଲେ କ'ଣ କରିଥାନ୍ତ, ଅନୁମାନ କରି ଲେଖ ।

(ଖ) ଭାଇ ଭାଇକୁ ଭେଟିଲେ ମନରେ କି ଭାବନା ସୃଷ୍ଟି ହେବ ? ଭରତ ଓ ଶତ୍ରୁଘ୍ନଙ୍କୁ ଦେଖି ଶ୍ରୀରାମଙ୍କ ମନରେ କ'ଣ ସୃଷ୍ଟି ହେଲା ?



https://withteachers.in/

(ଗ) ତୁମ ବିଚାର ଅନୁସାରେ ବଡ଼ଭାଇମାନଙ୍କୁ କେଉଁ ସମ୍ମାନ ପ୍ରଦାନ କରାଯାଏ ? ତାହା ଭରତ ପାଳନ କରିଛନ୍ତି ବୋଲି ତୁମେ ଯଦି ଭାବୁଛ, ତେବେ କାହିଁକି ?

(ଘ) ତୁମେ ଯଦି ପିତାଙ୍କର ବଡ଼ ପୁଅ ହୋଇଥାନ୍ତ, ତେବେ ତୁମେ ତୁମ ସାନ ଭାଇମାନଙ୍କ ପ୍ରତି କିପରି ସ୍ନେହ ପ୍ରଦାନ କରିଥାନ୍ତ, ବର୍ଣ୍ଣନା କର ।

(ଙ) ଶ୍ରୀରାମଚନ୍ଦ୍ରଙ୍କ ପିତୃଭକ୍ତି ଓ ଭ୍ରାତୃସ୍ନେହ ପରି ଆଜିର ଯୁବପିଢ଼ି ଯଦି ପାଳନ କରନ୍ତି, ତେବେ କ'ଣ କରିବେ ?



## ପାଠଟିର ଶୀର୍ଷକ / ନାମକରଣ



ପାଠଟିର ଶୀର୍ଷକ ବା ନାମକରଣ ତୁମେ ଯଦି ପରିବର୍ତ୍ତନ କରିବାକୁ ଇଚ୍ଛା କରିବ, ତେବେ କେଉଁ ନାମ ଦେବ ଓ କାହିଁକି ଦେବ ?



## ଭାଷା ବିଚାର



ନିମ୍ନରେ କେତେକ ଶବ୍ଦ ଦିଆଯାଇଛି । ସେଥିରେ ଅନେକ ବିଶେଷତା ଓ ଗୁଣ ରହିଛି । ତହିଁରୁ ବିଶେଷ୍ୟ ଓ ବିଶେଷଣ ପଦ ଚିହ୍ନାଅ ।

| | ଶବ୍ଦ | ବିଶେଷଣ | ବିଶେଷ୍ୟ |
|---|---|---|---|
| ଯେପରି – | ମନ୍ଦବୁଦ୍ଧି | ମନ୍ଦ | ବୁଦ୍ଧି |
| | ଚଉଦବର୍ଷ | | |
| | ଅଖଣ୍ଡବିଶ୍ୱାସ | | |
| | ଥଣ୍ଡାପାଣି | | |
| | କଷାଫଳ | | |



https://withteachers.in/

## ବିପରୀତାର୍ଥବୋଧକ ଶବ୍ଦ ଓ ଏହାର ପ୍ରୟୋଗ


(କ) ନିମ୍ନସାରଣୀରେ କେତେକ ଶବ୍ଦ ଓ ତାହାର ବିପରୀତାର୍ଥବୋଧକ ଶବ୍ଦ ଦିଆଯାଇଛି । ସେଗୁଡ଼ିକୁ ରେଖା ଟାଣି ସଂଯୋଗ କର ।

| ଶବ୍ଦ | ବିପରୀତାର୍ଥବୋଧକ ଶବ୍ଦ |
|---|---|
| ୧. ଦୁର୍ଗମ | ୧. ଠିକ୍ |
| ୨. ଆଗମନ | ୨. ବିଚ୍ଛେଦ |
| ୩. ସନ୍ତୁଷ୍ଟ | ୩. ସୁଖ |
| ୪. ଆନନ୍ଦ | ୪. ଜନ୍ମ |
| ୫. ଭୁଲ | ୫. ନିରର୍ଥକ |
| ୬. ମିଳନ | ୬. ଅସ୍ୱୀକାର |
| ୭. ଦୁଃଖ | ୭. ବିଷାଦ |
| ୮. ମୃତ୍ୟୁ | ୮. ଅସନ୍ତୁଷ୍ଟ |
| ୯. ସାର୍ଥକ | ୯. ପ୍ରତ୍ୟାଗମନ |
| ୧୦ ସ୍ୱୀକାର | ୧୦. ସୁଗମ |

(ଖ)ଉପରିଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର ।

## ପାଠ୍ୟ ବହିର୍ଭୂତ





### ତୁମକଥା

(କ) ରାମାୟଣ ଗ୍ରନ୍ଥରେ ତୁମେ ଶ୍ରୀରାମଚନ୍ଦ୍ରଙ୍କ ସତ୍ୟରକ୍ଷା ବିଷୟରେ କ'ଣ ଜାଣିଲ, ଲେଖ ।

(ଖ) ଶ୍ରୀରାମଙ୍କ ସତ୍ୟରକ୍ଷା ଓ ଭ୍ରାତୃପ୍ରେମକୁ ତୁମ ଜୀବନରେ କିପରି ପାଳନ କରିପାରିବ ଲେଖ ।



https://withteachers.in/



## ଆସ ଯୋଡ଼ିବା

ନିମ୍ନରେ ରାମାୟଣ କଥା ବିଷୟରେ କିଛି ତଥ୍ୟ 'କ' ସ୍ତମ୍ଭରେ ଦିଆଯାଇଛି ଓ ତାହାର ଉତ୍ତର 'ଖ' ସ୍ତମ୍ଭରେ ରହିଛି । 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭକୁ ଯୋଡ଼ିବା ପାଇଁ ତୁମେ ତୁମର ଶିକ୍ଷକ, ପିତାମାତା, ପୁସ୍ତକାଳୟ ଓ ଇଣ୍ଟରନେଟ୍‌ର ସହାୟତା ନେଇ ପାରିବ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
| --- | --- |
| ୧. ରାମାୟଣ ଗ୍ରନ୍ଥର ରଚୟିତା ? | ୧. ବଳରାମ ଦାସ |
| ୨. ରାମାୟଣର ବିଭିନ୍ନ ଭାଗକୁ କ'ଣ କୁହାଯାଏ ? ଏହା କେତେଭାଗରେ ବିଭକ୍ତ ? | ୨. ବିଭୀଷଣ |
| ୩. ଶ୍ରୀରାମଚନ୍ଦ୍ର କେଉଁଠାରେ ଅବସ୍ଥାନ କରୁଥିବା ସମୟରେ ଭରତ ସେଠାରେ ପହଞ୍ଚି ତାଙ୍କୁ ଫେରାଇ ଆଣିବାକୁ ଯାଇଥିଲେ । | ୩. ପର୍ବ, ୧୮ ପର୍ବ |
| ୪. ମହାଭାରତର ବିଭିନ୍ନ ଭାଗକୁ କ'ଣ କୁହାଯାଏ ଏବଂ ଏହା କେତେ ଭାଗରେ ବିଭକ୍ତ ହୋଇଛି । | ୪. ମହର୍ଷି ବାଲ୍ମିକୀ |
| ୫. ଶ୍ରୀରାମମଚନ୍ଦ୍ର ରାବଣକୁ ବଧ କରିବା ପରେ ଲଙ୍କାରେ କାହାକୁ ରାଜା କରାଇ ଥିଲେ ? | ୫. କାଣ୍ଡ, ୭ଟି କାଣ୍ଡ |
| ୬. ଓଡ଼ିଆ ଭାଷାରେ 'ଜଗମୋହନ ରାମାୟଣ' କିଏ ରଚନା କରିଛନ୍ତି ? | ୬. ଚିତ୍ରକୂଟ |



## ସୁସ୍ଥ ପରିବାର ଓ ସମାଜ

ପଠିତ ପାଠରେ ପିତାମାତାଙ୍କ ପ୍ରତି ସନ୍ତାନର ଭକ୍ତି ଏବଂ ଭାଇ ପ୍ରତି ଭାଇର ଅନାବିଳ ସ୍ନେହର ବାର୍ତ୍ତା ରହିଛି, ତାହା ଆଲୋଚନା କର । ନିମ୍ନରେ କେତୋଟି ବାର୍ତ୍ତା ଦିଆଯାଇଛି, ତୁମେ ନିଜେ କିଛି ଅଧିକ ସମାଜ ଉପଯୋଗୀ ମୂଳକ କଥା ଲେଖ ।

(କ) ରାମାୟଣରେ ଅନ୍ୟାୟ ଓ ଅତ୍ୟାଚାରର ବିରୁଦ୍ଧରେ ଶ୍ରୀରାମଚନ୍ଦ୍ର ଅସ୍ତ୍ର ଉତ୍ତୋଳନ କରିଛନ୍ତି ।

(ଖ) ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହୋଇଛି ।

(ଗ) ଦୁଷ୍ଟ ଶକ୍ତିର ବିନାଶ ଘଟିଛି ।



https://withteachers.in/

(ଘ) ଭାଇର ଭାଇପ୍ରତି ଅନାବିଳ ସ୍ନେହ ସଦିଚ୍ଛାର କଥା କୁହାଯାଇଛି ।

(ଙ) ପିତାମାତାଙ୍କ ପ୍ରତି ଭକ୍ତି ଓ ସମ୍ମାନ ରହିଛି ।

(ଚ) "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର । ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"

ସେହିପରି ତୁମେ ଆଦର୍ଶ ଘର ବିଷୟରେ କ'ଣ ଭାବୁଛ ଲେଖ :

୧. ______________________________


୨. ______________________________

୩. ______________________________

୪. ______________________________










https://withteachers.in/



## ନାରୀ ସମାଜକୁ ସମ୍ମାନ

ରାମାୟଣରେ ନାରୀ ସମାଜକୁ କିପରି ସମ୍ମାନ ଦିଆଯାଇଛି, ସେ ବିଷୟରେ ତୁମର ଗୁରୁ, ଗୁରୁଜନମାନଙ୍କ ସହିତ ଆଲୋଚନା କରି ଲେଖ ।



## ତୁମର ପ୍ରିୟ ଚରିତ୍ର

(କ) ରାମାୟଣରେ ବର୍ଣ୍ଣିତ ଚରିତ୍ରମାନଙ୍କ ମଧ୍ୟରୁ କେଉଁ ଚରିତ୍ରଗୁଡ଼ିକ ତୁମକୁ ଅଧିକ ଭଲ ଲାଗେ ଓ କାହିଁକି ?


(ଖ) ରାମାୟଣରେ ବର୍ଣ୍ଣିତ କେଉଁ ଚରିତ୍ରର ତ୍ୟାଗ, ଆଦର୍ଶ ଓ ସାଧନା ତୁମକୁ ଭଲ ଲାଗେ, ଲେଖ ।

(ଗ) ଶ୍ରୀରାମ ଓ ସୁଗ୍ରୀବଙ୍କ ବନ୍ଧୁତା ବିଷୟରେ ଲେଖ ।

ଉପରିଲିଖିତ ଚରିତ୍ରମାନଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ତୁମେ ଶିକ୍ଷକ, ପିତାମାତା ଓ ପାଠାଗାରର ସହାୟତା ନିଅ ।

ଚିତ୍ର ଦେଖି ନାମ ଲେଖ ଓ ସେମାନଙ୍କ ପ୍ରମୁଖ କାର୍ଯ୍ୟ ବିଷୟରେ ଲେଖ ।

ଯେପରି –

| | |
|---|---|
|  | ବୀରହନୁମାନ – ଶ୍ରୀରାମଙ୍କ ଭକ୍ତ, ସୀତାମାତାଙ୍କ ସନ୍ଧାନ |
|  | |
|  | |



https://withteachers.in/

| | |
|---|---|
|  | |
|  | |

## ଖୋଜିବା, ଜାଣିବା



ରାମାୟଣ କଥା ଜାଣିବା ପାଇଁ ଚଳଚ୍ଚିତ୍ର ଦେଖିବା, ଇଣ୍ଟରନେଟ୍ ସହାୟତା ଓ ବିଭିନ୍ନ ପୁସ୍ତକ ଅଧ୍ୟୟନ କରିବା ।





https://withteachers.in/

**ପଠନ ନିମନ୍ତେ**



# ଶାଶ୍ୱତ ଭାରତ

ସ୍ୱାମୀ ବିବେକାନନ୍ଦ

ଭାରତ ପୁଣି ଉଠିବ, କିନ୍ତୁ ଜଡ଼–ଶକ୍ତିରେ ନୁହେଁ, ଚୈତନ୍ୟ - ଶକ୍ତିରେ, ବିନାଶର ବିଜୟ –ପତାକା ଧରି ନୁହେଁ, ଶାନ୍ତି ଓ ପ୍ରେମର ପତାକା ନେଇ – ସନ୍ନ୍ୟାସୀର ଗୈରିକ ବେଶ ସାହାଯ୍ୟରେ, ଅର୍ଥର ଶକ୍ତିରେ ନୁହେଁ, ଭିକ୍ଷାପାତ୍ରର ଶକ୍ତିରେ। ମୁଁ ଦିବ୍ୟ ଚକ୍ଷୁରେ ଦେଖୁଛି ଯେ, ଆମର ସେହି ପ୍ରାଚୀନା ଜନନୀ ପୁନର୍ବାର ଜାଗରିତା ହୋଇଛନ୍ତି, ପୂର୍ବାପେକ୍ଷା ଅଧିକ ମହିମାନ୍ୱିତା ହୋଇ, ପୁନର୍ବାର ନବଯୌବନଶାଳିନୀ ହୋଇ ତାଙ୍କର ସିଂହାସନରେ ବସିଛନ୍ତି। ଶାନ୍ତି ଓ ଆଶୀର୍ବାଣୀ ପ୍ରୟୋଗ ସହକାରେ ତାଙ୍କର ନାମ ସମଗ୍ର ଜଗତରେ ଘୋଷଣା କର।

ତୁମେମାନେ ଯେ ଶତଶତ ଶତାବ୍ଦୀର ଅତ୍ୟାଚାର ସହ୍ୟ କରି ଏବେ ମଧ୍ୟ ଅକ୍ଷତ ଭାବରେ ରହିଛ, ତାହାର କାରଣ ତୁମେମାନେ ଏହାକୁ ସଯତ୍ନରେ ରକ୍ଷା କରିଛ, ଏହା ପାଇଁ ଅନ୍ୟ ସମସ୍ତ ସ୍ୱାର୍ଥ ତ୍ୟାଗ କରିଛ। ତୁମମାନଙ୍କ ପୂର୍ବ ପୁରୁଷଗଣ ଏହି ଧର୍ମ ରକ୍ଷା ପାଇଁ ସମସ୍ତେ ସାହସପୂର୍ବକ ସହିଥିଲେ, ଏପରି କି ମୃତ୍ୟୁକୁ ମଧ୍ୟ ଆଲିଙ୍ଗନ କରିବା ପାଇଁ ପ୍ରସ୍ତୁତ ଥିଲେ। ବୈଦେଶିକ ଦିଗ୍‌ବିଜୟୀ ମନ୍ଦିର ପରେ ମନ୍ଦିର ଭଗ୍ନ କରିଛନ୍ତି– କିନ୍ତୁ ଏହି ଅତ୍ୟାଚାରସ୍ରୋତ ଯେମିତି ଟିକିଏ ଅଟକି ଯାଇଛି, ପୁଣି ସେହି ସ୍ଥାନରେ ମନ୍ଦିରର ଚୂଡ଼ା ଉଠିଛି। ଅନେକ ଗ୍ରନ୍ଥ ପାଠରେ ଯାହା ନ ଶିଖିପାର, ଗୁଜୁରାଟ୍ ସୋମନାଥଙ୍କ ମନ୍ଦିର ପରି ଦାକ୍ଷିଣାତ୍ୟର ଅନେକ ପ୍ରାଚୀନ ମନ୍ଦିର ତୁମମାନଙ୍କୁ ତଦପେକ୍ଷା ଅନେକ ଅଧିକ ଜ୍ଞାନ ଶିଖାଇପାରେ, ତୁମମାନଙ୍କ ଜାତିର ଇତିହାସ ସମ୍ବନ୍ଧରେ ଗଭୀରତର ଅନ୍ତର୍ଦୃଷ୍ଟି ଦେଇପାରେ। ଲକ୍ଷ୍ୟ କରି ଦେଖ, ଉକ୍ତ ମନ୍ଦିର ଶତ ଶତ ଆକ୍ରମଣରେ ମଧ୍ୟ ଶତ ଶତ ପୁନର୍ଭ୍ୟୁଦୟର ଚିହ୍ନ ଧାରଣ କରିଛି – ବାରମ୍ବାର ନଷ୍ଟ ହୋଇଛି, ପୁଣି ସେହି ଭଗ୍ନାବଶେଷ ଉତ୍‌ଥିତ ହୋଇ ନୂତନ ଜୀବନ ଲାଭ କରି ପୂର୍ବପରି ଅଚଳ ଅଟଳ ଭାବରେ ବିରାଜମାନ ଅଛି। ସୁତରାଂ ଏଠାରେ, ଏହି ଧର୍ମରେ ଆମମାନଙ୍କ ଜାତୀୟ ମନ ଜାତୀୟ ପ୍ରାଣପ୍ରବାହ ଦେଖିବାକୁ ପାଇବା। ଏହାର ଅନୁସରଣ କର, ତୁମେମାନେ ମହତ୍ତ୍ୱ –ପଦବୀରେ ଆରୂଢ଼ ହେବ।



ଆମ ପୁଣ୍ୟ ମାତୃଭୂମିରେ ହିଁ ଧର୍ମ ଓ ଦର୍ଶନର ଉତ୍ପତ୍ତି ଓ ପରିପୁଷ୍ଟି। ଏଠାରେ ହିଁ ବଡ଼ ବଡ଼ ଧର୍ମବୀର ଜନ୍ମଗ୍ରହଣ କରିଛନ୍ତି। ଏହିଠାରେ – କେବଳ ଏହିଠାରେ ତ୍ୟାଗଧର୍ମ ପ୍ରଚାରିତ ହୋଇଅଛି; ଏହିଠାରେ କେବଳ ଅତି ପ୍ରାଚୀନ କାଳରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ମନୁଷ୍ୟ ସମ୍ମୁଖରେ ଉଚ୍ଚତମ ଆଦର୍ଶସମୂହ ସ୍ଥାପିତ ହୋଇଅଛି। ଦର୍ଶନ, ଧର୍ମ ବା ନୀତିବିଜ୍ଞାନ କହ, ଅଥବା ମଧୁରତା, କୋମଳତା ବା ମାନବଜାତି ପ୍ରତି ଅକପଟ ପ୍ରୀତିରୂପକ ସଦ୍‌ଗୁଣରାଜି କହ, ଆମର ଏହି ମାତୃଭୂମି ଏ



https://withteachers.in/

ସମସ୍ତଙ୍କର ପ୍ରସୂତି । ଏବେ ମଧ୍ୟ ଭାରତରେ ଏଗୁଡ଼ିକ ବିଦ୍ୟମାନ ଏବଂ ମୁଁ ପୃଥିବୀ ସମ୍ବନ୍ଧରେ ଯାହା କିଛି ଅଭିଜ୍ଞତା ଲାଭ କରିଛି, ସେହି ବଳରେ ମୁଁ ଦୃଢ଼ଭାବରେ ସାହସର ସହିତ ବର୍ତ୍ତମାନ କହିପାରେ, ଏବେ ମଧ୍ୟ ଭାରତ ଏସମସ୍ତ ବିଷୟରେ ପୃଥିବୀର ସମସ୍ତ ଜାତି ଅପେକ୍ଷା ଶ୍ରେଷ୍ଠ ।

## କାଳଜୟୀ ପଦ ପଂକ୍ତି

'ଅମୃତ ବିନୟ ବଚନ ।
କହି ତୋଷିବ ପ୍ରାଣୀମନ ।' — ଜଗନ୍ନାଥ ଦାସ

'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।' — ଭକ୍ତକବି ମଧୁସୂଦନ ରାଓ

'ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।' — ସ୍ୱଭାବକବି ଗଙ୍ଗାଧର ମେହେର

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।' — ସନ୍ଥକବି ଭୀମଭୋଇ

'କେହି ରହିନାହିଁ ରହିବେ ନାହିଁଟି
ଭବରଙ୍ଗ ଭୂମିତଳେ
ସର୍ବେ ନିଜନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ ।' — କବିବର ରାଧାନାଥ ରାୟ

ମିଶୁ ମୋର ଦେହ ଏଦେଶ ମାଟିରେ
ଦେଶବାସୀ ଚାଲିଯା'ନ୍ତୁ ପିଠିରେ
ଦେଶର ସ୍ୱରାଜ-ପଥେ ଯେତେ ଗାଡ଼
ପୁରୁତହିଁ ପଡ଼ି ମୋର ମାଂସହାଡ଼ — ଉତ୍କଳମଣି ଗୋପବନ୍ଧୁ ଦାସ

'ପିତା ମାତା ସେନେହର କିବା ଅଛି ପଟ୍ଟାନ୍ତର,
ସେ ଯେ ମହାସିନ୍ଧୁ ତାର କାହିଁ ଅବା କୂଳଥଳ ।' — କବି ପଦ୍ମଚରଣ ପଟ୍ଟନାୟକ

(ସଂପାଦନା ମଣ୍ଡଳୀ ଦ୍ୱାରା ସଂଗୃହୀତ)



https://withteachers.in/

# ଅଭିଧାନ

ତୁମ ପାଇଁ ଏଠାରେ ଏକ ଛୋଟ ଅଭିଧାନ ପ୍ରଦତ୍ତ କରାଯାଇଛି । ଏହି ଅଭିଧାନରେ ବିଭିନ୍ନ ପାଠ୍ୟରେ ପ୍ରକାଶିତ ଶବ୍ଦଗୁଡ଼ିକ ରହିଛି । କିଛି ଶବ୍ଦର ଏକାଧିକ ଅର୍ଥ ହୋଇପାରେ । ତୁମେ ପାଠ୍ୟର ପ୍ରସଙ୍ଗକୁ ଆଧାର କରି କେଉଁ ଅର୍ଥ ପାଠ୍ୟ ପାଇଁ ଅଧିକ ଉପଯୁକ୍ତ ତାହା ବାଛି ପଢ଼, ବୁଝ ଓ ଲେଖ ।

କିଛି ସ୍ଥାନରେ, ଶବ୍ଦର ଅନେକ ପ୍ରତିଶବ୍ଦ ମଧ୍ୟ ଦିଆଯାଇଛି । ତୁମେ ପ୍ରସଙ୍ଗ ଅନୁସାରେ ଉପଯୁକ୍ତ ଶବ୍ଦଟିକୁ ବାଛ । ଏହି ଅଭିଧାନ ତୁମକୁ ଠିକ୍ ଅର୍ଥ ଓ ବନାନ ଶିଖାଇବାରେ ସାହାଯ୍ୟ କରିବ ।

ପ୍ରତ୍ୟେକ ଶବ୍ଦ ଅର୍ଥ ପୂର୍ବରୁ, ମୂଳ ଶବ୍ଦ ପରେ, ବନ୍ଧନୀରେ ଏକ ସଂକ୍ଷିପ୍ତ ଅକ୍ଷର ଦିଆଯାଇଛି । ଏହି ସଂକ୍ଷିପ୍ତ ଅକ୍ଷରଗୁଡ଼ିକ ତୁମକୁ ଶବ୍ଦର ପୂର୍ଣ୍ଣ ପରିଚୟ ପ୍ରଦାନ କରିବ । ଏଠାରେ ବ୍ୟବହୃତ ସଂକ୍ଷିପ୍ତ ଅକ୍ଷରଗୁଡ଼ିକର ପୂର୍ଣ୍ଣ ଅର୍ଥ ନିମ୍ନରେ ଦିଆଗଲା ।

ଅ. – ଅବ୍ୟୟ
ଇଂ. – ଇଂରାଜୀ ଶବ୍ଦ କିମ୍ବା ଇଂରାଜୀ ଶବ୍ଦରୁ
କ୍ରି. – କ୍ରିୟା
କ୍ରି.ବିଂ. – କ୍ରିୟା ବିଶେଷଣ
ଣିଚ୍ – ଣିଜନ୍ତ ପ୍ରତ୍ୟୟ
ପୁଂ – ପୁଂଲିଙ୍ଗ
ବି. – ବିଶେଷ୍ୟ
ବିଂ. – ବିଶେଷଣ
ବିପ. – ବିପରୀତ ଶବ୍ଦ
ସ. – ସର୍ବନାମ
ସଂ. – ସଂସ୍କୃତ ଶବ୍ଦ
ସନ୍ – ସନନ୍ତ ପ୍ରତ୍ୟୟ
ସ୍ତ୍ରୀ. – ସ୍ତ୍ରୀଲିଙ୍ଗ

## ‘ଅ’

ଅଇଁଠା : ବି. ଖାଇବା ପରେ ରହିଯିବା / ଖାଦ୍ୟାଂଶ

ଅଗୋଚର : ବିଂ. ଅଜ୍ଞାତ

ଅଜ୍ଞାନ : ବିଂ. ଅଜଣା

ଆପଣାର : ବିଂ. ନିଜର

ଅଧମ : ବିଂ. ହୀନ / ନିର୍ଦ୍ଦିଷ୍ଟ

ଅଧୀର : ବିଂ. ଧୈର୍ଯ୍ୟହୀନ, କାତର

ଅନାଦର : ବି. ଅଣହେଳା

ଅପୂର୍ବ : ବିଂ. ଚମତ୍କାର / ଦୁର୍ଲଭ / ଯାହ ପୂର୍ବରୁ ନ ଥିଲା ।

ଅବଶ୍ୟ : ଅ. ନିଶ୍ଚୟ

ଅବନୀ : ବି. ପୃଥିବୀ

ଅବରୋହଣ : ବି. ତଳକୁ ଓହ୍ଲାଇବା

ଅମର : ବିଂ. ମୃତ୍ୟୁହୀନ, ଚିରସ୍ମରଣୀୟ

ଅମଳିନ : ବିଂ. ଚିରନ୍ତନ

ଅରଜି : କ୍ରି. ଅର୍ଜନ କରି

ଅଲିଭା : ବିଂ. ଯାହାଲିଭି ଯାଏ ନାହିଁ

ଅଶ୍ରୁତ : ବିଂ. ଅଶୁଣା

ଅସହିଷ୍ଣୁ : ବିଂ. ଅଧୀର / ଈର୍ଷାପର

ଅସ୍ତବ୍ୟସ୍ତ : ବିଂ. ଅତି ଅସ୍ଥିର

ଅହଂକାରୀ : ବିଂ. ଆତ୍ମାଭିମାନୀ

ଅହିଂସା : ବି. ହିଂସା ନକରିବା





https://withteachers.in/

## 'ଆ'

ଆକର : ବି. ଆଧାର / ଉତ୍ପତ୍ତିସ୍ଥାନ

ଆଚରିବା : କ୍ରି. ବ୍ୟବହାର ପ୍ରଦର୍ଶନ କରିବା

ଆପଣାର : ବିଂ. ନିଜର

ଆରୋହରଣ : ବିଂ. ଉପରୁ ଉଠିବା / ଚଢ଼ିବା

ଆଶ୍ୱାସନା : ଜି. ସାନ୍ତ୍ୱନା, ପ୍ରବୋଧନା

ଆହୁତି : ବିଂ. ଡାକରା, ଆମନ୍ତ୍ରିତ

## 'ଉ'

ଉଜାଗର : ବି. ଅନିଦ୍ରା, ନିଦ୍ରାହୀନତା

ଉଦ୍‌ଗ୍ରୀବ : ବିଂ. ଅତ୍ୟନ୍ତ ବ୍ୟଗ୍ର, ଯେ ବେକଟେକି ଥାଏ

ଉତ୍ସ : ବିଂ. ଝରଣା, ନିର୍ଝର

ଉପାଖ୍ୟାନ : ଜିଂ. ମୂଳ କାହାଣୀର ଅନ୍ତର୍ଗତ କ୍ଷୁଦ୍ରଗଳ୍ପ

## 'କ'

କଟେବାର : ଭଲ ସମୟ

କରୁଣ : ବିଂ. କରୁଣଜନକ, ଶୋକାବହ

କଳଙ୍କିତା : ବିଂ. କଳୁଷିତ, ଦାଗଯୁକ୍ତ

କଳାମଚମଚ : ବିଂ. ଗାଢ଼କଳା

କାଳେ : ଅ. ଯଥା ସମୟରେ, କୁଆଡ଼େ, କାଳୋଚିତ

କାହ୍ନୁକୁରା : ବି. କାହ୍ନୁର ମେଲା ଠଣା ।

କାମନା : ବି. ଇଚ୍ଛା, ବାଞ୍ଛା

## 'ଗ'

ଗଉଁଆ : ବିଂ. ଏକଜିଦିଆ

ଗହଳ : ବିଂ. ବ୍ୟବଧାନ ରହିତ, ଘଞ୍ଚ, ଘନ

ଗନ୍ତାଘର : ବି. ଭଣ୍ଡାର ଘର

ଗଭା : ବି. ଜୁଡ଼ା, କବରୀ

ଗିର : ବି. ବଚନ, କଣ୍ଠସ୍ୱର

ଗୋସେଇଁ ମା' : ବି. ବାପାଙ୍କ ମାଆ

## 'ଜ'

ଜଗତ୍‌ପତି : ବି. ଜଗତକର୍ତ୍ତା, ଜଗତ ପରିଚାଳକ

ଜପାମାଳି : ବି. ଯେଉଁମାଳାଦ୍ୱାରା ଜପ କରାଯାଏ, ପ୍ରିୟତମ ବ୍ୟକ୍ତି / ବସ୍ତୁ (ଲକ୍ଷଣାର୍ଥେ)

ଜନକ : ବିଂ. ଜନ୍ମଦାତା, ବି. ପିତା

ଜନନାୟକ : ବି. ଲୋକସାଧାରଣଙ୍କର ନେତା

ଜମ୍ବୁକ : ବି. ଶୃଗାଳ, ବିଲୁଆ

## 'ଝ'

ଝଳି : ବି. ଦୀପ୍ତି, କାନ୍ତି

ଝାସିଥିଲା : କ୍ରି. ଝାସ ଦେଇଥିଲା

## 'ତ'

ତପ : ବି. ଗ୍ରୀଷ୍ମକାଳ, ରୌଦ୍ର

ତପସ୍ୱୀ : ତପଃ : ବି. ତପସ୍ୟା

ବି. ମୁନି, ବି. ସନ୍ନ୍ୟାସୀ

ତର୍ପଣ : ବି. ତୋଷିତା, ତୃପ୍ତି

ତରେ : କ୍ରି. ଉଦ୍ଧାର ପାଏ

ତୁନି : ବିଂ. ନୀରବ, ଚୁପ୍

ତୋଷିବା : କ୍ରି. ସନ୍ତୁଷ୍ଟ କରିବା

ତୋଷାଳି : ବି. ପ୍ରାଚୀନ ଉତ୍କଳର ରାଜଧାନୀ

ତୃଷ୍ଣା : ବି. ଶୋଷ, ପାଇବାର ଆକାଂକ୍ଷା





https://withteachers.in/

## ‘ଦ’

ଦହଗଞ୍ଜ : ବି. ଯନ୍ତ୍ରଣା, ବ୍ୟତିବ୍ୟସ୍ତତା

ଦାୟାଦ : ବି. ପୁତ୍ର, ଉତ୍ତରାଧିକାରୀ

ଦିଗ୍‌ବଳୟ : ବି. ଚକ୍ରବାଳ

ଦୀକ୍ଷା : ବି. ମନ୍ତ୍ରୋପଦେଶ

ଦୁର୍ଗମ : ବିଂ. ଯେଉଁଠାରେ ପହଞ୍ଚିବା / କଷ୍ଟସାଧ୍ୟ

ଦୁରବସ୍ଥା : ବି. ଦୁର୍ଦ୍ଦଶା

ଦେଶାନ୍ତର : ବି. ଦୂରଦେଶ, ନିର୍ବାସନ, ଅନ୍ୟ ଦେଶ

## ‘ନ’

ନଭ : ବି. ଆକାଶ, ଶୂନ୍ୟ, ଶ୍ରାବଣ ମାସ

ନର : ବି. ମାନବ, ପୁରୁଷ

ନିତ୍ୟ : କ୍ରି.ବିଂ. ସର୍ବଦା, ପ୍ରତ୍ୟହ

ନୈପଥ୍ୟ : ବି. ଅଭିନେତା ଓ ଅଭିନେତ୍ରୀଙ୍କ ବେଶ ବିନ୍ୟାସର ଗୃହ

ନିର୍ବୋଧ : ବିଂ. ମୂର୍ଖ, ଜ୍ଞାନଶୂନ୍ୟ

## ‘ପ’

ପକ୍ଷ : ବି. ମାସର ଅର୍ଦ୍ଧ, ପନ୍ଦରଦିନର ସମଷ୍ଟି, ଡେଣା, ଦଳ

ପଡ଼ା : ବି. ବସ୍ତି, କ୍ଷୁଦ୍ରଗ୍ରାମ

ପଡ଼ୋଶୀ : ବି. ପ୍ରତିବେଶୀ, ପଡ଼ିଶାର ଲୋକମାନେ

ପରିକ୍ରମା : ବି. ତୀର୍ଥାଦି ପ୍ରଦକ୍ଷିଣ ପୂର୍ବକ ଭ୍ରମଣ, ପର୍ଯ୍ୟାଲୋଚନା

ପରୁଆ : ବି. ଖାତିରି, ଦକ, ଚିନ୍ତା

ପହିଲି : ବିଂ. ପ୍ରଥମ, ଆଦ୍ୟଜାତ, ଆଦ୍ୟ ସଂଘଟିତ

ପୁଷ୍କରିଣୀ : ବି. ଜଳାଶୟ, ସରୋବର

ପୂଜାସ୍ଥଳୀ : ବି. ପୂଜାହେଉଥିବା ସ୍ଥାନ

ପୂତବାଣୀ : ବି. ପବିତ୍ର କଥା

ପୋଷିବା : କ୍ରି. ପାଳନ କରିବା

ପ୍ରତିନିଧି : ବି. ଜାମିନ, କ୍ଷମତାପ୍ରାପ୍ତ ବ୍ୟକ୍ତି, ପ୍ରତିକୃତି

ପ୍ରାଚୀନ : ବିଂ. ପୁରାତନ, ପୂର୍ବକାଳୀନ

ପ୍ରାସ : ବି. ଦରଜ, ବ୍ୟଥା

## ‘ବ’

ବଖାଣଇ : କ୍ରି. କହେ, ବ୍ୟାଖ୍ୟାକରେ

ବିଗଳିତ : ବିଂ. ସମ୍ପୂର୍ଣ୍ଣରୂପେ ଗଳିତ, ଦ୍ରବୀଭୂତ, ଶିଥିଳ, ଅତିପକ୍ୱ

ବରଣ : ବି. ସାଦର ଅଭ୍ୟର୍ଥନା

ବଧ : ବି. ହତ୍ୟା, ହନନ, ଦେହର ଜମାଟ ମଳି

ବରାବର : କ୍ରି.ବିଂ : ଚିରକାଳ, ପ୍ରତିଥର, ସବୁ ସମୟରେ

ବସୁନ୍ଧରା : ବି. ବସୁଧା, ପୃଥିବୀ, ବସୁମତୀ

ବାଧା : ବି. କ୍ଲାନ୍ତି, ବ୍ୟାଘାତ, ବିଘ୍ନ, ପ୍ରତିରୋଧ

ବିଚରଣ : ବି. ଏଣେତେଣେ ବୁଲିବା

ବିଚ୍ଛୁରିତ : ବିଂ. ଅନୁରଞ୍ଜିତ, ଚରିଆଡ଼େ ବିକ୍ଷିପ୍ତ, ନାନା ବର୍ଣ୍ଣରେ ବିଭକ୍ତ ହୋଇପଡ଼ିବା,

ବିଭାଜକ : ବିଂ. ଭାଗକାରୀ

ବିଭୂତି : ବି. ଭସ୍ମ, ସମ୍ପତ୍ତି, ସମୃଦ୍ଧ



https://withteachers.in/

ବିନୟ : ବି. ବିନମ୍ରତା, ଅନୁନୟ

ବିଶ୍ୱପତି : ବି. ଜଗତପତି

ବିହଙ୍ଗ ବିପ୍ଳବ : ବି. ଚଢ଼େଇମାନଙ୍କର ବିଦ୍ରୋହ, ଉପଦ୍ରବ

ବୁକୁ : ବି. ବକ୍ଷ, ହୃଦୟ,

ବେଭାର : ବି. ବ୍ୟବହାର, ଆଚରଣ, ରୀତି

ବେହୋସ : ବିଂ. ଅଚେତ, ସଂଜ୍ଞାହୀନ, ମୂର୍ଚ୍ଛିତ, ଖିଆଲ ଶୂନ୍ୟ

ବୃକ : ବି. ହୁଣ୍ଡାବାଘ, କାକ, ବିଲୁଆ

ବୈରୀ : ବିଂ. ଶତ୍ରୁ, ବିରୋଧୀ, ବିଦ୍ୱେଷୀ

ବୈଠକଖାନା : ବି. ବହିଃକକ୍ଷ, ସଭାବସିବା ଘର, ମଜଲିସ ଘର

ବୌଦ୍ଧଗାନ ଦୋହା : ବି. ବୌଦ୍ଧଗାନ ସମ୍ବଳିତ ହିନ୍ଦୀରେ ଦୁଇପାଦଯୁକ୍ତ ଛାନ୍ଦ ବିଶେଷ

ବ୍ୟଥା : ବି. ବଥା, ପୀଡ଼ା, ଯନ୍ତ୍ରଣା, ବେଦନା କଷ୍ଟ

## 'ଭ'

ଭଙ୍ଗୀ : ବି. ଢଙ୍ଗ, ଧରଣ

ଭର୍ତ୍ସନା : ବି. ତିରସ୍କାର, ନିନ୍ଦା, ଧମକ, ଉତ୍କଟ କଟୁ ବାକ୍ୟ

ଭୁଞ୍ଜାଇ : କ୍ରି. ଖାଇବା, ସୁଖ ବା ଦୁଃଖ ଭୋଗ କରିବା

ଭୂଭାଗ : ବି. ସ୍ଥଳଭାଗ, ଭୂଖଣ୍ଡ

ଭେଳା : ବି. ଜଳପଥରେ ସ୍ଥାନାନ୍ତରଣୀୟ କାଠ ବା ବାଉଁଶର ପଟାଳି, ଦଳ, ପଲ

## 'ମ'

ମଥା : ବି. ମୁଣ୍ଡ, ମସ୍ତିଷ୍କ, ଅଗ୍ରଭାଗ

ମନାସନ୍ତି : କ୍ରି. ମାନସିକ କରବି, ବାଞ୍ଛା କରନ୍ତି

ମମତା : ବି. ଆତ୍ମୀୟତା ଭାବ, ଆସକ୍ତି, ନିଜର ବୋଲି ଭାବନା

ମରଦ : ବି. ପୁରୁଷ, ଯୁବକ, ସ୍ୱାମୀ

ମର୍ମୁ : ବି. ମର୍ମରୁ, ଅନ୍ତରରୁ

ମରୀଚିକା : ବି. ମୃଗ ତୃଷ୍ଣା, ପ୍ରଚଣ୍ଡ ସୂର୍ଯ୍ୟ କିରଣରେ ଜଳଭ୍ରମ

ମହତେ : ବି. ମହତିଆ ଲୋକେ, ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତିମାନେ

ମହାନ୍ତ : ବି. ନବଧା– ଭକ୍ତିଯୁକ୍ତ କୃଷ୍ଣ ଭକ୍ତ

ମହିମା : ବି. ମହାତ୍ମ୍ୟ, ମହତ୍ୱ, ଗୌରବ

ମହୀ : ବି. ପୃଥିବୀ, ଧରା, ବସୁଧା

ମାଦଳ : ବି. ମସ୍ତକ ଓ ହାତଗୋଡ଼ ବିହୀନ ଶରୀର, ବାଦ୍ୟବିଶେଷ

ମୁଗୁରା : ବି. ପଞ୍ଜୁରି ଆକୃତିର ମାଛ ଧରା ଜିନିଷ

## 'ଯ'

ଯବନିକା : ବି. ପର୍ଦ୍ଦା, କବାଟ, ରଙ୍ଗ ମଞ୍ଚର ପଟାବରଣ

ଯଶ : ବି. ଖ୍ୟାତି, (ସଦ୍‌ଗୁଣଜନିତ)

ଯଷ୍ଟି : ବି. ବାଡ଼ି, ଲାଠି, ପାଞ୍ଚଣ

ଯାଗେ : ବି. ଯଜ୍ଞରେ, ହୋମରେ



https://withteachers.in/

## ‘ଶ’

ଶିରୋଧାର୍ଯ୍ୟ : ବିଂ. ମସ୍ତକରେ ଧାରଣୀୟ, ଅତିଶୟମାନ୍ୟ

ଶିଳ୍ପ : ବି. କାରିଗରି, ଚାରୁକଳା, କାରୁକାର୍ଯ୍ୟ

ଶ୍ୟାମଳ : ବିଂ. ଶ୍ୟାମବର୍ଣ୍ଣ ବିଶିଷ୍ଟ

ଶ୍ମଶ୍ରୁ : ବି. ଦାଢ଼ି

ଶ୍ରାଦ୍ଧ : ବି. ପିତୃପୁରୁଷଙ୍କୁ ପିଣ୍ଡଦାନ, କଥା ଆଦିର ଅଯଥା ବାରମ୍ବାର ପ୍ରୟୋଗ

## ‘ସ’

ସକଳ : ବିଂ. ସମଗ୍ର, ପୂର୍ଣ୍ଣାଙ୍ଗ, ସମୁଦାୟ

ସମ : ବି. ଯୁଦ୍ଧରେ, ରଣରେ

ସମର୍ପିତ : ବିଂ. ଯାହାସମର୍ପଣ କରାଯାଇଛି

ସହୋଦର : ବି. ଏକା ମାତୃଗର୍ଭରୁ ଜାତ

ସାନ୍ନିଧ୍ୟ : ବି. ସାମୀପ୍ୟ, ନୈକଟ୍ୟ, ନିକଟତର

ସାନ୍ତ୍ୱନା : ବି. ଆଶ୍ୱାସନା, ପ୍ରବୋଧ

ସୁନିର୍ଦ୍ଦିଷ୍ଟ : ବିଂ. ଉତ୍ତମଭାବେ ସ୍ଥିର କରାଯାଇଥିବା

ସୁରୁଖୁରୁ : ବି. ବାଧାହୀନତା, ସୁବିଧା

ସ୍ୱୀକୃତ : ବିଂ. ଅଙ୍ଗୀକୃତ, ସମ୍ମତ, ଗୃହୀତ

ସ୍ମରଣେ : ବି. ସ୍ମୃତିରେ, ଘଟନାଦିର ପୁନରାବୃତ୍ତିରେ

ସ୍ଫୁରୁଥିଲା : କ୍ରି. ଉଚ୍ଚାରିତ ହେଉଥିଲା, ସ୍ପନ୍ଦିତ ହେଉଥିଲା ।

## ‘ହ’

ହଡ଼ପ : ବି. ପାନଡବା, ତାମ୍ବୁଳ ସାମଗ୍ରୀ

ହରବର : ବିଂ. ହଇରାଣରେ ପଡ଼ିଥିବା, ବ୍ୟତିବ୍ୟସ୍ତ



https://withteachers.in/



## ଆମ ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟହେ
ଭାରତ ଭାଗ୍ୟ ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ-ଜଳଧି-ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା ।
ଜନ-ଗଣ -ମଙ୍ଗଳ ଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ
ଜୟ ଜୟ ଜୟ ଜୟ ହେ ।





https://withteachers.in/